# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 2/2023 | Page 16 | ₹ 7.00

୪୯ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 127 | ମୂଲ୍ୟ ₹୭/-




## ଅର୍ଶଦୀପ ପ୍ଲେୟର ଅଫ୍ ଦି ମ୍ୟାଚ

କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ବୋଲର ଅର୍ଶଦୀପ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୪

୧୦

## ସାଉଥ୍ ଇଣ୍ଡଷ୍ଟ୍ରି ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ

ସାଉଥ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ନିକଟରେ ସାଉଥ୍ ଇଣ୍ଡଷ୍ଟ୍ରିରେ କାମ କରିବାକୁ ପସନ୍ଦ କରୁଥିବା ଏକ ସାକ୍ଷାତ୍କାରରେ କହିଛନ୍ତି।





ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷା ଯୋଗୁ ଶନିବାର ଭୁବନେଶ୍ୱରସ୍ଥିତ କଟକ ରୋଡ୍‌ର ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ଓ ଏସ୍‌ପ୍ଲାନେଡ୍ ମଲ୍ ସମ୍ମୁଖରେ ଆଣ୍ଠୁଏ ପାଣି ଲହରି ମାରୁଛି। (ଫଟୋ-ବିକାଶ)

# ଏୟାରପୋର୍ଟରୁ ତ୍ରିଶୂଳିଆ ମେଟ୍ରୋ ଟ୍ରେନ୍

କଟକ, ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ଟ୍ରେନ୍ ଚଳାଚଳ କରିବା ବହୁପ୍ରତୀକ୍ଷିତ ଏହି ପ୍ରୋଜେକ୍ଟକୁ ଶନିବାର ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏଥିସହ ମେଟ୍ରୋ ଟ୍ରେନ୍‌ର ଏଲିଭେଟେଡ୍ କରିଡର ନିର୍ମାଣ ଲାଗି ଯୁଦ୍ଧକାଳୀନ ଭିତ୍ତିରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବାକୁ ଉଚ୍ଚସ୍ତରୀୟ ବୈଠକରେ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ପ୍ରସ୍ତାବ ଅନୁସାରେ ମେଟ୍ରୋ ଟ୍ରେନ୍ ପ୍ରଥମେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ଗଡ଼ିବ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଏହି ୩ ସହରକୁ ଯୋଗାଯୋଗ ଅଧିକ ସହଜ ହେବା ସହ ସଡ଼କର ଭିଡ଼ ହ୍ରାସ ପାଇବ ବୋଲି ଆଶା କରାଯାଉଛି। କିନ୍ତୁ ଏହି ଘୋଷଣାରେ କୌଣସି ସ୍ୱଷ୍ଟତା ନ ଥିବା ଦର୍ଶାଇ ବିରୋଧୀ ସମାଲୋଚନା କରିଛନ୍ତି।

## ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

- କଟକ, ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱରରେ ଗଡ଼ିବ
- ଡିପିଆର୍ ପ୍ରସ୍ତୁତି ପାଇଁ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧।୪(ବ୍ୟୁରୋ)

ମେଟ୍ରୋ ଟ୍ରେନ୍ ପ୍ରସ୍ତାବକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଓଡ଼ିଶା ଦିବସ ଅବସରରେ ସେ ମେଟ୍ରୋ ଟ୍ରେନ୍ ସମ୍ପର୍କରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ମେଟ୍ରୋ ଟ୍ରେନ୍ କଟକ, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାକୁ ସଂଯୋଗ କରିବ। ଏଥିପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ଅନୁଧ୍ୟାନ କରାଯିବା



ନବୀନ ପଟ୍ଟନାୟକ

ସହ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହେବ। ଶିଶୁଭବନ ଛକ, ରାଜମହଲ ଛକ, ମାଷ୍ଟର କ୍ୟାଣ୍ଟିନ, ବାଣୀବିହାର ଛକ, ଜୟଦେବ ବିହାର ଦେଇ କଳିଙ୍ଗ ହସ୍ପିଟାଲ ଛକ, ପଟିଆ, ନନ୍ଦନକାନନ ଛକ ଦେଇ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚାଲିବ। ☞ପୃଷ୍ଠା-୪

# ୩ରୁ ନୂଆ ଶିକ୍ଷାବର୍ଷ, ୧୧ରୁ ସକାଳୁଆ ସ୍କୁଲ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଏପ୍ରିଲ ୩ରୁ ନୂତନ ଶିକ୍ଷାବର୍ଷ ୨୦୨୩-୨୪ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସମସ୍ତ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ସୋମବାରଠାରୁ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଶୁଭାରମ୍ଭ ହେବ। ସେହିପରି ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଏପ୍ରିଲ ୧୧ରୁ ପ୍ରଥମ ଓ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସକାଳୁଆ ହେବ। ସକାଳ ୭ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ସହ ସ୍କୁଲ ଖୋଲା ରହିବ। ସ୍ଥଳବିଶେଷରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାପାଳମାନେ ସେମାନଙ୍କ ଜିଲାର ସ୍କୁଲଗୁଡ଼ିକର ସମୟ ନିର୍ଘଣ୍ଟକୁ ପରିବର୍ତ୍ତନ କରିପାରିବେ। ଏଥିସହ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ସମସ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି।






# ଓଡ଼ିଶା ଦିବସରେ କାଳିଆ ସହାୟତା

- ୪୩ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଗଲା ୮୭୭ କୋଟି
- ଖାଦ୍ୟଶସ୍ୟ ଉତ୍ପାଦନ ସଫଳତା ଶ୍ରେୟ ଚାଷୀଙ୍କୁ ଦେଲେ

ଭୁବନେଶ୍ୱର,୧।୪(ବ୍ୟୁରୋ)

ପବିତ୍ର ଓଡ଼ିଶା ଦିବସ ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଚାଷୀମାନଙ୍କୁ 'କାଳିଆ' ସହାୟତା ପ୍ରଦାନ କରିଛନ୍ତି। ଚଳିତ ଖରିଫ ଋତୁ ପାଇଁ ଏହି ସହାୟତା ଦିଆଯାଇଛି। ଝାରସୁଗୁଡ଼ାରେ ନିର୍ବାଚନ ଆଚରଣ ବିଧି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶେଷ ପରିଣତି**

# କୋଟିଆରେ ଧର୍ମେନ୍ଦ୍ର: ଗୋ ବ୍ୟାକ୍ ଆନ୍ଧ୍ର

ପଟ୍ଟାଙ୍ଗୀ,୧।୪(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମକୁ ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତ କରିଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ଆନ୍ଧ୍ର ପୋଲିସକୁ ସେ କଡ଼ା ତାଗିଦ କରିଛନ୍ତି। ନୋ ଆନ୍ଧ୍ର ଓନ୍‌ଲି ଓଡ଼ିଶା, ଗୋ ବ୍ୟାକ୍ କହି ଆନ୍ଧ୍ର ପୋଲିସକୁ ସୀମାନ୍ତ ଅଞ୍ଚଳ ଛାଡ଼ି ଚାଲିଯିବାକୁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମେ ଫାଟୁସିନେରି ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନକରି ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଓଡ଼ିଶା ଦିବସର ମହତ୍ତ୍ୱ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ବୁଝାଇବା ସହ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାଇଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ତାଙ୍କ ସହ ସ୍ୱର ମିଳାଇଥିଲେ। ବିଦ୍ୟାଳୟରେ କମ୍ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ଥିବା ଦେଖି ଏ ସମ୍ପର୍କରେ ସେଠାରେ ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଧ୍ର ସରକାରଙ୍କ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ିବା ପାଇଁ ଖାତା, ପେନ୍ , ଆମ୍ମାବାଡି ଯୋଜନାରେ ବାର୍ଷିକ ୧୫ହଜାର ଟଙ୍କା ମିଳୁଛି। ସେଥିଯୋଗୁ ଉକ୍ତ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛୁ ବୋଲି ଗ୍ରାମବାସୀ କହିଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗ୍ରାମ ମଣ୍ଡପରେ ଗ୍ରାମବାସୀଙ୍କ ସହ ☞ପୃଷ୍ଠା-୪

# କୋକୋ ଦ୍ୱୀପରେ ଚାଇନା ଗୁପ୍ତଚର ଘାଟି

## ଭାରତର ସୁରକ୍ଷା ପ୍ରତି ବିପଦ ଆଶଙ୍କା

ନୂଆଦିଲ୍ଲୀ, ୧।୪

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜଠାରୁ ୫୫ କିଲୋମିଟର ଦୂରରେ ଅବସ୍ଥିତ ମ୍ୟାନ୍‌ମାରର ଗ୍ରେଟ୍ କୋକୋ ଆଇଲାଣ୍ଡରେ ଚାଇନାର ସନ୍ଦିଗ୍ଧ ଗୁପ୍ତଚର ଘାଟି ନିର୍ମାଣ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ମକ୍ସର ଟେକ୍‌ନୋଲୋଜିଜ୍ ଦ୍ୱାରା ଗତ ଜାନୁୟାରୀରେ ସଂଗୃହୀତ ସାଟେଲାଇଟ୍ ଫଟୋରୁ ଏହା ଜଣାପଡ଼ିଛି। ଗ୍ରେଟ୍ କୋକୋ ଦ୍ୱୀପର କେନ୍ଦ୍ରସ୍ଥଳରେ ଦୁଇଟି ହ୍ୟାଙ୍ଗର ଏବଂ ଉତ୍ତର ଭାଗରେ କେତେକ ବିଲ୍ଡିଂ ନିକଟରେ ନିର୍ମାଣ ହୋଇଥିବା ଏହି ଫଟୋରୁ ଜଣାପଡ଼ିଛି। ☞ପୃଷ୍ଠା-୪




# ଅବସାଦରେ ଗଛ କାନ୍ଦେ

ଜେରୁଜେଲମ୍, ୧।୪

ମଣିଷ ଭାବପ୍ରବଣ ହେଲେ ପରିବାର ଲୋକ କିମ୍ବା ପ୍ରିୟଜନମାନଙ୍କୁ ନିଜ ଅନୁଭୂତି ସମ୍ପର୍କରେ ଜଣାଇଥାଏ, ଯାହା ଦ୍ୱାରା ମନ କିଛିମାତ୍ରାରେ ହାଲୁକା ହୁଏ। ଠିକ୍ ଏମିତି କିଛି ଉଦ୍ଭିଦଙ୍କ କ୍ଷେତ୍ରରେ ମଧ୍ୟ ଘଟିଥାଏ। ଅବସାଦରେ



- ଘଣ୍ଟାକୁ ୧୨ରୁ ଉର୍ଦ୍ଧ୍ୱ ଥର ଗଛ ଶବ୍ଦ ବାହାରକରେ
- କାନ୍ଦକୁ ବାଦୁଡ଼ି, ମୂଷା ଶୁଣିପାରନ୍ତି

ଗଛ ମଧ୍ୟ କାନ୍ଦେ। ଏହି ସମୟରେ ଗଛରୁ ଏକ ସ୍ୱତନ୍ତ୍ର ପ୍ରକାର ଶବ୍ଦ ବାହାରେ, ଯାହା ଫଳରେ କୌଣସି କାରଣରୁ ଗଛ ଆଘାତ ପାଇଥିବା ଜାଣିହୁଏ। ଇସ୍ରାଏଲସ୍ଥିତ ଟେଲ୍ ଅଭିଭ୍ ୟୁନିଭର୍ସିଟିର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। ଅବସାଦ ସମୟରେ ଗଛ କିପରି ବ୍ୟବହାର କରେ ସେ ସମ୍ପର୍କରେ କିଛିଦିନ ପୂର୍ବେ ଏକ ଅଧ୍ୟୟନ କରାଯାଇଥିଲା। ଗଛରେ କମ୍ପନ (ଭାଇବ୍ରେଶନ୍) ସୃଷ୍ଟି ହେଉଥିବା ନେଇ ଗବେଷକମାନେ ଜାଣିବାକୁ ☞ପୃଷ୍ଠା-୪




**ପକ୍ଷୀ ମାଡ଼ ହେବାରୁ ବିମାନର ଜରୁରୀ ଅବତରଣ**

ଦୁବାଇ ଯାଉଥିବା ଏକ କାର୍ଗୋ ବିମାନରେ ପକ୍ଷୀ ମାଡ଼ ହେବାରୁ ଦିଲ୍ଲୀ ବିମାନବନ୍ଦରରେ ଏହାକୁ ଜରୁରୀ ଅବତରଣ କରିବାକୁ ପଡ଼ିଛି। ବିମାନ ଅବତରଣ ଲାଗି ଏୟାରପୋର୍ଟରେ ପୂର୍ଣ୍ଣ ଏମର୍ଜେନ୍ସି ଘୋଷଣା କରାଯାଇଥିଲା। ଶନିବାର ସକାଳେ ବିମାନଟି ଉଡ଼ାଣ ଆରମ୍ଭ କରିବା ସମୟରେ ପକ୍ଷୀ ମାଡ଼ହେବା ଯୋଗୁ ଏହାର ଡ୍ରିଣ୍ଡିଶିଲ୍ଡରେ ଫାଟ ହୋଇଥିବା ଜଣେ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ଏବେ ବି ବଞ୍ଚିଛି: ପୋପ୍

ରୋମ୍, ୧।୪: ପୋପ୍ ଫ୍ରାନ୍ସିସ୍ ଶନିବାର ହସ୍ପିଟାଲ୍‌ରୁ ସୁସ୍ଥ ହୋଇ ଭାଟିକାନ୍ ଫେରିଛନ୍ତି। ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବା ସମୟରେ ପୋପ୍ କହିଛନ୍ତି, ମୁଁ ଏବେ ବି ବଞ୍ଚିଛି। ଶ୍ୱାସକ୍ରିୟାରେ ଅସୁବିଧା ବୋଧ କରିବା ପରେ ବୁଧବାର ୮୬ ବର୍ଷୀୟ ପୋପ୍‌ଙ୍କୁ ରୋମ୍‌ସ୍ଥିତ ଗେମେଲି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ହସ୍ପିଟାଲରୁ ବାହାରିବା ସମୟରେ ସେ ୱାକିଂ ଷ୍ଟିକ୍ ଧରି ଯାଉଥିବାର ଦେଖିବାକୁ ମିଳିଥିଲା। ସେଠାରେ ଉପସ୍ଥିତ ଖବରଦାତାଙ୍କୁ ପ୍ରତିକ୍ରିୟା ଦେଇ ଚିକିତ୍ସା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଥିଲେ।


ପୋପ୍ ଫ୍ରାନ୍ସିସ୍

### ଅଭିଯୁକ୍ତ ହେବା ପରେ ଟ୍ରମ୍ପଙ୍କୁ ୪ ନିୟୁତ ଡଲାର ଚାନ୍ଦା

ୱାଶିଂଟନ, ୧।୪: ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କୁ ହସ୍ ମନି ଦେବା ମାମଲାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମାନ୍‌ହାଟନର ଗ୍ରାଣ୍ଡ ଜୁରୀ ଅଭିଯୁକ୍ତ କରିବାର ୨୪ ଘଣ୍ଟା ମଧ୍ୟରେ ସେ ୪ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଚାନ୍ଦା ଉଠାଇଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୨୦୨୪ ନିର୍ବାଚନ ପ୍ରଚାର ଲାଗି ଟ୍ରମ୍ପଙ୍କୁ ଏହି ଚାନ୍ଦା ମିଳିଛି। ବଡ଼କଥା ହେଲା ଏହି ଚାନ୍ଦାର ୨୫ ପ୍ରତିଶତରୁ ଅଧିକ ପ୍ରଥମଥର ଡୋନରମାନେ ଦେଇଛନ୍ତି। ଫଳରେ ରିପବ୍ଲିକାନ୍ ପ୍ରାଇମେରୀ ଲାଗି ଦୌଡ଼ରେ ଟ୍ରମ୍ପ ଆଗରେ ରହିବା ନେଇ ସ୍ପଷ୍ଟ ହୋଇଯାଇଛି। ତୃଣମୂଳ ସ୍ତରରୁ ଅଧିକ ଚାନ୍ଦା ସଂଗୃହୀତ ହୋଇଥିବାରୁ ଟ୍ରମ୍ପଙ୍କୁ ଅଭିଯୁକ୍ତ କରାଯିବା ଲାଗି ଆମେରିକା ନ୍ୟାୟିକ ବ୍ୟବସ୍ଥାକୁ ଲଜ୍ଜାଜନକ ଭାବେ ଅସ୍ତ୍ର କରାଯାଇଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି କୁହାଯାଇଛି।

### ବୁଷ୍ଟର ଡୋଜ୍ ଲାଗି ଡବ୍ଲ୍ୟୁଏଚ୍‌ଓର ଆହ୍ୱାନ

ନୂଆଦିଲ୍ଲୀ, ୧।୪: ବିଭିନ୍ନ ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଉଦ୍‌ବେଗ ପ୍ରକାଶ କରିଛି। ବରିଷ୍ଠ ନାଗରିକ ଏବଂ ବହୁବିଧ ରୋଗ ଥିବା ଲୋକମାନଙ୍କୁ କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ଦେବା ଲାଗି ଡବ୍ଲ୍ୟୁଏଚ୍‌ଓ ଉକ୍ତ ଦେଶଗୁଡ଼ିକୁ ଆହ୍ୱାନ ଦେଇଛି। ଡବ୍ଲ୍ୟୁଏଚ୍‌ଓର ଷ୍ଟ୍ରାଟେଜିକ୍ ଆଡ୍‌ଭାଇଜରି ଗ୍ରୁପ୍‌ର ଟିକାକରଣ ବିଶେଷଜ୍ଞ(ଏସ୍‌ଏଜିଇ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏକାଧିକ ଗୁରୁତର ରୋଗ ଥିବା ଲୋକ ଏବଂ ବରିଷ୍ଠ ନାଗରିକମାନଙ୍କୁ ଅତିରିକ୍ତ ବୁଷ୍ଟର ଡୋଜ୍ ଦେବାକୁ ପଡ଼ିବ ବୋଲି ଏସ୍‌ଏଜିଇ ଅଧକ୍ଷ ଡ. ହାନ୍ନା ନୋହିନେକ୍ କହିଛନ୍ତି।

### ସଞ୍ଜୟ୍ ରାଉତଙ୍କୁ ହତ୍ୟା ଧମକ

ମୁମ୍ବାଇ, ୧।୪: ଶିବସେନା (ଉଦ୍ଧବ ଗୋଷ୍ଠୀ) ଏମ୍‌ପି ସଞ୍ଜୟ ରାଉତଙ୍କୁ ଶୁକ୍ରବାର ହତ୍ୟାଧମକ ମିଳିଛି। ଫୋନ୍ ମେସେଜ୍ ସାହାଯ୍ୟରେ ଦୁର୍ବୃତ୍ତ ହତ୍ୟା ଧମକ ଦେଇଥିବା ଜଣାପଡ଼ିଛି। ଏ ନେଇ ଶୁକ୍ରବାର ରାତିରେ ମୁମ୍ବାଇ ପୋଲିସରେ ସଞ୍ଜୟ ଅଭିଯୋଗ କରିଥିବା କହିଛନ୍ତି। ତେବେ ପଞ୍ଜାବ ଜେଲରେ ସଜା କାଟୁଥିବା ଲରେନ୍ସ ବିଷ୍ଣୋଇଙ୍କ ପକ୍ଷରୁ ଏହି ହତ୍ୟା ଧମକ ଆସିଥିବା ମେସେଜ୍‌ରେ ଲେଖାଯାଇଛି। ଏ ନେଇ ପୋଲିସ ଜଣଙ୍କୁ ଗିରଫ କରି ପଚରାଉଚରା ଚଳାଇଛି।



# ପାକିସ୍ତାନରେ ଦୁର୍ଭିକ୍ଷ ସ୍ଥିତି

ଇସ୍‌ଲାମାବାଦ, ୧।୪

ପାକିସ୍ତାନରେ ମୁଦ୍ରାସ୍ଫୀତି ୫ ଦଶକ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ମାର୍ଚ୍ଚରେ ମୁଦ୍ରାସ୍ଫୀତି ୩୫.୩୭ ପ୍ରତିଶତ ରହିଥିଲା। ଏହା ସାଙ୍ଗକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରୁ ଋଣ ପାଇବା ପାଇଁ ଇସ୍‌ଲାମାବାଦ ଏହାର କେତେକ କଡ଼ା ସର୍ତ୍ତ ମାନିନେବାକୁ ବାଧ ହୋଇଛି। ଫଳରେ ଦରଦାମ୍ ଆକାଶଛୁଆଁ ହୋଇଥିବାରୁ ସାଧାରଣ ଲୋକଙ୍କ ପକ୍ଷେ ଖାଦ୍ୟସାମଗ୍ରୀ ଓ ଅତ୍ୟାବଶ୍ୟକ ଦ୍ରବ୍ୟ କିଣିବା କଷ୍ଟକର ହୋଇପଡ଼ିଛି। ପାକିସ୍ତାନରେ ଏବେ ଦୁର୍ଭିକ୍ଷ ସ୍ଥିତି ସୃଷ୍ଟି ହୋଇଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଦେଶରେ ଆର୍ଥିକ ସଙ୍କଟର ଗମ୍ଭୀର ପ୍ରଭାବ ଗରିବ ପାକିସ୍ତାନୀଙ୍କ ଉପରେ ସର୍ବାଧିକ ପଡ଼ିଛି। ରମଜାନ ମାସରେ ମାଗଣା ଖାଦ୍ୟସାମଗ୍ରୀ ବଣ୍ଟନ ହେଉଥିବା ସ୍ଥାନରେ ଏତେ ଗହଳି ହେଉଛି ଯେ ଦଳାଚକଟାରେ ଇତିମଧ୍ୟରେ ୨୦ ଜଣଙ୍କ ଜୀବନ ଗଲାଣି।

ପାକିସ୍ତାନରେ ବହୁବର୍ଷର ଆର୍ଥିକ ପରିଚାଳନାଗତ ତ୍ରୁଟି ଏବଂ ରାଜନୈତିକ ଅସ୍ଥିରତା ଯୋଗୁ ସେଠାର ଅର୍ଥନୀତି ଏକପ୍ରକାର ଭୁଶୁଡ଼ି ପଡ଼ିଛି। ବୈଶ୍ୱିକ ଶକ୍ତି ସଙ୍କଟ ଏବଂ ୨୦୨୨ର ପ୍ରଳୟଙ୍କରୀ ବନ୍ୟା ପାକିସ୍ତାନର ଅର୍ଥନୀତିକୁ ବହୁ ପଛକୁ ନେଇଯାଇଛି। ବିଦେଶ ବିନିମୟ ଭଣ୍ଡାର ବହୁପରିମାଣରେ ହ୍ରାସ ପାଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ


ମାଗଣା ଖାଦ୍ୟ ସାମଗ୍ରୀ ସଂଗ୍ରହ ଲାଗି ଏକ ବଣ୍ଟନ କେନ୍ଦ୍ରରେ ଲୋକଙ୍କ ଭିଡ଼।

**ମୁଦ୍ରାସ୍ଫୀତି ୫୦ ବର୍ଷରେ ସର୍ବାଧିକ**

ଆମଦାନୀ କରିବାକୁ ପାକିସ୍ତାନ ଅସମର୍ଥ। ଦେଶର ମୁଦ୍ରାର ବିନିମୟ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି। ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ଦୁର୍ଭିକ୍ଷ ଭଳି ସ୍ଥିତି ସୃଷ୍ଟି ହୋଇଥିବା କରାଚୀ ବିଶେଷଜ୍ଞ ଶାହିଦା ୱିଜାରତ୍ କହିଛନ୍ତି। ଶୁକ୍ରବାର କରାଚୀ ସହରରେ ରମଜାନ ଉପଲକ୍ଷେ ମାଗଣା ରାଶନ ବଣ୍ଟନ ହେଉଥିବାବେଳେ ପ୍ରବଳ ଗହଳି ଯୋଗୁ ଦଳାଚକଟାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୨ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଦେଶ ଋଣ ବୋଝରେ ଏଭଳି ବୁଡ଼ିଛି ଯେ ଆଇଏମ୍‌ଏଫ୍‌ରୁ ଆଉ ୬.୫ ବିଲିୟନ ଡଲାର ଆର୍ଥିକ ସହାୟତା ପାଇବା ପାଇଁ ଇସ୍‌ଲାମାବାଦକୁ କଠୋର ଟିକସ ସଂସ୍କାର ଆପଣାଇବା ସହ ବିଭିନ୍ନ ଦ୍ରବ୍ୟ ଓ ସେବା ମୂଲ୍ୟ ବଢ଼ାଇବାକୁ ପଡ଼ିବ। ତେଣୁ ଆଗାମୀ ଦିନରେ ପାକିସ୍ତାନର ସ୍ଥିତି ଆହୁରି ଖରାପ ହେବାକୁ ଯାଉଥିବା କୁହାଯାଉଛି।

## ବିହାର ହିଂସା ଯୋଜନାବଦ୍ଧ ଷଡ଼ଯନ୍ତ୍ର: ନୀତୀଶ

ପାଟନା, ୧।୪

ରାମ ନବମୀ ପାଳନ ଅବସରରେ ଶୁକ୍ରବାର ବିହାରର ସାସାରାମ ଓ ନାଳନ୍ଦାରେ ଘଟିଯାଇଥିବା ହିଂସାକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମାଲୋଚନା କରିଛନ୍ତି। ରାଜ୍ୟରେ ଶାନ୍ତି ବ୍ୟାଘାତ କରିବା ଲାଗି ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ପୋଲିସ କର୍ତ୍ତୃପକ୍ଷ ଏହାର ସବୁ ଦିଗକୁ ଅନୁଧ୍ୟାନ କରୁଛନ୍ତି ଓ ଖୁବ୍‌ଶୀଘ୍ର ସତ୍ୟ ପଦାକୁ ଆସିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି। ବିହାରରେ ପୂର୍ବରୁ କେବେ ଏଭଳି ହିଂସା ଦେଖାଯାଇ ନ ଥିଲା। ଶାନ୍ତି ଭଙ୍ଗ କରିବା ଲାଗି କେତେକ ଲୋକ ଜାଣିଶୁଣି ଏଭଳି ହିଂସା ଘଟାଇଛନ୍ତି। ବିହାରରେ ଏଭଳି ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ନୀତୀଶ କହିଛନ୍ତି। ହିଂସାକାଣ୍ଡ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସାସାରାମରେ ତାଙ୍କ ରାଲି ବାତିଲ କରିଛନ୍ତି। ଏନେଇ ପ୍ରଶ୍ନ ହେବାରୁ ନୀତୀଶ କହିଥିଲେ, ଶାହା ସ୍ୱରାଷ୍ଟ୍ରମନ୍ତ୍ରୀ। ସେ ଦେଶର ଯେକୌଣସି ସ୍ଥାନକୁ ଯାଇପାରିବେ। ଆମେ କାହିଁକି ବିରୋଧ କରିବୁ ବୋଲି ନୀତୀଶ ଓଲଟା ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସମସ୍ୟା ନ ଥିବା ସେ କହିଛନ୍ତି।

## ୬୭ କୋଟି ଲୋକଙ୍କ ଡେଟା ଚୋରି

ହାଇଦ୍ରାବାଦ, ୧।୪

ଭାରତର ୨୪ଟି ରାଜ୍ୟ ଏବଂ ୮ ମେଟ୍ରୋପଲିଟାନ ମହାନଗରୀରୁ ୬୬.୯ କୋଟି ବ୍ୟକ୍ତିବିଶେଷ ଓ ସଂସ୍ଥାର ବ୍ୟକ୍ତିଗତ ତଥା ଗୋପନୀୟ ତଥ୍ୟ ଚୋରି କରିବା ଏବଂ ବିକିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ସାଇବରାବାଦ ପୋଲିସ ଗିରଫ କରିଛି। ବିନୟ ଭରଦ୍ୱାଜ ନାମକ ଏହି ଅଭିଯୁକ୍ତଙ୍କ ପାଖରୁ ଶିକ୍ଷା-ପ୍ରଯୁକ୍ତି ଅନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରଙ୍କ ଡେଟା, ଜିଏସ୍‌ଟି ଭଳି ବୃହତ୍ ଅନୁଷ୍ଠାନର ଗ୍ରାହକ ତଥ୍ୟ, ବିଭିନ୍ନ ରାଜ୍ୟର ସଡ଼କ ପରିବହନ, ଇକୋ-କମର୍ସ ପୋର୍ଟାଲ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବଂ ଫିନ୍‌ଟେକ୍ କମ୍ପାନୀଗୁଡ଼ିକର ତଥ୍ୟ ମିଳିଛି। ସେ ଏହି ବ୍ୟକ୍ତିଗତ ଓ ଗୋପନୀୟ ଡେଟାକୁ ୧୦୪ ବର୍ଗରେ ବିଭକ୍ତ କରି କ୍ଲାଏଣ୍ଟଙ୍କୁ ବିକ୍ରି କରୁଥିଲେ। ପ୍ରତିରକ୍ଷା ବିଭାଗ କର୍ମଚାରୀ, ସରକାରୀ କର୍ମଚାରୀ, ପାନ୍ କାର୍ଡଧାରୀ, ନବମରୁ ଦ୍ୱାଦଶ ଷ୍ଟାଣ୍ଡାର୍ଡ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଡେଟା ଅଭିଯୁକ୍ତଙ୍କ ପାଖରେ ରହିଥିଲା। ଏହା ବ୍ୟତୀତ ଦିଲ୍ଲୀ ବିଦ୍ୟୁତ୍ ଉପଭୋକ୍ତା, ଡି-ମାଟ୍ ଆକାଉଣ୍ଟ ହୋଲ୍ଡର, ବିଭିନ୍ନ ବ୍ୟକ୍ତିଙ୍କ ମୋବାଇଲ ନମ୍ବର, ଏନ୍‌ଇଇଟି ଛାତ୍ରୀଛାତ୍ର, ଅଧିକ ଇଣ୍ଟରନେଟ୍ ବ୍ୟବହାର କରୁଥିବା ବ୍ୟକ୍ତିବିଶେଷ, ବୀମାଧାରୀ, କ୍ରେଡିଟ୍ କାର୍ଡ ଓ ଡେବିଟ୍ କାର୍ଡ ହୋଲ୍ଡରଙ୍କ ତଥ୍ୟ ମଧ୍ୟ ସେ ହାସଲ କରିଥିଲେ। ହରିୟାଣାର ଫରିଦାବାଦରେ 'ଇନ୍‌ସ୍ପାୟାରୱେବ୍‌ଜ' ୱେବ୍‌ସାଇଟ୍ ଜରିଆରେ ଡେଟା ସଂଗ୍ରହ କରି କ୍ଲାଉଡ୍ ଡ୍ରାଇଭ୍ ଲିଙ୍କ୍ ମାଧ୍ୟମରେ ଗ୍ରାହକମାନଙ୍କୁ ଡାଟାବେସ୍ ବିକ୍ରି କରୁଥିଲେ। ପୋଲିସ ଭରଦ୍ୱାଜଙ୍କଠାରୁ ଦୁଇଟି ମୋବାଇଲ ଫୋନ୍, ଦୁଇଟି ଲାପ୍‌ଟପ୍, ସରକାରୀ, ଘରୋଇ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ୧୩୫ ପ୍ରକାର ସମ୍ବେଦନଶୀଳ ତଥ୍ୟ ଜବତ କରିଛି।



**ୱେବ୍‌ସାଇଟ୍ ଜରିଆରେ ଗୋପନୀୟ ତଥ୍ୟ ସଂଗ୍ରହ କରି କ୍ଲାଏଣ୍ଟଙ୍କୁ ବିକୁଥିଲେ**

## ରାହୁଲଙ୍କ ନାଁରେ ଆଉ ଏକ ମାନହାନି ମାମଲା

ନୂଆଦିଲ୍ଲୀ, ୧।୪ (ଆଇଏଏନ୍‌ଏସ୍)

ସବୁ ମୋଦି ଚୋର ମନ୍ତବ୍ୟ ପାଇଁ କଂଗ୍ରେସ ନେତା ଦୋଷୀସାବ୍ୟସ୍ତ ହେବା ସହ ୨ ବର୍ଷ ଜେଲଦଣ୍ଡାଦେଶ ପାଇଛନ୍ତି। ଏଥିସହିତ ତାଙ୍କର ଲୋକ ସଭା ସଭ୍ୟପଦ ରଦ୍ଦ ହୋଇଛି। ଏବେ ରାହୁଲଙ୍କ ବିରୋଧରେ ଆଉ ଏକ ମାନହାନି ମାମଲା ରୁଜୁ ହୋଇଛି। ଜାନୁୟାରୀରେ ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ସମାଲୋଚନା କରିବା ସହ ଏହାକୁ କୌରବ ସହ ତୁଳନା କରିଥିଲେ। ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା କମଳ ଭଦୌରିଆଙ୍କ ଅଭିଯୋଗକ୍ରମେ ଆଇନଜୀବୀ ଅରୁଣ ଭଦୌରିଆ ଉତ୍ତରାଖଣ୍ଡର ହରିଦ୍ୱାର କୋର୍ଟରେ ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଛନ୍ତି। ଜାନୁୟାରୀ ୯ରେ ହରିୟାଣାର ଅମ୍ବାଲାରେ ଭାରତ ଯୋଡ଼ୋ ଯାତ୍ରା ରାସ୍ତାପାର୍ଶ୍ୱ ସଭାକୁ ସମ୍ବୋଧନ କରି ରାହୁଲ ଆର୍‌ଏସ୍‌ଏସ୍ ସଦସ୍ୟମାନଙ୍କୁ ଏକବିଂଶ ଶତାବ୍ଦୀର କୌରବ ବୋଲି କହିଥିଲେ। ଏପ୍ରିଲ ୧୨ରେ ଉକ୍ତ ମାମଲାର ଶୁଣାଣି ହେବ।

## ଭୋପାଳ-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଶୁଭାରମ୍ଭ




ଭୋପାଳ, ୧।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭୋପାଳ-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ ଶୁଭାରମ୍ଭ କରିଛନ୍ତି। ଏହି ୧୧ତମ ବନ୍ଦେ ଭାରତ ଏକ୍ସପ୍ରେସ୍ ୭ ଘଣ୍ଟା ୪୫ ମିନିଟ୍‌ରେ ୭୦୮ କିଲୋମିଟର ଅତିକ୍ରମ କରିବ। ଏହାର ଶୁଭାରମ୍ଭ ଅବସରରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ। ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଦ୍ରୁତତର, ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ। ଏଥିରେ ଅତ୍ୟାଧୁନିକ ଯାତ୍ରୀ ସୁବିଧା ରହିଛି। ଏହା ପର୍ଯ୍ୟଟନ ବଢ଼ାଇବା ସହ ଆର୍ଥିକ ବିକାଶରେ ସହାୟକ ହେବ। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, କଂଗ୍ରେସ ବନ୍ଧୁମାନେ ନିଶ୍ଚୟ କହିବେ ମୋଦି ସମସ୍ତଙ୍କୁ ଏପ୍ରିଲ ଫୁଲ୍ କରୁଛନ୍ତି। ତେବେ ଏପ୍ରିଲ ୧ରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଯାତ୍ରା ଆରମ୍ଭ ହୋଇଛି। ଏହା ଆମ ଦକ୍ଷତା, ସାମର୍ଥ୍ୟ ଓ ଆତ୍ମବିଶ୍ୱାସର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ହିନ୍ଦୁଫୋବିଆ ବିରୋଧରେ ଜର୍ଜିଆ ଆସେମ୍ବ୍ଲିରେ ପ୍ରସ୍ତାବ ଗୃହୀତ

ୱାଶିଂଟନ୍ ୧।୪: ଆମେରିକାର ଜର୍ଜିଆ ଅସେମ୍ବ୍ଲିରେ ହିନ୍ଦୁଫୋବିଆ (ହିନ୍ଦୁ ବିରୋଧୀ ମାନସିକତା)କୁ ନିନ୍ଦା କରି ପ୍ରସ୍ତାବ ଗୃହୀତ ହୋଇଛି। ଏପରି କରିବାରେ ଜର୍ଜିଆ ପ୍ରଥମ ଆମେରିକୀୟ ରାଜ୍ୟ। ବିଶ୍ୱର ଅଧିକାଂଶ ଲୋକ ଏହି ଧର୍ମ ଗ୍ରହଣ କରିଥିବାବେଳେ ଏହା ସବୁଠୁ ପୁରାତନ ଧର୍ମ। ୧୦୦ ଦେଶରେ ପାଖାପାଖି ୧୨୦ କୋଟିରୁ ଊର୍ଦ୍ଧ୍ୱ ଲୋକ ହିନ୍ଦୁ ଧର୍ମ ଗ୍ରହଣ କରିଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଆସେମ୍ବ୍ଲି ସଦସ୍ୟ ଲରେନ୍ ମାକ୍‌ଡୋନାଲ୍ଡ ଏବଂ ଟୋଡ୍ ଜୋନ୍ସ ପ୍ରଥମେ ଏହି ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ୧୦ ମାସ ପରେ ମୁକୁଳିଲେ ସିଦ୍ଧୁ

ପଟିଆଲା, ୧।୪

ପଞ୍ଜାବ ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ନଭଜୋତ ସିଂ ସିଦ୍ଧୁ ୧୦ ମାସ ପରେ ଶନିବାର ପଟିଆଲା ଜେଲରୁ ମୁକୁଳିଛନ୍ତି। ସିଦ୍ଧୁଙ୍କୁ ସ୍ୱାଗତ ଜଣାଇବା ପାଇଁ ବିପୁଳ ସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀ ଜେଲ ବାହାରେ ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା। ସିଦ୍ଧୁ ଜେଲରେ ରହିବା ଯୋଗୁ ତାଙ୍କ ପରିବାର ଏକ କଠିନ ସମୟ ଦେଇ ଗତି କରିଥିବା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଥିଲେ। ଅନ୍ୟପକ୍ଷେ ଭାଜପାକୁ ଟାର୍ଗେଟ୍ କରି ସିଦ୍ଧୁ କହିଛନ୍ତି ଯେ, ଗଣତନ୍ତ୍ର ଏକ ଜଞ୍ଜିର। ଯେତେବେଳେ ଏକଛତ୍ରବାଦୀ ଦେଶକୁ ଆସନ୍ତି ସେତେବେଳେ କ୍ରାନ୍ତିର ଆଗମନ ହୁଏ। ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ଭାଜପା ପଞ୍ଜାବକୁ ଦୁର୍ବଳ କରିବାକୁ ଚାହୁଁଛି, ଯାହା ଅସମ୍ଭବ। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ପ୍ରତ୍ୟେକ ଦଳୀୟ କର୍ମକର୍ତ୍ତାଙ୍କ ସହିତ କାନ୍ଥ ଭଳି ଛିଡ଼ାହୋଇ ରହିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏଏପି ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ରାଜ୍ୟବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ବୋକା ବନାଉଥିବା ଅଭିଯୋଗ ଆଣିଛନ୍ତି।

ପଟିଆଲା ସହରରେ ସିଦ୍ଧୁଙ୍କ ବଡ଼ ବଡ଼ ପୋଷ୍ଟର ଏବଂ ହୋର୍ଡିଂ ଲଗାଯାଇଥିଲା। ୩୦ ବର୍ଷ ପୁରୁଣା ରୋଡ୍ ରେଜ୍ ମାମଲାର ଶୁଣାଣି କରି ଗତବର୍ଷ ମେ'ରେ ସୁପ୍ରିମକୋର୍ଟ ସିଦ୍ଧୁଙ୍କୁ ଏକ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ୨୦୨୨ ମେ' ୨୦ରେ ସିଦ୍ଧୁ ଜେଲକୁ ଯାଇଥିଲେ। ତେବେ ଦଣ୍ଡାଦେଶକୁ ଏକ ବର୍ଷ ପୂରି ନ ଥିବାବେଳେ ସିଦ୍ଧୁଙ୍କ ଭଲ ବ୍ୟବହାର ପାଇଁ ତାଙ୍କୁ ଆଗୁଆ ଛାଡ଼ିଦିଆ ଯାଇଥିବା ତାଙ୍କ ଓକିଲ ଏଚ୍.ପି.ଏସ୍. ବର୍ମା କହିଛନ୍ତି।

**“ ରାହୁଲଙ୍କ ସହ କାନ୍ଥ ଭଳି ଛିଡ଼ାହେବି**


ନବଜ୍ୟୋତ ସିଂ ସିଦ୍ଧୁ

## କ୍ରିଉ ମେମ୍ବରଙ୍କୁ ଦୁର୍ବ୍ୟବହାର: ବିଦେଶୀ ଯାତ୍ରୀ ଗିରଫ

ମୁମ୍ବାଇ, ୧।୪

ବ୍ୟାଙ୍କକ୍‌ରୁ ମୁମ୍ବାଇ ଆସୁଥିବା ଇଣ୍ଡିଗୋ ବିମାନରେ କ୍ରିଉ ସଦସ୍ୟଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସ୍ୱିଡେନ୍‌ର ୬୩ ବର୍ଷୀୟ ଯାତ୍ରୀଙ୍କୁ ଗୁରୁବାର ମୁମ୍ବାଇ ପୋଲିସ ଗିରଫ କରିଛି। ବିମାନରେ ଖାଦ୍ୟ ସର୍ଭ କରିବା ସମୟରେ ଅଭିଯୁକ୍ତ କ୍ଲାସ ଇରିକ୍ ହାରାଲ୍ଡ ଜୋନାସ ୨୪ ବର୍ଷୀୟା କ୍ରିଉ ମେମ୍ବରକୁ ଖରାପ ବ୍ୟବହାର କରିଥିଲେ। ଖାଦ୍ୟ ପରିବେଷଣ ସମୟରେ କ୍ଲାସ୍ ସିଫୁଡ୍ ଖାଇବାକୁ କହିଥିଲେ। ପ୍ଲେନ୍‌ରେ ସିଫୁଡ୍ ନ ଥିବା ଯୋଗୁ ତାଙ୍କୁ ଚିକେନ୍ ମିଲ୍ ଦିଆଯାଇଥିଲା। ପେମେଣ୍ଟ ପାଇଁ ପିଓଏସ୍ ପେମେଣ୍ଟ କାର୍ଡ ମେଶିନ୍‌ରେ ଏଟିଏମ୍ ପିନ୍ ଦେବା ସମୟରେ କ୍ଲାସ୍ କ୍ରିଉ ମେମ୍ବରଙ୍କ ହାତ ଧରି ଦେଇଥିଲେ। ଏହାପରେ କ୍ରିଉ ମେମ୍ବର ଚିତ୍କାର କରି ତାଙ୍କ ହାତ ନେଇ ଆସିବା ପରେ କ୍ଲାସ୍ ନିଜ ସିଟ୍‌କୁ ଫେରିଯାଇଥିଲେ। କ୍ରିଉ ମେମ୍ବର ଜଣକ କ୍ୟାପ୍ଟେନ୍‌ଙ୍କୁ ଏ ବିଷୟରେ ଜଣାଇବା ପରେ ତାଙ୍କୁ ଏକ ରେଡ୍ ୱାର୍ନିଂ କାର୍ଡ ଜାରି କରାଯାଇଥିଲା। କ୍ଲାସ ଅସୁସ୍ଥ ଥିବା ଯୋଗୁ ତାଙ୍କ ଦେହ ଥରୁଥିଲା। ସେ ପିଓଏସ୍ ପେମେଣ୍ଟ କାର୍ଡ ମେଶିନ୍ ଧରିବା ବଦଳରେ ଭୁଲ୍‌ବଶତଃ କ୍ରିଉ ମେମ୍ବରଙ୍କ ହାତ ଧରି ଦେଇଥିବା ତାଙ୍କ ଓକିଲ କହିଛନ୍ତି।

## ୬ ବର୍ଷରେ ୧୦ଗୁଣ ବଢ଼ିଛି ପ୍ରତିରକ୍ଷା ରପ୍ତାନି

ନୂଆଦିଲ୍ଲୀ, ୧।୪

୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି ୧୫,୯୨୦ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ପ୍ରତିଯୋଗିତାମୂଳକ ବିଶ୍ୱ ପ୍ରତିରକ୍ଷା ବଜାରରେ ଭାରତ ନିଜର ଉପସ୍ଥିତି ସୃଷ୍ଟି କରିପାରିଛି। ୨୦୧୬-୧୭ରେ ପ୍ରତିରକ୍ଷା ରପ୍ତାନି ୧,୫୨୧ କୋଟି ଟଙ୍କା ଥିଲା। ୬ ବର୍ଷରେ ଭାରତର ପ୍ରତିରକ୍ଷା ରପ୍ତାନି ୧୦ ଗୁଣ ବୃଦ୍ଧି ପାଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଯୋଗୁ ପ୍ରତିରକ୍ଷା ସେକ୍ଟର ରପ୍ତାନିରେ ଉଲ୍ଲେଖନୀୟ ଉନ୍ନତି ଘଟିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରତିରକ୍ଷା ରପ୍ତାନି ସର୍ବାଧିକ ସ୍ତରରେ ପହଞ୍ଚିବା ଉଲ୍ଲେଖନୀୟ ସଫଳତା ବୋଲି ବିଭାଗୀୟ ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

## ଆର୍କାନ୍ସ, ଇଲିନୋଇସ୍‌ରେ ଘୂର୍ଣ୍ଣିଝଡ଼: ୧୦ ମୃତ

ଲିଟିଲ୍ ରକ୍, ୧।୪

ଆମେରିକାର ଆର୍କାନ୍ସ ଏବଂ ଇଲିନୋଇସ୍‌ରେ ଶୁକ୍ରବାର ଘୂର୍ଣ୍ଣିଝଡ଼ ପ୍ରଭାବରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଆର୍କାନ୍ସରେ ଅନେକ ଘର ଏବଂ ଶପିଂ ସେଣ୍ଟର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଅନ୍ୟପକ୍ଷେ ଇଲିନୋଇସ୍‌ର ଏକ ଥିଏଟର ଛାତ ଖସିପଡ଼ିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୮ ଜଣ ଆହତ ହୋଇଛନ୍ତି। ଛାତ ଭଗ୍ନାବଶେଷ ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ସୁଲିବନ କାଉଣ୍ଟି, ଇଣ୍ଡିୟାନାରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଏମର୍ଜେନ୍ସି ମ୍ୟାନେଜ୍‌ମେଣ୍ଟ ନିର୍ଦ୍ଦେଶକ ଜିମ୍ ପିର୍ଟଲେ କହିଛନ୍ତି। ଘୂର୍ଣ୍ଣିଝଡ଼ରେ ଅନେକେ ନିଖୋଜ ଥିବା ଜଣାପଡ଼ିଛି। ସେହିପରି ଲିଟିଲ୍ ରକ୍ ଅଞ୍ଚଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଉତ୍ତର-ପୂର୍ବ ଆର୍କାନ୍ସ ଟାଉନ୍ ଅଫ୍ ୱିନ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



ଘୂର୍ଣ୍ଣିଝଡ଼ ଯୋଗୁ ଲିଟିଲ୍ ରକ୍‌ସ୍ଥିତ କ୍ରୋଜର ପାର୍କିଂ ଲଟ୍‌ରେ ଏକ କାର୍ ଅନ୍ୟ ଏକ କାର୍ ଉପରେ ଓଲଟିପଡ଼ିଛି।

## ଏପ୍ରିଲରୁ ଜୁନ୍ ଅଧିକ ଗ୍ରୀଷ୍ମ ଲହର

ନୂଆଦିଲ୍ଲୀ, ୧।୪ (ପି.ଟି.)

ଭାରତର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ଏପ୍ରିଲରୁ ଜୁନ୍ ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶନିବାର କୁହାଯାଇଛି। ବିଶେଷ କରି କେନ୍ଦ୍ରୀୟ, ପୂର୍ବ ଓ ଉତ୍ତରପଶ୍ଚିମ ଭାରତର ଅଧିକାଂଶ ଅଞ୍ଚଳରେ ଅଧିକ ଗ୍ରୀଷ୍ମ ଅନୁଭୂତ ହେବ। ଉପଦ୍ୱୀପାଞ୍ଚଳ ଏବଂ ଉତ୍ତରପଶ୍ଚିମାଞ୍ଚଳର କିଛି ଅଂଶରେ ତାପପାତ୍ରା ସ୍ୱାଭାବିକଠାରୁ କମ୍ ରହିବ ବୋଲି ଆଇଏମ୍‌ଡି କହିଛି। ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ, ପଞ୍ଜାବ ଓ ହରିୟାଣାରେ ଅଧିକ ଗ୍ରୀଷ୍ମ ଲହର ପ୍ରବାହିତ ହେବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ କହିଛନ୍ତି। ସମତଳ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍, ଉପକୂଳ ଅଞ୍ଚଳରେ ୩୭ ଡିଗ୍ରୀ ସେଲ୍‌ସିୟସ ଏବଂ ପାର୍ବତ୍ୟାଞ୍ଚଳରେ ୩୦ ଡିଗ୍ରୀ ସେଲ୍‌ସିୟସ ଟପିଲେ ଏହାକୁ ଗ୍ରୀଷ୍ମ ଲହର କୁହାଯାଇଥାଏ। ଚଳିତ ବର୍ଷର ଫେବୃୟାରୀ ସବୁଠୁ ଉତ୍ତପ୍ତ ଥିଲା ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ତେବେ ପଶ୍ଚିମା ଝଡ଼ ଯୋଗୁ ମାର୍ଚ୍ଚରେ ତାପମାତ୍ରା କମ୍ ରହିଥିଲା।



**ଅଧିକାଂଶ ଭାଗରେ ତାପମାତ୍ରା ବଢ଼ିବ: ଆଇଏମ୍‌ଡି**




# ଆଜିଠୁ କମିବ ବର୍ଷା, ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୧୪(ବ୍ୟୁରୋ)**

ପଶ୍ଚିମା ଝଡ଼ ପ୍ରଭାବରେ ଶନିବାର ସାରା ରାଜ୍ୟରେ ଝଡ଼ବର୍ଷା ଲାଗି ରହିଛି। ତେବେ ରବିବାରଠାରୁ ବର୍ଷା ଓ କାଳବୈଶାଖୀ ଧୀରେ ଧୀରେ କମିବା ସହ ତାପମାତ୍ରା ବଢ଼ିବ। ବର୍ତ୍ତମାନ ବାୟୁମଣ୍ଡଳରେ ଏକ ନିମ୍ନ ଚାପରେଖା ଦକ୍ଷିଣ ଓଡ଼ିଶାରୁ ବାହାରି ଆଭ୍ୟନ୍ତରୀଣ ତାମିଲନାଡୁ ଦେଇ ଆନ୍ଧ୍ରପ୍ରଦେଶ ଯାଏ ସମୁଦ୍ର ପତନରୁ ୦.୯ କିମି ଉପରେ ପରିବ୍ୟାପ୍ତ ରହିଛି। ଏହାଫଳରେ କିଛି କିଛି ସ୍ଥାନରେ ହାଲୁକା ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ମୟୂରଭଞ୍ଜ, କୋରାପୁଟ, ମାଲକାନାଗିରି ଓ ରାୟଗଡ଼ା ଜିଲାରେ ହାଲୁକା ବର୍ଷାର ସମ୍ଭାବନା ଥିବାବେଳେ ସୋମବାର ମାଲକାନାଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାରେ ବର୍ଷା ହେବାର ଆଶଙ୍କା ରହିଛି। ଏଥିସହ ତାପମାତ୍ରା ପର୍ଯ୍ୟାୟକ୍ରମେ ୫ ଡିଗ୍ରୀ ଯାଏ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଶନିବାର ମାଲକାନଗିରି ଓ ଫୁଲବାଣୀ ବ୍ୟତୀତ ଅନ୍ୟ ଜିଲାଗୁଡ଼ିକରେ ପାରଦ ୩୫ ଡିଗ୍ରୀରୁ କମ୍ ରହିଥିଲା। ମାଲକାନଗିରିରେ ସର୍ବାଧିକ ପାରଦ ୩୭ ଡିଗ୍ରୀ ଓ ଫୁଲବାଣୀରେ ଦ୍ୱିତୀୟ ସର୍ବାଧିକ ୩୬.୫ ଡିଗ୍ରୀ ଛୁଇଁଥିଲା।

BIRLA INSTITUTE OF TECHNOLOGY
(Deemed to be University u/s 3 of UGC Act 1956)
Mesra, Ranchi- 835215
ADMISSION NOTIFICATION 2023

M.Tech (Mesra Campus)
• Aerospace Engineering • Biotechnology • Civil Engineering • Computer Science & Engineering
• Electrical Engineering • Electronics and Communication Engineering • Environmental Science & Engineering
• Mechanical Engineering • Production and Industrial Engineering • Remote Sensing

M.Tech (Patna Campus)
• ECE (Wireless Communication) • Computer Science & Engineering

M.Sc. (Mesra Campus)
• Chemistry • Physics • Biotechnology • Geo-informatics

M.Pharm. (Mesra Campus)
• Pharmaceutical Chemistry • Pharmaceutics • Pharmacology • Pharmacognosy • Pharmaceutical Quality Assurance

Master of Urban Planning (Mesra Campus)

LAST DATE FOR APPLICATION OF ABOVE COURSES 10th June, 2023

▪ Master of Computer Application (Mesra, Noida, Lalpur and Jaipur Campus) — LAST DATE FOR APPLICATION 2nd June, 2023
▪ Master of Business Administration (Mesra, Noida, Patna and Lalpur Campus) — LAST DATE FOR APPLICATION 25th April, 2023
▪ Bachelor of Hotel Management and Catering Technology (Mesra Campus) — LAST DATE FOR APPLICATION 20th June, 2023
▪ Ph.D. — LAST DATE FOR APPLICATION 2nd May, 2023

NRI / OCI / FOREIGN STUDENT SEAT FOR UG & PG PROGRAMS
Apply Online
For details please visit the Admission Page at our website
www.bitmesra.ac.in
Contact: 0651-2275868; Mob: 9508050840
Toll Free No: 18003457057, 18003457058
Email: admissions@bitmesra.ac.in, coa@bitmesra.ac.in, daac@bitmesra.ac.in
Registrar

# ଜାଲ୍ ସାର୍ଟିଫିକେଟ୍: ବଲାଙ୍ଗୀରରେ କ୍ରାଇମ୍‌ବ୍ରାଞ୍ଚ

## ୫ ଜଣିଆ ଟିମ୍‌ର ତଦନ୍ତ ଆରମ୍ଭ

**ବଲାଙ୍ଗୀର ଅଫିସ୍/ ଭୁବନେଶ୍ୱର,୧୪(ବ୍ୟୁରୋ)**


ବଲାଙ୍ଗୀର ଏସ୍‌ପି ଅଫିସ୍‌ରେ ଶନିବାର ସନ୍ଧ୍ୟାରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଛନ୍ତି।

ବଲାଙ୍ଗୀର ଡାକମଣ୍ଡଳରେ ଚାକିରି ପାଇଁ ଜାଲ୍ ସାର୍ଟିଫିକେଟ୍ କାରବାର ଘଟଣା ଧରାପଡ଼ିବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ବିଧାନସଭାରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ଘଟଣାର ଗୁରୁତ୍ୱକୁ ଲକ୍ଷ୍ୟ କରି ରାଜ୍ୟ ସରକାର ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ତଦନୁଯାୟୀ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ପହଞ୍ଚିଛି। ୫ ଜଣିଆ ଟିମ୍ ପ୍ରଥମେ ବଲାଙ୍ଗୀର ଏସ୍‌ପି ଅଫିସକୁ ଆସି ଏସ୍‌ପି ନୀତିନ କୁଶଲକରଙ୍କୁ ଭେଟିଛନ୍ତି। ସବୁଦିଗକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ଆବଶ୍ୟକ ପଡ଼ିଲେ ରାଜ୍ୟ ବାହାରକୁ ଯାଇ ମଧ୍ୟ ଖୋଳତାଡ଼ କରାଯିବ। ଏ ସଂକ୍ରାନ୍ତରେ ଅଧିକ କିଛି କହିପାରିବେ ନାହିଁ ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ଚକ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

କିଛିଦିନ ତଳେ ବଲାଙ୍ଗୀର ଡାକମଣ୍ଡଳର ୮୩ଟି ବ୍ରାଞ୍ଚ ପୋଷ୍ଟ ମାଷ୍ଟର, ଏବିପିଏମ୍ ଓ ଡାକସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀଗୁଡ଼ିକ ପାଇଁ ଆବେଦନ କରିଥିବା କେତେଜଣ ପ୍ରାର୍ଥୀଙ୍କ ସାର୍ଟିଫିକେଟ ଯାଞ୍ଚ ବେଳେ ବଲାଙ୍ଗୀର ଡାକମଣ୍ଡଳ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ସନ୍ଦେହ ହୋଇଥିଲା। ସାର୍ଟିଫିକେଟରେ ଉଲ୍ଲେଖ ଥିବା ମାର୍କ ଏବଂ ପ୍ରାର୍ଥୀଙ୍କ ଆଚରଣ ଦେଖି ପଟ୍ଟନାୟକ ଅବାକ ହୋଇଥିଲେ। କାରଣ ମାର୍କଶିଟ୍‌ରେ ଇଂଲିଶରେ ୯୯ ମାର୍କ ରଖିଥିବା ଜଣେ ପ୍ରାର୍ଥିନୀଙ୍କୁ ପଚାରିବାରୁ ସେ ଇଂଲିଶରେ ଲେଖିବା ତ ଦୂରେ ଥାଉ କିଛି କହି ବି ପାରି ନ ଥିଲେ। ଏହାପରେ ଆବେଦନ କରିଥିବା ପ୍ରାର୍ଥୀଙ୍କ ଭିତରୁ ୩୭ ଜଣଙ୍କର ଜାଲ୍ ସାର୍ଟିଫିକେଟ ରହିଥିବା ସନ୍ଦେହ କରି ପଟ୍ଟନାୟକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଖୋଳତାଡ଼ କରି ବଲାଙ୍ଗୀର ସହର ମିଶନ ପଡ଼ିଆ ସମ୍ମୁଖରେ ଥିବା ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସ ଉପରେ ଚଢ଼ାଉ କରିଥିଲା। ସେଠାରୁ ଦେଶର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ନାଁରେ ଛପାଯାଇଥିବା ୫ ହଜାରରୁ ଊର୍ଦ୍ଧ୍ୱ ନକଲି ସାର୍ଟିଫିକେଟ, ୨୭ଟି ଶିକ୍ଷାନୁଷ୍ଠାନ ଅଧିକାରୀଙ୍କ ଜାଲ୍ ସିଲ୍ ଓ ଷ୍ଟାମ୍ପ, ୩ ଲକ୍ଷ ୬୭ ହଜାର ୬ ଶହ ଟଙ୍କା, ୪ଟି କମ୍ପ୍ୟୁଟର ସିଷ୍ଟମ୍, ୨ଟି ଲାପ୍‌ଟପ୍, ୩ଟି ପ୍ରିଣ୍ଟର, ସ୍କାନର, ଜେରକ୍ସ ମେସିନ୍, ଏସ୍‌ଏସ୍‌ଡି ହାର୍ଡଡିସ୍କ, ମୋବାଇଲ ଫୋନ୍, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ଅଧିକାରୀଙ୍କ ଅଫିସକୁ ଲେଖାଯାଇଥିବା ଚିଠି, ଜାଲ୍ ସାର୍ଟିଫିକେଟ କାରବାରର ଏକାଧିକ ଡାଏରି ଜବତ କରାଯାଇଥିଲା। ଏହି ମାମଲାରେ ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସ ମାଲିକ ତଥା ମାଷ୍ଟରମାଇଣ୍ଡ ମନୋଜ ମିଶ୍ର ଓ ପାର୍ଟନର ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏସ୍‌ପି କୁଶଲକର ୪ଟି ସ୍ୱତନ୍ତ୍ର ଟିମ୍ କରି ଜାଲ୍ ସାର୍ଟିଫିକେଟ ର୍‍ୟାକେଟ ଉପରେ ତଦନ୍ତ ଆରମ୍ଭ କରିଥିଲେ। ୫ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ଜାଲ୍ ସାର୍ଟିଫିକେଟ୍‌ର ଚେର କେଉଁଠାରୁ କେଉଁ ଆଡ଼କୁ ଲମ୍ବିଛି, ଏହା କେତେବର୍ଷ ହେଲା ଚାଲିଥିଲା ଏବଂ ଏହି ର୍‍ୟାକେଟରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେଦିଗ ଉପରେ ତଦନ୍ତ ଫୋକସ୍ କରିବ ବୋଲି ଜଣାପଡ଼ିଛି।

ଜାଲ୍ ସାର୍ଟିଫିକେଟ ମାଷ୍ଟରମାଇଣ୍ଡ ମନୋଜ ମିଶ୍ର ଗିରଫ ହେବା ପରେ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବା ଭାଜପା ଓ କଂଗ୍ରେସ ବିଧାନସଭା ଅଧିବେଶନରେ ଅଭିଯୋଗ ଆଣିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ସହ ମନୋଜ ମିଶ୍ରଙ୍କ ଫଟୋ ଦେଖାଇ ଏହା ପଛରେ ବିଜେଡିର ସମ୍ପୃକ୍ତି ଥିବା ଭାଜପା କହିଛି। କଂଗ୍ରେସ ମଧ୍ୟ ସରକାରଙ୍କୁ ଘେରିଛି। ତେବେ ଜାଲ୍ ସାର୍ଟିଫିକେଟ ର୍‍ୟାକେଟ ପଛରେ ବିଜେଡିର ହାତ ଥିବା ଅଭିଯୋଗକୁ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ସବୁ ପ୍ରସଙ୍ଗରେ ବିଜେଡି ନେତାଙ୍କ ନାଁ ନେବା ବିରୋଧୀଙ୍କ ଅଭ୍ୟାସ। ବିଜେଡି ନେତାଙ୍କର ଏଥିରେ ସମ୍ପୃକ୍ତି ନାହିଁ। ତଦନ୍ତ ପରେ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ମିଳିବ।

## ଚୁଡ଼ାମୁଢ଼ିର ପଣିଷ

# ବିନା ଭାତରେ ୨୧ବର୍ଷ

**ମାଥିଲି,୧୪(ଡି.ଏନ.ଏ.)**




ମାଲକାନଗିରି ଜିଲାରେ ଏପରି ଜଣେ ଯୁବକ ଅଛନ୍ତି ଯିଏ ଜନ୍ମ ହେବାଠାରୁ ଏ ପର୍ଯ୍ୟନ୍ତ ଭାତ ଖାଇନାହାନ୍ତି। କେବଳ ଚୁଡ଼ା ମୁଢ଼ି ଖାଇ ବଞ୍ଚିଛନ୍ତି। ସେ ହେଲେ ଗ୍ରାମର ମୀନ କୁମାର ସଗରିଆ ଓ ପାର୍ବତୀ ସାଗରିଆଙ୍କ ପୁଅ କିଶୋର। ଜିଲାର ମାଥିଲି ବ୍ଲକ ଧୁଙ୍ଗିଆପୁଟ ପଞ୍ଚାୟତର ପାତ୍ରପୁଟ ଗ୍ରାମରେ ତାଙ୍କ ଘର।

ଜନ୍ମ ହେବା ପରଠାରୁ କିଶୋରଙ୍କ ଭାତ ଖାଇବା ପ୍ରତି ଆଗ୍ରହ ନାହିଁ। ତାଙ୍କର ଏପରି ଚିନ୍ତାଧାରା ପରିବାର ଲୋକଙ୍କୁ ଚିନ୍ତାରେ ପକାଇଥିଲା। ପରିବାର ଲୋକେ ଅନେକ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଭାତ ଖୁଆଇ ପାରି ନ ଥିଲେ। ଶେଷରେ ନିରାଶ ହୋଇ ନୀରବ ରହିଥିଲେ। କିଶୋର ଭାତ ବଦଳରେ ଚୁଡ଼ା ମୁଢ଼ି ଖାଇବାରେ ଆଗ୍ରହ ପ୍ରକାଶ କରିଥିଲେ। ତାହାକୁ ସେ ଏପର୍ଯ୍ୟନ୍ତ ଖାଇ ରହି ଆସୁଛନ୍ତି ବୋଲି କହନ୍ତି ସେ। ଏଥିପାଇଁ କେବେ ସେ ଦୁର୍ବଳତା ଅନୁଭବ କରିନାହାନ୍ତି କି କିଛି ସମସ୍ୟା ଉପୁଜିନାହିଁ ବୋଲି କହନ୍ତି କିଶୋର। ବାପାଙ୍କୁ ହରାଇଥିବା କିଶୋର ନିଜ ପାଠପଢ଼ା ପ୍ରତି ମଧ୍ୟ ଯତ୍ନବାନ୍ ଅଛନ୍ତି।

ଗୋବିନ୍ଦପାଲିସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ସ୍ନାତକ ଶେଷ କରିଥିବା କିଶୋରଙ୍କ ଉପରେ ପରିବାର ଚଳାଇବା ଦାୟିତ୍ୱ ରହିଛି। ଏହାକୁ ତୁଲାଇବା ସହ ସାନ ଭଉଣୀଭାଇଙ୍କୁ ପାଠ ପଢ଼ାଉଛନ୍ତି। ଏ ସମ୍ପର୍କରେ ମାଥିଲି ଉପଖଣ୍ଡ ଡାକ୍ତରଖାନାର ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପିଲାଟି ଦିନରୁ କିଶୋର ଚୁଡ଼ା ମୁଢ଼ି ଖାଉଛନ୍ତି, ଏହା ମଧ୍ୟ ଏକ ପ୍ରକାର ଖାଦ୍ୟ। ମାତ୍ର ଭାତ ନ ଖାଇବା ଦ୍ୱାରା ଶରୀରରେ ଶକ୍ତିର ଅଭାବ ଦେଖାଯାଏ। ଏହା ପରେ ତାଙ୍କର ସମସ୍ୟା ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

# ମଧୁସୂଦନଙ୍କ ଜନ୍ମପୀଠ, ସଂଗ୍ରହାଳୟ ବିକାଶ ଉପରେ ଗୁରୁତ୍ୱାରୋପ

## ୫-ଟି ସଚିବଙ୍କ ସତ୍ୟଭାମାପୁର ଗସ୍ତ


ମଧୁବାବୁଙ୍କ ଅନ୍ତୁଡ଼ିଶାଳରେ ୫-ଟି ସଚିବ, ମହିଳା ମିଶନ ଶକ୍ତି ସଦସ୍ୟା ଓ ପ୍ରଶାସନିକ ଅଧିକାରୀମାନେ।

**ସାଲେପୁର,୧୪(ଡି. ଏନ.ଏ.)**

ଓଡ଼ିଶା ଦିବସ ଅବସରରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଶନିବାର କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁରରେ ପହଞ୍ଚି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପୀଠ ଓ ସଂଗ୍ରହାଳୟର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ପୀଠ ବୁଲିବା ସହ ମ୍ୟାପ୍ ମାଧ୍ୟମରେ ଏହାର ଅବସ୍ଥିତି ଓ ଇତିହାସ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପୀଠ ପରିସରରେ ଥିବା ସଂଗ୍ରହାଳୟ ବୁଲି ଏଠାରେ ରଖାଯାଇଥିବା ସ୍ମୃତି ସମ୍ପର୍କରେ ପଚାରି ବୁଝିଥିଲେ। ଏଠାରେ ଥିବା ସ୍ମୃତିଫଳକକୁ ଓଡ଼ିଆ ସମେତ ଅନ୍ୟ ଭାଷାରେ ଲେଖିବାକୁ ସେ ପରାମର୍ଶ ଦେଇଛନ୍ତି। ପରେ ପୀଠ ପରିସରରେ ଥିବା ଗାନ୍ଧିଜୀଙ୍କ ଅବସ୍ଥାନ ପୀଠ ଦର୍ଶନ କରିଥିଲେ। ଏହାପରେ ୫-ଟି ସଚିବ ମଧୁବାବୁଙ୍କ ଅନ୍ତୁଡ଼ିଶାଳରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଠାରେ ରଖାଯାଇଥିବା ବିରଳ ଫଟୋ ଓ ହସ୍ତଲିପି ସମ୍ପର୍କରେ ଉପସ୍ଥିତ ଟ୍ରଷ୍ଟ କର୍ମକର୍ତ୍ତାଙ୍କଠାରୁ ସବିଶେଷ ପଚାରି ବୁଝିଥିଲେ। ମିଶନ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା ଓ ଉପସ୍ଥିତ ସଦସ୍ୟାମାନଙ୍କ ସହ ପୀଠ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ମଧୁସ୍ମୃତି ପୀଠରେ ମଧୁବାବୁଙ୍କ ଜୀବନୀକୁ ନେଇ ଲାଇଟ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପୀଠର ଉନ୍ନତୀକରଣ ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। ଏହି ଅବସରରେ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ୧୨ ପ୍ରସ୍ତାବ ସମ୍ବଳିତ ଏକ ପତ୍ର ପ୍ରଦାନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ସିଡିଏ ଅଧ୍ୟକ୍ଷ ଅନୀଲ ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅମ୍ବର କର ଓ ଡିସିପି ପିନାକ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

DSPL - 529


ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ
ମହୋତ୍ସବ-୨୦୨୩
ବିଜ୍ଞାପନ
"ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଂଗୀତ ମହୋତ୍ସବ-୨୦୨୩" ତା.୦୨.୦୪.୨୦୨୩ ରିଖ ଉତ୍କଳ ମଣ୍ଡପ, ଭୁବନେଶ୍ୱର ଠାରେ ସନ୍ଧ୍ୟା ୦୬.୩୦ ଘଟିକା ସମୟରେ ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗଙ୍କ କରକମଳରେ ଉଦ୍‌ଘାଟନ ହେବାକୁ ଯାଉଅଛି। ଯାହାକି ତା.୦୪.୦୪.୨୦୨୩ ରିଖ ପର୍ଯ୍ୟନ୍ତ ଚାଲୁରହିବ। ଏହି ମହୋତ୍ସବରେ ରାଜ୍ୟର ବଛାବଛା ଲୋକନୃତ୍ୟ ଓ ଲୋକସଂଗୀତ ଦଳ ମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।
ଏଣୁ ଏହି ମହୋତ୍ସବରେ ଯୋଗଦାନ କରି ଏହାକୁ ସଫଳ କରିବାକୁ ସଦୟ ନିମନ୍ତ୍ରଣ।
ନିର୍ଦ୍ଦେଶକ ତଥା ସତନ୍ତ୍ର ଶାସନ ସଚିବ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪
OIPR-03029/13/0001/2324

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଜାଲ୍ ହୋଇଥିବାରୁ ଗୁଜରାଟ ୟୁନିଭର୍ସିଟି ତଥ୍ୟ ଦେବାକୁ ପ୍ରସ୍ତୁତ ନୁହଁନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଅନେକ ନିଷ୍ପତ୍ତି ନେବାକୁ ପଡ଼ୁଥିବାରୁ ସେ ଶିକ୍ଷିତ ହେବା ଗୁରୁତ୍ୱପୂର୍ଣ୍ଣ। **-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କପଟ ବଚନ ପିତା ତିଅଣ ଲୋ
ପାସୋର ନ ଯାଏ ମନୁ
ଦିନ ଦିନ କଥା ମନରେ ପଡ଼ିଲେ
ଘାରି ଦେଉଥାଏ ତନୁ।

କପଟ ବଚନ ମନକୁ ଭାରାକ୍ରାନ୍ତ କରିଥାଏ। କପଟ ବଚନ ଦ୍ୱାରା ଆଘାତପ୍ରାପ୍ତ ତନୁମନ ବହୁକାଳ ଧରି ଅବିସ୍ମୃତ ରୁହେ ବୋଲି ଏଠାରେ ପ୍ରକାଶ କରାଯାଇଛି।

କୂଅରେ ପଡିଲା ଗୋଡ଼ି
ମତେ ନ ବୋଲିବ
କେ ବୁଢ଼ୀ ବୋଲିଲୋ
ବୟସ ମୋ ତିନି କୋଡ଼ି।

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରି ସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ଅପଚେଷ୍ଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଏସ୍‌ଏଚ୍‌ଜି, ଦଳୀୟ କର୍ମୀଙ୍କୁ ନେଇ ଓଡ଼ିଶା ଦିବସ ପାଳିଲା ବିଜେଡି

**ତାଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ଏହା ବିଜେଡିର ପ୍ରୟାସ: ଧର୍ମେନ୍ଦ୍ର**

ପଟ୍ଟାଙ୍ଗି,୧।୪(ଡି.ଏନ.ଏ.)

ଓଡ଼ିଶା ଦିବସ ପାଳନକୁ ନେଇ ଶନିବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତରେ ବିଜେଡି, ଭାଜପା ନିଜ ନିଜର ପତିଆରା ଦେଖାଇଛନ୍ତି। ଆନ୍ଧ୍ର ସୀମାନ୍ତ ଫାଟୁସିନେରି ଓ ଉପର ଗଞ୍ଜେଇପଦର ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଫାଟୁସିନେରିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଭା କରିଥିବା ବେଳେ ଗଞ୍ଜେଇପଦରରେ ବିଜେଡି ଏସ୍‌ଏଚ୍‌ଜି ଓ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଓଡ଼ିଶା ଦିବସ ପାଳନ କରିଛି। ଗଞ୍ଜେଇପଦର ଗ୍ରାମରେ କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା




ବିଜେଡି ପକ୍ଷରୁ ଉପର ଗଞ୍ଜେଇପଦରରେ ଅନୁଷ୍ଠିତ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମେଲକା ଏବଂ ରାଜ୍ୟ ସମ୍ପାଦକ ତଥା ଜୟପୁର ପୂର୍ବତନ ବିଧାୟକ ରବି ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। କୋଟିଆ ପଞ୍ଚାୟତ ସମ୍ପୂର୍ଣ୍ଣ ଓଡ଼ିଶାର। ଏହା ଓଡ଼ିଶାର ହିଁ ହୋଇ ରହିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଫାଟୁସିନେରି ଗ୍ରାମରେ କାର୍ଯ୍ୟକ୍ରମ କରୁଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ବିଜେଡିର ଏହା ଏକ ପ୍ରୟାସ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ସୁନାବେଡ଼ା ପୌରାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଅବସାଦରେ ଗଛ ....

ପାଇଥିଲେ। ଗଛ ଦୋହଲିବା ଦ୍ୱାରା ଶବ୍ଦ ତରଙ୍ଗ ସୃଷ୍ଟି ହେବା ଯୁକ୍ତିକୁ ନେଇ ଗବେଷକଙ୍କ ପକ୍ଷରୁ ଆଉ ଏକ ଅଧ୍ୟୟନ ଆରମ୍ଭ କରାଯାଇଥିଲା। ସବୁଜଗୃହର ବିଲାତି ଓ ଗୁଆଗଛକୁ ନେଇ କରାଯାଇଥିବା ଅଧ୍ୟୟନ ଅନୁସାରେ, ଅବସାଦ ସମୟରେ ଗଛରୁ ଏୟାରବର୍ନ ଅଲ୍‌ଟ୍ରାସୋନିକ୍ ସାଉଣ୍ଡ ବାହାରେ, ଯାହାକୁ ଗଛ କାନ୍ଦେ ବୋଲି କୁହାଯାଉଛି। ପ୍ରତ୍ୟେକ ଗଛ ପାଇଁ ଅବସାଦର କାରଣ ଭିନ୍ନ ହୋଇଥିବାବେଳେ ପ୍ରତ୍ୟେକର ଶବ୍ଦ ଅଲଗା ହୋଇଥାଏ। ତେବେ ଏହି ଶବ୍ଦ ଅତି ଧୀର ହେବାଯୋଗୁ, ଯାହା ମଣିଷ ଶୁଣିପାରେ ନାହିଁ। କିନ୍ତୁ ଗଛର କାନ୍ଦକୁ ବାଦୁଡ଼ି, ମୂଷା ଓ ପୋକଜୋକ ଶୁଣିପାରନ୍ତି ବୋଲି ଗବେଷକମାନେ ଦାବି କରିଛନ୍ତି। ୧୬ କିଲୋହର୍ଜ ପର୍ଯ୍ୟନ୍ତ ଫ୍ରିକ୍ୱେନ୍ସି ଶବ୍ଦକୁ ମଣିଷ ଶୁଣିବା ପାଇଁ ସକ୍ଷମ। ଗଛରୁ ବାହାରୁଥିବା ଶବ୍ଦକୁ ରେକର୍ଡ କରିବା ପାଇଁ ପ୍ରତିଗଛର ୧୦ ସେଣ୍ଟିମିଟର ଦୂରରେ ଅଲ୍‌ଟ୍ରାସୋନିକ୍ ମାଇକ୍ରୋଫୋନ ଲଗାଯାଇଥିଲା। ସଂଗୃହୀତ ଶବ୍ଦର ଫ୍ରିକ୍ୱେନ୍ସି ୨୦ରୁ ୨୫୦ କିଲୋହର୍ଜ ରହିଛି। କାନ୍ଦକୁ ମାପିବା ପାଇଁ ବିଶେଷପ୍ରକାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଲଗୋରିଦିମ୍‌ର ବ୍ୟବହାର କରାଯାଇଥିଲା। ଅଧିକ ଅବସାଦଗ୍ରସ୍ତ ଗଛ ଅଧିକମାତ୍ରାରେ ଶବ୍ଦ ବାହାର କରେ। ଜଳ ପାଇଁ କିମ୍ବା କୌଣସି କାରଣରୁ ଆଘାତ ପାଇଥିବା ଉଦ୍ଭିଦ ଘଣ୍ଟା ପ୍ରତି ଡଜନ୍‌ରୁ ଅଧିକ ଥର ଶବ୍ଦ କରନ୍ତି ବୋଲି ଗବେଷକ ଲିଲାଚ ହାଦାନି କହିଛନ୍ତି। ଜଳକୁ ନେଇ ଗଛଙ୍କଠାରେ ଦେଖାଯାଉଥିବା ଅବସାଦକୁ ରୋକିହେବ। ସେନ୍ସରର ପ୍ରୟୋଗ ଦ୍ୱାରା ଗଛ କେତେବେଳେ ଜଳ ଦରକାର କରୁଛି ତାହା ସହଜରରେ ଜାଣିହେବ। ତେବେ ଏହା କୃଷି କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହେବ, ଯାହା ଦ୍ୱାରା ଜଳ ଅପଚୟ ମଧ୍ୟ ରୋକି ହେବ।

## କୋକୋ ଦ୍ୱୀପରେ ...

ଏଥିସହିତ ସମୁଦ୍ରକୁ ବୃହତ୍ ପିଅର ନିର୍ମାଣ କରାଯାଇଛି, ଯାହା ନୌସେନା କାର୍ଯ୍ୟକଳାପକୁ ବଢ଼ାଇପାରିବ। କେବଳ ସେତିକି ନୁହେଁ, ସେଠାରେ ଥିବା ଏୟାରବେସ୍‌ର ରନ୍‌ୱେକୁ ୨,୩୦୦ ମିଟରକୁ ବୃଦ୍ଧି କରାଯାଇଛି, ଯାହାକି ୧୦ ବର୍ଷ ପୂର୍ବରୁ ମାତ୍ର ୧,୩୦୦ ମିଟର ଥିଲା। କୋକୋ ଦ୍ୱୀପରେ ଚାଇନାର ନିର୍ମାଣ ସମ୍ପର୍କରେ ଲଣ୍ଡନର ଚାଥମ୍ ହାଉସ୍ ପ୍ରଥମେ ଲୋକଲୋଚନକୁ ଆଣିଛି।

ମ୍ୟାନ୍‌ମାର ସଶସ୍ତ୍ର ସୁରକ୍ଷା ବଳ ମଧ୍ୟ ଚାଇନା ସହାୟତାରେ କୋକୋ ଆଇଲାଣ୍ଡକୁ ନୌସେନାର ସର୍ଭିଲାନ୍ସ ଅପରେଶନରେ ପରିଣତ କରିବାକୁ ଚାହୁଁଥିବା ବିଶେଷଜ୍ଞମାନେ କହିଛନ୍ତି। ସାମରିକ ବିଦ୍ରୋହ ପରେ ମ୍ୟାନ୍‌ମାର ଶାସକ ଚାଇନା କମ୍ୟୁନିଷ୍ଟ ପାର୍ଟି ଉପରେ ଅଧିକ ନିର୍ଭରଶୀଳ ହୋଇଛି, ଯାହା ସେଠାର ଜନସାଧାରଣଙ୍କ ପାଇଁ ଚିନ୍ତାଜନକ। ମ୍ୟାନ୍‌ମାରର ଜନବହୁଳ ସହରଗୁଡ଼ିକରେ ଚାଇନା ପ୍ରସ୍ତୁତ ସର୍ଭିଲାନ୍ସ କ୍ୟାମେରା ବହୁ ପରିମାଣରେ ଲଗାଯାଉଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଭୂରାଜନୈତିକ ଦୃଷ୍ଟିକୋଣରୁ ଦେଖିଲେ, କୋକୋ ଆଇଲାଣ୍ଡରେ ଚାଇନାର ଉପସ୍ଥିତି ବଢୁଥିବାରୁ ଏହା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ରଣନୈତିକ ଅଗ୍ରଗତି ପାଇଁ ସହାୟକ ହେବ। ଏହାଦ୍ୱାରା ଷ୍ଟ୍ରେଟ୍ ଅଫ୍ ମାଲାକ୍କାକୁ ଘେରିବା ସମେତ ଭାରତ ମହାସାଗରର ବିଭିନ୍ନ ଅଞ୍ଚଳରେ ଚାଇନା ପହଞ୍ଚିପାରିବ। ଚାଇନା-ମ୍ୟାନ୍‌ମାର ଇକୋନୋମିକ୍ କରିଡର ଜରିଆରେ ବେଜିଂ ଏହି ଦେଶରେ ବିପୁଳ ପୁଞ୍ଜିନିବେଶ କରୁଛି।

ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୋକୋ ଦ୍ୱୀପରେ ଚାଇନାର ସନ୍ଦିଗ୍ଧ ଉପସ୍ଥିତି ନୂଆ ନୁହେଁ। ୨୦୦୯ରେ ଭାରତ ଏନେଇ ମ୍ୟାନ୍‌ମାର ନିକଟରେ ପ୍ରତିବାଦ କରିଥିଲା। ଏପରିକି ୯୦ ଦଶକରେ ଚାଇନା ଉକ୍ତ ଦ୍ୱୀପକୁ ସାମରିକ ଏବଂ ନାଭାଲ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବା ବାରମ୍ବାର ରିପୋର୍ଟ ପ୍ରକାଶ ପାଇଥିଲା। ୨୦୧୪ରେ ମନୋହର ପାରିକର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ୍ ପ୍ରସ୍ତୁତ କରିଥିବା ସନ୍ଦର୍ଭରେ ଚାଇନା ମ୍ୟାନ୍‌ମାରର କୋକୋ ଆଇଲାଣ୍ଡ ସମେତ ମାନଉଙ୍ଗ୍, ହାଇଙ୍ଗି, ଜାଡେକିରେ ରେଡିଓ ଏବଂ ମାଇକ୍ରୋୱେଭ୍ ସିଗ୍‌ନାଲ ଅନୁଧ୍ୟାନ ଲାଗି ଏସ୍‌ଆଇଜିଆଇଏନ୍‌ଟି ଲିସିନିଂ ଷ୍ଟେଶନ ସ୍ଥାପନ କରିଥିବା ଉଲ୍ଲେଖ କରାଯାଇଥିଲା। ୟାଙ୍ଗୁନ୍, ମୌଲମେଇନ ଏବଂ ମେର୍ଗୁଇ ନିକଟରେ ଥିବା ନାଭାଲ ବେସ୍‌ରେ ଚାଇନା ରାଡାର ସ୍ଥାପନ କାମ ଚଳାଇଥିଲା। ଆଣ୍ଡାମାନ ଦ୍ୱୀପ ନିକଟରେ ମ୍ୟାନ୍‌ମାର ପତାକା ଥିବା ମାଛଧରା ଟ୍ରଲରକୁ ଭାରତୀୟ ତଟସୁରକ୍ଷା ବାହିନୀ ପିଛା କରିବା ପରେ ସେଥିରେ ଥିବା ସମସ୍ତ କର୍ମଚାରୀ ଚାଇନାର ବୋଲି ଜଣାପଡ଼ିଥିଲା। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଭାରତର ତିନି ସେନା କମାଣ୍ଡ ରହିଥିବାରୁ କୋକୋ ଆଇଲାଣ୍ଡରେ ଚାଇନାର ଅବସ୍ଥିତି ବୃଦ୍ଧି ଚିନ୍ତା ବଢ଼ାଇଛି। ସେଠାରୁ ଭାରତୀୟ ସୁରକ୍ଷା ବଳର ଗୁପ୍ତ ତଥ୍ୟ ଚାଇନା ହାତରେ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି।

**କୋଲକାତାଠାରୁ ୧,୨୫୫ କି.ମି. ଦକ୍ଷିଣ-ପୂର୍ବରେ ଅବସ୍ଥିତ ଦକ୍ଷିଣ ଏସିଆର ଗୁରୁତ୍ୱପୂର୍ଣ୍ଣ କୋକୋ ଦ୍ୱୀପ ଏକଦା ବ୍ରିଟିଶ ସରକାରଙ୍କ ଦଖଲରେ ଥିଲା। ୧୯୪୭ ଜୁଲାଇ ୧୯ରେ ଏହାକୁ ନେବା ପାଇଁ ଭାରତର ତତ୍କାଳୀନ ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ୍ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ନେହେରୁ ତତ୍ପରତା ନ ଦେଖାଇବାରୁ ଏହି ଆଇଲାଣ୍ଡ ଭାରତ ଅଧୀନକୁ ଆସିପାରି ନ ଥିଲା।**

## ପ୍ରଥମ ପୃଷ୍ଠାରୁ...

## ଏୟାରପୋର୍ଟରୁ ତ୍ରିଶୂଳିଆ ...

ପରେ ଏହା ଖୋର୍ଦ୍ଧା ଓ ପୁରୀକୁ ସମ୍ପ୍ରସାରିତ କରାଯିବ। ମେଟ୍ରୋ ରେଳ ପାଇଁ ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏହି ଘୋଷଣା ରାଜ୍ୟବାସୀଙ୍କୁ ବିଶ୍ୱସ୍ତରୀୟ ମେଟ୍ରୋ ସେବା ଯୋଗାଇ ଦେବା ସହ ନୂଆ ଓଡ଼ିଶା କ୍ଷେତ୍ରରେ ଆଉ ଏକ ପଦକ୍ଷେପ। ଏହା କେବଳ ବିଶ୍ୱସ୍ତରୀୟ, ପରିବେଶ ଅନୁକୂଳ ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ବିକଶିତ କରିବ ନାହିଁ, ବରଂ ଭୁବନେଶ୍ୱର, କଟକ,ପୁରୀ ଓ ଖୋର୍ଦ୍ଧାର ଆର୍ଥିକ କାର୍ଯ୍ୟକଳାପକୁ ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ସହରଗୁଡ଼ିକୁ ଅତ୍ୟାଧୁନିକ ଭାବେ ବିକଶିତ କରିବା ସହ ପୁଞ୍ଜିନିବେଶକାରୀ, ବ୍ୟବସାୟୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଘୋଷଣା ସମ୍ପର୍କରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ପ୍ରଥମେ ଭୁବନେଶ୍ୱର ଏୟାରପୋର୍ଟରୁ କଟକ ନେତାଜୀ ବ୍ରିଜ୍ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ ଗଡ଼ିବ। ଏଥିପାଇଁ ଏଲିଭେଟେଡ୍ କରିଡର କରାଯିବ। ଏଥିଲାଗି ଭୁବନେଶ୍ୱର ବିମାନବନ୍ଦର ଛକରୁ ସଚିବସ୍ତରୀୟ କମିଟି ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହିତ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ, ଉନ୍ନୟନ କମିଶନର ଅନୁ ଗର୍ଗ, ପରିବହନ ସଚିବ ଉଷା ପାଢ଼ୀ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ, ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଏହି ପ୍ରସ୍ତାବିତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବରିଷ୍ଠ ଅଧିକାରୀଙ୍କ ଏହି ଟିମ୍ ବିମାନବନ୍ଦରରୁ ରେଲୱେ ଷ୍ଟେଶନ, ବାଣୀବିହାର, ଜୟଦେବ ବିହାର, ପଟିଆ ଓ ନନ୍ଦନକାନନ ଦେଇ ତ୍ରିଶୂଳିଆ ପର୍ଯ୍ୟନ୍ତ ଯାଇଥିଲେ। ଏହି ସବୁ ସ୍ଥାନ ସହିତ ଅନ୍ୟାନ୍ୟ ସ୍ଥାନର ଗ୍ରାଉଣ୍ଡ ଜିରୋରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଟିମ୍ ସମୀକ୍ଷା କରିଥିଲା। ମେଟ୍ରୋ ଟ୍ରେନ୍ ଗଡ଼ିବାକୁ ଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଟିମ୍ ସଦସ୍ୟମାନେ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ଟ୍ରେନ୍ ଚଳାଚଳ ହେଲେ କେଉଁଠି କି ପ୍ରକାର ସମସ୍ୟା ରହିବ, ତାହାର କିଭଳି ସ୍ଥାୟୀ ପ୍ରତିକାର କରାଯିବ, କେତେ ସରକାରୀ ଜମି ରହିଛି, କେତେ ଜମି ଅଧିଗ୍ରହଣ କରିବାକୁ ହେବ, ଟ୍ରାଫିକ୍ ସମସ୍ୟା କିଭଳି ଉପୁଜିବ ନାହିଁ, ସେଥିପାଇଁ କେଉଁ କେଉଁ ସ୍ଥାନରେ ଭୂତଳ ବା ଅଣ୍ଡର ଗ୍ରାଉଣ୍ଡ ବ୍ୟବସ୍ଥା କରିବାକୁ ହେବ, ସମ୍ପୂର୍ଣ୍ଣ ମେଟ୍ରୋ ବ୍ୟବସ୍ଥା କେତେ ଦୂରତା ବିଶିଷ୍ଟ ହେବ, ସେ ସମସ୍ତ ଦିଗକୁ ନେଇ ଗ୍ରାଉଣ୍ଡ ଜିରୋରେ ମ୍ୟାପ୍ ସହ ୫-ଟି ସଚିବ ଆଲୋଚନା କରିଛନ୍ତି।

## ଓଡ଼ିଶା ଦିବସରେ ...




ଲାଗୁ ହୋଇଥିବାରୁ ଏହି ଜିଲା ବ୍ୟତୀତ ରାଜ୍ୟର ଅନ୍ୟ ସବୁ ଅଞ୍ଚଳର କୃଷକମାନେ ଏହି ସହାୟତା ପାଇଛନ୍ତି। ୪୩ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୮୭୭ କୋଟି ଟଙ୍କା ସହାୟତା ଦିଆଯାଇଛି। ଏହି ଅବସରରେ ଚାଷୀମାନଙ୍କୁ ଓଡ଼ିଶା ଦିବସର ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚାଷୀଙ୍କ କଲ୍ୟାଣ ସହ ରାଜ୍ୟର ବିକାଶ ଯୋଡ଼ିହୋଇ ରହିଛି। ପବିତ୍ର ଦିବସରେ କାଳିଆ ସହାୟତା ପ୍ରଦାନ କରି ଆମେ ନୂଆ ଆର୍ଥିକ ବର୍ଷ ଆରମ୍ଭ କରିଛୁ। ଓଡ଼ିଶା ଆଜି ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେବା ସହିତ ଦେଶର ଖାଦ୍ୟ ଭଣ୍ଡାରକୁ ଅନ୍ନ ଯୋଗାଇ ପାରୁଛି। ଏହି ଗୌରବର ଶ୍ରେୟ ମୁଖ୍ୟମନ୍ତ୍ରୀ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ଦେଇଛନ୍ତି ।

ଚାଷର ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କୃଷିରେ ଅଧିକ ମେଶିନ ଓ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ପୁଷ୍ଟିଯୁକ୍ତ ଖାଦ୍ୟର ଉତ୍ପାଦନ ବୃଦ୍ଧି ଓ ଚାଷୀମାନଙ୍କ ରୋଜଗାରରେ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ଶସ୍ୟଭିତ୍ତିକ ମିଶନ କାର୍ଯ୍ୟକାରୀ କରୁଛନ୍ତି। ଚାଷୀମାନଙ୍କୁ ଫସଲ ବିବିଧିକରଣ ଉପରେ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, କାଳିଆ ଯୋଜନା ଚାଷୀମାନଙ୍କୁ ଆତ୍ମନିର୍ଭର କରିଛି। ଚାଷ ପାଇଁ ଧାରଉଧାରରୁ ମୁକ୍ତି ମିଳିବା ସହିତ ଚାଷୀଙ୍କ ମନୋବଳ ବୃଦ୍ଧି ପାଇଛି।ଏହି ଅବସରରେ ମାଲକାନଗିରିର ଗୋପୀନାଥ ପାଙ୍ଗି, ପୁରୀ ଜିଲା ପିପିଲିର ସୁଲୋଚନା ନାୟକ, ବରଗଡ଼ର ଦୀପାଞ୍ଜଳି ପ୍ରମୁଖ କାଳିଆ ସହାୟତା ଯୋଗୁ ସେମାନଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ଉପରେ ସମ୍ପର୍କରେ ମତ ରଖିଥିଲେ। ସେହିପରି ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକର କାଳିଆ ବୃତ୍ତି ଲାଭ କରିଥିବା କିରଣ ସାହୁ କିପରି ଏହି ସହାୟତା ଦ୍ୱାରା ସେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢ଼ିବା ପାଇଁ ସୁଯୋଗ ପାଇଛନ୍ତି ସେ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ.ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାଳିଆ ଯୋଜନାର ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଟିଆରେ ଧର୍ମେନ୍ଦ୍ର...



ଫାଟୁସିନେରି ଗ୍ରାମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଆଲୋଚନା କରିଥିଲେ। ଗ୍ରାମର ମହିଳା ଏବଂ ବୃଦ୍ଧାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ହିମାରିକା ବୁଲ୍ଲି ନାମକ ଜଣେ ବୃଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କା ପାଇଁ ଆମେ ହଜାରେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବ୍ଲକ ସଦରସ୍ଥିତ ବ୍ୟାଙ୍କକୁ ଯିବାକୁ ଏହି ଅର୍ଥ ଖର୍ଚ୍ଚ ହେଉଛି। ଏବେ ଗତ ୭ ମାସ ହେଲା ଆମେ ୮ ଜଣ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛୁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୃଦ୍ଧା ବୁଲ୍ଲିଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ପ୍ରଧାନ ସେଠାରେ ଉପସ୍ଥିତ ଥିବା ଉପଜିଲାପାଳ ବେଣୁଧର ଶବର ଏବଂ ତହସିଲଦାର ଦେବେନ୍ଦ୍ର ସିଂ ଧାରୁଆଙ୍କୁ ଏଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମରେ ସୋଲାରଚାଳିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ମାତ୍ର ୧ମାସ ନ ପୂରୁଣୁ ଏହା ଖରାପ ହୋଇପଡ଼ିଛି। ଏହାକୁ ସଜାଡ଼ିବା ଲାଗି କେହି ଦୃଷ୍ଟି ଦେଉନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅବା ବିଜୁ ପକ୍କା ଯୋଜନାରେ ଗୃହ ନିର୍ମାଣ ସାରିଲେ ଆମକୁ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ଶ୍ରମିକଙ୍କୁ ମିଳିବାକୁ ଥିବା ୧୦୦ ଦିନର ଅର୍ଥ ମିଳୁନାହିଁ। ଏହା ପ୍ରଦାନ କରିବାରେ ଜିଆର୍‌ଏସ୍ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଫାଟୁସିନେରରେ କାର୍ଯ୍ୟକ୍ରମ ସାରି ପ୍ରଧାନ କୋଟିଆ ଅଭିମୁଖେ ଯିବାବେଳେ ବିଦ୍ୟାଳୟ ନିକଟରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ଏକ ବଡ଼ ପାଣିଟାଙ୍କିକୁ ଦେଖି ବିରକ୍ତି ପ୍ରକାଶ କରିଥିଲେ। ଏହି ପାଣିଟାଙ୍କି ନିର୍ମାଣ ନେଇ କିଏ ଅନୁମତି ଦେଇଛି ବୋଲି ଉପଜିଲାପାଳ ଶବର ଏବଂ ଗ୍ରାମବାସୀଙ୍କୁ ପଚାରିଥିଲେ। କୋଟିଆ ପଞ୍ଚାୟତରେ ପହଞ୍ଚି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଥିଲେ। ମଞ୍ଚରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ପୁଅ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ତାଙ୍କ ଝିଅ ତଥା କୋଟିଆ ସମିତିସଭ୍ୟା ଅମ୍ବିକା ପାଙ୍ଗୀ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଏହି ଗସ୍ତ ବେଳେ ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପୁରୀ ଜିଲା ବ୍ରହ୍ମଗିରି ବିଧାୟକ, ଭଦ୍ରକ ଜିଲା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, କୋରାପୁଟ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ଗୌତମ ସାମନ୍ତରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନି ଦୃଷ୍ଟ ଚନ୍ଦ୍ର କାରଣରୁ ନିରୁତ୍ସାହ ହୋଇପାରନ୍ତି। ଉତ୍ତମ ବୁଝାମଣା କାରଣରୁ ପାରିବାରିକ ଜୀବନ ସୁମଧୁର ହୋଇ ଉଠିବ। ଆନୁଷ୍ଠାନିକ କ୍ଷେତ୍ରରୁ ଏବଂ କ୍ରୀଡ଼ା ଚଳଚ୍ଚିତ୍ର କ୍ଷେତ୍ରରୁ ସମ୍ମାନ ଓ ସଦିଚ୍ଛା ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ ଏବଂ ଆତ୍ମୀୟ ସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ।

**ବୃଷ** ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କଚେରି ମାମଲା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରୁ ପ୍ରଶଂସିତ ହେବେ।

**ମିଥୁନ** ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ଅପଦସ୍ଥ ହେବେ। ଭଲ କରିବାକୁ ଯାଇ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବାରୁ ମନ ଖୁସି ରହିପାରେ। ଘରୋଇ ସମସ୍ୟା ସମାଧାନ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କର୍କଟ** କର୍ମକ୍ଷେତ୍ରରେ ଯଥାସାଧ୍ୟ କାର୍ଯ୍ୟ ସମ୍ପନ୍ନ କରିଥିଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ। ଆଜି ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟି ହେବାରୁ ସ୍ତ୍ରୀ/ସ୍ୱାମୀଙ୍କ ସହ ମତଭେଦ ଘଟିବାର ସୂଚନା ରହିଛି। ବନ୍ଧୁମାନଙ୍କ ସହାୟତାରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ପାଇବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନ ଯିବାକୁ ବାଧ୍ୟ ହେବେ। ଅଶ୍ଳେଷା ନକ୍ଷତ୍ରର ପୃଷ୍ଠପୋଷକତା ଅଭାବରୁ କାମ ସୁବିଧାରେ ହେବ ନାହିଁ। କୌଣସି ଲୋକର ଚାପରେ ଧୀରେ ସୁସ୍ଥେ କାମ କରିବାକୁ ବାଧ ହେବେ। ରୋଗ, ଋଣ ଓ ଶତ୍ରୁ ଉପଦ୍ରବ ହ୍ରାସ ପାଇବ।

**କନ୍ୟା** କର୍ମକ୍ଷେତ୍ରରେ କୌଣସି ସ୍ପର୍ଶକାତର କଥା ସକାଶେ ଟେନ୍‌ସନ ଲାଗି ରହିବ। ସ୍ୱତନ୍ତ୍ର ନିମନ୍ତ୍ରଣ ପାଇ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇ ପାରନ୍ତି। ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବା କାରଣରୁ ହସ୍ତା ନକ୍ଷତ୍ର ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମନସ୍କତା କାରଣରୁ ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି।

**ତୁଳା** ଆସନ୍ତାକାଲିର କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ନିକଟରୁ ବାଧିଲାଭଳି କଥା ଶୁଣିପାରନ୍ତି। କୌଣସି ବିବାଦୀୟ ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ।

**ବିଛା** ମାନସିକ ଅଶାନ୍ତି କାରଣରୁ ପାରିବାରିକ କ୍ଷେତ୍ରରେ ବ୍ୟସ୍ତ ରହିପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହୋଇପାରନ୍ତି।

**ଧନୁ** ଆଜି ଅର୍ଥ ଲାଭ ସାଙ୍ଗକୁ ବନ୍ଧୁଙ୍କ ବଦାନ୍ୟତାରୁ ସମ୍ମାନ ମଧ୍ୟ ପାଇବେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାକୁ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଦୀର୍ଘ ଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ପୂର୍ବାଷାଢ଼ା ନକ୍ଷତ୍ର ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ମକର** ଆଜିର କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ ହଇରାଣ ହେବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିଲେ ମଧ୍ୟ ବିଶେଷ ଖୁସୀ ହୋଇପାରିବେ ନାହିଁ। ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ।

**କୁମ୍ଭ** ଆଜି ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ଶତଭିଷା ନକ୍ଷତ୍ରର ନିର୍ମାଣାଦି କାମରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। କର୍ମକ୍ଷେତ୍ରରେ ତଥା ମାଙ୍ଗଳିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ମୀନ** ପରିବାରର ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ସାମାଜିକ ସ୍ତରରେ ପ୍ରତିରୋଧଜନିତ କେତେକ କାମ ବିଶୃଙ୍ଖଳିତ ରହିପାରେ। କର୍ମ କ୍ଷେତ୍ରରେ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ଭାବନା ରହିଛି। ରେବତୀ ନକ୍ଷତ୍ରର ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। କାର୍ଯ୍ୟ ବ୍ୟସ୍ତତା ଭିତରେ ସମୟ ଅତିବାହିତ କରିବେ।

ଆଜି ଚୈତ୍ର ଶୁକ୍ଳ ଦ୍ୱାଦଶୀ ରବିବାର, ବୈଷ୍ଣବସମ୍ମତ ବ୍ୟୁଳିନୀ ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ରାମ ବନବାସ, ଏପ୍ରିଲ ୨ ତାରିଖ, ଅନ୍ତର୍ଜାତୀୟ ଶିଶୁପୁସ୍ତକ ଦିବସ, ରାଶିନକ୍ଷତ୍ର-ମଘା/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୩ ଗତେ ଘ.୦୯।୪୮ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୨୫ ଗତେ ଘ.୦୪।୫୨ ମଧ୍ୟେ ରାହୁକାଳ।

# ଭୁବନେଶ୍ୱର-ଦୁବାଇ ପ୍ରତ୍ୟକ୍ଷ ବିମାନ ଟିକେଟ ଶୁଭାରମ୍ଭ

ଭୁବନେଶ୍ୱର, ୧।୪ (ବ୍ୟୁରୋ)

ମେ ୧୫ରୁ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବ। ଏହି ପରିପ୍ରେକ୍ଷୀରେ ଶନିବାର ଓଡ଼ିଶା ଦିବସରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସଠାରେ ଏହାର ଶୁଭାରମ୍ଭ କରି କହିଲେ, ସଂଯୋଗୀକରଣ ବିକାଶର ଚାବିକାଠି ଏବଂ ରାଜ୍ୟ ସରକାର ଏଥିପାଇଁ ସର୍ବଦା ପ୍ରୟାସ ରତ। ଦୁବାଇକୁ ସିଧାସଳଖ ବିମାନ ସେବା ଦ୍ୱାରା ଭୁବନେଶ୍ୱର ସବୁଠାରୁ ବିମାନ ଚଳାଚଳର ଅନ୍ୟତମ ବଡ଼ ହେବ। ବିଶ୍ୱକୁ ସିଧାସଳଖ ଗେଟ୍‌ୱେ ଖୋଲିବା ସହ ଆଇଟି, ଉତ୍ପାଦନ ଏବଂ ପର୍ଯ୍ୟଟନ ପରି କ୍ଷେତ୍ରରେ ଓଡ଼ିଶାରେ ବିନିଯୋଗ ଉପରେ ଏହାର ବହୁଗୁଣିତ ପ୍ରଭାବ ପଡିବ। ଏହି ବିମାନ ଚଳାଚଳ ଓଡ଼ିଶା ପାଇଁ ନୂତନ ଆଶା ସଞ୍ଚାର କରିଛି। ଏଥିପାଇଁ ରାଜ୍ୟରୁ ଏକ ବୃହତ ପ୍ରତିନିଧି ଦଳ ଦୁବାଇ ଅଭିମୁଖେ ଯାତ୍ରା କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ବିମାନ ଚଳାଚଳ ପାଇଁ ସମସ୍ତ ସୁବିଧା ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭାରତ ସରକାର ଓ ବିଶେଷକରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମ ୮ଟି ଟିକେଟ ମିଶନ ଶକ୍ତି ମହିଳା, ଖେଳାଳି, ଜନଜାତି ନେତା ଓ କଳାକାରଙ୍କୁ ପ୍ରଦାନ କରିଥିଲେ। ସେମାନେ ହେଲେ ସୁନ୍ଦରଗଡ଼ ଏସ୍‌ଡିସି ଚେୟାରପର୍ସନ ବିନୟ କୁମାର ଟପ୍ପୋ, କେନ୍ଦୁଝର ଏସ୍‌ଡିସି ଚେୟାରପର୍ସନ ଲକ୍ଷ୍ମୀ ନାୟକ, କୋରାପୁଟ ଡିଏଲ୍‌ଏଫ୍ ସଭାପତି ଜ୍ୟୋତିରେଖା ଟେଙ୍ଗୀ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଫୁଟବଲ ଖେଳାଳି ଅନୁରାଧା ବିଶ୍ୱାଳ, ସୁଟର୍ ଶ୍ରୀୟଙ୍କା ଷଡ଼ଙ୍ଗୀ, ଯାଜପୁର ସରକାରୀ ପଲିଟେକ୍‌ନିକ୍‌ର ଛାତ୍ର ବଳରାମ ରାଉତ ଓ ରାଉରକେଲା ସରକାରୀ ଆଇଟିଆଇ ଛାତ୍ର ହିମାଂଶୁ ସାହୁ।



ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଯାତ୍ରା ପାଇଁ ଶନିବାର ନବୀନ ନିବାସଠାରେ ଟିକେଟର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

- ମିଶନ୍‌ଶକ୍ତି ଓ ବିଭିନ୍ନ ବର୍ଗଙ୍କୁ ପ୍ରଥମ ୮ଟି ଟିକେଟ୍ ପ୍ରଦାନ
- ୨ ସପ୍ତାହ ମଧ୍ୟରେ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ଉଡ଼ିବ ବିମାନ

ଦୁବାଇକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହେବାର ୨ ସପ୍ତାହ ମଧ୍ୟରେ ସିଙ୍ଗାପୁର ଓ ବ୍ୟାଙ୍କକକୁ ଅନ୍ତର୍ଜାତୀୟ ବିମାନ ଚଳାଚଳ କାର୍ଯ୍ୟ ଆରମ୍ଭ ହେବ। ଏହାଦ୍ୱାରା ଭୁବନେଶ୍ୱର ସଂଯୋଗୀକରଣର ଏକ ବଡ଼ ହବ୍ ହେବା ସହ ପର୍ଯ୍ୟଟକ, ନିବେଶକ ସମ୍ପ୍ରଦାୟ ତଥା ସେହି ଅଞ୍ଚଳରେ କାର୍ଯ୍ୟ କରୁଥିବା ଓଡ଼ିଆ ଲୋକଙ୍କ ପାଇଁ ନିରାପଦ ତଥା ସୁଲଭ ଯାତ୍ରାର ସୁଯୋଗ ସୃଷ୍ଟି କରିବ। ଇଣ୍ଡିଗୋ ଏୟାରଲାଇନ୍ସ ଏହି ତିନୋଟି ଗୁରୁତ୍ୱପୂର୍ଣ୍ଣ ଗେଟ୍‌ୱେକୁ ସିଧାସଳଖ ବିମାନ ସେବା ଯୋଗାଇବ। ଚୁକ୍ତି ଅନୁଯାୟୀ, ଇଣ୍ଡିଗୋ ଏୟାରଲାଇନ୍ସ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସପ୍ତାହରେ ୩ଥର ଦୁବାଇକୁ ସିଧାସଳଖ ବିମାନ ଚଳାଚଳ କରିବ। ତେବେ ଉଦ୍‌ଘାଟନୀ ଟିକେଟ ମୂଲ୍ୟ ଗୋଟିଏ ପାର୍ଶ୍ୱ ଯାତ୍ରା ପାଇଁ ୧୦ହଜାର ଥିବାବେଳେ ରାଉଣ୍ଡ୍ ଯାତ୍ରା ପାଇଁ ୨୦ ହଜାର ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ୫ଟି ସଚିବ ଭି.କେ. ପାଣ୍ଡିଆନ୍, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀଙ୍କ ସମେତ ବିମାନ ବନ୍ଦର ଏବଂ ଇଣ୍ଡିଗୋ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩୫,୭୬୦ କୋଟିର ୫ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

## ସୃଷ୍ଟିହେବ ୩୮ ହଜାର ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୧।୪ (ବ୍ୟୁରୋ)

ରାଜ୍ୟ ସରକାର ୫ଟି ଶିଳ୍ପ ପ୍ରକଳ୍ପକୁ ଶନିବାର ମଞ୍ଜୁରୀ ଦେଇଛନ୍ତି। ୩୫,୭୬୦ କୋଟି ଟଙ୍କାର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହାଇଲେଭଲ କ୍ଲିୟରାନ୍ସ ଅଥରିଟି ବୈଠକରେ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୩୮,୧୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଗତବର୍ଷ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ରେ ଆସିଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଏହି ୫ଟି ପ୍ରକଳ୍ପକୁ ସରକାର ସବୁଜ ସଙ୍କେତ ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର ଓ କେନ୍ଦୁଝରରେ ପ୍ରତିଷ୍ଠା ହେବ। ମଞ୍ଜୁର ହୋଇଥିବା ପ୍ରୋଜେକ୍ଟଗୁଡ଼ିକ ମଧ୍ୟରେ ରହିଛି ୨ଟି ଇସ୍ପାତ ପ୍ରକଳ୍ପ, ଗୋଟିଏ ଗ୍ରୀନ୍ ଏନର୍ଜି ପ୍ରକଳ୍ପ, ଗୋଟିଏ ରସାୟନ ପ୍ରକଳ୍ପ ଓ ଗୋଟିଏ ବୟନ ଶିଳ୍ପ ପ୍ରକଳ୍ପ।

ଢେଙ୍କାନାଳରେ ଓ୍ୱାରି ଏନର୍ଜି ଲିମିଟେଡ୍ ଆଇଟି ଏବଂ ଇଏସ୍‌ଡିଏମ୍ ଏବଂ ଗ୍ରୀନ୍ ଏନର୍ଜି ଇକ୍ୟୁପମେଣ୍ଟ ଶିଳ୍ପ ପ୍ରତିଷ୍ଠା କରିବ। ଏଥିରେ ୨୫ ହଜାର କୋଟି ଟଙ୍କା ନିବେଶ ହେବାକୁ ଥିବାବେଳେ ୧୪ ହଜାର ନିଯୁକ୍ତି ସୃଷ୍ଟି ହେବ। ଭଦ୍ରକରେ ଏମ୍‌ସିପିଆଇ ପ୍ରାଇଭେଟ ଲିମିଟେଡ୍ ଟେକ୍ସଟାଇଲ ପାର୍କ ନିର୍ମାଣ କରିବ। ଏଥିରେ ୨,୨୨୩ କୋଟି ୨୫ ଲକ୍ଷ ଟଙ୍କା ପୁଞ୍ଜିନିବେଶ ହେବ। ୧୧୫୦ ଜଣଙ୍କୁ ମିଳିବ ନିଯୁକ୍ତି ସୁଯୋଗ। ସେହିପରି କେନ୍ଦୁଝରରେ କାସବି ପାଓ୍ୱାର ଆଣ୍ଡ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ୧୬ ଶହ କୋଟି ନିବେଶରେ ଇସ୍ପାତ ପ୍ରକଳ୍ପ କରିବ। ଏଥିରେ ୩,୫୦୦ ଲୋକ ନିଯୁକ୍ତି ପାଇବେ। କେନ୍ଦୁଝରରେ ସୁପର ସ୍ମେଲଟର କମ୍ପାନୀ ୫,୪୩୬ କୋଟି ୧୦ ଲକ୍ଷ ଟଙ୍କା ବିନିଯୋଗରେ ଇସ୍ପାତ କାରଖାନା କରିବ। ଏଥିରେ ୧୯ ହଜାର ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ପାରାଦୀପଠାରେ ଆଇଭିଏଲ ଧୁନସେରୀ ପେଟ୍ରୋକେମ୍ କମ୍ପାନୀ ୧୫୦୦ କୋଟି ଟଙ୍କା ବିନିଯୋଗରେ କେମିକାଲ ପ୍ଲାଣ୍ଟ କରିବ। ଏଥିରେ ୪୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା କୁକୁର ଯୋଗୁ ବର୍ତ୍ତିଲେ ସ୍ତ୍ରୀ ଓ ସମ୍ପର୍କୀୟ

**କେନ୍ଦୁଝର, ୧।୪ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଦଳେଇବନ୍ଧ ଜଙ୍ଗଲ ରାସ୍ତାରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କୁ ଗୋଠଛଡ଼ା ଦନ୍ତାହାତୀ କଚାଡ଼ି ମାରିଦେଇଛି। ଅନ୍ୟ ୨ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ଘଟଗାଁ ବ୍ଲକ୍ ବିନିଦା ପଞ୍ଚାୟତ ଫୁଲଝର ଗ୍ରାମର ବାମି ନାଏକ(୬୦)। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାମିଙ୍କ ଗୋରୁ ଗୁରୁବାର ଘଟଗାଁ ରେଞ୍ଜ ମାନପୁର ଜଙ୍ଗଲକୁ ଚରିବାକୁ ଯାଇ ଫେରି ନ ଥିଲେ। ଶୁକ୍ରବାର ବାମି ତାଙ୍କ ସ୍ତ୍ରୀ ସୁବା ନାଏକ (୫୭) ଓ ସମ୍ପର୍କୀୟ ପୁକ ନାଏକ (୫୬)ଙ୍କ ସହ ଗୋରୁ ଖୋଜିବାକୁ ଯାଇଥିଲେ। ରାତିରେ ମାନପୁରରେ ରହି ଶନିବାର ସକାଳେ ଗାଈ ଧରି ଫେରୁଥିଲେ। ବାଟରେ ଦଳେଇବନ୍ଧ ଜଙ୍ଗଲ ରାସ୍ତାରେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଗୋଠଛଡ଼ା ଦନ୍ତାଟି ବାମିଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ପରେ ଅନ୍ୟ ଦୁଇ ଜଣଙ୍କୁ ଆକ୍ରମଣ କରିବାକୁ ଧାଇଁ ଆସିଥିଲା। ଏହି ସମୟରେ ସେମାନଙ୍କ ସହିତ ଯାଇଥିବା କୁକୁର ଭୁକିବାରୁ ହାତୀ ସେମାନଙ୍କୁ ଛାଡ଼ି କୁକୁରକୁ ଗୋଡ଼ାଇଥିଲା। ଫଳରେ ୨ ଜଣ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ପାଟି ଶୁଣି ଆଖପାଖରେ ଥିବା ଲୋକେ ଧାଇଁ ଆସିଥିଲେ। ଗୁରୁତର ଅବସ୍ଥାରେ ବାମିଙ୍କୁ ଉଦ୍ଧାରକରି ପ୍ରଥମେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ରେଞ୍ଜର ବିଜୟ କୁମାର ମହାନ୍ତ ଓ ଅନ୍ୟ ବନ କର୍ମଚାରୀମାନେ ପହଞ୍ଚି ହରିଚନ୍ଦନପୁର ପୋଲିସକୁ ଖବର ଦେଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଗାଁ ରେଞ୍ଜ ପକ୍ଷରୁ ମୃତକଙ୍କ ସ୍ତ୍ରୀ ସୁବାଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ତଦନ୍ତ ପରେ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବ। ହାତୀଟି ସଦର ରେଞ୍ଜରୁ ଆସିଥିବା ଘଟଗାଁ ରେଞ୍ଜର ପ୍ରଭାତ କୁଅଁର ପ୍ରକାଶ କରିଛନ୍ତି।

# ୧୦ଦିନରେ ଭାଙ୍ଗିଗଲା ମିନି ଷ୍ଟାଡିୟମ ଗ୍ୟାଲେରି

**ପୂର୍ତ୍ତ ବିଭାଗରେ ଏଭଳି ଭାବେ କାମ ହେଉଛି ଯେ, ଉଦ୍‌ଘାଟନ ହେବାର ସପ୍ତାହେ ମଧ୍ୟ ବିତୁ ନାହିଁ ନିର୍ମାଣ ହୋଇଥିବା ଗ୍ୟାଲେରି ସାମାନ୍ୟ ବର୍ଷାରେ ବି ଭୁଶୁଡ଼ିପଡୁଛି। ଏଭଳି ଏକ ଘଟଣା ବାଙ୍କୀ ମହାବିଦ୍ୟାଳୟରେ ଦେଖିବାକୁ ମିଳିଛି। ନିମ୍ନ ମାନର କାର୍ଯ୍ୟ ଯୋଗୁ ଗତ ୧୦ ଦିନ ତଳେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ମିନି ଷ୍ଟାଡିୟମ ଗ୍ୟାଲେରି ଶନିବାର ସକାଳେ ଭୁଶୁଡ଼ି ପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।**


ଶନିବାର ସକାଳେ ଭୁଶୁଡ଼ି ପଡ଼ିଥିବା ମିନି ଷ୍ଟାଡିୟମ ଗ୍ୟାଲେରି

## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ

- ବିଧାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ ଉଚ୍ଚଶିକ୍ଷା ମନ୍ତ୍ରୀ
- ନିମ୍ନମାନର କାର୍ଯ୍ୟରୁ ଏଭଳି ସ୍ଥିତି
- ପୂର୍ବରୁ ଅଭିଯୋଗ ହୋଇଥିଲେ ସୁଦ୍ଧା ଶୁଣିଲେନି ଅଧିକାରୀ


ଜେସିବି ଦ୍ୱାରା ଭାଙ୍ଗି ଯାଇଥିବା ଗ୍ୟାଲେରିକୁ ସଫା କରାଯାଉଛି।

କଟକ ଅଫିସ୍/ବାଙ୍କୀ(ସ୍ୱ.ପ୍ର.), ୧।୪

କଟକ ଜିଲା ବାଙ୍କୀ ଉପଖଣ୍ଡସ୍ଥିତ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ କିଛି ଦିନ ତଳେ ଉଦ୍‌ଘାଟିତ ହୋଇଥିବା ମିନି ଷ୍ଟାଡିୟମ ଗ୍ୟାଲେରି ଶନିବାର ସକାଳେ ଭୁଶୁଡ଼ିପଡ଼ିଛି। ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଷ୍ଟାଡିୟମ ଗ୍ୟାଲେରିକୁ ଗତ ୨୩ତାରିଖରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ନିମ୍ନମାନର ଷ୍ଟାଡିୟମ ଗ୍ୟାଲେରି ତିଆରି କରି ଉପରେ ରଙ୍ଗ ମାରି ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିବାରୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ଗ୍ୟାଲେରି ଭୁଶୁଡ଼ିବାର କିଛି ସମୟ ପରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଏପରି କି ଜେସିବି ଲଗାଇ ମାଟି ଓ ଇଟା ସଫା କରିଦେବାକୁ ଚେଷ୍ଟା କରାଯାଉଥିବାବେଳେ ଲୋକମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଜେସିବି ଫେରିଯାଇଥିଲା। ଏନେଇ ବାଙ୍କୀ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଭଳି ନିମ୍ନମାନର କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ କିପରି ମଞ୍ଜୁରୀ ପ୍ରଦାନ କଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁସାରେ ବାଙ୍କୀ ମହାବିଦ୍ୟାଳୟରେ ଏହି ଷ୍ଟାଡିୟମ ନିର୍ମାଣ ପାଇଁ ୟୁଜିସି ପକ୍ଷରୁ ୨୦୧୧ରେ ୪୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୨୦ଲକ୍ଷ ଟଙ୍କା ଷ୍ଟାଡିୟମ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହି ଅର୍ଥ ଦୀର୍ଘ ଦିନ ପଡ଼ିରହିବା ଫଳରେ କାମ ହୋଇପାରି ନ ଥିଲା। ଗତ ୨ବର୍ଷ ତଳେ ବାଙ୍କୀ କଲେଜ ୨୦ଲକ୍ଷ ଟଙ୍କା ପୂର୍ତ୍ତ ବିଭାଗକୁ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରଦାନ କରିଥିଲା। ଠିକାଦାରଙ୍କ ଜରିଆରେ ଏହି କାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ନ ଥିଲେ ମଧ୍ୟ ଅଧାପନ୍ତରିଆ ଭାବରେ ଗତ ୨୩ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ହେଲେ ବ୍ୟବହାର ହେବା ପୂର୍ବରୁ ଗ୍ୟାଲେରି ଭୁଶୁଡ଼ିପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ବିଭାଗୀୟ ଯନ୍ତ୍ରୀ କେହି ମୁହଁ ଖୋଲୁ ନାହାନ୍ତି। ଏ ସମ୍ପର୍କରେ ବାଙ୍କୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଅଶୋକ ରଣାଙ୍କ କହିବା ହେଲା ବାଙ୍କୀ ମହାବିଦ୍ୟାଳୟରେ କେତେବେଳେ କ'ଣ ଓ କିଏ କାମ କରୁଛି ତାହା କେହି ଜାଣୁ ନାହାନ୍ତି। ଏପରି କି ଟେଣ୍ଡର ପ୍ରକ୍ରିୟାରେ ମଧ୍ୟ ସ୍ୱଚ୍ଛତା ରହୁ ନାହିଁ। ଶାସକ ଦଳର ସମର୍ଥକମାନେ ଠିକା ନେଇ ନିମ୍ନମାନର କାର୍ଯ୍ୟ କରୁଥିବାରୁ ଏଭଳି ସ୍ଥିତି ଉପୁଜୁଛି। ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଆମେ ଷ୍ଟାଡିୟମ ଗ୍ୟାଲେରି ଉଦ୍‌ଘାଟନ ପୂର୍ବରୁ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କୁ ଲିଖିତ ଭାବେ ଜଣାଇଥିଲୁ ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ, ଯାହାର ଆଜି ଫଳ ଭୋଗିବାକୁ ମିଳିଲା ବୋଲି ରଣା କହିଛନ୍ତି। ବାଙ୍କୀ କଲେଜ ଅଧ୍ୟକ୍ଷ କ୍ୟାପ୍‌ଟେନ ଭବାନୀ ପ୍ରସାଦ ହୋତାଙ୍କୁ ପଚାରିବାରେ ସେ କହିଲେ ଷ୍ଟାଡିୟମ ଗ୍ୟାଲେରି ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଠିକାଦାରଙ୍କ ଦ୍ୱାରା କରାଯାଇଥିଲା। ଏପର୍ଯ୍ୟନ୍ତ ଏହି ପ୍ରକଳ୍ପ କଲେଜକୁ ହସ୍ତାନ୍ତର କରାଯାଇ ନାହିଁ ବୋଲି ହୋତା କହିଛନ୍ତି। ଅପରପକ୍ଷରେ ଷ୍ଟାଡିୟମ ଗ୍ୟାଲେରି ନିର୍ମାଣ କରିଥିବା ଠିକାଦାର ନଳିନୀ ମହାନ୍ତିଙ୍କ ମତାମତ ନେବାକୁ ମୋବାଇଲ ନମ୍ବର ୭୭୩୫୮୩୩୭୮୭ରେ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଷ୍ଟାଡିୟମ ଗ୍ୟାଲେରି ଭୁଶୁଡ଼ିବା ଏବଂ ଏହି କାର୍ଯ୍ୟର ତଦାରଖ ପାଇଁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବାଙ୍କୀର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜେଏମ୍ କେୟାର ହସ୍ପିଟାଲକୁ ସିଲ୍ କଲା ସିଏମ୍‌ସି

**ବିଏସ୍‌କେୱାଇ କାର୍ଡ କେଳେଙ୍କାରୀ ମାମଲା**

**୩ଦିନ ମଧ୍ୟରେ କାଗଜ ଦାଖଲ ନିର୍ଦ୍ଦେଶ**

କଟକ ଅଫିସ, ୧।୪

କଟକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ କେଳେଙ୍କାରୀ ମାମଲାରେ ଏକ ହସ୍ପିଟାଲ ସିଲ୍ ହୋଇଛି। ନୂଆବଜାରସ୍ଥିତ ଗୋଶାଳା ରୋଡରେ ଥିବା ଜେଏମ୍ କେୟାର ହସ୍ପିଟାଲକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚଢ଼ାଉ କରାଯାଇଥିଲା। ସମ୍ପୃକ୍ତ ହସ୍ପିଟାଲ ନିକଟରେ ପ୍ଲାନ ଆପ୍ରୁଭାଲ, ଟ୍ରେଡ ଲାଇସେନ୍ସ ଆଦି ନ ଥିବା ଚଢ଼ଉରୁ ଜଣାପଡ଼ିଥିଲା। ଏଥିପାଇଁ ତାହାକୁ ସିଲ୍ କରାଯାଇଛି। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ମଧୁପାଟଣା ଥାନା ପୋଲିସ ଉପସ୍ଥିତ ରହି ଏହି ହସ୍ପିଟାଲକୁ ସିଲ୍ କରିଛନ୍ତି। ତେବେ ଆବଶ୍ୟକୀୟ କାଗଜପତ୍ର ଦେଖାଇବା ପରେ ହିଁ ହସ୍ପିଟାଲ ଖୋଲାଯାଇପାରିବ। ଏଥିପାଇଁ ହସ୍ପିଟାଲକୁ ୩ଦିନ ସମୟ ପ୍ରଦାନ କରାଯାଇଛି। ଯଦି ଉକ୍ତ ସମୟ ମଧ୍ୟରେ ହସ୍ପିଟାଲ ପକ୍ଷରୁ ସିଏମ୍‌ସି ନିକଟରେ କାଗଜପତ୍ର ଦାଖଲ କରା ନ ଗଲା ତେବେ ହସ୍ପିଟାଲ ସେହିଭଳି ବନ୍ଦ ରହିବ ବୋଲି ଡେପୁଟି କମିଶନର କହିଛନ୍ତି।

ପ୍ରକାଶଥାଉ କି, ଚିକିତ୍ସାରେ ଅବହେଳା ଅଭିଯୋଗର ତଦନ୍ତ କରିବାକୁ ଯାଇ ମଧୁପାଟଣା ଥାନା ପୋଲିସ ବିଏସ୍‌କେୱାଇ କାର୍ଡ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲା। ଏହି ମାମଲାରେ ଶୁକ୍ରବାର ଘରୋଇ ହସ୍ପିଟାଲର ୨ଜଣ ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ରୋଗୀଙ୍କୁ ଗୋଟିଏ ସ୍ଥାନରେ ଚିକିତ୍ସା କରାଯାଉଥିବାବେଳେ ତାଙ୍କ ନାମ ଅନ୍ୟ ହସ୍ପିଟାଲର ରେକର୍ଡରେ ଦର୍ଶାଇ ବିଏସ୍‌କେୱାଇ ଅର୍ଥ ଉଠାଯାଇଥିଲା। ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ଟଙ୍କା ଉଠେଇବାର ଅଭିଯୋଗ ହେବା ପରେ ଏହି ହସ୍ପିଟାଲ୍‌କୁ ସିଲ୍ କରାଯାଇଛି।




# ୮୮ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ | 'ପୋଲିସ ବିଭାଗର ସାମଗ୍ରିକ ବିକାଶ ହୋଇଛି'

କଟକ ଅଫିସ, ୧।୪

ଓଡ଼ିଶା ପୋଲିସର ୮୮ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ କଟକସ୍ଥିତ ଷଷ୍ଠ ବାଟାଲିୟନ୍ ପରିସରରେ ଶନିବାର ପୂର୍ବାହ୍ଣରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଜିପି ସୁନୀଲ ବଂଶଲ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେମାନଙ୍କ ପରିବାରବର୍ଗଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ। ଜନସାଧାରଣଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ଏବଂ ଉଚ୍ଚକୋଟୀର କର୍ତ୍ତବ୍ୟନିଷ୍ଠା, ସାଧୁତା ତଥା ଉତ୍ସର୍ଗୀକୃତ ମନୋଭାବ ପ୍ରଦର୍ଶନ କରିବାକୁ ଡିଜିପି ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ଓ ବଳିଷ୍ଠ ନେତୃତ୍ୱ ଯୋଗୁ ପୋଲିସ ବିଭାଗର ସାମଗ୍ରିକ ବିକାଶ ହୋଇଛି। ନୂତନ ଥାନା, ଫାଣ୍ଡି ଏବଂ ପଦପଦବୀ ସୃଷ୍ଟି କରାଯାଇ ପୋଲିସର ମନୋବଳ ବୃଦ୍ଧି କରାଯାଇଛି। ପୋଲିସ ବିଭାଗରେ ଏସ୍‌ଆଇ, ଏଏସ୍‌ଆଇ ଏବଂ କନ୍‌ଷ୍ଟେବଲ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଆଗାମୀ ଦିନରେ ଆଇନଶୃଙ୍ଖଳା ରକ୍ଷା, ଅପରାଧ ଦମନ, ମାଓବାଦୀଙ୍କ ମୁକାବିଲା ସହ ସମସ୍ତଙ୍କ ସହଯୋଗରେ ଓଡ଼ିଶା ପୋଲିସକୁ ଏକ ନୂତନ ଶିଖରରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରହିବ। ପୋଲିସ ବିଭାଗରେ ମୋ ସରକାର ଏବଂ ୫-ଟି ଯୋଜନା ଭଲରେ କାର୍ଯ୍ୟକାରୀ ହେଉଛି ବୋଲି ଡିଜିପି କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଆର୍.କେ. ଶର୍ମା ପାଠ କରିଥିଲେ।


କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ପରେଡ୍‌ରେ ଡିଜିପି ସୁନୀଲ ବଂଶଲ ଅଭିବାଦନ ଗ୍ରହଣ କରୁଛନ୍ତି।

ରାଜ୍ୟରେ ବିଭିନ୍ନ ସମୟରେ ଅନୁଷ୍ଠିତ ଉପନିର୍ବାଚନ, ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏବଂ ନିକଟରେ ଶେଷ ହୋଇଥିବା ହକି ବିଶ୍ୱକପ୍‌ର ସୁପରିଚାଳନାରେ ପୋଲିସ ବାହିନୀ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କରିଥିବାରୁ ଡିଜିପି ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲ, ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧ ଶାଖା) ବିଭୁ ରଞ୍ଜନ ସୁନ୍ଦରାୟ, ଶ୍ରେଷ୍ଠ ଇନ୍ସପେକ୍ଟର ସ୍ପେଶାଲ ବ୍ରାଞ୍ଚ୍(ଏସ୍‌ଆଇଡବ୍ଲ୍ୟୁ) ସନ୍ତୋଷ କୁମାର ସାହୁ, ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର କମଳାକାନ୍ତ ଦାସ, ଏସ୍‌ଓଜିର ଶ୍ରେଷ୍ଠ ଟିମ୍ ଲିଡର ଏସ୍‌ଆଇ (ଆର୍ମଡ) ଗିରିଶ ଚନ୍ଦ୍ର ମାଝି, ଶ୍ରେଷ୍ଠ ଏଏସ୍‌ଆଇ ସୁଶାନ୍ତ କୁମାର ପଣ୍ଡା, ଶ୍ରେଷ୍ଠ ହାବିଲଦାର ଅତୁଲ କୁମାର ବିଶ୍ୱାଳ, ଶ୍ରେଷ୍ଠ ଓଆର କନ୍‌ଷ୍ଟେବଲ୍ ସନ୍ତୋଷ କୁମାର ନାୟକ, ଶ୍ରେଷ୍ଠ ଏପିଆର କନ୍‌ଷ୍ଟେବଲ୍ ନରେନ୍ଦ୍ର ରାଉତ, ଶ୍ରେଷ୍ଠ ଟ୍ରାଫିକ୍ କନ୍‌ଷ୍ଟେବଲ୍ ଶୁଭ୍ରାଂଶୁ ଶେଖର ସାହୁ, ଶ୍ରେଷ୍ଠ ସୁବେଦାର ଇନ୍ସପେକ୍ଟର (ଆର୍ମଡ) ଶ୍ରୀରାମ ପ୍ରଧାନ, ଶ୍ରେଷ୍ଠ ଡେପୁଟି ସୁବେଦାର ସାଗର ପ୍ରସାଦ ଯୋଶୀ, ଶ୍ରେଷ୍ଠ ଏଏସ୍‌ଆଇ(ଆର୍ମଡ) ପି. ଶ୍ୟାମ କୁମାର ବର୍ମା, ଶ୍ରେଷ୍ଠ ହାବିଲଦାର(ଆର୍ମଡ) ମନୋଜ କୁମାର ଜେନା, ଶ୍ରେଷ୍ଠ ସିପାହି ଭାବେ ରମେଶ କୁମାର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଆନୁଷ୍ଠାନିକ ପରେଡ୍‌ରେ ଏସ୍‌ଓଜି ଚନ୍ଦକା ଦଳ ପ୍ରଥମ ଏବଂ ଓଆଇଏସ୍‌ଏଫ୍ ଦଳ ଦ୍ୱିତୀୟ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ପରେଡର ମୁଖ୍ୟ କମାଣ୍ଡର ଅମ୍ରିତ୍‌ପାଲ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନଶୃଙ୍ଖଳା) ଆର୍.କେ. ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।






ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। —ଶ୍ରୀମା

# ଶେଷ ପରିଣତି



ଆକାର ପଟେଲ

ସାଧାରଣତଃ ବିଚାରଧାରାଗୁଡ଼ିକର ଏକ ଶେଷ ପରିଣତି ଅଛି କିମ୍ବା ସେଗୁଡ଼ିକ ଏକ ଈପ୍‌ସିତ ଲକ୍ଷ୍ୟରେ ପହଞ୍ଚିବାକୁ ଚାହାନ୍ତି। ଧର୍ମୀୟ ବିଚାରଧାରାକୁ ନେଇ ଦକ୍ଷିଣ ଏସିଆରେ ବ୍ୟବସ୍ଥା ମାଧ୍ୟମରେ ମାନବଜାତିକୁ ଆଧ୍ୟାତ୍ମିକ ରୂପେ ଆଧୁନିକତା ସହ ଯୋଡ଼ିବା ଲାଗି ଏକ ପ୍ରୟାସ କରାଯାଇଥିଲା। ଏହା ଘଟିଥିଲା ପାକିସ୍ତାନରେ। ପାର୍ଲାମେଣ୍ଟ ବଦଳରେ ଈଶ୍ୱର ଆଧାରିତ ସାର୍ବଭୌମତ୍ୱ ପ୍ରତିଷ୍ଠା କରିବା ଏବଂ ସମ୍ବିଧାନରେ ଧର୍ମକୁ ପ୍ରବେଶ କରାଇବା ଉଦ୍ଦେଶ୍ୟ ଥିଲା ବୋଲି ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ ଅଲି ଖାଁ କହିଥିଲେ। ହେଲେ ଏଭଳି ପରୀକ୍ଷା ସଫଳ ହେଲା ନାହିଁ, କାରଣ ଶେଷ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସେଭଳି କୌଣସି ସ୍ପଷ୍ଟ ପଥ ନ ଥିଲା। କିନ୍ତୁ ଜଣେ ପାକିସ୍ତାନୀ ଭାବେ ସେ ଆଇନ ମାଧ୍ୟମରେ ପାକିସ୍ତାନକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଆଧୁନିକ ଓ ଆଧ୍ୟାତ୍ମିକ ରୂପରେ ଶ୍ରେଷ୍ଠ କରିପାରିଥିଲେ। ଅପରପକ୍ଷେ, ୟୁରୋପରେ ସରକାରଙ୍କ ନଜର କଲ୍ୟାଣକାରୀ ବ୍ୟବସ୍ଥାଗୁଡ଼ିକ ଉପରେ ଅଛି। ସେଠାରେ ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପେନ୍‌ସନ ଯୋଗାଇ ଦିଆଯିବା ସହ ଗରିବ ଓ ବେରୋଜଗାରଙ୍କ ଯତ୍ନ ନିଆଯାଇଛି। ଏହା ହିଁ ହେଉଛି ଶେଷ ଲକ୍ଷ୍ୟ ଯାହା ସେହି ଦେଶଗୁଡ଼ିକ ହାସଲ କରିବାକୁ ଚାହୁଁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସାମରିକ ବଡ଼ିମା ତ୍ୟାଗ କରିଛନ୍ତି ଏବଂ ସେମାନଙ୍କ ଧର୍ମର ପ୍ରାଧାନ୍ୟ ସ୍ଥାପନ କରିବାକୁ ଚାହୁଁନାହାନ୍ତି। ବହୁ ସମୟରେ ୟୁରୋପରେ ସେମାନଙ୍କ ସଂଖ୍ୟାଧିକ ଭୋଟର ବିବିଧତା ସିଦ୍ଧାନ୍ତ ଆଡ଼କୁ ଢଳିବା ଆମେ ଦେଖିପାରିବା। ଏବେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ(ଭାରତୀୟ ହିନ୍ଦୁ ବଂଶୋଦ୍ଭବ), ଆୟର୍ଲାଣ୍ଡର(ମୂଳ ବଂଶ ଖ୍ରୀଷ୍ଟିଆନ), ସ୍କଟ୍‌ଲାଣ୍ଡ(ପାକିସ୍ତାନ ମୁସଲିମ ବଂଶୋଦ୍ଭବ) ଏବଂ ପର୍ତ୍ତୁଗାଲ(ଭାରତୀୟ ଖ୍ରୀଷ୍ଟିଆନ ବଂଶୋଦ୍ଭବ)ର ନିର୍ବାଚିତ ନେତାମାନେ ଆମକୁ ତାହା ଦେଖାଇ ଦେଇଛନ୍ତି। ଆମେ ଏହାକୁ ନେଇ ଗର୍ବ କରୁ। କିନ୍ତୁ ୟୁରୋପୀୟ ଭୋଟରଙ୍କ ଦୃଷ୍ଟିକୋଣରୁ ବିଚାର କଲେ ଏହା ଆଶ୍ଚର୍ଯ୍ୟ ଲାଗେ। ୨୦୨୩ର ଭାରତରେ ଆମମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଜଣେ ଭାରତୀୟ ମୂଳ ସଂଖ୍ୟାଲଘୁଙ୍କୁ ଲୋକପ୍ରିୟ ନେତା ଭାବେ ନିର୍ବାଚିତ କରିବା ଅସମ୍ଭବ ଲାଗୁଛି। କିନ୍ତୁ ବାସ୍ତବତା ଦୃଷ୍ଟିକୋଣରୁ ଅବଶିଷ୍ଟ ବିଶ୍ୱର ଅଧିକାଂଶ ଦେଶ ବେଶ୍ ଆଧୁନିକ ଏବଂ ସେମାନେ କେବଳ ବିଶ୍ୱାସ କିମ୍ବା ସିଦ୍ଧାନ୍ତ ଧାରାରେ ଭୋଟ ଦେଉନାହାନ୍ତି। ୟୁରୋପର ଦେଶୀ ନେତାମାନେ ଏହାର ପୁନରାବୃତ୍ତି କରିବା ସ୍ଥିତିରେ ଅଛନ୍ତି, କାରଣ ଭୋଟରଙ୍କ ନିକଟରେ ସେମାନଙ୍କ ଲୋକପ୍ରିୟତା ଅଛି। ଅଧିକାଂଶ ଭୋଟରଙ୍କ ପାଇଁ ସେଠାରେ ବିବିଧତା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ତାହା ସେମାନଙ୍କ ପାଇଁ ଆକର୍ଷକ ଓ ଆକାଂକ୍ଷୀ।

ଏବେ ଗଣତନ୍ତ୍ରର ଜନ୍ମଦାତା ଆଡ଼କୁ ଯିବା। ବାହାର ଦେଶର ଲୋକମାନଙ୍କ ପାଇଁ ଭାରତ ରାଜନୀତି ଜୀବନ୍ତ ଓ ଜାତିଭିତ୍ତିକ। ଏଠାକାର ଆନୁଗତ୍ୟ ପ୍ରକାଶ କରୁଥିବା ଓ ସନ୍ଦେହୀ ଗୋଷ୍ଠୀ ବହୁ ସମୟରେ ଅନ୍ୟ ସମୁଦାୟ ପ୍ରତି ସିଧାସଳଖ ଘୃଣା ପ୍ରକାଶ କରନ୍ତି। ଏହି ପ୍ରବୃତ୍ତି ଅତି ପୁରୁଣା ଓ ଆମ ଭିତରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କିନ୍ତୁ ଏବକାର ଆଧୁନିକ ସମାଜ ଏହାକୁ ଅଧିକ ପ୍ରକାଶ କରିବାକୁ ସକ୍ଷମ ହୋଇଛି। ଜାତି ଆନୁଗତ୍ୟତାକୁ ଭାରତୀୟ ଗଣତନ୍ତ୍ରରେ ସବୁବେଳେ ଜାତି ମାଧ୍ୟମରେ ନିର୍ଦ୍ଧାରଣ କରାଯାଇଛି। ଏହି ଧାରାରେ ଟିକେଟ ବଣ୍ଟନ ହେଉଥିଲା ଓ ଏବେ ବି ତାହା ଜାରିରହିଛି। ହିନ୍ଦୁତ୍ୱର ଉତ୍‌ଥାନ ଓ ପ୍ରାଧାନ୍ୟ ପୁଣି ଧର୍ମୀୟ ଜାତି ଆନୁଗତ୍ୟର ଧାରା ଭାରତୀୟ ଗଣତନ୍ତ୍ରରେ ଆରମ୍ଭ କରିଛି। କାରଣ ଭାରତ ବିଭାଜନ ପୂର୍ବରୁ ଏହା ଥିଲା। ବିଭାଜନର ମଧ୍ୟ ଏହା ଥିଲା ମୂଳ କାରଣ। ଗାନ୍ଧିଜୀଙ୍କ ବିରୋଧରେ ଜିନ୍ନାଙ୍କ ଅଭିଯୋଗ ଥିଲା ଯେ ଗାନ୍ଧିଜୀଙ୍କର ଅହିଂସା, ସରଳତା ଏବଂ ଶାନ୍ତି ପ୍ରତ୍ୟେକଟି ପାଇଁ ତାଙ୍କ ପାଖରେ ଗୋଟିଏ ଭୋଟ ଥିଲା ଏବଂ ଅନ୍ୟ ସମସ୍ତ ଭୋଟ ନୀତିକୁ ନ ଯାଇ ଧର୍ମ ବା ଜାତିକୁ ଯିବ ବୋଲି ଯାହା ଜିନ୍ନାଙ୍କ ଧାରଣା ଥିଲା ତାହା ସତ ହେଲା। ବିଭାଜନ ପର ରାଜନୀତି ଭାରତରେ ସାମ୍ପ୍ରଦାୟିକ ହୋଇ ରହିଗଲା। ସଂଖ୍ୟାଲଘୁଙ୍କୁ ବଞ୍ଚିତ କରିବା ଓ ବାଦ୍‌ଦେବା ବାସ୍ତବରେ ଏବେ ଯାହା ଅଛି ସେତେବେଳେ ତାହା ଥିଲା। କିନ୍ତୁ ନେହେରୁ ଓ ଇନ୍ଦିରାଙ୍କ କଂଗ୍ରେସ ସରକାର ସମାବେଶୀ ଥିବାରୁ ସାମାଜିକ ବିଭାଜନ ଅଧିକ ହୋଇ ନ ଥିଲା।

ହିନ୍ଦୁତ୍ୱ ସମାବେଶୀ ବ୍ୟବସ୍ଥାକୁ ପରିବର୍ତ୍ତନ କରିଦେଇଛି ଏବଂ ଧର୍ମୀୟ ଦୃଷ୍ଟିକୋଣରୁ ଭାରତ ଏହାର ବ୍ୟବସ୍ଥା ଓ ରାଜନୀତି, ଏହାର ଭାଷା ଓ ଆଚରଣ ଦ୍ୱାରା ବିଭାଜିତ ହୋଇଯାଇଛି। ଭାରତ ପାଇଁ ତାହାର ମାନେ କ'ଣ ତାହା ବିଚାର କରିବାକୁ ପଡ଼ିବ। ଦେଶ କିମ୍ବା ହିନ୍ଦୁମାନଙ୍କ ପ୍ରତି ହିନ୍ଦୁତ୍ୱର ଶେଷ ପରିଣତି ଉପରେ ସେଭଳି ଚିନ୍ତା ପ୍ରକଟ କରାଯାଉନାହିଁ। ହିନ୍ଦୁତ୍ୱ ବ୍ୟବସ୍ଥା ନାଗରିକ, ଖାଦ୍ୟ, ବିବାହ, ଛାଡ଼ପତ୍ର, ବାଛବିଚାର, ନମାଜ ଏବଂ ପୋଷାକ ଉପରେ ବିଭେଦତାପୂର୍ଣ୍ଣ ଓ ପୃଥକୀକରଣ ଆଇନ ତଥା ନୀତିଗୁଡ଼ିକ ଲାଗୁକରିଛି। ଏବକାର ଆଇନଗୁଡ଼ିକ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାରେ ଲାଗିଛି ଓ ଆହୁରି କଠୋର ହୋଇଛି। ୟୁରୋପୀୟ ଦେଶଗୁଡ଼ିକରେ ଭାରତୀୟ ବଂଶୋଦ୍ଭବ ନେତାମାନଙ୍କ ପ୍ରତି ଭୋଟରମାନେ ଯାହା କରିଛନ୍ତି ଭାରତରେ ଭାରତୀୟମାନେ ତାହାର ବିପରୀତ କରୁଛନ୍ତି। ଲୋପ୍ରିୟତାର ଲାଭ ଉଠାଇବା ଲାଗି ଅନ୍ୟ ଭାରତୀୟଙ୍କୁ ଉତ୍ପୀଡନ ଦିଆଯାଉଛି। ତେବେ ଦେଶ ଏଥିରୁ କିଭଳି ଲାଭ ପାଇବ ଏବଂ ବିଶେଷ କରି ଏହା ଭାରତର ଭବିଷ୍ୟତକୁ କିଭଳି ସମୃଦ୍ଧ କରିବ ତାହା ବୁଝିବା କଷ୍ଟକର। ପ୍ରଧାନମନ୍ତ୍ରୀଙ୍କ ସମର୍ଥକମାନେ ଏ ବିଷୟରେ ତାଙ୍କୁ ପ୍ରଶ୍ନ କରିବା ଉଚିତ। ଅନ୍ୟ ଭାରତୀୟଙ୍କୁ ଉତ୍ପୀଡନ ଦିଆଯିବାର ଏବକାର ପର୍ଯ୍ୟାୟ ଦେଇ ଗତିକରିବାରେ ସମର୍ଥକମାନେ ଆନନ୍ଦ ପାଇପାରନ୍ତି, କିନ୍ତୁ ଯଦି ଥରେ ଏଥିରେ ସଫଳତା ହାସଲ କରନ୍ତି ବା ଶେଷ ଲକ୍ଷରେ ପହଞ୍ଚନ୍ତି ତା'ପରେ ପରିଣତି କ'ଣ ହେବ ? ଯେଉଁମାନେ ଉତ୍ପୀଡନକୁ ବିରୋଧ କରୁଛନ୍ତି ସେମାନେ ଏହାର ଉତ୍ତର ଭଲ ଭାବେ ଜାଣନ୍ତି। କାରଣ ଏହା ସ୍ପଷ୍ଟ ଯେ, ଏହା ପରେ ବି ଉତ୍ପୀଡନ ଆହୁରି ଅଧିକ ହେବ। କିନ୍ତୁ ଯେଉଁମାନେ ନୂଆ ଭାରତକୁ ଅମୃତକାଳ ଭିତରକୁ ନେଇଯାଉଛନ୍ତି ବୋଲି କହୁଛନ୍ତି ସେମାନଙ୍କ ମୁହଁରୁ ଏହାର ବିପରୀତ ଶୁଣିବାକୁ ମିଳିବ।

Email:aakar.patel@gmail.com

# ବାଟମାରଣାର ନିଚ୍ଛକ ନମୁନା



ହରିଶଙ୍କର ମିଶ୍ର

୨୦୦୪ ସାଧାରଣ ନିର୍ବାଚନ ପରେ କେନ୍ଦ୍ରରେ ମିଳିତ ସରକାରଙ୍କ ଦ୍ୱାରା ଅଣକୁଶଳୀ ଶ୍ରମିକଙ୍କ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆରମ୍ଭ ହେଲା। ଏବଂ ଅଧିକ ସକ୍ରିୟ ଓ ଉତ୍ତରଦାୟୀ କରିବାକୁ ଏହା ଆଇନ ପରିସରଭୁକ୍ତ ହେଲା। ଦେଶରେ ୧୯୭୭ ମସିହାରେ ପ୍ରଥମ ଅଣକଂଗ୍ରେସ ସରକାର ଗଠନ ପରଠାରୁ ଅଣକୁଶଳୀ ସମେତ ବିବିଧ ବର୍ଗର ଯଥା ବିଡ଼ି ଓ କେନ୍ଦୁପତ୍ର ଶ୍ରମିକ, ଗୋଟି ଶ୍ରମିକ, ଖଣି ଶ୍ରମିକ, କୁଶଳୀ ଏବଂ ଅତି କୁଶଳୀ ତଥା ପାରମ୍ପରିକ ଓ ପରେ ନିର୍ମାଣ ଏବଂ କୃଷି ଶ୍ରମିକଙ୍କ ପାଇଁ ହୋଇଥିବା ଯୋଜନାରେ ସାମିଲ କଲେ ତା'ର ସଂଖ୍ୟା ଶତାଧିକ ଓ ଉପକୃତ ଶ୍ରମିକଙ୍କ ସଂଖ୍ୟା ବହୁକୋଟି ହେବ। ବିଗତ ୪୬ ବର୍ଷର ଯୋଜନାକୁ ତର୍ଜମା କଲେ ଜଣାଯାଏ ଯେ ସରକାର ବଦଳିଲେ ଯୋଜନାର ନାମ ବଦଳିଥାଏ। ଏବଂ ଯୋଜନା ସକ୍ରିୟ ଥିବାବେଳେ ସଫଳତା କେବଳ କାଗଜରେ ସୀମିତ ରହେ। ଏହା ସମସ୍ତେ ଜାଣନ୍ତି ଯେ ରାଜ୍ୟର ପ୍ରତ୍ୟେକ ଯୋଜନାରେ ହିତାଧିକାରୀ ଚୟନ ରାଜନୈତିକ ପ୍ରଭାବରେ ଏବଂ ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟ ନିର୍ବାଚିତ ବ୍ୟକ୍ତିଙ୍କ ଅନୁଗତ ଠିକାଦାର ବା ସ୍ଥାନୀୟ ଦଲାଲ ଓ ଅସାଧୁ ସରକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ହୋଇଥାଏ। ଏହି ଯୋଜନା ଆରମ୍ଭରୁ ଅଣକୁଶଳୀ ଶ୍ରମିକଙ୍କୁ ବାର୍ଷିକ ୧୦୦ ଦିନର କାମ ଦେବା ପାଇଁ ଲକ୍ଷ୍ୟ ଥିବାରୁ ମାଟିରାସ୍ତା ନିର୍ମାଣ ଓ ପୋଖରୀ ଖନନରେ ସୀମିତ ଥିଲା। କିନ୍ତୁ ନିୟମାବଳୀରେ ଶ୍ରମିକଙ୍କୁ ପାନୀୟ ଜଳଯୋଗାଣ, ଔଷଧ, କାର୍ଯ୍ୟସ୍ଥଳୀରେ ଅସ୍ଥାୟୀ ବିଶ୍ରାମ ଗୃହ, ଏକ ତୃତୀୟାଂଶ ମହିଳା ଶ୍ରମିକ ନିୟୋଜନ ଏବଂ ତାଙ୍କ ଶିଶୁଙ୍କ ପାଇଁ ସହାୟକ ଓ ଖେଳଣା, ମାଟିର ନମୁନା ପ୍ରଦର୍ଶନର ଅଜବ ନିର୍ଦ୍ଦେଶ ଥିଲା। ଏହି ଯୋଜନାରେ ପଞ୍ଜୀକୃତ ଶ୍ରମିକ ଆବେଦନ କଲେ ବିଡିଓ ତାଙ୍କୁ କାର୍ଯ୍ୟ ଯୋଗାଇ ଦେବା ଏବଂ ଶ୍ରମିକଙ୍କ ମଜୁରି ପ୍ରତି ସପ୍ତାହରେ ବ୍ୟାଙ୍କ ସଞ୍ଚୟ ଖାତାରେ ଜମା କରାଯିବ ପାଇଁ ନିୟମ ବଳବତ୍ତର ରହିଛି। କିନ୍ତୁ ଅନୁଦାନ ବଢ଼ିବାରେ କୃଷି, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ, ଓ ଜଙ୍ଗଲ ବିଭାଗକୁ ଏହା ସମ୍ପ୍ରସାରିତ ହୋଇଛି।

ଏହି ଯୋଜନାର ସଫଳତା ପାଇଁ ଅନେକ ପଦବୀ ସୃଷ୍ଟି ଓ ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ଯୋଗୁ ଅଘୋଷିତ ପିସି ପରିମାଣ ମଧ୍ୟ ବଢିବା ସ୍ୱାଭାବିକ। କାରଣ କୁଆ ସଂଖ୍ୟା ବଢିଲେ ହେଁସରୁ ଧାନ କମିବା ଯେପରି ସତ୍ୟ ସେପରି ପିସି, କୌଣସି ତର୍କ ବା ସ୍ପଷ୍ଟୀକରଣ ନୁହେଁ ବରଂ ପଦବୀଭିତ୍ତିକ ଅଲିଖିତ ଦାବି ଏବଂ ବାଧ୍ୟବାଧକତାର ନିୟମିତ ଧାରା ହୋଇସାରିଛି। ଅନୁଭବୀମାନେ ଜାଣନ୍ତି ଯେ ଆମର ବାସ୍ତବ କାର୍ଯ୍ୟର ମାନ ଗୁଣ ଆର୍ଥିକ ପରିମାଣ ସହ ସରକାରୀ ନଥିଭୁକ୍ତ ତଥ୍ୟରେ ଅନେକ ତଫାତ ଥାଏ।



ବିଗତ ବର୍ଷରେ କେନ୍ଦ୍ର ସରକାର ଅଣକୁଶଳୀ ଶ୍ରମିକଙ୍କ ପାଇଁ ଶସ୍ୟ ବଦଳରେ କାର୍ଯ୍ୟ ଯୋଜନା କରିଥିଲେ ବି ଯୋଗାଇ ଥିବା ରିହାତି ଦରର ଚାଉଳ ଗହମକୁ ଶ୍ରମିକଙ୍କ ମଜୁରି ସହ ମୋରମ,ପଥର ମୂଲ୍ୟ ଓ ପରିବହନ ପାଇଁ ମଧ୍ୟ ଉପଯୋଗ କରାଯାଉଥିଲା। ଫଳତଃ ଶ୍ରମିକ ପରିବର୍ତ୍ତେ କିଛି ଦଲାଲ ଦି'ଗୁଣା ଲାଭ ପାଉଥିଲେ। ନିୟମକୁ ବାଟବଣା କରିବାର ଦକ୍ଷତା ଯୋଗୁ ଏହି ଯୋଜନାରେ ସଞ୍ଚୟ ଖାତାକୁ ଅର୍ଥ ଯିବା ପୂର୍ବରୁ ମଷ୍ଟରରୋଲରେ ନାମ ଥିବା ଶ୍ରମିକଙ୍କଠାରୁ ସମ୍ପୃକ୍ତ ବ୍ୟାଙ୍କ ସହଯୋଗରେ ଉଠାଣ ଫର୍ମରେ ସ୍ୱାକ୍ଷର ନିଆଯାଇଥାଏ। ପୂର୍ବ ଯୋଜନା ପରି ଏହି ଯୋଜନାରେ ମଧ୍ୟ ବାସ୍ତବ ସ୍ଥିତି ଅପେକ୍ଷା ଶ୍ରମଦିବସ ସୃଷ୍ଟିର ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଛି। ଅଣକୁଶଳୀ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ରାଜ୍ୟ ସରକାର ମୋ ପୋଖରୀ, ମୋ ଗୁହାଳ, ଗ୍ରାମୀଣ ପାର୍କ ଓ ପର୍ଯ୍ୟଟନସ୍ଥଳୀ ବିକାଶ, ଆଦର୍ଶ ପୋଖରୀ, ମତ୍ସ୍ୟଚାଷ, ବିଜୁ ପଞ୍ଚାୟତ ପାଠାଗାର, ଅଙ୍ଗନୱାଡି ଆଦି ଅନ୍ତର୍ଭୁକ୍ତ କରିଥିବାରୁ ବିବିଧ ବର୍ଗର ଶ୍ରମିକ ନିୟୋଜିତ ହେଉଛନ୍ତି। ନିର୍ମାଣ ସାମଗ୍ରୀ ମୂଲ୍ୟ ବି ଦିଆଯାଉଛି। ଏହି ଯୋଜନାର ଶ୍ରମଦିବସ ସୃଷ୍ଟି ମଧ୍ୟ କାଗଜରେ ସୀମିତ ଏଥିରେ ସାମାନ୍ୟ ସନ୍ଦେହ ନାହିଁ। ୨୦୦୬ ମସିହାରୁ ଏଥିପାଇଁ ଅର୍ଥ ବରାଦ ହେଉଛି। କେବଳ ୨୦୧୮-୧୯ରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ସମେତ ୫ଟି ରାଜ୍ୟ ଅଟକଳଠାରୁ ଅଧିକ ଖର୍ଚ୍ଚ କରିଛନ୍ତି। ଆମ ରାଜ୍ୟରେ ବିଗତ ୫ବର୍ଷ ମଧ୍ୟରେ ୩୦ହଜାର କୋଟିରୁ ଅଧିକ ଅର୍ଥ ଏହି ଯୋଜନାରେ ଖର୍ଚ୍ଚ ହୋଇ ୬ ଲକ୍ଷ କାର୍ଯ୍ୟ ହୋଇଥିବା ସରକାରୀ ତଥ୍ୟ ରହିଛି। ସୂଚନା ଯୋଗ୍ୟ ଯେ ରାଜ୍ୟର ସର୍ବାଧିକ ଲୋକ ସୁରଟରେ କାମ କରୁଥିବା ଗଞ୍ଜାମ ଜିଲା ଏଇ ଯୋଜନାରେ ନିୟମିତ ରାଜ୍ୟରେ ପ୍ରଥମ ହେବାସହ ୨୦୨୧-୨୨ମସିହା ପାଇଁ ଦେଶରେ ପ୍ରଥମ ଓ ୨୦୨୨-୨୩ ମସିହା ଲାଗି ତୃତୀୟ ହୋଇଛି।

ଜିଲାରେ ବର୍ଷ ଶେଷ ସୁଦ୍ଧା ୩,୬୧,୫୭,୪୭୦ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ରହିଛି। ଏହି ସଫଳତା ବାସ୍ତବ ପରିବର୍ତ୍ତେ ବ୍ୟବସ୍ଥିତ କାଗଜପତ୍ର ପ୍ରସ୍ତୁତି ଯୋଗୁ ସମ୍ଭବ ଏଥିରେ ମଧ୍ୟ ଦ୍ୱିରୁକ୍ତି ନାହିଁ। ଜିଲାରେ ସର୍ବାଧିକ ବର୍ଷା ହୋଇଥିବା ଦିନ ସର୍ବାଧିକ ଶ୍ରମିକ ନିୟୋଜିତ ହେବା ପରି ଏକ ରୋଚକ ଖବର ଅନୁସନ୍ଧାନ ସାପେକ୍ଷ। ଏହି ଯୋଜନାରେ ରହୁଥିବା ଅସଙ୍ଗତିକୁ ବିଚାର କଲେ ଏହା ଗ୍ରାମୀଣ ଶ୍ରମିକ ନିଶ୍ଚିତ ରୋଜଗାର ଯୋଜନା ପରିବର୍ତ୍ତେ ପାରସ୍ପରିକ ସହଯୋଗଭିତ୍ତିକ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଅର୍ଥ ଲୁଟ ଯୋଜନା ନାମକରଣ ଯଥାର୍ଥ ହେବ। ପ୍ରଥମତଃ ରାଜ୍ୟରେ ସାଧାରଣ ସର୍ବନିମ୍ନ ମଜୁରି ୩୩୩ ଟଙ୍କା ସ୍ଥଳେ ଏହି ଯୋଜନାରେ ୨୨୫ଟଙ୍କା ମଜୁରି ଧାର୍ଯ୍ୟ ହୋଇଛି। ରାଜ୍ୟରେ ଏହି ଯୋଜନାରେ ସକ୍ରିୟ ୭୮ଲକ୍ଷ ୬୦ହଜାର ଶ୍ରମିକଙ୍କ ମଧ୍ୟରୁ ଉପର ଦର୍ଶିତ ଅନ୍ୟ ଶ୍ରମିକ ଭାବେ ବା କୌଣସି ସରକାରୀ ସହାୟତା ପାଉ ନ ଥିବାର ପ୍ରାମାଣିକ ତଥ୍ୟ ନ ଥିବାବେଳେ ପ୍ରକୃତ ଅଣକୁଶଳୀ ଶ୍ରମିକ ସଂଖ୍ୟା ସରକାରଙ୍କ ପାଖରେ ଉପଲବ୍ଧ ନ ଥିବା ସ୍ପଷ୍ଟ କରୁଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯାନ୍ତ୍ରିକ ପଦ୍ଧତିର ବ୍ୟାପକ ପ୍ରୟୋଗ ବେଳେ ଶ୍ରମ ଦିବସ ସୃଷ୍ଟିର ଉଦ୍ଭଟ ପରିକଳ୍ପନା କରାଯାଇଛି।ଏହି ଯୋଜନାରେ ମେଶିନ ଦ୍ୱାରା କାମ ହେଉଥିବାର ଅଭିଯୋଗ ବିଭିନ୍ନ ଗଣମାଧ୍ୟମରେ ନିୟମିତ ପ୍ରକାଶ ପାଉଛି। ଏହା ସତ୍ୟ ଯେ ସରକାରୀ ନିର୍ଦ୍ଧାରିତ ଦରରେ ମେଶିନ ଦ୍ୱାରା ମାଟି ଖୋଳା ପାଇଁ ୨ ଲକ୍ଷ ଟଙ୍କା ଖର୍ଚ୍ଚ କଲେ ୭୨୦୦ ଘନ ମିଟର ମାଟି କାମ ହୋଇପାରିବ। ସେହି ମାଟି କାମର ମୂଲ୍ୟ ଏହି ଯୋଜନାରେ ୯ ଲକ୍ଷରୁ ଅଧିକ ଏବଂ ଶ୍ରମ ଦିବସ ୪ ହଜାରରୁ ଅଧିକ ଦର୍ଶାଯାଇ ବଳକା ୭ ଲକ୍ଷ ଟଙ୍କାରୁ ନିର୍ଦ୍ଧାରିତ ପିସି ସହ ସମ୍ପୃକ୍ତ କରାଯାଇଥିବା ଶ୍ରମିକଙ୍କୁ ଫଳେ ପୁଷ୍ପେ କିଛି ପ୍ରଦାନ କଲେ ସଭିଏ ଖୁସି ଓ ଯୋଜନା ସଫଳ ହେଉଥିବାରୁ ସିଂହ ଭାଗ ବାଟମାରଣା ହେଉଛି। ଏହା କେବଳ ଗୋଟିଏ ନମୁନା। କିନ୍ତୁ ଏହାକୁ ଅଧିକ ସ୍ୱଚ୍ଛ ଦର୍ଶାଇବାକୁ ଯେଉଁ ସାମାଜିକ ସମୀକ୍ଷା କରାଯାଉଛି ତାହା ବି କାଗଜରେ ସୀମିତ। ଏହା ମଧ୍ୟ ଅସତ୍ୟ ହୋଇ ନ ପାରେ ଯେ ଯୋଜନାର ଆରମ୍ଭରୁ ଏ ପର୍ଯ୍ୟନ୍ତ ଅନେକ ପୋଖରୀ ଏକାଧିକ ବାର ଖୋଳାଯାଇଥିବା ବେଳେ ବ୍ୟକ୍ତିଗତ ମାଲିକାନାରେ ଥିବା 'ମୋ ପୋଖରୀ' ହୁଏତ ଖୋଳା ଯାଇନାହିଁ ବା ଏବେ ଲାପତ୍ତା ହୋଇସାରିଛି। ଏହି ଯୋଜନାର ଅନେକ ନଥି ମଧ୍ୟ ନିଖୋଜ ହୋଇଥିବା ଖବର ପ୍ରକାଶ ପାଉଛି। ରାଜ୍ୟରେ କେବଳ ବିଗତ ଦୁଇବର୍ଷରେ ଏଇ ଯୋଜନାରେ ଖର୍ଚ୍ଚ ହୋଇଥିବା ୧୨ ହଜାର କୋଟିରୁ ଅଧିକ ଅର୍ଥରୁ ଶ୍ରମିକମାନେ ପ୍ରକୃତରେ କେତେ ଉପକୃତ ହୋଇଛନ୍ତି ତାହା ତୃତୀୟ ପକ୍ଷ ଦ୍ୱାରା ଅନୁସନ୍ଧାନ କରାଗଲେ ଏଭଳି ଯୋଜନାର ସମାପ୍ତି ଦେଶ ଓ ରାଜ୍ୟର ସ୍ୱାର୍ଥ ପାଇଁ ଜରୁରୀ,ଏହା ନିଶ୍ଚିତ ସ୍ପଷ୍ଟ ହେବ।

୧୧୩-ଗୁଣ୍ଡିଚା ବିହାର, ପୁରୀ
ମୋ- ୭୯୭୮୭୮୫୪୭୮

# 'ମୁନ୍ ଟୁ ମାର୍ସ'ର ମୁଖ୍ୟ

ଆମେରିକୀୟ ମହାକାଶ ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ସର୍ବଦା ନୂଆ ମିଶନରେ ଯାଇ ଦୁନିଆକୁ ନୂତନ ପ୍ରକାରର ଭେଟି ଦେବାକୁ ଯୋଜନା କରିଥାଏ। ଏହାର ସଦ୍ୟତମ ଅଭିଯାନ 'ମୁନ୍ ଟୁ ମାର୍ସ ପ୍ରୋଗ୍ରାମ୍' ଲାଗି କାର୍ଯ୍ୟ ଜୋରସୋରରେ ଚାଲିଛି। ଏଥିଲାଗି ମୁନ୍ ଟୁ ମାର୍ସ ପ୍ରୋଗ୍ରାମ ଅଫିସ୍ ଚନ୍ଦ୍ର ମିଶନରେ ଯାଇ ମଙ୍ଗଳରେ ପ୍ରଥମ ଥର ସକାଶେ ମାନବକୁ ଅବତରଣ କରିବା ଦିଗରେ ନାସାକୁ ସାହାଯ୍ୟ କରିବ ବୋଲି ନାସା ପ୍ରଶାସକ ବିଲ୍ ନେଲ୍‌ସନ ଘୋଷଣା କରିଛନ୍ତି। ଆର୍ଟେମିସ୍ ପ୍ରୋଗ୍ରାମ୍ ମାଧ୍ୟମରେ ନାସା ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଉଦ୍ଦେଶ୍ୟ ରଖିଛି। ଉଲ୍ଲେଖଯୋଗ୍ୟ, ଆର୍ଟେମିସ୍ ପ୍ରୋଗ୍ରାମ୍ ହେଉଛି ରୋବୋଟିକ୍ ଓ ଚନ୍ଦ୍ର ଅନ୍ୱେଷଣ କାର୍ଯ୍ୟକ୍ରମ। ନାସା, ୟୁରୋପିଆନ୍ ସ୍ପେସ୍ ଏଜେନ୍ସି (ଇଏସ୍ଏ), ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି (ଜେଏଏକ୍ସଏ) ଓ କାନାଡିଆନ୍ ସ୍ପେସ୍ ଏଜେନ୍ସି (ସିଏସ୍ଏ)ର ମିଳିତ ଉଦ୍ୟମରେ କରାଯାଉଥିବା ଅଭିଯାନର ଉଦ୍ଦେଶ୍ୟ ହେଉଛି ୧୯୭୨ରେ ଆପୋଲୋ ୧୭ ମିଶନ ପରେ ଚନ୍ଦ୍ରରେ ମାନବର ଉପସ୍ଥିତି ଜାହିର କରିବା। ୧୬ ନଭେମ୍ବର ୨୦୨୨ରେ ଆର୍ଟେମିସ୍ ୧ ପ୍ରେରଣ ହୋଇଥିଲା। ତେବେ ଏପ୍ରିଲ ୩ (ଆସନ୍ତାକାଲି)ରେ ଆର୍ଟେମିସ୍ ୨ ମିଶନରେ ନାସା ପକ୍ଷରୁ ୪ ଜଣ ମହାକାଶଚାରୀଙ୍କ ନାମ ଘୋଷଣା କରାଯିବ। ୨୦୨୪ ଶେଷ ଆଡ଼କୁ ଏମାନେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨୦୨୫ରେ ଆର୍ଟେମିସ୍ ୩ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବ ବୋଲି କୁହାଯାଉଛି, ଯେଉଁଠାରେ ପର୍ଯ୍ୟାପ୍ତ ପାଣି ଓ ବରଫର ରହିଥିବା ବିଶ୍ୱାସ କରାଯାଉଛି। ନାସା ପକ୍ଷରୁ କୁହାଯାଇଛି ଯେ, ସବୁକିଛି ଠିକ୍ ଠାକ୍ ଚାଲିଲେ ଚନ୍ଦ୍ର ଅନ୍ୱେଷଣ ଶେଷ କରି ମହାକାଶଚାରୀମାନେ ଚଳିତ ଦଶନ୍ଧିର ଶେଷ ଆଡ଼କୁ ମଙ୍ଗଳରେ ପାଦ ଥାପିପାରିବେ। ଏଭଳି ଅଭିଯାନକୁ ସଫଳ କରିବା ଲାଗି ସୃଷ୍ଟି କରାଯାଇଥିବା କାର୍ଯ୍ୟାଳୟର ଗୁରୁତ୍ୱ ଯଥେଷ୍ଟ ରହିଛି। ନାସାର ପୂର୍ବତନ ମଧ୍ୟବର୍ତ୍ତିକାଳୀନ ଡେପୁଟି ଆସୋସିଏଟ୍ ଆଡ୍‌ମିନିଷ୍ଟ୍ରେଟର ଥିବା ଭାରତୀୟ ବଂଶୋଦ୍ଭବ ଅମିତ କ୍ଷତ୍ରିୟ ଏବେ 'ମୁନ୍ ଟୁ ମାର୍ସ ଅଫିସ୍'ର ମୁଖ୍ୟ ହେବେ ବୋଲି ଘୋଷଣା ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ଚନ୍ଦ୍ର ଓ ମଙ୍ଗଳରେ ମାନବୀୟ ମିଶନକୁ ସଫଳ କରିବା ଲାଗି ଯୋଜନାଠାରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେ କିଭଳି ଏହି ପଦବୀରେ ପହଞ୍ଚିବାକୁ ସକ୍ଷମ ହେଲେ ସେହି ବିଷୟରେ ଯୁବ ବୈଜ୍ଞାନିକ ତଥା ଇଞ୍ଜିନିୟରମାନେ ଜାଣିବାକୁ ଇଚ୍ଛା ରଖିବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



ଅମିତ କ୍ଷତ୍ରିୟ

ଭାରତୀୟ ବଂଶୋଦ୍ଭବ ଅମିତଙ୍କ ଜନ୍ମ ଆମେରିକା ଇଲିନଏର କୁକ୍ କାଉଣ୍ଟି ଅନ୍ତର୍ଗତ ବ୍ରୁକ୍‌ଫିଲ୍ଡ। ହେଲେ ସେ ଟେକ୍ସାସ୍‌ର କାଟିକୁ ତାଙ୍କ ନିଜ ସହର ଭାବେ ଦର୍ଶାଇଥାଆନ୍ତି। ଆମେରିକାକୁ ପ୍ରଥମ ପିଢ଼ିର ଭାରତୀୟ ପ୍ରବାସୀ ଭାବେ ଯାଇଥିବା ବର୍ଗଙ୍କ ଦାୟାଦ ଭାବେ ଅମିତ ନାସାର ଗୁରୁତ୍ୱପୂର୍ଣ୍ଣ ପଦବୀରେ ପହଞ୍ଚିବା ତାଙ୍କ ପ୍ରତିଭାକୁ ଦର୍ଶାଇଛି। କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିରୁ ଗଣିତରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ଟେକ୍ସାସ ବିଶ୍ୱବିଦ୍ୟାଳୟରୁ ଗଣିତରେ ସ୍ନାତକୋତ୍ତର କରିଥିଲେ। ୨୦୦୩ରେ ସେ ସ୍ପେସ୍ ପ୍ରୋଗ୍ରାମ୍‌ରେ କ୍ୟାରିୟର କରିବାକୁ ଯାଇ ସଫ୍ଟୱେର ଇଞ୍ଜିନିୟର, ରୋବୋଟିକ୍ସ ଇଞ୍ଜିନିୟର ଓ ସ୍ପେସ୍‌କ୍ରାଫ୍ଟ ଅପରେଟର ଭାବେ କାର୍ଯ୍ୟ କରିଥିଲେ। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ ଲାଗି ରୋବୋଟିକ୍ ଆସେମ୍ବ୍ଲିର ସେ ନିଜ ଦକ୍ଷତା ପ୍ରତିପାଦନ କରିବା ପରେ ତାଙ୍କ କ୍ୟାରିୟର ଆଗକୁ ବଢ଼ିଚାଲିଲା। ୨୦୧୪ରୁ ୨୦୧୭ ଯାଏ ସେ ସ୍ପେସ୍ ଷ୍ଟେଶନ ଫ୍ଲାଇଟ୍ ଡାଇରେକ୍ଟର ଭାବେ ଅନ୍ତର୍ଜାତୀୟ ସ୍ତରର ସ୍ପେଶ୍ ଷ୍ଟେଶନ ଲାଗି ଟିମ୍ ପ୍ରସ୍ତୁତ କରି ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିଥିଲେ। ଫଳରେ ୨୦୨୧ରେ ତାଙ୍କୁ ନାସା ମୁଖ୍ୟାଳୟରେ ଏକ୍ସପ୍ଲୋରେଶନ ସିଷ୍ଟମ୍ସ ଡେଭଲପ୍‌ମେଣ୍ଟ ମିଶନ ଡାଇରେକ୍ଟୋରେଟ୍‌ରେ ଅସିଷ୍ଟାଣ୍ଟ ଡେପୁଟି ଆସୋସିଏଟ୍ ଆଡମିନିଷ୍ଟ୍ରେଟର ଭାବେ ଅବସ୍ଥାପିତ ହୋଇଥିଲେ। ଆଜି ସେ ଯେଉଁଠାରେ ପହଞ୍ଚି ଏକ ବୃହତ୍ ଚ୍ୟାଲେଞ୍ଜକୁ ଗ୍ରହଣ କରିଛନ୍ତି, ତାହା ଫଳବତୀ ହେଲେ ତାଙ୍କ ନାମ ବିଶ୍ୱବିଦିତ ହେବା ନିଶ୍ଚିତ। ସ୍ପେସ୍ ପ୍ରୋଗ୍ରାମ୍‌ରେ ନିଜକୁ ଜଡ଼ିତ କରି ସେ ନିରବଚ୍ଛିନ୍ନ ଯାତ୍ରା ବଜାୟ ରଖିଥିବାରୁ ନାସା ଆଉଟ୍‌ଷ୍ଟାଣ୍ଡିଂ ଲିଡରଶିପ୍ ମେଡାଲ ସମେତ ବହୁ ଉଚ୍ଚକୋଟୀର ସମ୍ମାନ ପାଇପାରିଛନ୍ତି। କିନ୍ତୁ ଆର୍ଟେମିଶ୍ ମିଶନ୍‌କୁ ସଫଳ କରିବା ହେଉଛି ତାଙ୍କ ସର୍ବୋଚ୍ଚ ଲକ୍ଷ୍ୟ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପଶ୍ଚିମବଙ୍ଗ କୋଲକାତାରେ ଏଭଳି ରୋଗ ବିଷୟରେ ଜାଣିବାକୁ ମିଳିଛି, ଯେଉଁଥିରେ ଜଣେ ବ୍ୟକ୍ତି ଉଦ୍ଭିଦରୁ ସଂକ୍ରମିତ ହୋଇଛନ୍ତି। ଏହି ରୋଗର ନାମ ହେଉଛି 'କିଲର୍ ପ୍ଲାଣ୍ଟ ଫଙ୍ଗସ', ଯାହା ଉଦ୍ଭିଦରୁ ମଣିଷ ପର୍ଯ୍ୟନ୍ତ ସଂକ୍ରମିତ ହୋଇଥାଏ। କୋଲକାତାରେ ଘଟିଥିବା ଏହି ଘଟଣା ଦୁନିଆର ପ୍ରଥମ । ପ୍ରାପ୍ତ ସୂଚନା ଅନୁଯାୟୀ, କିଲର୍ ପ୍ଲାଣ୍ଟ ଫଙ୍ଗସ ନାମକ ଏହି ରୋଗରେ ଆକ୍ରାନ୍ତ ୬୧ ବର୍ଷ ବୟସ୍କ ବ୍ୟକ୍ତି ଜଣେ ପେସାଦାର ଉଦ୍ଭିଦ ମାଇକ୍ରୋଲୋଜିଷ୍ଟ। ସେ କ୍ଷୟ ହେଉଥିବା ପଦାର୍ଥ, ମୂଷା ଏବଂ ବିଭିନ୍ନ ଉଦ୍ଭିଦର କବକ ଉପରେ ଗବେଷଣା କରୁଥିଲେ। ଏହି ରୋଗର ଲକ୍ଷଣ ବିଷୟରେ କହିବାକୁ ଗଲେ ସଂକ୍ରମିତ ଆକ୍ରାନ୍ତଙ୍କ କଣ୍ଠସ୍ୱରରେ ପରିବର୍ତ୍ତନ ଆସିଥିଲା। ଏହା ସହିତ ତାଙ୍କୁ ଖାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବା ପରେ ତାଙ୍କୁ କୋଲକାତାର ଏକ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସିଟି ସ୍କାନରେ ତାଙ୍କ ବେକରେ ଏକ ପାରାଟ୍ରାଚାଲ କ୍ଷତ ଦେଖିବାକୁ ମିଳିଥିଲା। ପୃଥିବୀରେ ଉଦ୍ଭିଦଠାରୁ ମଣିଷ ପର୍ଯ୍ୟନ୍ତ ଏଭଳି ପ୍ରଥମ ସଂକ୍ରମଣର କାରଣ ହେଉଛି କଣ୍ଡ୍ରୋଷ୍ଟେରିୟମ ପ୍ୟୁରିୟମ ଉଦ୍ଭିଦ। ଏହା ଏକ ଫଙ୍ଗାଲ ଉଦ୍ଭିଦ। ଗବେଷକମାନେ କହିଛନ୍ତି ଯେ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ତାଙ୍କୁ ଆଣ୍ଟି-ଫଙ୍ଗଲ ଔଷଧ ଦିଆଯାଇଥିଲା, ଯେଉଁଥିରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଏପ୍ରିଲ ୧୯୯୮

- ଇସ୍‌ଲାମୀୟ ତୀର୍ଥଯାତ୍ରାରେ ସାଉଦିଆରବ ଯାଉଥିବା ବସ୍‌ଟି ଏକ ଇନ୍ଧନବାହୀ ଟ୍ୟାଙ୍କର ସହ ଧକ୍କା ଲାଗି ଜଳିଯିବା ଫଳରେ ୩୦ ଜଣ ଇରାନୀୟ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।
- ଆମେରିକା ଓ ଅନ୍ୟ କେତେକ ରାଷ୍ଟ୍ରର ମଧ୍ୟସ୍ଥତା କ୍ରମେ ମୁସ୍‌ଲିମ ବିଦ୍ରୋହୀମାନେ ପଣବନ୍ଦୀ ରଖିଥିବା ୧୦୦ରୁ ଊର୍ଦ୍ଧ୍ୱ ତାଜିକ ସରକାରୀ ସୈନ୍ୟଙ୍କୁ ମୁକ୍ତ କରିଦେଇଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | 1 | | 5 |
| | | 6 | | | | | 2 | |
| 2 | | | 7 | | | | 3 | |
| | | 7 | | 9 | | | 6 | |
| | | 4 | 2 | | | 8 | | |
| | | | | | 8 | 5 | | |
| | 3 | | 1 | 2 | | | | 6 |
| | | | | 4 | 7 | | | |
| | | 2 | | 6 | | 7 | 5 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 9 | 3 | 5 | 7 | 1 | 6 | 4 |
| 7 | 5 | 6 | 9 | 1 | 4 | 2 | 8 | 3 |
| 1 | 3 | 4 | 2 | 6 | 8 | 9 | 5 | 7 |
| 2 | 6 | 7 | 1 | 3 | 5 | 4 | 9 | 8 |
| 9 | 1 | 5 | 4 | 8 | 6 | 7 | 3 | 2 |
| 3 | 4 | 8 | 7 | 2 | 9 | 5 | 1 | 6 |
| 4 | 7 | 3 | 8 | 9 | 1 | 6 | 2 | 5 |
| 5 | 8 | 1 | 6 | 7 | 2 | 3 | 4 | 9 |
| 6 | 9 | 2 | 5 | 4 | 3 | 8 | 7 | 1 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଇପାରିବାନି ପାଚିଲା ଆମ୍ବ

ମହାଶୟ,
ଆମ୍ବଗଛରେ ଯେତେ ବଉଳ ଥିଲା ପ୍ରବଳ କୁହୁଡ଼ି ଯୋଗୁ ସବୁ ଉଜୁଡ଼ିଯାଇଛି। ଆମ୍ବ କଷିଟିଏ ଗଛଗୁଡ଼ିକରେ ଦେଖିବାକୁ ମିଳୁନି। ଦୋଳ ପୂନେଇଁରେ ଠାକୁରଙ୍କୁ ଆମ୍ବ କଷି ଲାଗି କରିବା ପାଇଁ ଆଦୌ ମିଳିଲାନି। ଦୋଳବେଦୀ କୁଞ୍ଜରେ ପ୍ରଭୁ ଗଣ୍ଡେଶ୍ୱର ପ୍ରଭୁତ୍ରାଣ ଗୋପୀନାଥ ଦେବ ଆମ୍ବ ପାଇପାରିଲେ ନାହିଁ। ଯେଉଁ କେତେକ ଗଛରେ ଆମ୍ବ ହୋଇଛି ମର୍କଟମାନେ ରଖାଇଦେବେନି। ସେମାନେ କ'ଣ କରିବେ, ସେମାନଙ୍କୁ କିଛି ଆହାର ମିଳୁନି। ଭୋକ ବିକଳରେ ସବୁ କିଛି ସେମାନେ ଖାଇ ଯାଉଛନ୍ତି। ଏହାସହ ଅଦିନିଆ ଝଡ଼ବର୍ଷାରେ ସବୁ ଆମ୍ବ ଝଡ଼ିଯାଉଛି। ଖରାଦିନେ ଆମ୍ବ ଖାଇବାକୁ କାହାକୁ ଭଲ ଲାଗେନା ? ରସୁଆଳ ଆମ୍ବର ସ୍ୱାଦ ଯିଏ ଥରେ ଚାଖିଛି, ସେ ସହଜରେ ଭୁଲି ପାରିବନି। ଓଡ଼ିଶାର ବ୍ରହ୍ମପୁର ବଜାରରେ ଆମ୍ବ ବିଭିନ୍ନ ରକମର ମିଳିଥାଏ। କିନ୍ତୁ ଚଳିତ ବର୍ଷର ସ୍ଥିତି ଯାହା ବଜାରରେ ଦେଶୀ ଆମ୍ବ ମିଳିବାର ସମ୍ଭାବନ କମ୍। ଯାହା ଜଣାପଡୁଛି, ମାଙ୍କଡ଼ଙ୍କ ପ୍ରାଦୁର୍ଭାବରୁ ଏବର୍ଷ ପାଚିଲା ଆମ୍ବ ଖାଇବାକୁ ମିଳିବନି।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### କିରୋସିନ ମୂଲ୍ୟ ହ୍ରାସ ହେଉ

ମହାଶୟ,
ଖାଉଟିମାନଙ୍କୁ ଦିଆଯାଉଥିବା କିରୋସିନ ମୂଲ୍ୟକୁ ହ୍ରାସ କରାଯାଉ। ବହୁ ଗରିବ ତଥା ମଧ୍ୟବିତ୍ତ ପରିବାର ମୂଲ୍ୟ ଅଧିକ ଦେଇ କିଣିପାରୁନାହାନ୍ତି। ଏଥିପ୍ରତି ଯୋଗାଣ ବିଭାଗ ଅଧିକ ସବ୍‌ସିଡି ଦେଲେ ଖାଉଟିମାନେ ଉପକୃତ ହେବେ। ସେହିପରି ଆଦିବାସୀ ବହୁଳ ଅଞ୍ଚଳରେ କିରୋସିନ କିଣିବାକୁ ସେମାନେ ଅକ୍ଷମ। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନିର୍ଦ୍ଧାରିତ ମୂଲ୍ୟ ସର୍ବନିମ୍ନ କରିବା ଆବଶ୍ୟକ।

– ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନ ତଳେ ଦେଖି କଜଳ
ପରାଣ ନାହିଁ ହୁଏ ସଜଳ
କପୋଳ ସ୍ୱେଦ ଶୋଭା ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ବିକଳ।
(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜ୍ଞାନ ପ୍ରକାଶ ପକ୍ଷରୁ ୭ମ ଜାତୀୟ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଆଶ୍ରୟ ଆନୁକୂଲ୍ୟରେ ଆଶ୍ରୟ ସାହିତ୍ୟ ଉତ୍ସବ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୩ଟା।
- ମୋ ଉତ୍କଳ ଦିବସ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ଅପରାହ୍ନ ୪ଟା।
- ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ପ୍ରଥମ ବାର୍ଷିକ ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା ୩୦।
- ଚତୁଃଦିବସୀୟ ଦିବ୍ୟଜୀବନ ସଂଘ ସମ୍ମିଳନୀ, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ଅପରାହ୍ନ ୫ଟା ୩୦।
- ନିଶାମଣି ମିଶ୍ର ଦ୍ୱିତୀୟ ସ୍ମାରକୀ ବକ୍ତୃତାମାଳା, ବୁଦ୍ଧ ମନ୍ଦିର, ୟୁନିଟ୍-୯, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ରନୱେ ୱିକ୍, ୱେଲକମ୍ ହୋଟେଲ, ଡୁମଡୁମା, ସନ୍ଧ୍ୟା ୬ଟା।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଲୋକନୃତ୍ୟ ସୋକସଙ୍ଗୀତ ମହୋତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଗୋପବନ୍ଧୁଙ୍କ ସତ୍ୟବାଦୀ ବାର୍ଷିକ ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ପୂର୍ବାହ୍ନ ୧୦ଟା ୩୦।
- ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ବନ୍ଧୁମିଳନ, ପ୍ରମିଳା ମଣ୍ଡପ, ମଧୁପାଟଣା, ମଧ୍ୟାହ୍ନ ୧୨ଟା।

## ନନ୍ଦନକାନନରେ ବାର୍‌ହା ମୃତ

**ବାରଙ୍ଗ,୧।୪(ଡି.ଏନ୍.ଏ.):** ନନ୍ଦନକାନନର ୧ନମ୍ବର ଫାଟକ ନିକଟ ଏକ କୋଠରିରେ ଥିବା ୨୦ବର୍ଷର ଅଣ୍ଡିରା ବାର୍‌ହାର ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଶନିବାର ସକାଳେ ଜନ୍ତୁ କର୍ମଚାରୀ କୋଠରି ଝାଡୁ କଲାବେଳେ ବାର୍‌ହା ମରିପଡିଥିବାର ଦେଖିଥିଲେ। ମୃତ ବାର୍‌ହାଟି ତିନିଦିନ ହେବ ଅତ୍ୟାଧିକ ଜ୍ୱରରେ ପୀଡ଼ିତ ଥିଲା। ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସକମାନେ ଗତ ଗୁରୁବାର ବାର୍‌ହାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଏକ ଦୂର ତାପମାନ ଯନ୍ତ୍ର(ଡିଷ୍ଟାନ୍ସ ଟେମ୍ପରେଚର ମେସିନ) ଦ୍ୱାରା ଜ୍ୱର ମାପିଥିଲେ। ହେଲେ କୌଣସି ଔଷଧ ଖାଇବାକୁ ଦେଇ ନଥିଲେ। ଫଳରେ ବାରହାଟି ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଛି ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ବାର୍‌ହା କେଉଁ କାରଣରୁ ମୃତ୍ୟୁ ହୋଇଛି ଜାଣିବା ପାଇଁ କର୍ତ୍ତୃପକ୍ଷ ତା'ର ବ୍ୟବଚ୍ଛେଦ କରାଇଛନ୍ତି। ଏହି ବାର୍‌ହାର ମୃତ୍ୟୁ ପରେ ପ୍ରାଣୀଉଦ୍ୟାନରେ ଆଉ ଗୋଟିଏ ମାଈ ବାରହା ରହିଲା। ସୂଚନାଯୋଗ୍ୟ, ପ୍ରାଣୀଉଦ୍ୟାନର ରେପଟାଇଲ ପାର୍କ ପାଖ ୩୭ନମ୍ବର(ଛ) ଖୁଆଡରେ ରହୁଥିଲେ ହଳେ ବାରହା। ଏମାନଙ୍କୁ କୌଣସି କାରଣ ପାଇଁ କର୍ତ୍ତୃପକ୍ଷ ଚାରିବର୍ଷ ହେବ ନନ୍ଦନକାନନ ୧ନମ୍ବର ଫାଟକ ପାଖ ଏକ କୋଠରିରେ ଲୁଚାଇ ରଖିଛନ୍ତି। ଯାହା ଫଳରେ ପର୍ଯ୍ୟଟକ ସେମାନଙ୍କୁ ଦେଖପାରୁନାହାନ୍ତି।

## ବଦଳିଲା ନନ୍ଦନକାନନ, ବଟାନିକାଲ ଖୋଲିବା ସମୟ

**ବାରଙ୍ଗ,୧।୪(ଡି.ଏନ୍.ଏ.):** ନନ୍ଦନକାନନ ଓ ବଟାନିକାଲ ଗାର୍ଡେନର ଖୋଲିବା ସମୟ ବଦଳିଛି। ଏଥର ସକାଳ ସାଢେ ୭ଟାରୁ ଖୋଲିବ ଓ ସାଢେ୫ଟାରେ ବନ୍ଦ ରହିବ। ପୂର୍ବରୁ ୭ଟାରୁ ଖୋଲି ଓ ୫ଟାରେ ଉଭୟ ପାର୍କ ବନ୍ଦ ରହୁଥିଲା। ଶନିବାରଠାରୁ ଉଭୟ ପାର୍କ ଖୋଲିବା ଓ ବନ୍ଦ ରହିବାର ନୂଆ ସମୟ ଲାଗୁ କରାଯାଇଛି। ପ୍ରତିବର୍ଷ ଭଳି ଗ୍ରୀଷ୍ମଋତୁ ସାଙ୍ଗକୁ ଦିନ ବଡ ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ (ବଟାନିକାଲ ଗାର୍ଡେନ) ଶନିବାରଠାରୁ ସକାଳ ସାଢେ ୭ଟାରୁ ଖୋଲି ଓ ସାଢେ୫ଟାରେ ବନ୍ଦ ହେବ ବୋଲି ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ନିୟମ ୨୦୨୩ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଲାଗୁରହିବ। ପୂର୍ବଭଳି ସପ୍ତାହର ପ୍ରତି ସୋମବାର ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଉଭୟ ପାର୍କ ବନ୍ଦ ରହିବ।

# ୧୦୦ ବର୍ଷରେ ଗଢ଼ିବା 'ଶ୍ରେଷ୍ଠ ସଶକ୍ତ ଓଡ଼ିଶା'

### ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ

ଭୁବନେଶ୍ୱର,୧।୪(ବ୍ୟୁରୋ)



ଓଡ଼ିଶା ଦିବସ ସମାରୋହରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।

୧୦୦ ବର୍ଷର ସ୍ୱତନ୍ତ୍ର ଓଡିଶାରେ ଆମେ ଗଢିବା 'ଶ୍ରେଷ୍ଠ ଓଡ଼ିଶା, ସଶକ୍ତ ଓଡ଼ିଶା'। ଓଡିଶା ଦିବସ ଆମର ସାଢେ ଚାରିକୋଟି ଓଡିଆ ଭଉଣୀଭାଇଙ୍କ ସ୍ୱାଭିମାନର ମହୋତ୍ସବ। ଅସ୍ମିତାର ମହୋତ୍ସବ। ଜଣେ ଓଡିଆ ଭାବରେ ଆମ ଗୌରବମୟ ଇତିହାସ, ଆମ ଭାଷା, ଆମ ସାହିତ୍ୟ ଓ ଆମ ସଂସ୍କୃତିକୁ ସାଥିରେ ଧରି ଆମେ ଆଗକୁ ବଢୁଛୁ। ଆମ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ 'ସଶକ୍ତ ଓଡ଼ିଶା' ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଏହି ଅବସରରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଖଲ୍ଲିକୋଟ ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ଓଡିଶାର ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡିଆ ଭାଷା, ସାହିତ୍ୟ, ନୃତ୍ୟ, ସଂଗୀତ ଓ କଳାକୁ ସମୃଦ୍ଧ କରିଥିବା ସ୍ୱନାମଧନ୍ୟ ବ୍ୟକ୍ତିତ୍ୱଙ୍କ ପ୍ରତି ସମ୍ମାନ ଜ୍ଞାପନ କରିଥିଲେ।

ସମାରୋହରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଏବଂ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୧୦୦ ଅଧିକାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ



ଡିଜିପି ଡିସ୍କ ପ୍ରଦାନ ଉତ୍ସବରେ ପଦକଧାରୀଙ୍କ ସହ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର,୧।୪ (ବ୍ୟୁରୋ)

ଚଳିତବର୍ଷ ପାଇଁ ୧୦୦ଜଣ ଓ ୨୦୨୨ ପାଇଁ ୧୫ଜଣ ପୋଲିସ ଅଧିକାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ (ଡିଜିପି ଡିସ୍କ) ମିଳିଛି। ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସରେ ଶନିବାର ସ୍ଥାନୀୟ ପୋଲିସ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ସମସ୍ତ ଅଧିକାରୀଙ୍କୁ ଏହି ପଦକ ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଭୁବନେଶ୍ୱରରେ କାର୍ଯ୍ୟରତ ଭିଜିଲାନ୍ସ ଏସ୍‌ପି ଅନୁପମା ଜେମ୍ସ, ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନୀ, ଭୁବନେଶ୍ୱର ଟ୍ରାଫିକ ଏସ୍‌ପି ସ୍ୱସ୍ତିକ ପଣ୍ଡା, ଖାରବେଳ ନଗର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ରହିଛନ୍ତି। ସେହିପରି କନ୍‌ଷ୍ଟେବଲ ମଞ୍ଜିତ ଲାଲ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଦୀପ୍ତିରଞ୍ଜନ କଅଁର, କନ୍‌ଷ୍ଟେବଲ ପ୍ରିୟବ୍ରତ ବେହେରାଙ୍କୁ 'ସ୍ୱର୍ଗତ ଭ୍ରମରବର ସାହୁ ସ୍ମାରକୀ ସାହସିକତା ପୁରସ୍କାର' ପ୍ରଦାନ କରାଯାଇଥିବା ବେଳେ କନ୍‌ଷ୍ଟେବଲ ହୃଷୀକେଶ ଶବର ଓ ଦୀନେଶ କୁମାର ନାୟକଙ୍କୁ 'ସ୍ୱର୍ଗତ ରାଜେନ୍ଦ୍ର କୁମାର ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜି ଆର୍.କେ. ଶର୍ମା (ଲ ଆଣ୍ଡ୍ ଅର୍ଡର), ଅତିରିକ୍ତ ଡିଜି ସୁଧାଂଶୁ ଷଡଙ୍ଗୀ (ରେଲ୍‌ୱ), ଅତିରିକ୍ତ ଡିଜିପି ଅରୁଣ ବୋଥ୍ରା (କ୍ରାଇମବ୍ରାଞ୍ଚ), ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ୪୨ଘଣ୍ଟା ପରେ ନିଖୋଜ ବାଳକଙ୍କ ମୃତଦେହ ଜବତ

କାକଟପୁର,୧।୪(ଡି.ଏନ୍.ଏ.)

ନିଖୋଜର ୪୨ଘଣ୍ଟା ପରେ ପୁରୀ ଜିଲା କାକଟପୁର ବ୍ଲକ ବାଉରିଆକଣ ଦେବୀ ନଦୀରୁ ଶନିବାର ପୋଲିସ ବାଳକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଲତାହରଣ ଗ୍ରାମର ଏସ୍.କେ ଦାନିବ। ପୋଲିସ ପହଞ୍ଚି ମୃତଦେହକୁ ଚାରିଛକ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦାନିବ ମାର୍ଚ୍ଚ ୨୯ରେ ତାଙ୍କ ୨ ବନ୍ଧୁଙ୍କ ସହ ଦେବୀ ନଦୀକୁ ଗାଧେଇବାକୁ ଯାଇ ଗଣ୍ଡରେ ଭାସିଯାଇଥିଲେ। ଖବର ପାଇ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକ ସେଠାରେ ପହଞ୍ଚି ଦାନିବଙ୍କୁ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ ବାହିନୀ ଓ ପୋଲିସ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ଓଡ୍ରାଫ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ସ୍ଥାନୀୟ ଲୋକ ଶନିବାର ସକାଳ ୭ଟା ୩୦ ସମୟରେ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ୧୫ଫୁଟ ଦୂରରେ କେହି ଜଣେ ଭାସୁଥିବା ଦେଖିଥିଲେ। ଏହା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା।

# 'ପୋଲିସ ନିଷ୍ଠାର ସହ କାମ କରୁ'

ଭୁବନେଶ୍ୱର,୧।୪ (ବ୍ୟୁରୋ)



ପୁରସ୍କୃତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ।

### ୮୮ତମ ପୋଲିସ ପ୍ରତିଷ୍ଠା ଦିବସ

କମିଶନରେଟ ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଶନିବାର ୮୮ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପରେଡରେ କମିଶନରେଟ ପୋଲିସରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଲେ, ଦ୍ୱୈତ ନଗରୀରେ ଆମ ପାଇଁ ସବୁବେଳେ ଚ୍ୟାଲେଞ୍ଜ ରହିଛି। ଅପରାଧ ନିୟନ୍ତ୍ରଣ ହେଉ ଅବା ଆଇନ ଶୃଙ୍ଖଳା, ସୁରକ୍ଷା, ଭିଆଇପି ଭିଜିଟ୍ ଭଳି ପରିସ୍ଥିତିରେ ନିଷ୍ଠାର ସହ କାମ କରିବାର ଆବଶ୍ୟକତା ରହିଛି। ତେଣୁ ପୋଲିସକୁ ସବୁବେଳେ ସମୟାନୁସାରେ ଅତ୍ୟାଧୁନିକ ତଥା ଦକ୍ଷ ହେବାକୁ ପଡିବ। ପୋଲିସ ସମୟ ସହ ତାଳ ଦେଇ ଅପରାଧୀଙ୍କୁ ଧରିବା ପାଇଁ ଟେକ୍ନୋଲୋଜିର ସହାୟତା ନେଉଛି। ପୋଲିସ ଫୋର୍ସର ଆଧୁନିକୀକରଣ ଚାଲିଛି। ତେବେ ପୋଲିସ ଅଧିକରୁ ଅଧିକ ନାଗରିକ କେନ୍ଦ୍ରିକ ହେବା ସହ 'ୱି କେୟାର, ୱି ଡେୟାର' ଆଭିମୁଖ୍ୟ ନେଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉତ୍ତମ ସେବା ପାଇଁ ଏସ୍‌ଆଇ ଜ୍ୟୋତିରଞ୍ଜନ ପରିଡା, ଏଏସ୍‌ଆଇ ବୈକୁଣ୍ଠନାଥ ବେହେରା, ହାବିଲଦାର ଶେଖାୱତ ଅଲ୍ଲୀଖାଁ, କନେଷ୍ଟବଲ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ ଓ ପଞ୍ଚାନନ ଗୌଡ଼ ଏବଂ ଟ୍ରାଫିକ କନ୍‌ଷ୍ଟେବଲ ଶୁଭ୍ରାଂଶୁ ଶେଖର ସାହୁଙ୍କୁ ପୁରସ୍କୃତ କରିଥିଲେ।

## ସେଲ୍‌ଫି କର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନୀଳମାଧବ



@ ବିଶ୍ୱଜିତ୍



@ ରଞ୍ଜିତ



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଓଡ଼ିଶା ଦିବସ ପାଳନ ଅବସରରେ ଭୁବନେଶ୍ୱର ରାଜଭବନ ସମ୍ମୁଖ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ ଏବଂ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।



ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ୍‌ରେ ଶନିବାର ଓଡ଼ିଶା ଦିବସ ପାଳନ ଅବସରରେ ପ୍ରିନ୍ସିପାଲ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଅତିଥିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୪।୨୦୨୩

| | |
|---|---|
| ୪,୯୦,୯୨୮ ଟଙ୍କା | |
| ସୁନା | ୩୮ ଗ୍ରାମ୍ |
| ରୁପା | ୩୫.୯୬୦ ଗ୍ରାମ୍ |

# ‘କଳା, ସଂସ୍କୃତି, ପରମ୍ପରାକୁ ନେଇ ଓଡ଼ିଶା ସମୃଦ୍ଧ’

## ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

**ପୁରୀ ଅଫିସ, ୧।୪:**

ଉତ୍କୃଷ୍ଟ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ମଠ ମନ୍ଦିରକୁ ନେଇ ସମୃଦ୍ଧ ଆମ ଓଡ଼ିଶା। ଭାଷା ଭିତ୍ତିରେ ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ଆଜି ଅନେକ ବିକାଶ ଆମେ ହାସଲ କରିଛନ୍ତି। ଏହି ବିକାଶ ପ୍ରକ୍ରିୟା ଆଗେଇ ନେବାକୁ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଆହ୍ୱାନ ଦେଇଛନ୍ତି। ଶନିବାର ପୁରୀ ସଂସ୍କୃତି ଭବନରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ସଂସ୍କୃତି ପରିଷଦ ପକ୍ଷରୁ ଜିଲାସ୍ତରୀୟ ୮୮ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡ଼ା ଯୋଗଦେଇ ପ୍ରାଚୀନ ଓଡ଼ିଶା, ସ୍ୱତନ୍ତ୍ର ଓଡ଼ିଶା ଓ ଆମମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଓଡ଼ିଶା ଗଠନ ଓ ଇତିହାସ ସମ୍ପର୍କରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଗୁରୁ ବିଜୟ କୁମାର ଜେନା, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ, ଶିକ୍ଷକ ଦିବାକର ଦଳାଇ, ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କରଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ସାଂସ୍କୃତିକ ଦଳ ଓ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ସଂସ୍କୃତି ଭବନରେ ଜିଲା ପ୍ରଶାସନ, ଚାରୁ ଓ କାରୁକଳା ମହାବିଦ୍ୟାଳୟ ଓ ଜନ ଶିକ୍ଷଣ ସଂସ୍ଥାନ ସହଯୋଗରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ଉତ୍ସବରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# ସୀତା ବିବାହ, ପର୍ଶୁରାମ କଳା ହରଣ



ହରଚଣ୍ଡୀ ସାହି ପକ୍ଷରୁ ପର୍ଶୁରାମ ଶ୍ରୀମନ୍ଦିରକୁ ନୀତି ସମ୍ପନ୍ନ ପାଇଁ ଯାଉଛନ୍ତି ।

## ସାହିଯାତର ତୃତୀୟ ଦିବସ

**ପୁରୀ ଅଫିସ, ୧।୪:**

ସମ୍ପ୍ରତି ଶ୍ରୀକ୍ଷେତ୍ରରେ ସାହିଯାତ ଚାଲିଛି। ଶନିବାର ତୃତୀୟ ଦିବସରେ ସୀତା ବିବାହ ସହ ପର୍ଶୁରାମ ଆଗମନ ଓ କଳା ହରଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ ଏବଂ ମା’ ସୀତାଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ପର୍ଶୁରାମ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ତାପଙ୍ଗ ଜାଗାର ମଧୁସୂଦନ ଖୁଣ୍ଟିଆ ପର୍ଶୁରାମ ଚରିତ୍ରରେ ପଟୁଆରରେ ସାହି ଏବଂ ବାଦି ସାହି ପରିକ୍ରମା କରି ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମଙ୍କ ଦ୍ୱାରା ଶିବ ଧନୁ ଭଙ୍ଗ ସହ ସୀତାଙ୍କ ବିବାହ ନୀତି ସମ୍ପାଦନ କରାଯାଇଥିଲା। ଶୀତଳ ଭୋଗ ମଣୋହି ପରେ ଶ୍ରୀମନ୍ଦିରକୁ ଠାକୁର ବାହୁଡ଼ା ବିଜେ କରିଥିଲେ। ସେହିପରି ସକାଳେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ତାପଙ୍ଗ ଯାଗାର ବିଶ୍ୱନାଥ ସୁଆର ପର୍ଶୁରାମ ବେଶରେ ସଜ୍ଜିତ ହୋଇ ଶ୍ରୀମନ୍ଦିର ଯିବା ସହ ଆଠସାହି ପରିକ୍ରମା କରିଥିଲେ। ରାତିରେ ହରଚଣ୍ଡୀ ସାହି ପକ୍ଷରୁ ପକ୍ଷରୁ ଯାତ ବାହାରି ସାଥି ସାହି ବା ବାଦି ସାହିକୁ ଯାଇଥିଲା। ପଟୁଆରରେ ସହସ୍ରାର୍ଜୁନ, ଦୁର୍ଗା ମେଢ଼, ଦଶ ଅବତାର, ନାଗା, କାଳୀ ମେଢ, ଛିନ୍ନମସ୍ତା ମେଢ, ପାଇକ ଆଖଡ଼ା, ମାଲଖମ୍ବ ପିରାମିଡ, ବନାଟି, ଖଣ୍ଡା ପ୍ରଦର୍ଶନ ଆଦି ସମରକଳା ସହ ବିଭିନ୍ନ ମେଢ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସାହି ଯାତର ଚତୁର୍ଥ ଦିବସରେ ରବିବାର ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ନୀତି ପ୍ରସ୍ତାବ ଆଗତ କରାଯିବ।

## ସଂକ୍ଷେପରେ

### ଦେଶାତ୍ମବୋଧକ କବିତା ପାଠୋତ୍ସବ

ପୁରୀ ଅଫିସ. ୧।୪: ଓଡ଼ିଶା ଦିବସରେ ଶନିବାର ରାଣୀସତୀ ଭବନରେ ଶ୍ରୀକ୍ଷେତ୍ର ଉତ୍କଳ ସମ୍ମିଳନୀ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ସେନାପତି ଯୋଗଦେଇ ଓଡ଼ିଶାର ସାହିତ୍ୟକମାନଙ୍କ ସାଧନା ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମୃଦ୍ଧ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷା ମଣ୍ଡଳାଧୀଶ ବିଜୟଲକ୍ଷ୍ମୀ ଦାଶ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏବଂ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କବିତା ପାଠୋତ୍ସବରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅନାମ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କ୍ରିଷ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

### ବଦ୍ରି ମିଶ୍ରଙ୍କୁ ଉତ୍କଳଶ୍ରୀ ସମ୍ମାନ

ପୁରୀ ଅଫିସ ୧।୪- ଉତ୍କଳୀୟ ସଂସ୍କୃତିର ବିକାଶ, ନାଟକ, ସଙ୍ଗୀତ, ସାହିତ୍ୟ ବିଶେଷତଃ ଦୀର୍ଘ ୨୫ବର୍ଷ ଧରି ଓଡ଼ିଆ ଭାଷାର ସୁରକ୍ଷାର ସଫଳ ନେତୃତ୍ୱ ନେଉଥିବା କଥାକାର ଓ ଗୀତିକାର ବଦ୍ରି ମିଶ୍ରଙ୍କୁ ଓଡ଼ିଶା ଦିବସ ଅବସରରେ ଉତ୍କଳଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଶରଧାବାଲି ଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାଶ ନାୟକ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସମ୍ପାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ଆଲୋକ ମହାପାତ୍ର ଆଲୋକ ମହାପାତ୍ରଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନେ ବନ୍ଦେ ଉତ୍କଳ ଜନନୀ ଗାନ, ଯୋଗ, ପିରାମିଡ୍ ଓ ନୃତ୍ୟ ପରିବେଷଣ କରିଥିଲେ। ଚକ୍ରଧର ମହାପାତ୍ର ଓ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ନିମାପଡାଠାରେ ଚଇତାଳି ଉତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

# ଚଇତାଳି ଉତ୍ସବ ଉଦ୍‌ଘାଟିତ

## ଓଡ଼ିଶୀ ନୃତ୍ୟ, ବନ୍ଦେ ଉତ୍କଳ ଜନନୀ ମନମୋହିଲା

**ନିମାପଡ଼ା,୧।୪(ଡି.ଏନ୍.ଏ.)**

ନିମାପଡ଼ା ପ୍ରେସ କ୍ଲବ ପକ୍ଷରୁ ପ୍ରଥମଥର ପାଇଁ ଏକ ବର୍ଣ୍ଣାଢ୍ୟ ପରିବେଶରେ ବସନ୍ତ ପର୍ବ ‘ଚଇତାଳି ଉତ୍ସବ’ ଓଡ଼ିଶା ଦିବସରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଶିକ୍ଷାବିତ୍ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଶହୀଦ ସ୍ମୃତି ସଂସଦ ସମ୍ପାଦକ ଡ. ବେଣୁଧର ସେନାପତି, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, କାଉନସିଲର ଅନସୂୟା ପାଣି, ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ପ୍ରେସ କ୍ଲବ ସଭାପତି ରଞ୍ଜନ ପଟ୍ଟନାୟକ ଏବଂ ସମ୍ପାଦକ ରାଜକିଶୋର ଦାଶ ପ୍ରମୁଖ ଯୋଗଦେଇ ଏହି ଉତ୍ସବର ସଫଳ କାମନା କରିଥିଲେ। ଉତ୍ସବର ପ୍ରଥମ ସନ୍ଧ୍ୟାରେ ବିଶିଷ୍ଟ ସାହିତ୍ୟିକ କାଳିକିଙ୍କର ଦାସ, ଦାଳବିମାନ ଶିଳ୍ପୀ ରତ୍ନାକର ମହାରଣା, କ୍ରୀଡ଼ାବିତ୍ ନିର୍ମଳ ମିଶ୍ର, ସାମାଜିକକର୍ମୀ ଭାନୁ କୁମାର ସେଠୀ, ଗଣମାଧ୍ୟମ ପ୍ରତିନିଧି ମିଳନ ମହାନ୍ତିଙ୍କ ସମେତ ବହୁ କୃତୀ ପ୍ରତିଭାଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିମାନେ ସମ୍ମାନିତ କରିଥିଲେ। ନିମାପଡ଼ା ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ବିଷ୍ଣୁଚରଣ ସାସମଲ, ସୁଦେଷ୍ଣା ପ୍ରଧାନ ସାସମଲ ନିର୍ଦ୍ଦେଶିତ ଓ ସଂଯୋଜିତ ଓଡ଼ିଶୀ ନୃତ୍ୟ, କୋଣାର୍କର ମା’ ବୈଦେଇ କଳା ପରିଷଦ ପକ୍ଷରୁ ଆକର୍ଷଣୀୟ ଚିତାକର୍ଷକ ଘୋଡ଼ାନାଚ, ଚାରିଯୁଗରେ ମା’ଙ୍କ ବିଭିନ୍ନ ଅବତାର, କଳିଯୁଗରେ ମା’ ବାଶେଳୀଙ୍କ ପୂଜନ ନବଗୁଞ୍ଜର ରୂପ ଆଦି ପରିବେଷିତ ହୋଇଥିଲା। ନୃତ୍ୟାଳୟର ନୃତ୍ୟାଭିନୟ ବନ୍ଦେ ଉତ୍କଳ ଜନନୀ, ଯା ଦେବୀ ସର୍ବଭୂତେଷୁ ଓ ରାଧାକୃଷ୍ଣଙ୍କ ପ୍ରେମ ଉପରେ ଆଧାରିତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ନିରଞ୍ଜନ ପଲତା ଏବଂ ପ୍ରଜ୍ଞାପରମିତା ନାୟକ ପ୍ରମୁଖ ଉତ୍ସବକୁ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍ସବ ସ୍ଥଳରେ ଆୟୋଜିତ ପଲ୍ଲୀଶ୍ରୀ ମେଳା ଓ ମୀନା ବଜାରରେ ଦର୍ଶକଙ୍କ ବେଶ ଭିଡ଼ ଜମିଥିଲା।




ନୃତ୍ୟାଳୟ ଏକାଡେମୀ ପକ୍ଷରୁ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

## ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ

**ନିମାପଡ଼ା,୧।୪(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଜଣେ ମହିଳାଙ୍କ ଘରେ ପଶି ପଡୋଶୀ ଦିଅର ଟୁକୁନା ପ୍ରଧାନ(୪୦) ବଳାତ୍କାର ଉଦ୍ୟମ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୯୮/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମହିଳାଙ୍କ ସ୍ୱାମୀ ଦିଲ୍ଲୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ମହିଳା ଘରେ ଏକୁଟିଆ ରହୁଛନ୍ତି। ଘରେ କେହି ନ ଥିବା ସୁଯୋଗରେ ଟୁକୁନା ଏଭଳି କାଣ୍ଡ ଘଟାଇଥିବା ମହିଳା ଅଭିଯୋଗରେ ଦର୍ଶାଇଛନ୍ତି।

# ସତ୍ୟବାଦୀ ପ୍ରେସ୍ କ୍ଲବର ପ୍ରତିଷ୍ଠା ଦିବସ



ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଅବସରରେ ସତ୍ୟବାଦୀ ପ୍ରେସ କ୍ଲବର କର୍ମକର୍ତ୍ତାମାନେ ।

**ସାକ୍ଷୀଗୋପାଳ, ୧।୪(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ପ୍ରେସକ୍ଲବର ୨୫ତମ ପ୍ରତିଷ୍ଠା ଦିବସ ନିରାଡମ୍ବର ଭାବେ ଶନିବାର ପାଳିତ ହୋଇଯାଇଛି। କ୍ଲବର ସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀ ସନ୍ଧ୍ୟାରେ ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରି ପ୍ରେସକ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବରିଷ୍ଠ ସେବାୟତ ବିଶ୍ୱନାଥ ମହାପାତ୍ର ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସିଂହଦ୍ୱାର ସମ୍ମୁଖରେ ୨୫ଟି ଦୀପ ଲଗାଯାଇଥିଲା। ପ୍ରେସକ୍ଲବ ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ଉପସଭାପତି ଅଶୋକ ମିଶ୍ର, ସମ୍ପାଦକ ଅଶୋକ ବେହେରା, ସହ ସମ୍ପାଦକ ପ୍ରଶାନ୍ତ ବାରିକ, କୋଷାଧ୍ୟକ୍ଷ ବସନ୍ତ ପଟ୍ଟନାୟକ, ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଆଡ୍‌ଭୋକେଟ ଶୁଶାନ୍ତ ରଥ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ପ୍ରେସକ୍ଲବ ପ୍ରତିଷ୍ଠାତା ସଦସ୍ୟ କାଳୀପ୍ରସାଦ ମିଶ୍ର, ପ୍ରମୁଖ ଯୋଗଦେଇଥିଲେ।

# କ୍ୟାନ୍‌ସର ପୀଡ଼ିତାଙ୍କ ଉଦ୍ଦେଶ୍ୟରେ କେଶଦାନ ସଚେତନତା

**ପୁରୀ ଅଫିସ ୧।୪**

ଶୁଭା ଟ୍ରଷ୍ଟ ତରଫରୁ କ୍ୟାନ୍‌ସର ପୀଡ଼ିତାଙ୍କ ଉଦ୍ଦେଶ୍ୟରେ କେଶଦାନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଜିଲାରୁ କେଶ ଦାନ କରିବା ସହିତ କ୍ୟାନ୍‌ସର ପୀଡ଼ିତାଙ୍କ ପାଇଁ ମାଗଣାରେ ୱିଙ୍ଗ ଉପହାର ହେବା ସହ କ୍ୟାନସର ପୀଡ଼ିତଙ୍କୁ କାଉନସେଲିଂ କରି ମେଡିକାଲରେ ଆଡ଼ମିଶନ ପାଇଁ ସହଯୋଗ କରୁଛନ୍ତି। ବ୍ରେଷ୍ଟ କ୍ୟାନସର ଓ ସର୍ଭାଇକଲ କ୍ୟାନ୍ସର ଉପରେ ସଚେତନତା କରାଯାଉଛି। କେଶଦାନ କରିଥିବା ୩୮ଜଣଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ୨ କ୍ୟାନ୍‌ସର ଯୋଦ୍ଧା ସ୍ୱାଗତିକା ଆଚାର୍ଯ୍ୟ ଓ ସଂଘମିତ୍ରା ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ଡା. କ୍ଷୀତିଶ ଚନ୍ଦ୍ର ମିଶ୍ର, ଅନୁଶ୍ରୀ ଦାସ, ନରୋତ୍ତମ ଦାସ, ଡା. ସୁନୀଲ ତରାଇ, ଶୁଭାଶିଷ ଖୁଣ୍ଟିଆ, ଶିବ ପ୍ରସାଦ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ନିମାଇଁ ଚରଣ ପ୍ରଧାନ ଓ ସୁଦୀପ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷ କେଶ ଦାନ କରିଥିଲେ। ଶୋଭା ଟ୍ରଷ୍ଟର ଟ୍ରଷ୍ଟି ପୀତାମ୍ବର ପଲେଇ, ସଭାପତି ପ୍ରଣୟ କେଶରୀ ମହାପାତ୍ର, ସମ୍ପାଦକ ଶିବାଶିଷ ନାୟକ, ଉପସଭାପତି ହରପ୍ରିୟା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ଆଗାମୀ ଉପନିର୍ବାଚନରେ ବିଜେଡି ବିଜୟୀ ହେବ’

**ନିମାପଡ଼ା/ଗୋପ,୧।୪(ଡି.ଏନ୍.ଏ.)**

ଆଗାମୀ ଉପନିର୍ବାଚନରେ ବିଜେଡି ବାଜିମାତ୍ କରିବ। ନିମାପଡ଼ା ଗ୍ରିନ୍ ଲ୍ୟାଣ୍ଡଠାରେ ଆୟୋଜିତ ଏକ ଦଳୀୟ ସାଙ୍ଗଠନିକ ବୈଠକରେ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଅନ୍ୟତମ ଅତିଥି ଭାବେ ନିମାପଡ଼ା ବ୍ଲକର ଜିଲା ପରିଷଦ ସଭ୍ୟ ପ୍ରଦିପ୍ତ ଖଟୋଇ ଏବଂ ଦଳର ସାଧାରଣ ସମ୍ପାଦକ ରବିନ୍ଦ୍ର ନାୟକ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ନିମନ୍ତେ ଶପଥ ଗ୍ରହଣ କରିବାକୁ ଦଳୀୟ ନେତାଙ୍କୁ ପରାମର୍ଶ ଦେଇଥିଲେ। ରବିବାର ଗୋପ ବ୍ଲକର ୯ ଗୋଟିପଞ୍ଚାୟତର ଭୋଟରମାନେ ସେମାନଙ୍କ ମତଦାନ କରିବାର ତାରିଖ ଘୋଷଣା କରାଯାଇଥିବାବେଳେ ଦଳ ତାର ନିର୍ବାଚନୀ ରଣ କୌଶଳ ପ୍ରସ୍ତୁତି କରିବ ବୋଲି ଜଣାପଡିଛି। ପ୍ରକାଶ ଯେ ୧୧ ନମ୍ବର ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ଧର୍ମେନ୍ଦ୍ର ସାହୁଙ୍କ ଦେହାନ୍ତ ପରେ ଏହି ଉପ ନିର୍ବାଚନ କରାଯାଉଛି। ବିଜେଡି ଚଳିତ ଜିଲା ପରିଷଦ ଉପନିର୍ବାଚନରେ ନୂଆ ମୁହଁକୁ ଅଧିକ ଗୁରୁତ୍ୱ ଦେଉଛି। ଆସନ୍ତା ୪ ତାରିଖରେ ବିଜେଡି ଜିଲାସ୍ତରରେ ତା ପ୍ରାର୍ଥୀ ଘୋଷଣା କରିବ। ଏଥିସହ ଗୋପ ବ୍ଲକସ୍ତରରେ ଆଉ ଗୋଟିଏ ଶେଷ ବୈଠକ କରାଯିବ ବୋଲି ଗଣଶିକ୍ଷାମନ୍ତ୍ରୀ କହିଥିଲେ। ସେପଟେ କଂଗ୍ରେସ ତା’ର ସମ୍ମାନ ଯୋଗୁ ପ୍ରାର୍ଥୀ ଠିଆ କରିବ ଏବଂ ଭାଜପାର ପ୍ରାର୍ଥୀ ଚୟନକୁ ନେଇ ଗୋଷ୍ଠୀ କନ୍ଦଳ ଆରମ୍ଭ ହୋଇଥିବା ଜଣାପଡିଛି।



ପୁରୀ ସ୍ପୋର୍ଟ୍ସ ହଷ୍ଟେଲ ପରିସରରେ ଅନ୍ତେବାସୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ।

# ‘ସର୍ବଦା ଜନସାଧାରଣଙ୍କ ସେବା କରିବାକୁ ଆହ୍ୱାନ’

## ପୋଲିସ ପ୍ରତିଷ୍ଠା ଦିବସ ପାଳିତ

**ପୁରୀ ଅଫିସ,୧।୪:**

ପୁରୀ ପୋଲିସ ଲାଇନସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ଜିଲାସ୍ତରୀୟ ୮୮ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ପି କନୱର ବିଶାଲ୍ ସିଂ ଯୋଗଦେଇ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସର୍ବଦା ଜନସାଧାରଣଙ୍କ ସେବାରେ ମନ ନିବେଶ କରିବା ପାଇଁ ପୋଲିସ ବାହିନୀକୁ ଏସ୍‌ପି ଆହ୍ୱାନ ଦେବା ସହ ଯେତେ ବାଧାବିଘ୍ନ ଆସିଲେ ବି ଦେଶ ପ୍ରତି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୋଲିସ ଯେଉଁଳି ଜିଲାବାସୀଙ୍କ ଆସ୍ଥାଭାଜନ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ପୋଲିସ ଦିବସ ଅବସରରେ ଏସ୍‌ପି ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ପୋଲିସ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଦେଶ ପାଇଁ ପ୍ରାଣବଳି ଦେଇଥିବା ଦିବଂଗତ ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉଲ୍ଲେଖନୀୟ ସେବା ପ୍ରଦର୍ଶନ କରିଥିବା ପୋଲିସ କର୍ମଚାରୀଙ୍କୁ ଏସ୍‌ପି ସମ୍ମାନିତ କରିଥିଲେ। ଶ୍ରେଷ୍ଠ ଏସ୍‌ଆଇ ଭାବେ ଦିବ୍ୟ ରଞ୍ଜନ ପଣ୍ଡା, ଶ୍ରେଷ୍ଠ ଏଏସ୍‌ଆଇ ଭାବେ ଧନେଶ୍ୱର ବାରିକ, ଶ୍ରେଷ୍ଠ ହାବିଲଦାର ଭାବେ ବିପିନ୍ ବିହାରୀ ଓଝା, ଶ୍ରେଷ୍ଠ କନଷ୍ଟେବଲ୍ ଭାବେ ସର୍ବେଶ୍ୱର ଜାଲି, ଶ୍ରେଷ୍ଠ ଏପିଆର୍ କନଷ୍ଟେବଲ୍ ଭାବେ ଅକ୍ଷୟ କୁମାର ସ୍ୱାଇଁ ଏବଂ ଶ୍ରେଷ୍ଠ ଟ୍ରାଫିକ କନଷ୍ଟେବଲ୍ ଭାବେ ଅରୁଣ ଲାକ୍ରାଙ୍କୁ ସମ୍ମାନିତ କରାଯାଇଥିଲା।



ରିଜର୍ଭ ପଡ଼ିଆରେ ପୋଲିସ ପକ୍ଷରୁ ପରେଡ କରାଯାଉଛି ।

## ସଂକ୍ଷେପରେ

### କେଶ ଦାନ ସଚେତନତା ଶିବିର

ପୁରୀ ଅଫିସ ୧୪ : ଓଡ଼ିଶା ଦିବସ ସମାରୋହ ଅବସରରେ ଶୁଭା ଟ୍ରଷ୍ଟ ତରଫରୁ କ୍ୟାନ୍ସର ପୀଡ଼ିତାଙ୍କ ଉଦ୍ଦେଶ୍ୟରେ କେଶ ଦାନ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଥମଥର ଶୋଭା ଟ୍ରଷ୍ଟ କ୍ୟାନ୍ସର ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ପ୍ରୟାସ କରୁଛି। 'କେଶ ଥିଲେ ଦିଅନ୍ତୁ ଓ କେଶ ନ ଥିଲେ ପ୍ରାକୃତିକ କେଶ ବା ୱିଗ୍ ନିଅନ୍ତୁ' ଏକ ନୂତନ କାର୍ଯ୍ୟ ଆରମ୍ଭ କରିଛି। ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟରୁ ବିଭିନ୍ନ ଜିଲାରୁ କେଶ ଦାନ କରିବା ସହିତ କ୍ୟାନ୍ସର ପୀଡ଼ିତାଙ୍କ ପାଇଁ ମାଗଣାରେ ୱିଗ୍ ଉପହାର ହେବାସହ କୃତିମ ସ୍ତାନ କ୍ୟାନ୍ସର ରୋଗୀଙ୍କୁ କାଉନସିଲିଂ କରି ମେଡିକାଲରେ ଆଡମିଶନ ପାଇଁ ସହଯୋଗ କରୁଛନ୍ତି। ବ୍ରେଟ କ୍ୟାନ୍ସର ଏବଂ ସଭାଇକଲ କ୍ୟାନ୍ସର ଉପରେ ସଚେତନତା କାର୍ଯ୍ୟକ୍ରମ କରୁଛି। ୨୦୨୨ ଓ ୨୦୨୩ ରେ କେଶ ଦାନ କରିଥିବା ୩୮ ଜଣଙ୍କୁ ସମ୍ମାନିତ କରାଯାଇଛି। ଏହା ସହିତ ୨ ଜଣ କ୍ୟାନ୍ସର ଯୋଦ୍ଧା ସ୍ୱାଗତିକା ଆଚାର୍ଯ୍ୟ ଓ ସଂଘମିତ୍ରା ପଣ୍ଡାଙ୍କୁ କ୍ୟାନ୍ସର ଯୋଦ୍ଧା ସମ୍ମାନିତ ପ୍ରଦାନ କରାଯାଇଛି। କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ୍‌ରୁ ଡା.କ୍ଷୀତିଶ ଚନ୍ଦ୍ର ମିଶ୍ର, ଆଦିଭା ଶି ଭିଜନ ଫାଉଣ୍ଡର ଅନୁଶ୍ରୀ ଦାସ, ରାଜ୍ୟ ସମାଜସେବୀ ମହାସଂଘର ସଭାପତି ନରୋତ୍ତମ ଦାସ, ପୁରୀ ଜିଲା ମେଡିକାଲରୁ ଡ. ସୁନୀଲ ତରାଇ, ଓଡ଼ିଶା ମୋ ପରିବାରର ସଭାପତି ଶୁଭାଶିଷ ଖୁଣ୍ଟିଆ ଓ ହ୍ୟୁମାନ ରାଇଟରେ ରାଜ୍ୟ ସଭାପତି ଶିବ ପ୍ରସାଦ ସ୍ୱାଇଁ ଅତିଥି ଭାବରେ ଯୋଗଦେଇଥିଲେ। ନିମାଇଁ ଚରଣ ପ୍ରଧାନ ଓ ସୁଦୀପ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷ ସେମାନଙ୍କର କେଶ ଦାନ କରିଥିଲେ । ଶୋଭା ଟ୍ରଷ୍ଟର ଟ୍ରଷ୍ଟି ପିତାମ୍ବର ପଲେଇ, ସଭାପତି ପ୍ରଣୟ କେଶରି ମହାପାତ୍ର, ସମ୍ପାଦକ ଶିବାଶିଷ ନାୟକ , ଉପ ସଭାପତି ତଥା ହେୟାର ଡୋନେସନ ଓଡିଶା ଟିମ୍‌ର ଆବାହକ ହରପ୍ରୀୟା ନାୟକ, ମୂଖ୍ୟ କେଶଦାତା ସୁଶାନ୍ତ ମହାନ୍ତି , ସସ୍ମିତା ମହାନ୍ତି, ଚିନ୍ମୟୀ ମଙ୍ଗରାଜ, ପ୍ରିୟଙ୍କା ମହାରଣା, ସ୍ୱର୍ଣଲକ୍ଷ୍ମୀ ଘୋଷ, ଜନ ସେବକ ରାଜୀବ ଲୋଚନ ମହାପାତ୍ର, ଶ୍ରୀହରି ଭୁଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ମୂଖ୍ୟ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲାରେ ସାମାଜିକ ସଂଗଠନ ତରଫରୁ ସହଯୋଗ କରାଯାଇଥିଲା।

### ସମିତିରୁ ଋଣ ନେଇ ଶୁଝୁ ନ ଥିବା ହିତାଧିକାରୀଙ୍କୁ ଜାରି ହେବ ନୋଟିସ୍

ବାଲିଅନ୍ତା,୧୪ :(ଡି.ଏନ୍.ଏ.)- ପାହାଳ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତିର ସ୍ଥାୟୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଧକ୍ଷତା କରି ସମିତି ସଭାପତି ପ୍ରଶାନ୍ତ ଦାସ ଆସନ୍ତା ଏପ୍ରିଲ ମାସରୁ ୨୦ଟି ମହିଳା ଗ୍ରୁପକୁ ଋଣ ଦିଆଯିବ ବୋଲି କହିଥିଲେ। ପୂର୍ବରୁ ସମିତିରୁ ଋଣ ନେଇ ଶୁଝୁ ନ ଥିବା ହିତାଧିକାରୀଙ୍କୁ ସମବାୟ ଆଇନ ଅନୁଯାୟୀ, ନୋଟିସ୍ ଜାରି କରାଯିବ ବୋଲି ଚେତାବନୀ ଦେଇଥିଲେ। ଏଥିସହ ରାଜ୍ୟ ସରକାର ଏକକାଳୀନ ସୁଧ ଛାଡ଼ର ବ୍ୟବସ୍ଥା କଲେ ସମିତିର ଋଣ ଫେରସ୍ତ ଦିଗରେ ଲୋକେ ଉତ୍ସାହିତ ହୁଅନ୍ତେ ବୋଲି ସେ କହିଥିଲେ। ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାଶ, ବାଲିଅନ୍ତାସ୍ଥିତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ରଞ୍ଜିତ ସାହୁ, ସମିତି ଡାଇରେକ୍ଟର ପ୍ରଫୁଲ୍ଲ ସାହୁ, ପଦ୍ମନାଭ ପଟ୍ଟନାୟକ, ସମିତି ଉପସଭାନେତ୍ରୀ ସତ୍ୟବ୍ରତୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ସରୋଜ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ହାଇସ୍କୁଲ ଶିକ୍ଷକ

## ଆଲୋଚନା ନୁହେଁ, ଦାବି ପୂରଣ ହେଉ : ସଂଘ

ଭୁବନେଶ୍ୱର,୧୪(ବ୍ୟୁରୋ)




ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସତ୍ତ୍ୱେ ରାଜ୍ୟର ୧୮ ହଜାର ଶିକ୍ଷୟିତ୍ରୀଶିକ୍ଷକ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହା ପ୍ରତିବାଦରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ବିଭିନ୍ନ ଜିଲାରୁ ଶିକ୍ଷୟିତ୍ରୀଶିକ୍ଷକମାନେ ପୂର୍ବାହ୍ନରେ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥାୟୀ ନିଯୁକ୍ତି ସହ ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ ପାଇଁ ୨୦୨୨ ଡିସେମ୍ବରରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ୧୫ଦିନ ମଧ୍ୟରେ ଦାବି ପୂରଣ ନେଇ ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତିକୁ ୪ମାସ ବିତିଥିଲେ ମଧ୍ୟ ଦାବି ପୂରଣ ହୋଇ ନ ଥିବାରୁ ସଂଘ ପୁଣିଥରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି। ତେବେ ଶନିବାର ଆନ୍ଦୋଳନରତ ଶିକ୍ଷକଙ୍କ ସହ ଆଲୋଚନା ପାଇଁ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍ ପ୍ରସ୍ତାବ ଦେଇଥିଲେ। ତେବେ ଶିକ୍ଷକ ସଂଘ କୌଣସି ଆଲୋଚନା ନୁହେଁ ବରଂ ଦାବି ପୂରଣ ନେଇ ସରକାରୀ ବିଜ୍ଞପ୍ତି ଚାହୁଁଥିବା ସଂଘ ସଭାପତି ପଞ୍ଚାନନ ଜେନା କହିଛନ୍ତି। ଦାବି ପୂରଣ ସଂକ୍ରାନ୍ତ ସୂଚନା ନ ଆସିବା ଯାଏ ପ୍ରତି ଜିଲାରୁ ଶିକ୍ଷକମାନେ ଆସି ଆନ୍ଦୋଳନରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବେ। ଅପରାହ୍ନରେ ଆନ୍ଦୋଳନକାରୀଙ୍କ ପାଇଁ ଧାରଣାସ୍ଥଳରେ ଅସ୍ଥାୟୀ ଶିବିର ପ୍ରସ୍ତୁତ କରାଯାଇଥିବାବେଳେ ରବିବାରଠାରୁ ଅହୋରାତ୍ର ଧାରଣା ଚାଲିବ। ପର୍ଯ୍ୟାୟ କ୍ରମେ ରାଜ୍ୟରୁ ୧୦ ହଜାର ଶିକ୍ଷୟିତ୍ରୀ ଶିକ୍ଷକ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଓଡ଼ିଶା ସରକାରୀ ସିବିଟି ଶିକ୍ଷକ ସଂଘ (ମିଳିତମଞ୍ଚ ୨୦୧୬ ରୁ ୨୦୨୨) ଏପ୍ରିଲ୍ ୩ରୁ ଆନ୍ଦୋଳନକୁ ଓହ୍ଲାଇବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ୨୦୧୬ରୁ ୨୦୨୨ ବ୍ୟାଚ୍ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟମିତ କରିବା ଦାବିରେ ଏହି ଆନ୍ଦୋଳନ କରାଯିବ।

# ଭାରତର ଧାର୍ମିକ, ସାଂସ୍କୃତିକ ଐତିହ୍ୟର ପ୍ରାଣକେନ୍ଦ୍ର 'ଉତ୍କଳ'

## ହିମାଚଳ ପ୍ରଦେଶରେ ଓଡ଼ିଶା ଦିବସ ପାଳିତ

ଭୁବନେଶ୍ୱର, ୧୪ (ବ୍ୟୁରୋ)

ଓଡିଆ ସମାଜ ହିମାଚଳ ପ୍ରଦେଶ ପକ୍ଷରୁ ଶନିବାର ହିମାଚଳର କାଂଗ୍ରା ଜିଲା ରେତସ୍ଥିତ ଦ୍ରୋଣାଚାର୍ଯ୍ୟ ମହାବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ହିମାଚଳ ସରକାରଙ୍କ ପୂର୍ବତନ ଅତିରିକ୍ତ ଆଡ୍‌ଭୋକେଟ ଜେନେରାଲ ରାକେଶ ଭାରତୀ ଏଥିରେ ଅଧ୍ୟକ୍ଷତା କରି କହିଲେ, ଭାରତର ଧାର୍ମିକ ଓ ସାଂସ୍କୃତିକ ଐତହ୍ୟର ପ୍ରାଣକେନ୍ଦ୍ର 'ଉତ୍କଳ' ହେଉଛି ବର୍ତ୍ତମାନର ଓଡ଼ିଶା। କଳିଙ୍ଗ ଯୁଦ୍ଧ ଓ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇ କୀର୍ତ୍ତିମାନ ସ୍ଥାପନ କରିଥିବା ପ୍ରଦେଶ। ପୁରୀର ଶ୍ରୀ ଜଗନ୍ନାଥ, ଭୁବନେଶ୍ୱରର ଲିଙ୍ଗରାଜ, ଗଞ୍ଜାମର ମା' ତାରାତାରିଣୀ, ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ପୀଠ ହିମାଚଳବାସୀଙ୍କର ମଧ୍ୟ ଆରାଧନା ସ୍ଥଳ ବୋଲି ସେ କହିଥିଲେ। ସେହିପରି ଇତିହାସରେ ଅତ୍ୟାଚାରୀ ଭାବେ ଚିତ୍ରିତ ଗଡଜାତର ରାଜାମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସାର୍ଥକ ସାରଥି ଥିଲେ ବୋଲି ସାହିତ୍ୟିକ ସୁଭାଷ ଚନ୍ଦ୍ର ଶତପଥୀ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ କୁମାର ଶତପଥୀ ଯୋଗଦେଇ ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତି ବୋଲି କହିବା ସହ ଓଡ଼ିଶାର ଗୌରବମୟ ଇତିହାସ ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ ହିମାଚଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ. ସଞ୍ଜିତ ଶର୍ମା କହିଲେ, କଳା, ସଂସ୍କୃତି କ୍ଷେତ୍ରରେ ହିମାଚଳ ଏବଂ ଓଡ଼ିଶା ମଧ୍ୟରେ ଅନେକ ସମାନତା ରହିଛି। ଉଭୟ ରାଜ୍ୟ ଏପ୍ରିଲ ମାସରେ ପ୍ରତିଷ୍ଠା ହୋଇଛି। ହିମାଚଳ ଦେବ ଭୂମି ହେଲେ, ଓଡ଼ିଶା ଜଗନ୍ନାଥ ପୀଠ। ହିମାଚଳ ଏବଂ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳେ ବୋଲି ଡ. ଶର୍ମା କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରବୀଣ ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ଶୁଭଶ୍ରୀ ପାଢୀ କାର୍ଯ୍ୟକ୍ରମ ସଂଚାଳନା, ଦିବ୍ୟଜ୍ୟୋତି ଓ ହୃଦୟାନନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଷ୍ଟାଦଶ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଆରମ୍ଭ




ଅଷ୍ଟାଦଶ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାରେ ଭାଗନେଇଥିବା ମହିଳାମାନେ ଶଙ୍ଖ ବଜାଉଛନ୍ତି।

ଭୁବନେଶ୍ୱର,୧୪(ବ୍ୟୁରୋ)

ସଂଭାବନା ପକ୍ଷରୁ ଅଷ୍ଟାଦଶ ବର୍ଷରେ ପହଞ୍ଚିଥିବା ଓଡ଼ିଆ ମହୋତ୍ସବର ଅଭିଯାନର ଅଂଶସ୍ୱରୂପ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଶନିବାର ଓଡ଼ିଆଣୀଙ୍କ ପୁରାଣ ପାଠ, ହୁଳହୁଳି ଓ ଶଙ୍ଖଫୁଙ୍କାରୁ ଆରମ୍ଭ ହୋଇଛି। ଏଥିସହ ହସ୍ତାକ୍ଷର, ଚିତ୍ରାଙ୍କନ, ଶ୍ରୁତ ଲିଖନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାର ମଧ୍ୟ ଶୁଭାରମ୍ଭ ହୋଇଛି। ଏକାମ୍ର ହାଟର ମୁକ୍ତାକାଶ ମଞ୍ଚରେ ଓଡ଼ିଆଣୀମାନେ ଜଣକ ପରେ ଜଣେ ଆସି ଶାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଆଦି ବିଭିନ୍ନ ଓଡ଼ିଆ ପୁରାଣ ପାଠ କରୁଥିଲେ।

କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରମୁଖ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଆଡ୍ ମାର୍କ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଦେଇଥିଲେ।

ଓଡ଼ିଆ ଜାତୀୟତାବାଦୀ ସଂଗୀତରୁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା ସନ୍ଧ୍ୟା। ଜଣାଶୁଣା କଣ୍ଠଶିଳ୍ପୀ ଛନ୍ଦା ମିଶ୍ର,ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା ପ୍ରମୁଖଙ୍କ ସ୍ୱରରେ ଓଡ଼ିଆତ୍ୱର ମୂର୍ଚ୍ଛନା ସହ ହସ୍ତାକ୍ଷର, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିଶୁ-କିଶୋରମାନେ ପରିବେଶକୁ ବେଶ୍ ମହକାଇଥିଲେ। ସେହିପରି ସୁଶ୍ରୀ ଶ୍ରଦ୍ଧା ସୁମନ ରଥଙ୍କ ପ୍ରସ୍ତୁତ ଓଡିଶୀ ଥିଲା ସଂଧ୍ୟାର ଅନ୍ୟଏକ ଆକର୍ଷଣ। ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୁରାଣ ଆବୃତ୍ତି ପ୍ରତିଯୋଗିତାର ବିଚାରକ ଥିଲେ ପ୍ରଫେସର ଡ.ସନ୍ତୋଷ କୁମାର ତ୍ରିପାଠୀ, ଲଡ୍ଡୁ କିଶୋର ପଡିହାରୀ ଓ ମନୋଜ କୁମାର ଶତପଥୀ। ସତ୍ୟବ୍ରତ ମହାପାତ୍ର,ରାଜଶ୍ରୀ ଶତପଥୀ, ପ୍ରଫୁଲ୍ଲ ଦେ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଆଚାର୍ଯ୍ୟବିହାରରେ ଓଡ଼ିଶା ଦିବସ ପାଳିତ

ଭୁବନେଶ୍ୱର, ୧୪(ବ୍ୟୁରୋ)

ଆଚାର୍ଯ୍ୟବିହାର ପରିଷଦ ତରଫରୁ ୮୮ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମ ଆରମ୍ଭରେ ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଶଙ୍ଖନାଦ ସହ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଓଡ଼ିଶା ବରପୁତ୍ରମାନଙ୍କ ଜୟଗାନ ଓ ସ୍ମୃତି ଚାରଣ କରାଯାଇଥିଲା। ବର୍ଷିୟାନ୍ ମହିଳା ସରୋଜିନୀ ଇନ୍ଦର ସିଂ ସ୍ୱରଚିତ କବିତା ପାଠ କରିଥିଲେ। ଡକ୍ଟର ଅମ୍ବରିସ ଶତପଥୀ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ଲିଖିତ 'ଉଠ କଙ୍କାଳ ଜାଗ ଦୁର୍ବଳ' ଆବୃତ୍ତି କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦ ସମ୍ପାଦକ ଶିଶିର କୁମାର ମହାପାତ୍ର, ବରିଷ୍ଠ ନାଗରିକ ସିଦ୍ଧାର୍ଥ ଦାସ, କ୍ଷେତ୍ରମୋହନ ଦାସ, ଗନ୍ଧର୍ବ ବେହେରା, ପ୍ରତାପ କୁମାର ମହାପାତ୍ର, ସନ୍ତୋଷ କୁମାର ରଥ, ରାଧାରାଣୀ ପଟ୍ଟନାୟକ, ରାଜେନ୍ଦ୍ର କୁମାର ମହାନ୍ତି, ପ୍ରଭାତ ଆଚାର୍ଯ୍ୟ, ଡକ୍ଟର ଅଶୋକ ଦାସ, ଅନିଲ ପାଟ୍ଟଯୋଶୀ, ସାଜିଦ, ରେଣୁ, ସଙ୍ଗୀତା, ରୁବି, କାଜୁ ପୁଷ୍ପାଞ୍ଜଳି ପ୍ରଦାନକରି ଓଡ଼ିଆ ଭାଷାର ଗୁରୁତ୍ୱ ଉପରେ ମତ ରଖିଥିଲେ।

# ୧୨ଶହ ସ୍ଥାନରେ ଓଡ଼ିଶା ଦିବସ

ଭୁବନେଶ୍ୱର,୧୪(ବ୍ୟୁରୋ)

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ରାଜ୍ୟର ୧୨ଶହ ସ୍ଥାନରେ ଓଡ଼ିଶା ଦିବସ ପାଳନ କରାଯାଇଛି। ରାଜ୍ୟସ୍ତରରେ ସାମୂହିକ ରାଜ୍ୟ ସଙ୍ଗୀତ ଗାନ ସହ ଉତ୍କଳ ଜନନୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ସଭାଗୃହରେ ସଙ୍ଗୀତଗୁରୁ ଲକ୍ଷ୍ମୀକାନ୍ତ ପାଳିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାନର ମହାସଚିବ କରୁଣାକର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ନମ୍ରତା ଚଢ଼ା ଓ ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଯୋଗଦେଇଥିଲେ। ଏହି ଅବସରରେ ୧୨୦ଜଣ ଛାତ୍ରୀଛାତ୍ରଙ୍କୁ 'ରାମାନୁଜ ଗଣିତ ପ୍ରତିଭା ସମ୍ମାନ' ଏବଂ ୪୦ ଜଣଙ୍କୁ 'ମେଧାବୃତ୍ତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୌରାଙ୍ଗ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲକ୍ଷ୍ମୀଧର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶାତ୍ମକ ସଙ୍ଗୀତ 'ବୀର ପ୍ରସବିନି ଉତ୍କଳ ଜନନୀ' ଲୋକାର୍ପିତ



'ବୀର ପ୍ରସବିନି ଉତ୍କଳ ଜନନୀ' ଲୋକାର୍ପଣ ଉତ୍ସବରେ ଉପସ୍ଥିତ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ଭୁବନେଶ୍ୱର,୧୪(ବ୍ୟୁରୋ)

ଓଡ଼ିଶା ଦିବସ ଅବସରରେ ଶନିବାର ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଓଡ଼ିଆ ଭାଷା ସାହିତ୍ୟ ଓ ପରମ୍ପରାକୁ ନେଇ ଦେଶାତ୍ମକ ଗୀତ 'ବୀର ପ୍ରସବିନି ଉତ୍କଳ ଜନନୀ'ର ଆନୁଷ୍ଠାନିକ ଭାବେ ଲୋକାର୍ପଣ ହୋଇଛି। ଲଳିତ ନାରାୟଣ ରଥ ଏହି ଗୀତ ରଚନା କରିଥିବାବେଳେ ଯୁବ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରତ୍ୟୁଷ ମହାନ୍ତି ଏହି ଗୀତର ସ୍ୱର ସଂଯୋଜନା ଓ ସୋହିନୀ ମିଶ୍ର କଣ୍ଠଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଦିଲୀପ ହାଲି, ସୌରେନ୍ଦ୍ର ମହାପାତ୍ର ଲୁଟୁ ମହାନ୍ତି, ରବି ବିଶ୍ୱାଳ, ଶ୍ରୀଧର ମାର୍ଥା, ଲୋକନାଥ ଦାଶ, ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ପ୍ରଶାନ୍ତ ପାଇକରାୟ, ପ୍ରମୋଦ ଅଧିକାରୀ, ସମୀର ରାଉତ, ସଂଞ୍ଜୟ ମହଲା ଓ ପ୍ରତିଭା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କ୍ରୁଟ୍‌ର ଜାତୀୟ 'ବିକ୍ୟୁଏସ୍ ଓ ବସ୍ ପୋଲ୍ ଡିଜାଇନ୍' ପ୍ରତିଯୋଗିତା ଘୋଷଣା

ଭୁବନେଶ୍ୱର, ୧୪ (ବ୍ୟୁରୋ)

'ମୋ ବସ୍' ପରିଚାଳନା କରୁଥିବା କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ବସ୍ ରହଣିସ୍ଥଳ (ବିକ୍ୟୁଏସ୍) ଓ ବସ୍ ପୋଲ୍ ଡିଜାଇନ୍ ପାଇଁ ପ୍ରତିଯୋଗିତା ଘୋଷଣା କରାଯାଇଛି। ୧୮ରୁ ୪୦ ବର୍ଷ ବୟସର ଭାରତୀୟ ନାଗରିକ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ସ୍ଥାନୀୟ ପାଣିପାଗ ସ୍ଥିତି ସହ ଖାପ ଖାଉଥିବା, ସ୍ମାର୍ଟ ଜ୍ଞାନକୌଶଳ ସମନ୍ୱିତ ଏବଂ ନିରନ୍ତର ତଥା ସାର୍ବଜନୀନ ଭାବେ ଉପଲବ୍ଧ ହୋଇପାରୁଥିବା ଛୋଟ ବା କମ୍ପାକ୍ଟ ଡିଜାଇନ୍ ପ୍ରସ୍ତାବ ପଠାଇବା ଲାଗି ଏଥିରେ ଆହ୍ୱାନ କରାଯାଇଛି। ଡିଜାଇନ୍‌ଗୁଡ଼ିକରେ ମୂଲ୍ୟଯୁକ୍ତ ସେବା ପ୍ରଦାନ ନେଇ ପରାମର୍ଶ ରହିଥିବା ଆବଶ୍ୟକ। ଗୁଗଲ୍ ଫର୍ମ ଜରିଆରେ ୨୦୨୩ ଏପ୍ରିଲ୍ ୧ରୁ ୧୪ ମଧ୍ୟରେ ବ୍ୟକ୍ତିଗତ ଭାବେ କିମ୍ବା ଏକ ଦଳ ଭାବେ ଅଂଶଗ୍ରହଣକାରୀମାନେ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ। ଚୟନ ହୋଇଥିବା ଅଂଶଗ୍ରହଣକାରୀଙ୍କୁ ଏପ୍ରିଲ୍ ୧୭ରେ ଅବଗତ କରାଯିବ। ଏହାପରେ ଏପ୍ରିଲ୍ ୨୫ରେ ସେମାନେ ଏକ ଅନ୍‌ଲାଇନ୍ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ଜରିଆରେ ପ୍ରସ୍ତାବ ଉପସ୍ଥାପନ କରିବେ ଓ ୨୯ ତାରିଖରେ ଚୂଡ଼ାନ୍ତ ବିଜେତା ଘୋଷଣା କରାଯିବ। ପ୍ରଥମ ୩ ବିଜେତାଙ୍କୁ ନଗଦ ୧୦ହଜାର ଟଙ୍କାର ପୁରସ୍କାର ରାଶି ସହ ପ୍ରଶଂସାପତ୍ର ଓ ପ୍ରମାଣପତ୍ର ଦିଆଯିବ। ସେହିପରି ପ୍ରଥମ ଉପ ବିଜେତା ୭ହଜାର ଟଙ୍କା ଏବଂ ଦ୍ୱିତୀୟ ଉପ ବିଜେତା ୫ହଜାର ଟଙ୍କା ପାଇବେ। ମେ' ୪ କ୍ରୁଟ୍‌ର ପ୍ରତିଷ୍ଠା ଦିବସରେ ଶ୍ରେଷ୍ଠ ୩ ବିଜେତାଙ୍କୁ ପୁରସ୍କୃତ କରାଯିବ। କ୍ରୁଟ୍‌ର ଅଫିସିଆଲ ସୋସିଆଲ ମିଡିଆ ହାଣ୍ଡେଲ୍ ଓ ୱେବ୍‌ସାଇଟ୍‌ରେ ଅଧିକ ବିବରଣୀ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

# 'ଇତର'ରେ ଟ୍ରାନ୍ସଜେଣ୍ଡରଙ୍କ ସଂଘର୍ଷର କାହାଣୀ

ଭୁବନେଶ୍ୱର,୧୪(ବ୍ୟୁରୋ)




ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଅବଗତି ଦିବସ ତୃତୀୟଲିଙ୍ଗୀ ମଣିଷଙ୍କ ବାବଦରେ ଅଧିକ ଜାଣିବା ଓ ଜଣାଇବାର ଦିନ। ଏହି ଅବସରରେ ଶୁକ୍ରବାର ପ୍ରକାଶନୀ ସଂସ୍ଥା ପେନ ଇନ୍ ବୁକ୍ସ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରରେ ଆୟୋଜିତ ହୋଇଥିଲା ଏକ ସ୍ୱତନ୍ତ୍ର ଉତ୍ସବ। ଉପନ୍ୟାସ 'ଇତର'ର ଲେଖକ ଶୁଭ୍ରାଂଶୁ ପଣ୍ଡାଙ୍କ ସହ ଭାବବିନିମୟ କରିଥିଲେ ରାଜ୍ୟର ଟ୍ରାନ୍ସଜେଣ୍ଡର ସମୁଦାୟର ପ୍ରମୁଖ ବ୍ୟକ୍ତିତ୍ୱ। ସମାଜ ଆଖିରେ ଏବେ ବି ଇତର ଭାବେ ଉପେକ୍ଷିତ ତୃତୀୟଲିଙ୍ଗୀ ମଣିଷଙ୍କ ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ ପରିପୁଷ୍ଟ ପଣ୍ଡାଙ୍କ ଉପନ୍ୟାସ 'ଇତର'। ଉପନ୍ୟାସଟି ଟ୍ରାନ୍ସଜେଣ୍ଡରଙ୍କ ଜୀବନ ଉପରେ ପର୍ଯ୍ୟବସିତ। ପ୍ରତ୍ୟେକ ଟ୍ରାନ୍ସଜେଣ୍ଡର ଇତର ଭିତରେ ନିଜକୁ ଦେଖିପାରିବେ। କେବଳ ଟ୍ରାନ୍ସ ଏ ମ୍ୟାନ ନୁହେଁ, ବର୍ତ୍ତମାନ ଟ୍ରାନ୍ସ ମ୍ୟାନମାନେ ମଧ୍ୟ ଆଗକୁ ଆସିଲେଣି। ତାଙ୍କ ଉପରେ ଲେଖା ହେବା ଆବଶ୍ୟକ ବୋଲି ଉପସ୍ଥିତ ଟ୍ରାନ୍ସଜେଣ୍ଡରମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅତିଥି ଭାବେ ସମାଜସେବୀ ମିତାଲି ମହାନ୍ତି ଓଡ଼ିଶା ଟ୍ରାନ୍ସଜେଣ୍ଡର ଆନ୍ଦୋଳନର ଇତିହାସ, ସଫଳତା ଓ ବର୍ତ୍ତମାନର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଟ୍ରାନ୍ସ-ଓମ୍ୟାନ୍ ଭଳି ଟ୍ରାନ୍ସ-ମ୍ୟାନ୍ ବାବଦରେ ସମାଜରେ ଅଧିକ ସଚେତନତା ଲୋଡ଼ା ବୋଲି ସେ ମତ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ସମାଜସେବୀ ଚନ୍ଦନ କୁମାର ନାୟକ କହିଥିଲେ, ଟ୍ରାନ୍ସଜେଣ୍ଡରଙ୍କ ସମସ୍ୟା, ସଂଘର୍ଷ ଓ ସଫଳତା ସମ୍ବନ୍ଧରେ ସମାଜକୁ ଅବଗତ କରାଇବା ପାଇଁ ସିନେମା, ସାହିତ୍ୟ ଭଳି ଜନପ୍ରିୟ କଳାକ୍ଷେତ୍ରର ଲୋକେ ଆଗେଇ ଆସିବା ଉଚିତ। ଏହି ଅବସରରେ ଓଡ଼ିଶାର ଟ୍ରାନ୍ସଜେଣ୍ଡରଙ୍କ ଭିତରେ ଥିବା ପ୍ରମୁଖ ବ୍ୟକ୍ତିତ୍ୱ ସାଧନା ମିଶ୍ର, ସମୀକ୍ଷା ବେହେରା, ମେଘନା ସାହୁ, ଆୟେଶା ବେହେରା, ସଦଭିଶ, ସୁମନ ମହାକୁଡ଼, ସନ୍ତୋଷ ଜେନା ନିଜ ଜୀବନ ସଂଘର୍ଷଠାରୁ ସମାଜରେ ଆତ୍ମସମ୍ମାନର ବଞ୍ଚିବାଯାଏ ଯାତ୍ରାର ଅନୁଭୂତି ବଖାଣିଥିଲେ।

# ପ୍ରକଳ୍ପ କାର୍ଯ୍ୟ ଅନୁଧାନ କଲେ ୫-ଟି ସଚିବ

ପୁରୀ ଅଫିସ, ୧୪

୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ଅପରାହ୍ନରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଐତିହ୍ୟ କରିଡର ଏବଂ ଅନ୍ୟ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୫-ଟି ସଚିବ ପ୍ରଥମେ ପେଣ୍ଠକଟାରେ ପହଞ୍ଚି ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖୁବଶୀଘ୍ର ଉଦ୍‌ଘାଟନ ହେବ। ପରେ ୫-ଟି ସଚିବ ମାର୍କେଟ ଛକଠାରେ ନିର୍ମାଣ ହେଉଥିବା ମାର୍କେଟ କମ୍ପ୍ଲେକ୍ସର କାର୍ଯ୍ୟ ସମୀକ୍ଷା କରିଥିଲେ। ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ଖୁବ୍‌ଶୀଘ୍ର ସରିବ ବୋଲି ଜଣାପଡ଼ିଛି। ପରେ ୫-ଟି ସଚିବ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହ ଏବଂ ଭିତରବେଢାରେ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ଫେରିଥିଲେ। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ଐତିହ୍ୟ କରିଡର ପ୍ରକଳ୍ପ ଅଗ୍ରଗତି ନେଇ ଅନୁଧାନ କରିଥିଲେ। କାର୍ଯ୍ୟ କେତେ ସରିଛି, ଆଉ କେତେ ବାକି ଅଛି ତାହା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଆସନ୍ତା ରଥଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଐତିହ୍ୟ କରିଡର ପ୍ରକଳ୍ପର କାର୍ଯ୍ୟ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ୫-ଟି ସଚିବ ଓ ମୁଖ୍ୟ ସଚିବ ବିଭିନ୍ନ ସମୟରେ ପୁରୀ ଆସି ପ୍ରକଳ୍ପ କାର୍ଯ୍ୟର ଅନୁଧାନ କରୁଛନ୍ତି। ବର୍ତ୍ତମାନ ଆଉଟର ଆସେସ ରୋଡ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହା ସରିବା ପରେ ଇନର ଆସେସ ରୋଡ, ମେଘନାଦ ପାଚେରି ସହ ଆଉଟର ଆସେସ ରୋଡର ସଂଯୋଗ, ଯାତ୍ରୀ ପ୍ରତୀକ୍ଷା ଓ ଧ୍ୟାନ କେନ୍ଦ୍ର, ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ କରିଡ଼ର ନିର୍ମାଣ କରାଯିବ। ୫-ଟି ସଚିବଙ୍କ ସମୀକ୍ଷା ଅବସରରେ ତାଙ୍କ ସହ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ ଏବଂ ଓବିସିସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।



୫-ଟି ସଚିବ ଭି.କେ. ପାଣ୍ଡିଆନ ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖୁଛନ୍ତି।

**ସଂକ୍ଷେପରେ**

## ବର୍ଷାରେ ଭୁଶୁଡ଼ିଲା କାନ୍ଥ, ବର୍ତ୍ତିଲେ ପରିବାର

**ବୋଲଗଡ,୧୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ଖଙ୍ଗୁରିଆ ଗ୍ରାମ ବଡ଼ସାହିର ଉମେଶ ପଟ୍ଟନାୟକଙ୍କ ୨ବଖରା ଘର ମଧରୁ ପଶ୍ଚିମା ଝଡ଼ ବର୍ଷା ପ୍ରଭାବରୁ ଗୋଟିଏ ବଖରାର ମାଟିକାନ୍ଥ ଶୁକ୍ରବାର ରାତିରେ ଭୁଶୁଡି ଯାଇଛି। ଉମେଶ ରାତ୍ରି ଭୋଜନ କରୁଥିବା ବେଳେ ଝଡ଼ ବର୍ଷା ହୋଇ ହଠାତ୍ ଗୋଟିଏ ବଖରାର କାନ୍ଥ ପଡ଼ିଯାଇଥିଲା। ପାଖରେ ତାଙ୍କ ସ୍ତ୍ରୀ, ଝିଅ ଓ ମାଆ ଉପସ୍ଥିତ ଥିଲାବେଳେ ସମସ୍ତେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତାଙ୍କର ପୂର୍ବରୁ ୪ବଖରା ଘର ଥିବା ବେଳେ ଗତ ଫାଇଲିନ ବାତ୍ୟାରେ ସେଥିରୁ ୨ଟି ବଖରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସେ ବାବଦରେ ସେ କିଛି କ୍ଷତିପୂରଣ ପାଇଥିଲେ ମଧ ମରାମତି କରି ନ ପାରି କଷ୍ଟେମଷ୍ଟେ ଅନ୍ୟ ଦୁଇ ବଖରାରେ ଚଳି ଆସୁଥିଲେ। ତେବେ ମାଙ୍କଡ ଉପଦ୍ରବରୁ କିଛି ଭାଙ୍ଗିଯାଇଥିଲା ବେଳେ ଏବେ ପଶ୍ଚିମା ଝଡ଼ ପ୍ରଭାବରୁ ମାଟି କାନ୍ଥ ଓଦା ହୋଇ ବତୁରିଯାଇ ଧସି ପଡିଛି। ଏବେ ଉମେଶଙ୍କ ପରିବାର ଭୟଭୀତ ଅବସ୍ଥାରେ ଗୋଟିଏ ବଖରା ଘରେ ଚଳୁଥିବା ବେଳେ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା

**ବେଗୁନିଆ,୧୪(ଡି.ଏନ.ଏ):** ବେଗୁନିଆ ସଦର ମହକୁମାରେ ଥିବା ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଶନିବାର ପ୍ରଧାନ ଶିକ୍ଷକ ବାସୁଦେବ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ଆଲୁମିନି କମିଟି ସଭାପତି ଡ. ହରିପ୍ରସାଦ ଦାସ, ବିଆର୍‌ସିସି ସୁରେଶ କୁମାର ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦାଶରଥି ପ୍ରଧାନ, ନଳିନୀପ୍ରଭା ଦେବୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ମୁନି ଏବଂ ପ୍ରଧାନ ଶିକ୍ଷକ ବେହେରାଙ୍କ ପତ୍ନୀ ରମାମଣି ପ୍ରମୁଖ ଉପସ୍ଥିତ ଥିଲେ। ଚାକିରି ଜୀବନ ଆରମ୍ଭ ଓ ଅବସର ସମୟ ମଧରେ ରହିଥିବା ଅନ୍ତର୍ନିହିତ ଶକ୍ତି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପ୍ରତି ପ୍ରଧାନ ଶିକ୍ଷକ ବେହେରାଙ୍କ ଅତୁଳନୀୟ ଅବଦାନ ରହିଥିଲା ବୋଲି ପରିଚାଳନା କମିଟି ସଭାପତି ମୁନି କହିଥିଲେ। ଅନ୍ୟପକ୍ଷେ ଚାକିରି ଜୀବନରେ ଛାତ୍ରୀଛାତ୍ର ଓ ସହକର୍ମୀ, ଅଭିଭାବକ ଓ ବିଭାଗୀୟ ଅଧିକାରୀମାନଙ୍କଠାରୁ ପାଇଥିବା ସ୍ନେହ ଶ୍ରଦ୍ଧା ଅତ୍ୟନ୍ତ ମନୋରମ ବୋଲି ପ୍ରଧାନ ଶିକ୍ଷକ ବେହେରା ଉଦ୍‌ବୋଧନ ଦେଇଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସଭା ସଂଯୋଜନା କରିଥିବା ବେଳେ ବାବି ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ସେବା ଦେଲେ ସମ୍ମାନ ପାଇବ: ଏସ୍‌ପି

### ୬ ପୋଲିସ କର୍ମଚାରୀ ପୁରସ୍କୃତ

**ଖୋର୍ଦ୍ଧା ଅଫିସ,୧୪**

ସ୍ଥାନୀୟ ରିଜର୍ଭ ପଡ଼ିଆରେ ଶନିବାର ଖୋର୍ଦ୍ଧା ପୋଲିସ ପକ୍ଷରୁ ଜିଲାସ୍ତରୀୟ ୮୮ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା।

ଏସ୍‌ପି କହିଥିଲେ, ପୋଲିସ କେବଳ ଜନତାର ବନ୍ଧୁ ବୋଲି କହିଲେ ହେବ ନାହିଁ, ବରଂ ବାସ୍ତବ ପ୍ରତିବଦ୍ଧତା ଆବଶ୍ୟକ। ଲୋକଙ୍କ ସହ ଉତ୍ତମ ବ୍ୟବହାର ଓ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ



ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ପୁରସ୍କୃତ ପୋଲିସ କର୍ମଚାରୀ।

ରହିଲେ ଜନତାଙ୍କ ହୃଦୟ ଜିଣିପାରିବ। ଲୋକଙ୍କ ହୃଦୟ ଜିଣିଲେ ସମ୍ମାନ ପାଇବ। ସେବା ଓ ସମର୍ପଣ ଭାବ ନେଇ ସାଧୁତାର ସହ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ସେ ଆହୁରି କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ଓ ବଳିଷ୍ଠ ନେତୃତ୍ୱ ଯୋଗୁ ପୋଲିସ ବିଭାଗ କ୍ରିୟାଶୀଳ ହୋଇ କାର୍ଯ୍ୟ କରୁଛି। ସମସ୍ତଙ୍କ ସହଯୋଗ ରହିଲେ ଓଡ଼ିଶା ପୋଲିସର ଗୌରବ ବୃଦ୍ଧି ପାଇବ। ଥାନାକୁ ଆସୁଥିବା ବ୍ୟକ୍ତିଙ୍କୁ ଭଲ ବ୍ୟବହାର ସହ ସେମାନଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି। ସେହିପରି ମାଓବାଦୀ ଦମନ, ଜନସାଧାରଣଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଦିଗରେ ବିଶେଷ ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି କଟାରିଆ କହିଥିଲେ। ଏହି ଅବସରରେ ପୋଲିସ ସେବା କ୍ଷେତ୍ରରେ ଉତ୍କର୍ଷତା ଲାଗି ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ଅଞ୍ଜଳି ମଲ୍ଲିକ, ବାଲୁଗାଁ ଥାନା ଏଏସ୍‌ଆଇ ଶରତ ଚନ୍ଦ୍ର ପ୍ରଧାନ, ଟାଉନ ଥାନା କନଷ୍ଟେବଲ ବି.କେ. ପ୍ରତାପସିଂ, କନଷ୍ଟେବଲ୍ ଲଳିତ କୁମାର ଧଳ, ଜ୍ଞାନରଞ୍ଜନ ମଙ୍ଗରାଜ ଓ ସନ୍ତୋଷ କୁମାର ବେହେରା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁରେଶ କୁମାର ଦାଶ, ସୁରେନ୍ଦ୍ରନାଥ ମୁର୍ମୁ, ଡିଆଇବି ଡିଏସ୍‌ପି ଅତନୁ ରାଉତ, ଡିଏସ୍‌ପି ବିଷ୍ଣୁଚରଣ ପତି, ସଦର ଏସ୍‌ଡିପିଓ ଦିଲୀପ ଦାସ, ସମସ୍ତ ଥାନାର ଅଧିକାରୀ, ସେନା ନିବୃତ୍ତ କର୍ମଚାରୀ ଏବଂ ବୁଦ୍ଧିଜିବୀମାନେ ଉପସ୍ଥିତ ଥିଲେ।

## ଏସ୍‌ଡିପିଓ ମାନସ ବାରିକଙ୍କୁ 'ଡିଜିପି ପଦକ'

**ଖୋର୍ଦ୍ଧା ଅଫିସ,୧୪**



ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କୁ ଡିଜିପି ପୁରସ୍କୃତ କରୁଛନ୍ତି।

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶନିବାର ୮୮ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ ସହ ଉଲ୍ଲେଖନୀୟ ପୋଲିସ ସେବା ପାଇଁ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ନିଷ୍ଠାପର କାର୍ଯ୍ୟ ଏବଂ ଲୋକଙ୍କୁ ସେବା ପ୍ରଦାନ ନିମନ୍ତେ ଡିଜିପି ବଂଶଲଙ୍କଠାରୁ 'ଡିଜିପି ପଦକ' ହାସଲ କରିଛନ୍ତି। ଏସଡିପିଓ ବାରିକ କରୋନା ସମୟରେ ଅଜଣା ଶବ ସଂସ୍କାର କରିବା ସହ ଲୋକଙ୍କୁ ସେବା ଓ ସହଯୋଗ ଯୋଗାଇ ଦେଇଥିଲେ। ଏହି ସମ୍ମାନ ସମସ୍ତଙ୍କ ଭଲ ପାଇବା ଓ ଆଶୀର୍ବାଦ ବୋଲି ମାନସ କହିଛନ୍ତି। ମାନସ ଜଣେ ଦକ୍ଷ ପୋଲିସ ଅଧିକାରୀ ସହ ସ୍ତମ୍ଭକାର, ଲେଖକ ଓ କବି। ଦୀର୍ଘଦିନର ସାଉଁଟା ଅଭିଜ୍ଞତା, ଛୋଟ କାହାଣୀ ଓ ଚରିତ୍ରକୁ ନେଇ ତାଙ୍କ ରଚିତ 'ଅଣୁଗଳ୍ପ ମାନସାଙ୍କ' ଡିଜିପିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅନେକ ସ୍ମୃତି, ଅନୁଭୂତିର ଭାବକୁ ଅନୁଭବ କରି ସେ ରଚନା କରିଥିବା ପୁସ୍ତକ ସମସ୍ତଙ୍କ ମନକୁ ଛୁଇଁପାରିଛି।



ଖୋର୍ଦ୍ଧା ଜିଲାସ୍ତରୀୟ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସରେ ଶନିବାର ରିଜର୍ଭ ପଡ଼ିଆରେ ପୋଲିସ କର୍ମଚାରୀମାନେ ପରେଡ୍ କରୁଛନ୍ତି।

## ଶିଶୁପାଳଗଡ଼ରୁ ଖୋର୍ଦ୍ଧାଗଡ଼କୁ ସାଇକେଲ ଯାତ୍ରା

**ଖୋର୍ଦ୍ଧା ଅଫିସ,୧୪**

ଓଡ଼ିଶା ଦିବସ ଅବସରରେ ଶନିବାର ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟଙ୍କ ନେତୃତ୍ୱରେ ଭୁବନେଶ୍ୱର ଶିଶୁପାଳଗଡ଼ଠାରୁ ୧୫୦ଜଣ ସାଇକେଲ ଆରୋହୀ ବାହାରି ଗଡ଼ଖୋର୍ଦ୍ଧାରେ ପହଞ୍ଚି ପଞ୍ଚମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। ଜଟଣୀ ବିଧାୟକ ସୁରେଶ ରାଉତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଓକିଲ ସଂଘର ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ ମିଶ୍ର, ବିଜୟ ସାମନ୍ତସିଂହାର, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ଏବଂ ଆଇନଜୀବୀ ଶିଶିର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଜ୍ଜୁନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅର୍ଜ୍ଜୁନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ।

**ଟାଙ୍ଗୀ(ଖୋର୍ଦ୍ଧା),୧୪(ଡି.ଏନ୍.ଏ.)**

ଅର୍ଜ୍ଜୁନପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ସହିତ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରଭାକର ସାମନ୍ତରାୟ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ ଶିକ୍ଷାଧିକାରୀ ବନଲତା ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନରେ ଅଗ୍ରଗତି ହେବା ପାଇଁ ପରାମର୍ଶ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଶାଶ୍ୱତି ସାହୁଙ୍କୁ ଉତ୍ତମ ଶିକ୍ଷୟିତ୍ରୀ ଭାବେ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଖାଉଟି ସୁରକ୍ଷା ମଞ୍ଚର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବଳରାମଦେବ ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବଳବନ୍ତରାୟ, ମୋ ସ୍କୁଲ ସଭାପତି ଭିକାରୀଚରଣ ବାରିକ, ପରିଚାଳନା କମିଟି ସଭାପତି ସତ୍ୟବାନ ପରିଡା ଯୋଗଦେଇ ବିଦ୍ୟାଳୟର ଉନ୍ନତିକାମନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟରୁ ବିଦାୟ ନେଇଥିବା ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ପ୍ରଧାନଶିକ୍ଷୟିତ୍ରୀ ନିରୁପମା ମହାପାତ୍ର,ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମଙ୍ଗରାଜ, ଅତିଥି ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସମେତ ୧୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କ୍ରୀଡାରେ ଚାମ୍ପିୟନ ହୋଇଥିବା ସୋହମ ବଡଜେନା, କାହ୍ନୁଚରଣ ପ୍ରଧାନ ଏବଂ ସୁଶ୍ରୀ ସଙ୍ଗୀତା ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ମୁରଲୀଧର ନାୟକ, କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମିଶ୍ର ସଂଯୋଜନା କରିଥିଲେ।

# ଜଟଣୀ ବାର୍ ଆସୋସିଏଶନର ଶପଥ ଗ୍ରହଣ

**ଜଟଣୀ,୧୪(ଡି.ଏନ୍.ଏ.)**

ଜଟଣୀ ବାର୍ ଆସୋସିଏଶନର ୨୦୨୩-୨୪ ବର୍ଷ ପାଇଁ ନିର୍ବାଚିତ ଅଧିବକ୍ତା ଶପଥ ଗ୍ରହଣ କରିଛନ୍ତି। ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଥିବା ବାର୍ ଗୃହ ପରିସରରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ନିରଞ୍ଜନ ପଣ୍ଡା, ସମ୍ପାଦକ ବିଜୟ କୁମାର ମହାପାତ୍ର, ଉପ ସଭାପତି ପ୍ରଦୀପ ଜେନା, ଆସୋସିଏଟିଭ ସମ୍ପାଦକ ନବୀନ ଭଜରାପୁ, କୋଷାଧକ୍ଷ ମାନସ କୁମାର ସୁବୁଦ୍ଧି, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶ୍ରୀମନ୍ତ ମହାପାତ୍ର, ପ୍ରଦୀପ କୁମାର ମହାରଣା, ରଷିକୂଲ୍ୟା ସାମନ୍ତରାୟ,



ଜଟଣୀ ବାର୍ ଆସୋସିଏଶନର ନିର୍ବାଚିତ ସଦସ୍ୟମାନେ ଶପଥ ନେଉଛନ୍ତି।

ସୌଭାଗ୍ୟ କୁମାର ଜଗଦେ, ହରପ୍ରସାଦ ବରାଳ, ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ନିର୍ବାଚିତ ଅଧିବକ୍ତା ଶପଥ ନେଇଛନ୍ତି। ନିର୍ବାଚିତ ଅଧିବକ୍ତା ସାମ୍ବିଧାନିକ ବିଧିବ୍ୟବସ୍ଥାରେ ସମାଜର ଅବହେଳିତ, ନିଷ୍ପେସିତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ସହିତ ସମାଜରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରି କାର୍ଯ୍ୟ କରିବେ ବୋଲି ମତ ବ୍ୟକ୍ତ କରିଥିଲେ। ନିର୍ବାଚନ ଅଧିକାରୀ ସାନକୁ କୁମାର ମିଶ୍ର, ବରିଷ୍ଠ ଅଧିବକ୍ତା ଶୈଳେନ୍ଦ୍ର ପଟ୍ଟନାୟକ ଏବଂ ଅକ୍ଷାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇ ନିର୍ବାଚିତ ଅଧିବକ୍ତାଙ୍କ ଶପଥ ପାଠ କରାଇଥିଲେ। ଏହି ଅବସରରେ ଜଟଣୀ ବାର୍ ପକ୍ଷରୁ ପିପିଲି ବାର୍‌ର ନବନିର୍ବାଚିତ ସମ୍ପାଦକ ବସନ୍ତ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧିବକ୍ତା ରମେଶ ଚନ୍ଦ୍ର ମିଶ୍ର ଏବଂ ଜଟଣୀ ବାରର ଶୁଭ୍ରାଂଶୁ ଶେଖର ଜେନା, ସଞ୍ଜୟ ମହାପାତ୍ର, ପ୍ରସନ୍ନ ମହାନ୍ତି, କାଶୀନାଥ ପ୍ରଧାନ, ଦେବବ୍ରତ ପାଢ଼ୀ, ଶରତଚନ୍ଦ୍ର ପାଇକରାୟ, ସୁରେଶ ସେଠୀ ଏବଂ ଅଧିବକ୍ତା ଅମର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଭୁବନେଶ୍ୱର ବାର୍ ଆସୋସିଏଶନର ବହୁ ସଦସ୍ୟ ଯୋଗ ଦେଇଥିଲେ।

## ମାଟି, ମାତୃଭାଷା ପାଇଁ ପ୍ରତି ଓଡ଼ିଆ ନିଜକୁ ସମର୍ପଣ କର



ନିରାକାରପୁର ଅଞ୍ଚଳରେ ଏକ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଉଛି।

**ଜଟଣୀ/ନିରାକାରପୁର, ୧୪(ଡି.ଏନ୍.ଏ.)**

ଜଟଣୀ ବ୍ଲକ ତିରିମଲ ପଞ୍ଚାୟତର ରାଣୀପୁର ଗ୍ରାମରେ ଥିବା ବାପାମା'ଙ୍କ ସେବାଶ୍ରମରେ ଓଡ଼ିଶା ଦିବସ ପାଳିତ ହୋଇଛି। ଗୌତମ ମହାରଣାଙ୍କ ସହ ସେବାଶ୍ରମର ସଭାପତି ଜ୍ୟୋତି ମହାରଣା, ଉପସଭାପତି ବାସୁଦେବ ସେଠୀ, ବୃନ୍ଦାବନ ସୁବୁଦ୍ଧି, ଉପଦେଷ୍ଟା ଗୁଣ୍ଡୁଚି ସାହୁ, ସମ୍ପାଦକ ଶ୍ରଦ୍ଧାଞ୍ଜଳି ମହାରଣା, ସନ୍ତୋଷୀ ଜାଲି, ମ୍ୟାନେଜର ପ୍ରିୟଙ୍କା ପ୍ରିୟଦର୍ଶିନୀ କର ପ୍ରମୁଖ ଯୋଗଦେଇଥିଲେ। ଜଟଣୀ ବରିଷ୍ଠ ନାଗରିକ ସେବା ସଙ୍ଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେସନ ପକ୍ଷରୁ ସଭାପତି ନୋଟାରୀ ଅବନୀ କୁମାର ରାଉତରାୟଙ୍କ ଅଧକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି.ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ଶିକ୍ଷକ ନେତା ଜବାହରଲାଲ ସୁବୁଦ୍ଧି, ବିଜୟ ପଣ୍ଡା, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ମା' ମାଟି ମାତୃଭାଷାର ଉନ୍ନତି ପାଇଁ ପ୍ରତି ଓଡ଼ିଆ ନିଜକୁ ସମର୍ପଣ କରିପାରିଲେ ଯାଇ ଓଡ଼ିଶା ଦିବସର ଯଥାର୍ଥ ହେବ ବୋଲି କହିଥିଲେ।.ଜଟଣୀ ନାଗରିକ କମିଟି ତରଫରୁ କ୍ୟାପଟେନ ମନ୍ମଥ ରାଉତରାୟଙ୍କ ପୌରହିତରେ ସ୍ଥାନୀୟ ରାମଚନ୍ଦ୍ରପୁରରେ ମଧ ପାଳିତ ହୋଇଛି। ଏଥିରେ କାଉନସିଲର ସୌମେନ୍ଦ୍ର ପଟ୍ଟନାୟକ, ଲୁସେନ ରାୟ, ଜଟଣୀ ଟାଉନ କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ବୃନ୍ଦାବନ ସାହୁ, କଳିଙ୍ଗ ସାହୁ, ନୌସିର ଅଲ୍ଲୀ ଜ୍ୟୋତି ରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ନିରାକାରପୁର ପଞ୍ଚାୟତରେ ଥିବା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ କାର୍ଯ୍ୟାଳୟରେ ସାହିତ୍ୟ ସଂସଦ ଓ ସହଯୋଗ ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ସଂସଦ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଖବରଦାତା ମାନସଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ସୁରେଖା ଦାଶ, ବୈନେତେୟ ନାରାୟଣ ଦାଶ, ତେଜସ୍ୱିନୀ ଦାଶ, ଇନ୍ଦିରା ପ୍ରିୟଦର୍ଶିନୀ, ଶଙ୍କର୍ଷଣ ପ୍ରଧାନ, ନଗେଶ୍ୱରୀ ପ୍ରଧାନ, ସାଇଶ୍ରୀ ଅନୁରାଗ, ଉଷାରାଣୀ ସାମନ୍ତରାୟ, ସଂଘମିତ୍ରା,ଦୀପିକା, ବିନ୍ଧୁ, ପ୍ରତିଭା, ବୈଶାଖି, ସଙ୍ଗୀତା, ଲିଜା, ରିଚା, ସ୍ୱାଗତିକା, ଲକ୍ଷ୍ମୀପ୍ରିୟା, ଶୁଭଶ୍ରୀ, ବର୍ଷା, ପୂର୍ଣ୍ଣିମାନିତୁ, ସୁମିତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆପ୍ରେମୀଙ୍କ ସଂଗ୍ରାମରେ ଓଡ଼ିଶା ସୃଷ୍ଟି

**ଗମ୍ଭାରୀମୁଣ୍ଡା/ଟାଙ୍ଗୀ(ଖୋର୍ଦ୍ଧା)/ ବେଗୁନିଆ, ୧୪(ଡି.ଏନ୍.ଏ.)**

ଏପ୍ରିଲ ୧ ତାରିଖ ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ପକ୍ଷରୁ ୮୮ତମ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏନ୍‌ଏସି ଅଧକ୍ଷ ମିଟୁ ନାୟକଙ୍କ ଅଧକ୍ଷତାରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯୋଗୀ ପୋଖରୀ ନିକଟରେ ଥିବା ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତି, ମହାତ୍ମା ଗାନ୍ଧୀ ଓ ବାଣପୁରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ପଲଟଣ ପଡ଼ିଆରେ ଥିବା ଶହୀଦ କୃତିବାସ ପାଟଶାଣୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ସମସ୍ତେ ଉତ୍କଳ ସଙ୍ଗୀତ ଗାନ କରିବା ସହ ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଉପାଧକ୍ଷା ପ୍ରାଚୀ ପ୍ରଭା ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଖବରଦାତା ନୃସିଂହ ପ୍ରସାଦ ମିଶ୍ରଙ୍କ ସମେତ ମନୋଜ ବାରିକ, ରମେଶ ବାରିକ, କାଉନସିଲର ଦୀପକ ପ୍ରଧାନ, ରାସଲତା ଜେନାଙ୍କ ସମେତ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ଥିଲେ।

ବୋଲଗଡ଼ର ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ଆନୁକୂଲ୍ୟରେ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଓଡ଼ିଶା ଦିବସ ପାଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ପରିଷଦ ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ପୌରୋହିତ୍ୟରେ ଥାନାଧିକାରୀ




ଟାଙ୍ଗୀ ଅଞ୍ଚଳରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକ ଓ ଅନ୍ୟମାନେ।

ରଶ୍ମିରଞ୍ଜନ ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନବକିଶୋର ପଟ୍ଟନାୟକ, ଶିକ୍ଷାବିତ ହରିବନ୍ଧୁ ସାହୁ ଏବଂ ସତ୍ୟନାରାୟଣ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ଓଡ଼ିଆପ୍ରେମୀଙ୍କ ସଂଗ୍ରାମରେ ହିଁ ଓଡ଼ିଶା ସୃଷ୍ଟି ହୋଇଥିଲା ବୋଲି କହିଥିଲେ। କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅନେକ କବିୟତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ସର୍ବଶ୍ରୀ ପଦ୍ମନାଭ ପରିଡ଼ା, ଗୀତାଞ୍ଜଳି ମହାପାତ୍ର, ପ୍ରଭାକର ସାହୁ, ପ୍ରଫୁଲ୍ଲ ମହାପାତ୍ର, ଅର୍ପିତ ମଲ୍ଲିକ, ଭକ୍ତବଲ୍ଲଭ ପଟ୍ଟନାୟକ, ବସନ୍ତ ମଞ୍ଜରୀ ପରମଗୁରୁ, ବଂଶୀଧର ପଣ୍ଡା ପ୍ରଭୃତିଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ବାଲ୍ମିକ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ। ସେହିପରି ସଂପୁର ଗ୍ରାମର ନୂଆ ସାହିରେ ପାଞ୍ଚଗଡ ସୃଜନଶୀଳ

### ଓଡ଼ିଶା ଦିବସ ପାଳିତ

ସମିତି ଆନୁକୂଲ୍ୟରେ ସଭାପତି ପ୍ରମୋଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ନୟାଗଡ଼ ପରମ୍ପରା ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ନିର୍ମଳ ଚନ୍ଦ୍ର ସୁରଦେଓ, ମୁଖ୍ୟବକ୍ତା ଅଧାପକ ସୁକାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ। ସଭ୍ୟ ଅବିନାଶ ମହାନ୍ତି ଧନ୍ୟବାଦ ଦେଇଥିଲେ।

ନାରୁଣୀସ୍ଥିତ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜଗତିମହାବୀର ମନ୍ଦିର ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଏକ ରାଲି ପରେ ସଂଘ ସଭାପତି ଅଶ୍ୱିନୀ ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ସମ୍ପାଦକ ଦେବେନ୍ଦ୍ର ମହାରଥୀ, ପ୍ରଦୀପ ମହାପାତ୍ର, ରାମଚନ୍ଦ୍ର ମାର୍ଥା,ହରିହର ମିଶ୍ର, ହାଲୁ କିଶୋର ସାହୁ, ମଙ୍ଗୁଳି ପରିଡ଼ା, ମକରଧ୍ୱଜ ପଲେଇ, ସତ୍ୟବାଦୀ ପ୍ରଧାନ, ସରୋଜିନୀ ବରାଳ, ଅଇଁଠା ବରାଳ,ଭକ୍ତଚରଣ ସାହୁ ପ୍ରମୁଖ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। କୋଷାଧକ୍ଷ ବିନୋଦ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ଜାଗୃତିକା ପକ୍ଷରୁ ଭବାନୀପୁରସ୍ଥିତ କବି କୁଟୀର ପରିସରରେ ସଭାପତି ପ୍ରଫେସର ଗଙ୍ଗାଧର ପ୍ରଧାନଙ୍କ ଅଧକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ପରେ ସାହିତ୍ୟ ଓ ଜୀବନ ଦର୍ଶନ ଶୀର୍ଷକ ଆଲୋଚନାରେ ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ଦୁର୍ଯୋଧନ ପ୍ରଧାନ, ଭିକାରୀ ଚରଣ ପ୍ରଧାନ, ବିରଞ୍ଚିନାରାୟଣ ପ୍ରସାଦ ନାୟକ, ବାସନ୍ତୀ ସାହୁ, ଶରତଚନ୍ଦ୍ର ପାତ୍ର, କାଳୁଚରଣ ସାମନ୍ତରାୟ, ସମ୍ପାଦକ ବିରଞ୍ଚିନାରାୟଣ ପ୍ରସାଦ, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଥିଲେ। ଶିବପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ବେଗୁନିଆ ବ୍ଲକର ପୁରପଲ୍ଲୀରେ 'ବନ୍ଦେ ଉତ୍କଳ ଜନନୀ'ସଙ୍ଗୀତ ପରିବେଷଣ ହୋଇଥିଲା। ସଦର ମହକୁମା ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଓଡ଼ିଶା ଦିବସ ପାଳନ ହୋଇଥିଲା। ଆଦର୍ଶ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଓ ସଂସ୍କୃତି ବିଶେଷଜ୍ଞା ଡ. ପ୍ରତିଭା ମହାରଥୀ, ବକ୍ତା ଭାବେ ଆସୋସିଏଟ ପ୍ରଫେସର ବ୍ରଜସୁନ୍ଦର ମିଶ୍ର, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଯୋଗଦେଇ ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପ୍ରତି ନାଗରିକଙ୍କର ଗୁରୁଦାୟିତ୍ୱ ରହିବା ଦରକାର ବୋଲି କହିଥିଲେ। ପରେ ସାହିତ୍ୟିକ କୃଷ୍ଣଚନ୍ଦ୍ର ବାହିନୀପତିଙ୍କ ରଚିତ ଗୀତିକବିତା ମା'ବରୁଣେଇ'ର ଶୁଭ ଲୋକାର୍ପଣ ହୋଇଥଲା। କଣ୍ଠଶିଳ୍ପୀ ସଞ୍ଜୟ ପାଣିଗ୍ରାହୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବେଗୁନିଆ ଆମ ଆଦମୀ ପାର୍ଟି ଜିଲା ସଭାପତି ଶୁଭାଶିଷ ସ୍ୱାଇଁଙ୍କ ଅଧକ୍ଷତାରେ ବାଘମାରିରେ ଓଡ଼ିଶା ଦିବସ ପାଳିତ ହୋଇଛି। କର୍ମକର୍ତ୍ତାମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ମଧୁସୂଦନ ରାଓ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନୀତିରେ ରାଜ୍ୟବାସୀ ଅନୁପ୍ରାଣିତ ହେବା ଆବଶ୍ୟକଳ ବୋଲି ସଭାପତି କଳ୍ପତରୁ ପଣ୍ଡା କହିଥିଲେ। କିଶୋର ସାହୁ, ସୂର୍ଯ୍ୟକାନ୍ତ ଗୁଆଳ, ଭକ୍ତବନ୍ଧୁ ପଟ୍ଟନାୟକ, କବିରାଜ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାତରେ ବୋମା ଫୁଟି ଯୁବକ ଗୁରୁତର

**ଖୁଣ୍ଟୁଣୀ,୧୪(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ପଞ୍ଚାୟତର ମୁଷୁଲିଆ ଆଦିବାସୀ ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ଘର କଳିକୁ ନେଇ ନିଜ ଭାଇ ଉପରକୁ ପକାଇବାକୁ ଯାଉଥିବା ବୋମା ନିଜ ହାତରେ ଫୁଟିଯିବାରୁ ଗୁରୁତର ହୋଇଛନ୍ତି। ସେ ହେଲେ ମୁଷୁଲିଆ ଗ୍ରାମର ମଙ୍ଗଲ ଦିଗି (୪୧)। ତାଙ୍କ ଡାହାଣ ହାତ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଲ ରାତିରେ ମଦ୍ୟପାନ କରି ତାଙ୍କ ସ୍ତ୍ରୀଙ୍କ ସହିତ ଝଗଡା କରିଥିଲେ। ଏହାକୁ ତାଙ୍କ ଭାଇ ବିରୋଧ କରିଥିଲେ। ମଙ୍ଗଲ ଚାଲିଆସି ଘରେ ବାର୍‌ହା ଶିକାର ପାଇଁ ରଖିଥିବା ଏକ ବୋମାକୁ ହାତରେ ଧରି ଭାଇ ଉପରକୁ ପକାଇବାକୁ ଯାଉଥିଲେ। ଏହି ସମୟରେ ସେ ଝୁଣ୍ଟି ତଳେ ପଡିଯିବାରୁ ବୋମା ତାଙ୍କ ହାତରେ ଫୁଟିଥିଲା। ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

### ଗଣ୍ଡଗୋଳ, ୨ ଗିରଫ

**ଚୌଦ୍ୱାର,୧୪(ଡି.ଏନ୍.ଏ.):** ଗଣ୍ଡଗୋଳ ଘଟଣାରେ ଟିପିଏମ୍ ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁଶ୍‌ପଙ୍ଗୀ ଗ୍ରାମରେ ରହୁଥିବା ବ୍ରହ୍ମପୁର ଅଞ୍ଚଳର ସୂର୍ଯ୍ୟକାନ୍ତ ରାଉଳ ଓ ସୁଶାନ୍ତ ପାତ୍ର। ପୋଲିସ ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତ, ସୁଶାନ୍ତ ଓ ଘଣ୍ଟିଖାଲରେ ରହୁଥିବା ବ୍ରହ୍ମପୁର ଅଞ୍ଚଳର ରଞ୍ଜନ ପାତ୍ର ଘୁଷୁରି ପାଳିବା ସହ ବ୍ୟବସାୟ କରନ୍ତି। ସୂର୍ଯ୍ୟକାନ୍ତ ଓ ସୁଶାନ୍ତ ଗୁରୁବାର ରାତିରେ ରଞ୍ଜନଙ୍କୁ ଘରୁ ଡାକିନେଇଥିଲେ। ପରେ ସେମାନେ କଖଡ଼ିଠାରେ ମଦ୍ୟପାନ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୂର୍ଯ୍ୟକାନ୍ତ ଓ ସୁଶାନ୍ତ ଉତ୍ତ୍ୟକ୍ତ ହୋଇ ପଥରରେ ରଞ୍ଜନଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୪/୨୩) ରୁଜୁ କରିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଫୁଲନଖରା,୧୪(ଡି.ଏନ୍.ଏ.):** କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ନଂ. ୱାର୍ଡ ଅଧୀନ ନୂଆ କାଚରାମାଳ ଗ୍ରାମର ଶୋଭାବତୀ ଦେଈ(୮୯)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ଶନିବାର ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରଠାରେ ସତ୍କାର କରାଯାଇଥିଲା। ପୁତ୍ର କାନନ ବିହାରୀ ନାୟକ ମୁଖାଗ୍ନି ଦେଇଥିଲେ। ଶୋଭାବତୀ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। କଟକ ସଦର ଥାନାଧିକାରୀ ରଶ୍ମି ରଞ୍ଜନ ମହାପାତ୍ର, ସ୍ତମ୍ଭକାର ସନ୍ନ୍ୟାସୀ ଜୀ, ଟ୍ୱିନ୍‌ସିଟି ପ୍ରେସ୍ କ୍ଲବ ସଭାପତି ଅମିତ କୁମାର ପରିଜା, କଟକ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସହ ଅନ୍ୟମାନେ ଶୋଭାବତୀଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।



### ହେପାଟାଇଟିସ୍-ବି' ନିରାକରଣ ସମ୍ପର୍କିତ ଚିତ୍ରକଳା ଶିବିର

**କଟକ ଅଫିସ,୧୪:** କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ଓ କଳିଙ୍ଗ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ହେପାଟାଇଟିସ୍-ବି' ନିରାକରଣ ଉପରେ ଚିତ୍ରକଳା ଶିବିର କଟକସ୍ଥିତ ଗଡ଼ଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ଚେୟାରମ୍ୟାନ ପ୍ରଫେସର ଡା. ଶିବରାମ ପ୍ରସାଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ହେପାଟାଇଟିସ୍-ବି' ନିରାକରଣ ନିମନ୍ତେ ୨୩ ବର୍ଷ ଧରି ଫାଉଣ୍ଡେଶନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ମୁଖ୍ୟ ବକ୍ତା ଭାବେ ଡା. ନିରଞ୍ଜନ ରାଉତ ଓ ସମ୍ମାନିତ ଅତିଥି ଭାବେ ସୁଧା ସିଂ ଯୋଗଦେଇଥିଲେ। ଶିବିରରେ କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନର ୨୦ ଜଣ ଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିଥିଲେ। ଏଥିରେ ଭାସ୍କର୍ଯ୍ୟଶିଳ୍ପୀ ସଞ୍ଜୀବ ବିଶ୍ୱାଳ, ଜିତେନ୍ଦ୍ର ସାହୁ, ବିଜୟ ସାହୁ, ବିଜୟ ମଲ୍ଲିକ, ତେଜସ୍ୱିନୀ ସାମନ୍ତସିଂହାର, ଦୀପ୍ତି ପାଢ଼ୀ, ଲକ୍ଷ୍ମୀଧର ପ୍ରଧାନ, ଯସ୍ମିନ୍ ସାହୁ, ମନୀଷା କର, ବିମ୍ବାଧର କୁଅଁର, ଲକ୍ଷ୍ମୀଧର ରଣା, ଦୀପକ ବିଶ୍ୱାଳ ଉପସ୍ଥିତ ଥିଲେ।

# 'ଓଡ଼ିଆ ଭାଷାକୁ ନେଇ ଗର୍ବ କରିବା ଉଚିତ୍'

**କଟକ ଅଫିସ,୧୪**

ପ୍ରାୟ ୧୦୦ ବର୍ଷ ତଳେ ଉତ୍କଳମଣି ଗୋପବନ୍ଧୁ ଦାସ କଟକ ଟାଉନହଲଠାରେ ଆୟୋଜିତ ବୈଠକରେ କହିଥିଲେ ଯିଏ ଓଡ଼ିଶାରେ ବାସ କରୁଛନ୍ତି ସେ ଓଡ଼ିଆ। ଓଡ଼ିଆ ଆଉ ଓଡ଼ିଶାବାସୀଙ୍କ ମଧ୍ୟରେ ଫରକ ନାହିଁ ବୋଲି କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। କଟକ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଶହୀଦ ଭବନରେ ଓଡ଼ିଶା ଦିବସ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଏମ୍‌ପି ମହତାବ ଉଦ୍‌ଘାଟନ କରି କହିଥିଲେ, ସମ୍ବଲପୁରରୁ ପ୍ରଥମେ ଓଡ଼ିଆ ଭାଷା ଆନ୍ଦୋଳନ ଆରମ୍ଭ ହୋଇଥିଲା। ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏହି ଆନ୍ଦୋଳନ ତୀବ୍ରତର ହୋଇଥିଲା। ଆମ ଭାଷାର ମହତ୍ତ୍ୱ ରହିଛି। ଆମ ରାଜ୍ୟ, ଆମ ଭାଷାକୁ ନେଇ ଆମେ ଗର୍ବ କରିବା ଉଚିତ। ଯୁବପିଢ଼ି ଆଗାମୀ ଆହ୍ୱାନକୁ ସାମ୍ନା କରିବା ପାଇଁ ଓଡ଼ିଶା ଦିବସ ଅବସରରେ ସଙ୍କଳ୍ପ




ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଓଡ଼ିଶା ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ସମାରୋହ**

ନେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବିଧାୟକ ମହମ୍ମଦ ମୋକିମ କହିଥିଲେ, ଓଡ଼ିଶାକୁ ଭାଷାଭିତ୍ତିରେ ଗଢ଼ି ତୋଳିଥିବା ମହାନ୍ ପୁରୁଷମାନଙ୍କ ପ୍ରଦର୍ଶିତ ପଥରେ ଚାଲି ନୂଆ ଓଡ଼ିଶା ଗଠନ କରିବା। ଅନ୍ୟତମ ସମ୍ମାନିତ ଅତିଥି ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ଆମ ରାଜ୍ୟ ଏବେ ସବୁକ୍ଷେତ୍ରରେ ଆଗେଇ ନୂଆ ପରିଚୟ ଆଡ଼କୁ ଯାଉଛି। ସମ୍ମାନିତ ଅତିଥି ବିଧାୟକ ସୌଭିକ୍ ବିଶ୍ୱାଳ କହିଥିଲେ, ଆମ ରାଜ୍ୟର ମହାନ୍ ପୁରୁଷଙ୍କ ନୀତି, ଆଦର୍ଶକୁ ଆପଣେଇଲେ ଓଡ଼ିଶା ଦିବସ ପାଳନର ସାର୍ଥକତା ହେବ। କଟକର ବିଭିନ୍ନ ରାସ୍ତାକୁ ବରପୁତ୍ରମାନଙ୍କ ନାମରେ ନାମିତ କରାଇବା ଦିଗରେ ପଦକ୍ଷେପ ନେବାକୁ ବିଧାୟକ ବିଶ୍ୱାଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ଅନ୍ୟତମ ଅତିଥି ଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର, ବିଧାୟକ ପ୍ରମୋଦ ମଲ୍ଲିକ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବିନା ସୂଚନାଫଳକରେ କେନାଲ ସଫେଇ

**କଟକ ସଦର,୧୪(ଡି.ଏନ୍.ଏ.)**


ସଫା କରାଯାଇଥିବା କେନାଲ।

ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ଅନ୍ତର୍ଗତ ୩(ଗ) ଶାଖା କେନାଲରୁ ମାଟିଖୋଳା ସହ ଘାସ ଓ ଅନାବନା ଗଛ ସଫା କରାଯାଉଛି। ହେଲେ ସେଠାରେ ସୂଚନାଫଳକ ଲଗାଯାଇ ନ ଥିବାରୁ ଏହି କାମ କିଏ କରୁଛି ସେ ସମ୍ପର୍କରେ ସ୍ଥାନୀୟ ଚାଷୀମାନେ ଜାଣିପାରୁନାହାନ୍ତି। ଏହି କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଧାନଚାଷ କରାଯାଇଥାଏ। ଚାଷ ପାଇଁ ଜୁଲାଇରେ ଶାଖା କେନାଲରେ ପାଣି ଛଡ଼ାଯିବ। ତେଣୁ ୪ ମାସ ଆଗରୁ କେନାଲ ସଫେଇ ହେଲେ ପାଣି ଛାଡ଼ିଲାବେଳକୁ ପୁଣି ଘାସ ଓ ଅନାବନା ଗଛ ମାଡ଼ିଯିବ। ଫଳରେ ପାଣି ତଳମୁଣ୍ଡକୁ ଯିବାରେ ସମସ୍ୟା ହେବ। ଏ ସମ୍ପର୍କରେ ବିରିବାଟୀ ଜଳସେଚନ ସେକ୍ସନର ସହକାରୀ ଯନ୍ତ୍ରୀ ଗୋବର୍ଦ୍ଧନ ପାଣିଗ୍ରାହୀଙ୍କୁ ପଚାରିବାରୁ ଏହି କାମ ଜଳସମ୍ପଦ ବିଭାଗର ନୁହେଁ ବୋଲି ସ୍ୱୀକାର କରିଥିଲେ। ତେବେ ଏହି କାମ କିଏ କରୁଛି ବୁଝିକି କହିବେ ବୋଲି କହିଥିଲେ। କାରଣ ଅନ୍ୟ କୌଣସି ବିଭାଗ କେନାଲ ସଫେଇ ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ଅନୁମତି ନେଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଡିପିଏସ୍ କଳିଙ୍ଗରେ ସ୍ପ୍ରିଙ୍ଗ୍ ଫିଏଷ୍ଟା



**ଫୁଲନଖରା,୧୪(ଡି.ଏନ୍.ଏ.)**

ଫୁଲନଖରା ଅଡ଼ାଳିଆସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ(ଡିପିଏସ୍) କଳିଙ୍ଗରେ ଏକ ସପ୍ତାହ ଧରି ଅନୁଷ୍ଠିତ ହୋଇଥିବା ବସନ୍ତକାଳୀନ ପର୍ବ ସ୍ପ୍ରିଙ୍ଗ୍ ଫିଏଷ୍ଟା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଶ୍ଳୋକାବୃତ୍ତି, ଯୋଗ, ଟାଏକୋଣ୍ଡୋ, ରୋବୋଟିକ୍ସ, ପାଗ ପରିବର୍ତ୍ତନ ସମ୍ପର୍କିତ ଶିକ୍ଷା, ବିନା ଅଗ୍ନିରେ ରୋଷେଇ, ସ୍କେଟିଂ, ମାଟିପାତ୍ର ନିର୍ମାଣ, ସନ୍ତରଣ, ବିବିଧ ଚିତ୍ରାଙ୍କନ ଓ କୋଡିଙ୍ଗ, ଭୋକାବୁଷ୍ଟ, ନାଟକ ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କ୍ୟାମ୍ପର ମୁଖ୍ୟ ଆକର୍ଷଣ ମ୍ୟାଜିକ୍ ଶୋ', ରେଡିଓ ଜକି ଓ ଘୋଡ଼ାଦୌଡ଼ ଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅଭିଜ୍ଞ ଅତିଥି ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୁଶ୍ରୀ ସିଂଦେଓ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅବସର ସମୟର ସଦୁପଯୋଗ ନିମନ୍ତେ ଏପରି କ୍ୟାମ୍ପ ଅତ୍ୟନ୍ତ ଉପଯୋଗୀ ବୋଲି କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଅନୁରାଧା ରକ୍ଷିତ ଯୋଗଦେଇ ସ୍ପ୍ରିଙ୍ଗ୍ ଫିଏଷ୍ଟା ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶର ଯଥାର୍ଥ ପ୍ରତିଫଳନ ଏବଂ ଶିକ୍ଷା ଗ୍ରହଣ କରିଥିବା ବିଷୟର ଅଭ୍ୟାସ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ପ୍ରୋ-ଭାଇସ୍ ଚେୟାରପର୍ସନ ମାଲା ମିଶ୍ର ଅଳ୍ପଦିନ ମଧ୍ୟରେ ଅନେକ କିଛି କରି ଦେଖାଇବା କ୍ଷେତ୍ରରେ ଡିପିଏସ୍ ଛାତ୍ରୀଛାତ୍ର ବେଶ୍ ଧୁରନ୍ଧର ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଓ ବିଶେଷ ପ୍ରତିଭାଧାରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାତୀ ମହାନ୍ତି ସଭା ପରିଚାଳନା ଓ ବିଦ୍ୟାଳୟ ଉପାଧ୍ୟକ୍ଷା ସ୍ୱାତୀ ନାଥ ଧନ୍ୟବାଦ ଦେଇଥିଲେ।

## ମିଶନ ଶକ୍ତି ବଜାର, ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**କଟକ ଅଫିସ,୧୪**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସତୀଚୌରା ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏକ ମିଶନ ଶକ୍ତି ବଜାର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସେହିପରି ସ୍ଥାନୀୟ ଦେଉଳିସାହିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କ ତାଲିମ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ମଧ୍ୟାହ୍ନରେ ମିଶନ ଶକ୍ତି ବଜାର ଓ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦ୍‌ଘାଟନ କରି କହିଥିଲେ, ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ଅଧିକ ଶକ୍ତିଶାଳୀ କରିବ। ସେହିପରି ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଯୋଗଦେଇ କହିଥିଲେ, ଏଭଳି କାର୍ଯ୍ୟକ୍ରମ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସହରରେ ପ୍ରଥମଥର ପାଇଁ ମିଶନ ଶକ୍ତି ବଜାର ଖୋଲାଯାଇଛି। ବିଭିନ୍ନ ଷ୍ଟଲ୍‌ରେ ହାତତିଆରି ସାମଗ୍ରୀ ସହିତ ମହିଳାମାନେ ପ୍ରସ୍ତୁତ କରୁଥିବା ବଡ଼ି, ପାମ୍ପଡ଼, ଛତୁଆ, ମାଟିପାତ୍ର, ଫିନାଇଲ, ଧୂପକାଠି, ମସଲା ଓ ଘରକରଣା ସାମଗ୍ରୀ ବିକ୍ରି ହେଉଛି। ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଗଠନ କରାଯାଇଥିବା ମହାସଂଘ ଏହାର ଦାୟିତ୍ୱ ବହନ କରିଛି। ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ କହିଛନ୍ତି, ହସ୍ତଶିଳ୍ପ ଓ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରୁଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମ, ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ବହୁ କର୍ପୋରେଟର ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସକାଳେ ମେୟର ଓ କମିଶନର ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ହରିଣ ପାର୍କ ନିକଟସ୍ଥ ମଧୁକୁଞ୍ଜ ପାର୍କ, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ସେମାନେ ଆନନ୍ଦଭବନ ସଂଗ୍ରହାଳୟରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


ମିଶନ ଶକ୍ତି ବଜାରକୁ ବିଧାୟକ ମହମ୍ମଦ ମୋକିମ, ମେୟର ସୁବାସ ସିଂ ଉଦ୍‌ଘାଟନ କରୁଛନ୍ତି।

## ବାସନ୍ତୀ ଦୁର୍ଗାଙ୍କ ଭସାଣି

**ଖୁଣ୍ଟୁଣୀ,୧୪(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଓ ଗୁରୁଡ଼ିଝାଟିଆ ଅଞ୍ଚଳରେ ମା' ବାସନ୍ତୀ ଦୁର୍ଗାଙ୍କ ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୁରୁଡ଼ିଝାଟିଆ ପୂଜା ମଣ୍ଡପରେ ମା'ଙ୍କ ବିସର୍ଜନ ନୀତି ସରିବା ପରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରାକୁ ପାହାଡ଼ା ଯାତ୍ରା ବୋଲି କୁହାଯାଏ। ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାବେଳେ ନବବସ୍ତ୍ରକୁ ପାହାଡ଼ା କରି ପକାଇ ମାନସିକ ରଖିଥାନ୍ତି। ଏହି ପାହାଡ଼ା ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୨ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତାରେ ନୂଆବସ୍ତ୍ର ପକାଯାଇଥିଲା। ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଇ ଛୋଟିଆନ୍ଧ ଗ୍ରାମ ପୋଖରୀରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ବସନ୍ତ କୁମାର ସାହାଣୀ, ସମ୍ପାଦକ ଅମରେନ୍ଦ୍ର ଧଳ, ସରପଞ୍ଚ ସନାତନ ଦଳାଇଙ୍କ ସମେତ ପୂଜା କମିଟି କର୍ମକର୍ତ୍ତା ଭସାଣି କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସେହିପରି ଖୁଣ୍ଟୁଣୀ, ଗୋବରା ଓ କୁମାରପୁର ଗ୍ରାମରେ ମା'ଙ୍କ ଭସାଣି ଅନୁଷ୍ଠିତ ହୋଇଯାଇଛି।

## 'ସଙ୍ଗଠନ ମଜଭୁତ ପାଇଁ ସଙ୍କଳ୍ପ ନିଅ'




ବିଜୁ ଯୁବ ଛାତ୍ର ଜନତା ଦଳ କର୍ମଶାଳାରେ ଅତିଥି ଓ ଅନ୍ୟମାନେ।

**କଟକ ସଦର,୧୪(ଡି.ଏନ୍.ଏ.)**

**ବିଜୁ ଯୁବ ଛାତ୍ର ଜନତା ଦଳ କର୍ମଶାଳା**

କଟକ ସଦର ବିଜୁ ଯୁବ ଛାତ୍ର ଜନତା ଦଳର କର୍ମଶାଳା ଶନିବାର କୂଳସରିଚୁଆଁ ପଞ୍ଚାୟତର ବଳିବାମନ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ସଙ୍ଗଠନକୁ ମଜଭୁତ କରିବା ପାଇଁ ଯୁବ ଛାତ୍ରମାନେ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଯୁବ ଛାତ୍ରମାନେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାକୁ କହିଥିଲେ। ଏହି କର୍ମଶାଳାରେ କଟକ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଆସିଫ୍ ଅମିନ, ନଗର ସଭାପତି ସୌମ୍ୟଦୀପ ଘୋଷଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ବହୁ ଯୁବତୀ ଯୁବକଙ୍କୁ ପୁରସ୍କୃତ କରାଯାଇଥିଲା।

## 'ଲୋକଲଜ୍ଜା ଦୂରହେଲେ କିନ୍ନର ଆଗକୁ ବଢ଼ିବେ'

**କଟକ ଅଫିସ, ୧୪**

ସମାଜରେ ନାରୀ ଓ ପୁରୁଷଙ୍କର ସମାନ ଅଧିକାର ରହିଛି। ସେହିପରି ତୃତୀୟ ଲିଙ୍ଗର ମାନ୍ୟତା ପାଇଛନ୍ତି କିନ୍ନର। ଏହି ମାନ୍ୟତା ପାଇବା ପରେ କିନ୍ନର ଗୋଷ୍ଠୀ ମଧ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସେମାନେ ଏବେ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଜୟ ଜଗନ୍ନାଥ ସେବାସମିତି ଟ୍ରଷ୍ଟ ପକ୍ଷରୁ କଟକ ବକ୍ସିବଜାର ବଡ଼େଇସାହିସ୍ଥିତ ବାସ୍ତୁରୀ ମଠରେ ବିଶ୍ୱ କିନ୍ନର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଲ୍ ଓଡ଼ିଶା କିନ୍ନର ସମାଜ ସଭାପତି ସ୍ୱିଟି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏବେ ବି କିନ୍ନରମାନେ ଅବହେଳିତ ଓ ଲୋକଲଜ୍ଜାର ସାମ୍ନା କରୁଛନ୍ତି। ଯେଉଁଦିନ ଏହି ସମସ୍ୟା ଦୂରହେବ ସେଦିନ କିନ୍ନରମାନେ ଆହୁରି ଆଗକୁ ବଢ଼ିପାରିବେ। କିନ୍ନରମାନଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ କିନ୍ନରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜୋନ୍-୨ ଏସିପି ଅମିତାଭ ମହାପାତ୍ର, କ୍ଷୀରୋଦ ସାହୁ, ରାଜୁ ଖେମକା, ପରିକ୍ଷିତ ମହାରଣା, ବୀରେନ୍ଦ୍ର ସାହୁ, ଲାୟନ୍ସ କ୍ଲବ୍ କଟକ ଗ୍ରେଟ୍‌ର ପକ୍ଷରୁ ଗୋପୀ ମୁନ୍ଦ୍ରା, ସଞ୍ଜୟ ସନ୍ତୁକା, ମନୋଜ ଅଗ୍ରୱାଲ, ସୁବାସ କେଡିଆ, ଆନନ୍ଦ ଜଲାନ, ଶିବାନୀ ଅଗ୍ରୱାଲ, ଦିବ୍ୟା ସନ୍ତୁଳା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାଜଲ ମା', ମିଠି ଅପା, ଶୀତଲ ଅପା, ତନୁଶ୍ରୀ ଅପା, ସୋନି ଅପା, ଟୁଇନା ଅପା, ଟିକି ଅପା, ପ୍ରିୟାଂଶୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ସହସମ୍ପାଦକ ହରମୋହନ ନାୟକ, ଟ୍ରଷ୍ଟି ସୁପ୍ରଭା ସ୍ୱାଇଁ, ସମ୍ପାଦକ ଶଶାଙ୍କ ଶେଖର ଦାଶ, ମନୋଜ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ବିଶ୍ୱ କିନ୍ନର ଦିବସ**


ଓଡ଼ିଶା ଦିବସ ଅବସରରେ କଟକ କ୍ଲବ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଭଏସ୍ ଅଫ ବାରବାଟୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଗୀତିକାର।


ବାସନ୍ତୀଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ ପାଇଁ ଗୁରୁବାର କଟକ ଦେବୀଗଡ଼ା କାଠଯୋଡ଼ି ନଦୀ ତଟକୁ ଶୋଭାଯାତ୍ରାରେ ନିଆଯାଉଛି।

## ସଂକ୍ଷେପରେ

### ଜମରା ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ସାକ୍ଷୀଗୋପାଳ,୧।୪(ଡି.ଏନ୍.ଏ.)- ପବିତ୍ର ଶ୍ରୀରାମ ନବମୀ ଓ ଉତ୍କଳ ନବବର୍ଷ ଉପଲକ୍ଷେ କୋଣାର୍କ ବାଲିଦୋକାନ ନିକଟ ଚିରହରିତ୍ ସବୁଜ ସୁନ୍ଦର ଜମରା ଗ୍ରାମରେ ଗ୍ରାମ୍ୟ କମିଟି ପକ୍ଷରୁ ଅଷ୍ଟପ୍ରହର ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ବାବା ଦକ୍ଷିଣେଶ୍ୱର ମହାଦେବଙ୍କ ପୁଷ୍କରିଣୀରେ ପାଣି ତୋଳା ଯାଇ ଗ୍ରାମର ଯୁବତୀ ଯୁବକ ଓ ମହିଳାଙ୍କ ଦ୍ୱାରା ୧୦୮ କଳସ ଯାତ୍ରା ସହିତ ଗ୍ରାମଦେବୀ ମା' ଦୁଲ୍ଲାଦେଈଙ୍କ ପ୍ରାଙ୍ଗଣରେ ବେଦୀ ସ୍ଥାପନା କରାଯାଇ ପୂଜାର୍ଚ୍ଚନା ନୀତିକାନ୍ତି ସହ ଠାକୁରଙ୍କ ଆସନ ପ୍ରତିଷ୍ଠା ହୋଇଥିଲା। ଶ୍ରୀରାମ ନବମୀ ତିଥିରେ ମହାମନ୍ତ୍ର ଗାୟନ ସହ ହରିନାମ ସଂକୀର୍ତ୍ତନ ରସମୃତ ପାନ କରାଯାଇଥିଲା। ଶେଷ ଦିବସରେ ପୂର୍ଣ୍ଣାହୂତି, ନଗର କୀର୍ତ୍ତନ ଓ ଯମୁନା ଗାଧୁଆ ପରି କାର୍ଯ୍ୟକ୍ରମରେ ଗ୍ରାମବାସୀ ମଜିଥିଲେ। ଏହି ଅବସରରେ ଜମରା ଗ୍ରାମର ୨ ସଂକୀର୍ତ୍ତନମଣ୍ଡଳୀ ସହିତ ଜମତଳା, ଗୋଧନପଡା, ରଇତିସାହି, ଖଣ୍ଡଳ, ଆରୁଂହା, ଯଦୁପୁର, ସୁଆର, କୋତାଙ୍ଗ ଓ ବଙ୍କୁରି ଆଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକର୍ତ୍ତନ ରସମୃତ ପାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମ ସଭାପତି ତଥା ସାମାଜିକ କର୍ମୀ ଜଗବନ୍ଧୁ ବିଶ୍ୱାଳ, ସମ୍ପାଦକ ଧଡ଼ିଆ ଖଟୋଇ, କୋଷାଧକ୍ଷ ପୁନା ବିଶ୍ୱାଳ ପରିଚାଳନା କରିଥିଲେ।

### ବିଭିନ୍ନ ସ୍କୁଲରେ ଓଡ଼ିଶା ଦିବସ

ଡେଲାଙ୍ଗ/କାକଟପୁର, ୧।୪ (ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଭାବରେ ଗଢିତୋଳିବାକୁ ଉତ୍କଳ ଗୌରବ ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳମଣୀ ଗୋପବନ୍ଧୁ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୀର୍ଘଦିନର ସଂଘର୍ଷ ପରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ସେବେଠାରୁ ଏହି ଦିନକୁ ଉତ୍କଳ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପର୍ବପର୍ବାଣୀ ସମାରୋହରେ ଉତ୍କଳ ତଥା ଓଡ଼ିଶା ଦିବସ ପାଳିତ ହୋଇଛି। ବିଦ୍ୟାଳୟ ଛାତ୍ରୀ ଓଡ଼ିଆ ଜାତିର ସଂସ୍କୃତି ପରମ୍ପରା ଓ ପର୍ବପର୍ବାଣି ମଧରେ ଥିବା ମାଣବସା, ଖୁଦୁରୁକୁଣୀ ଓଷା, ଶ୍ରୀ କୃଷ୍ଣଜନ୍ମ ତଥା ଜନ୍ମାଷ୍ଟମୀ, ରଜପର୍ବ, କୁମାରପୂର୍ଣ୍ଣମା ଆଦି ପର୍ବପର୍ବାଣିର ପ୍ରଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ସମ୍ମାନିତ ଅତିଥି ଶିକ୍ଷାବିତ୍ ସନ୍ତୋଷ ମହାନ୍ତି, ଅଭୟମୁଖି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧ୍ରୁବଚରଣ ପ୍ରଧାନ, ଘୋରଡିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ଦାଶ ପ୍ରମୁଖ ଉତ୍କଳ ଦିବସ ବାବଦରେ କହିଥିଲେ। ଛାତ୍ରୀ ଐଶ୍ୱର୍ଯ୍ୟା ରାୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶ୍ୱେତା ମିଶ୍ର ସଭା ସଂଯୋଜନା ଓ ଝରଣା ଦାଶ ଧନ୍ୟବାଦ ଦେଇଥିଲେ। ସେହିପରି ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡେଶ୍ୱର ଦେବ ଉଚ୍ଚ ପ୍ରାଥମିକ, ପିଢପାଟଣା, ଗଡ ବେଗୁନିଆପଡ଼ା, ରାଧାକାନ୍ତ ବିଦ୍ୟାପୀଠ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ଉତ୍କଳ ଦିବସ ପାଳିତ ହୋଇଥିଲା। ମଙ୍ଗଳା ସାହିତ୍ୟ ସଂସଦ ସୌଜନ୍ୟରେ ଓଥକା ଆଦର୍ଶ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଛି। ସଂସଦ ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ସାହିତ୍ୟିକ ପ୍ରଭାତ ତରାଇ, ସମ୍ପାଦକ ଦେଶବନ୍ଧୁ ସ୍ୱାଇଁ, ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ସାଧୁଚରଣ ବିଶ୍ୱାଳ, ଶିକ୍ଷୟିତ୍ରୀ ଦୀପ୍ତରେଖା ମହାନ୍ତି, ଶିକ୍ଷକ ତ୍ରିଲୋଚନ ବିଶ୍ୱାଳ, ଅଧାପକ ମାନସ ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆଭିମୁଖ୍ୟ ଏବଂ ବର୍ତ୍ତମାନର ପରିବେଶ ଓ ପରିସ୍ଥିତିରେ ଓଡ଼ିଆ ଭାଷା ଉପରେ ଆଲୋକପାତ କରିଥିଲେ।

# ପ୍ରକଳ୍ପ କାର୍ଯ୍ୟ ଅନୁଧାନ କଲେ ୫-ଟି ସଚିବ

ପୁରୀ ଅଫିସ, ୧।୪:

୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ଅପରାହ୍ଣରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଐତିହ୍ୟ କରିଡର ଏବଂ ଅନ୍ୟ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୫-ଟି ସଚିବ ପ୍ରଥମେ ପେଣ୍ଟକଟାରେ ପହଞ୍ଚି ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖୁବଶୀଘ୍ର ଉଦ୍‌ଘାଟନ ହେବ। ପରେ ୫-ଟି ସଚିବ ମାର୍କେଟ ଛକଠାରେ ନିର୍ମାଣ ହେଉଥିବା ମାର୍କେଟ କମ୍ପ୍ଲେକ୍ସର କାର୍ଯ୍ୟ ସମୀକ୍ଷା କରିଥିଲେ। ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ଖୁବ୍‌ଶୀଘ୍ର ସରିବ ବୋଲି ଜଣାପଡ଼ିଛି। ପରେ ୫-ଟି ସଚିବ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହ ଏବଂ



୫-ଟି ସଚିବ ଭି.କେ. ପାଣ୍ଡିଆନ ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖୁଛନ୍ତି।

ଭିତରବେଢାରେ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ଫେରିଥିଲେ। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ଐତିହ୍ୟ କରିଡର ପ୍ରକଳ୍ପ ଅଗ୍ରଗତି ନେଇ ଅନୁଧାନ କରିଥିଲେ। କାର୍ଯ୍ୟ କେତେ ସରିଛି, ଆଉ କେତେ ବାକି ଅଛି ତାହା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଆସନ୍ତା ରଥଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଐତିହ୍ୟ କରିଡର ପ୍ରକଳ୍ପର କାର୍ଯ୍ୟ ସାରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ୫-ଟି ସଚିବ ଓ ମୁଖ୍ୟ ସଚିବ ବିଭିନ୍ନ ସମୟରେ ପୁରୀ ଆସି ପ୍ରକଳ୍ପ କାର୍ଯ୍ୟର ଅନୁଧାନ କରୁଛନ୍ତି। ବର୍ତ୍ତମାନ ଆଉଟର ଆସେସ ରୋଡ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହା ସରିବା ପରେ ଇନର ଆସେସ ରୋଡ, ମେଘନାଦ ପାଚେରି ସହ ଆଉଟର ଆସେସ ରୋଡର ସଂଯୋଗ, ଯାତ୍ରୀ ପ୍ରତୀକ୍ଷା ଓ ଧ୍ୟାନ କେନ୍ଦ୍ର, ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ କରିଡର ନିର୍ମାଣ କରାଯିବ। ୫-ଟି ସଚିବଙ୍କ ସମୀକ୍ଷା ଅବସରରେ ତାଙ୍କ ସହ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ ଏବଂ ଓବିସିସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ।



ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଭାଜପା ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି ।

## ମଙ୍ଗଳାଙ୍କ ପୀଠରେ ନବରାତ୍ର ଚୈତ୍ର ମହୋତ୍ସବ

କାକଟପୁର,୧।୪(ଡି.ଏନ୍.ଏ.)

ମା' ମଙ୍ଗଳାଙ୍କ ବାସନ୍ତିକ ଦଶହରା ତଥା ନବରାତ୍ର ପୂଜା ଅବସରରେ ମା'ଙ୍କ ସିଂହଦ୍ୱାରରେ ବିଧିବିଧାନ ସହ ଚୈତ୍ର ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ପରିଚାଳକ ଶଙ୍କର ଜେନା ସେବକ ଓ ମନ୍ଦିର ପରିଚାଳନା କମିଟିର ସହଯୋଗରେ ଏହି ଭବ୍ୟ ସମାରୋହ କରିଥିଲେ। ଚୈତ୍ର ଶୁକ୍ଳ ପ୍ରତିପଦା ତଥା ହିନ୍ଦୁ ନବବର୍ଷଠାରୁ ବାସନ୍ତିକ ଦଶହରା ପର୍ଯ୍ୟନ୍ତ ୧୦ ଦିନ ଧରି ମଣ୍ଡପରେ ଭଜନ ପରିବେଷଣ, ଯୋଗ ପ୍ରଶିକ୍ଷଣ, ଆଦ୍ୟାଶକ୍ତି ମା' ମଙ୍ଗଳା, ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରାଚୀନଦୀ ତଥା ପ୍ରାଚୀ ସରସ୍ୱତୀଙ୍କ ମହିମା ଶ୍ରବଣ କରାଯାଇଥିଲା। ମହାଷ୍ଟମୀ (ଅଶୋକାଷ୍ଟମୀ), ମହାନବମୀ (ଶ୍ରୀରାମ ନବମୀ), ବାସନ୍ତିକ ଦଶହରା (ନବକଳେବର ବନଯାଗ ଯାତ୍ରାର ଆଦ୍ୟ ଦିବସ) ଉପରେ ଯୋଗାଚାର୍ଯ୍ୟ ଡ. ବିଶ୍ୱରଞ୍ଜନ ରଥ, ମଙ୍ଗଳା ମନ୍ଦିର ପରିଚାଳକ କୈଳାସ ଚନ୍ଦ୍ର ଦାଶ, ସେବକ ପବିତ୍ର ଦୀକ୍ଷିତ, ସାମାଜିକ କର୍ମୀ ତଥା ପୂର୍ବତନ ବରିଷ୍ଠ ନୌସୈନିକ ବିଦ୍ୟାଧର ନାୟକ ଓ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ପ୍ରମୁଖ ସାରଗର୍ଭକ ବକ୍ତବ୍ୟ ଦେଇଥିଲେ। ମା' ମଙ୍ଗଳା ମହୋତ୍ସବକୁ ପଣ୍ଡିତ ମିଶ୍ର ଓ ବିଦ୍ୟାଧର ନାୟକ ସ୍ୱାଗତ କରିବା ସହ ଉତ୍ସବ ପାଳନର ନିର୍ଦ୍ଧାରିତ ବିଧିବିଧାନ ପ୍ରତି ଦୃଷ୍ଟି ଦେବାକୁ କମିଟି ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପ୍ରଥମଥର ପାଇଁ ୧୦ ଦିନ ଧରିପାଳିତ ହୋଇଥିବା ମା' ମଙ୍ଗଳାଙ୍କ ପୀଠ ପରିସରରେ ନବରାତ୍ର ଚୈତ୍ର ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବାର ସଂକଳ୍ପ ନିଆଯାଇଛି।





ଓଡ଼ିଶା ଦିବସରେ ଶନିବାର ପୁରୀ ବେଳାଭୂମି ସଫେଇ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମୁକ୍ତା ଶଙ୍ଖ ମାଳି ବ୍ୟବସାୟୀ ସଂଘର ସଦସ୍ୟମାନେ ।

## ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଚେତନତା

ପୁରୀ ଅଫିସ, ୧।୪:

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ ସଚେତନତା ଶୋଭାଯାତ୍ରା ଶନିବାର ଓଡ଼ିଶା ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ସଂସ୍କୃତି କାର୍ଯ୍ୟାଳୟ, ଜନଶିକ୍ଷଣ ସଂସ୍ଥାନ ଏବଂ ଚାରୁ ଓ କାରୁକଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶୋଭାଯାତ୍ରା ଡାକ୍ତରଖାନା ଛକ ଠାରୁ ବାହାରି ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଅତିଥିମାନେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ସଂସ୍କୃତି ପରିଷଦ ଏବଂ ସାମାଜିକ ସଙ୍ଗଠନ ନୀଳଚକ୍ର ପକ୍ଷରୁ 'ଉତ୍କଳ ଜନନୀ' ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଲୋକ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶତାଧିକ କୁନି କଳାକାର ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ରବୀନ୍ଦ୍ରନାଥ ରଥ, ନୀଳଚକ୍ର ସଭାପତି ରାମଚନ୍ଦ୍ର ଦାସମହାପାତ୍ର, ସମ୍ପାଦକ ଆଲୋକ ମହାପାତ୍ର, ଉପଦେଷ୍ଟା ଚକ୍ରଧର ମହାପାତ୍ର, ଜୟନ୍ତୀ ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ମାତୃଭାଷା ସଚେତନତା ଶୋଭାଯାତ୍ରା

କୋଣାର୍କ,୧।୪(ଡି.ଏନ୍.ଏ.)

କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତ ମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଶନିବାର ଉତ୍କଳ ଦିବସ ଅବସରରେ ମାତୃଭାଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍କୁଲ ଓ କଲେଜରୁ ୨୦୦ ଛାତ୍ରୀଛାତ୍ର ସୂର୍ଯ୍ୟମନ୍ଦିର ସମ୍ମୁଖରୁ ଶୋଭାଯାତ୍ରାରେ ଯୋଗଦେଇ କୋଣାର୍କ ବଜାର ପରିକ୍ରମା କରିଥିଲେ। ଓଡ଼ିଆର ବ୍ୟାପକ ବ୍ୟବହାର କରିବା, ଓଡ଼ିଆରେ ନାମ ଫଳକ ଲେଖିବା, ବ୍ୟକ୍ତିଗତ ତଥା ସାମାଜିକ କାର୍ଯ୍ୟକ୍ରମ ଓ କାର୍ଯ୍ୟାଳୟରେ ଓଡ଼ିଆରେ ପ୍ରଚାର କରିବା ଏବଂ ନିଜର ଦିନଚର୍ଯ୍ୟା ଓ ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆରେ ବାର୍ତ୍ତାଳାପ କରିବା ଉପରେ ଗୁରୁତ୍ୱାରୋପ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପରେ କୋଣାର୍କ ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେରେ ପ୍ରାଚୀ ସାହିତ୍ୟ ସଂସଦ ସଭାପତି ଗୋପୀନାଥ କର, ଶିକ୍ଷାବିତ୍ ଶରତଚନ୍ଦ୍ର ପ୍ରଧାନ, ବିଜୟ ସେଠୀ, ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, କବୟିତ୍ରୀ ତପସ୍ୱିନୀ ବେହେରା, ଗାଳ୍ପିକ ସତ୍ୟସୁନ୍ଦର ମିଶ୍ର, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ବିଦୁଲତା ଶତପଥୀ, ସାମାଜିକ କର୍ମୀ ନିରଞ୍ଜନ ସାହୁ ଓ ସମାଜସେବୀ ସୁବାସ ନାୟକ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ବ୍ୟାକରଣ ଓ ସାହିତ୍ୟରେ ଉତ୍ତମ ପ୍ରଦର୍ଶନ କରିଥିବା ୧୦ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାର ଦିଗରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଭ୍ରାମ୍ୟମାଣ ଓଡ଼ିଆ ଭାଷା ବିକାଶ କାର୍ଯ୍ୟକ୍ରମ ଓ ପ୍ରଚାରପତ୍ର ଅଭିଯାନ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ବସନ୍ତ ମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତି ସମାରୋହକୁ ସଂଯୋଜନା କରିଥିଲେ।





କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତ ମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

## ଉତ୍କଳମଣିଙ୍କୁ ଭାରତରତ୍ନ ସମ୍ମାନ ମିଳୁ

ସାକ୍ଷୀଗୋପାଳ,୧।୪(ଡି.ଏନ୍.ଏ.)

ସେବା, ଶିକ୍ଷା କ୍ଷେତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ କରି ଗଠନ କରିବାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅବଦାନ ଅତୁଳନୀୟ। ସେ ଖାଲି ଓଡ଼ିଶାର ମଣି ନୁହଁନ୍ତି ସେ ଭାରତର ମଣି। ସଭିଙ୍କ ପ୍ରିୟ ସେହି ଦାସେ ଆପଣଙ୍କ ସେବା ପାଇଁ ଯେଉଁ ଅବଦାନ ରହିଛି ତାଙ୍କୁ ଯଥେଷ୍ଟ ସମ୍ମାନ ମିଳିନି। ଏହି ପ୍ରସଙ୍ଗକୁ ଆଧାର କରି ଶନିବାର ଓଡ଼ିଶା ଦିବସ ଅବସରରେ ଆପଣଙ୍କ ସେବାରେ ଅନୁଷ୍ଠାନ ପକ୍ଷରୁ ଶ୍ରୀକ୍ଷେତ୍ରଠାରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇଥିଲା। ଏହି ପଦଯାତ୍ରାର ମୂଳମନ୍ତ୍ର ଥିଲା ଗୋପବନ୍ଧୁଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରାଯାଉ। ଏନେଇ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏକବର୍ଷ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଏହି ଦସ୍ତଖତ ଅଭିଯାନ କରାଯାଇ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଏହି ଦାବି ଉପସ୍ଥାପନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଯାହାକି ଉତ୍କଳ ମଣିଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ। ଏହି ଅବସରରେ ସୁଆଣ୍ଡୋ ସେତୁ ସଂଗଠନ ସଭାପତି ଗୋବିନ୍ଦ ମହାପାତ୍ର, ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଜିତେନ୍ଦ୍ର ମହାପାତ୍ର, ଉପସଭାପତି ବିଜୟ କୃଷ୍ଣ ବ୍ରହ୍ମ, ଉପଦେଷ୍ଟା ମନୋଜ ରଥ, ମହାସଚିବ ଚିତ୍ତରଞ୍ଜନ ବିଶ୍ୱାଳ, ମିରା ରାଣୀ ପଟ୍ଟନାୟକ, ରାଧେଶ୍ୟାମ ରଥ, ବିରଞ୍ଚି ନାରାୟଣ ମିଶ୍ର, ବେବୀ ପ୍ରସାଦ ବ୍ରହ୍ମା, ଜୟନ୍ତୀ ମହାପାତ୍ର, ହରେକୃଷ୍ଣ ଖୁଣ୍ଟିଆ ଓ ଅନ୍ୟ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରିଥିଲେ। ଆଗାମୀ ଦିନରେ ଏହି ଅଭିଯାନକୁ ସାରା ରାଜ୍ୟରେ ଆହୁରି ବ୍ୟାପକ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିକ୍ଷୋଭ, ଧାରଣା

ପୁରୀ ଅଫିସ ୧।୪

ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ସାର୍ବଜନୀନ କରିବା ପାଇଁ ଆର୍‌ଟିଆଇ ମାଧମରେ ଦୁଇଟି ବିଶ୍ୱବିଦ୍ୟାଳୟକୁ ତଥ୍ୟ ମଗାଯାଇଥିଲା। ତେବେ ଗୁଜରାଟ କୋର୍ଟ ଉକ୍ତ ମାମଲାର ବିଚାର କରି ଆବେଦନ ଖାରଜ କରିବା ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ୨୫ ଟଙ୍କା ଜରିମାନା କରିଛନ୍ତି। ଏହାକୁ ବିରୋଧ କରି ଆମ୍ ଆଦ୍‌ମୀ ପାର୍ଟି ପୁରୀ ଶାଖାର କର୍ମୀମାନେ ନିଜ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଧରି ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ଏଏପି ଜିଲା ଆବାହକ ସଞ୍ଜୀବ ମହାନ୍ତି, ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ଯୁବସଭାପତି ଅଂଶୁମାନ ଶତପଥୀ, ଜିଲା ସୋସିଆଲ ମିଡିଆ ଅଧକ୍ଷ ସମୀର ସାମନ୍ତରାୟ, ଜିଲା ମୁଖ୍ୟ ପ୍ରବକ୍ତା ଅନୀଲ ସେନାପତି ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ

ପୁରୀ ଅଫିସ, ୧।୪:

**ପ୍ରଶାସନ, ଅଗ୍ନିଶମ ବିଭାଗର ମିଳିତ ଚଢ଼ାଉ**

- ଅନେକ ବ୍ୟବସାୟୀ ନିୟମ ପାଳନ କରିନାହାନ୍ତି
- ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

ପୁରୀ ସହରରେ ଥିବା ବିଭିନ୍ନ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଶନିବାର ଜିଲା ପ୍ରଶାସନ ଏବଂ ଅଗ୍ନିଶମ ବାହିନୀର ଏକ ମିଳିତ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ବଡ଼ଦାଣ୍ଡରେ ଥିବା ସମ୍ରାଟ ହୋଟେଲରେ ଅଗ୍ନିକାଣ୍ଡ ଘଟଣା ପରେ ଜିଲା ପ୍ରଶାସନର ନିଦ ଭାଙ୍ଗିଛି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ବିଭିନ୍ନ ଲଜ୍, ହୋଟେଲ୍, ରେଷ୍ଟୁରାଣ୍ଟ ଏବଂ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି କି ନାହିଁ, ଫାୟାର ସେଫ୍ଟି ସାର୍ଟିଫିକେଟ ରଖିଛନ୍ତି କି ନାହିଁ, ସିସିଟିଭିର ବ୍ୟବହାର ଓ ବ୍ୟାକଅପ୍ ରଖିଛନ୍ତି କି ନାହିଁ ସେନେଇ ଯାଞ୍ଚ କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରି ନ ଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ତେବେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଅଗ୍ନି ନିର୍ବାପକ ବ୍ୟବସ୍ଥା ରଖିଛନ୍ତି ତାହା କେତେଦୂର କାର୍ଯ୍ୟକ୍ଷମ ହେଉଛି ସେନେଇ ମଧ ଅଗ୍ନିଶମ ବିଭାଗ ଦ୍ୱାରା ପରୀକ୍ଷଣ କରାଯାଇଥିଲା। ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ ଏହି ବ୍ୟବସ୍ଥା ସବୁ ଗ୍ରହଣ କରିନାହାନ୍ତି ସେମାନଙ୍କୁ ସଚେତନ କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଯାଞ୍ଚ ସମ୍ପର୍କରେ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ସୂଚନା ଦେଇ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପ୍ରଶାସନ ଏବଂ ଅଗ୍ନିଶମ ବିଭାଗର ଏକ ମିଳିତ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ପକ୍ଷରୁ ବଡ଼ଦାଣ୍ଡରେ ଥିବା ଦୋକାନ, ହୋଟେଲ, ଲଜ୍ ଏବଂ ରେଷ୍ଟୁରାଣ୍ଟ ଆଦିରେ ଚେକିଂ କରାଯାଉଛି। ମୁଖ୍ୟତଃ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ପ୍ରତିଷ୍ଠାନଗୁଡ଼ିକରେ କେତେ ସିସିଟିଭି ଲାଗିଛି, ତାହାର କ୍ଷମତା କେତେ, କେତେଜଣ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ସେମାନଙ୍କ କ୍ୟାରେକ୍ଟର ଯାଞ୍ଚ କରାଯାଇଛି କି ନାହିଁ, ଆଇନ ଅନୁଯାୟୀ କାର୍ଯ୍ୟ କରୁଛନ୍ତି କି ନାହିଁ, ପୋଲିସ ସହ ବିଭିନ୍ନ ଘଟଣାରେ ଯୋଗାଯୋଗରେ ରହୁଛନ୍ତି କି ନାହିଁ ପ୍ରଭୃତି ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ସେହିଭଳି ଯେଉଁମାନେ ନିୟମ ଅନୁଯାୟୀ କାର୍ଯ୍ୟ କରିନାହାନ୍ତି, ସେମାନଙ୍କୁ ବିଭିନ୍ନ ପଦକ୍ଷେପ ନେବା ପାଇଁ କୁହାଯାଇଛି ବୋଲି ପ୍ରସାଦ କହିଛନ୍ତି। ଡେପୁଟି ଅଗ୍ନିଶମ ଅଧିକାରୀ ନାରାୟଣ ଦାଶ କହିଛନ୍ତି, ବଡ଼ଦାଣ୍ଡରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ ଓ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିର୍ବାପକ ପ୍ରମାଣପତ୍ର ଅଛି କି ନାହିଁ, ନିୟମ ଅନୁଯାୟୀ ଯାହା ପଦକ୍ଷେପ ନେବା କଥା ନେଇଛନ୍ତି କି ନାହିଁ, ଅଗ୍ନି ନିର୍ବାପକ ସରଞ୍ଜାମ ଅଛି କି ନାହିଁ, ଯେଉଁ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ, ସେମାନଙ୍କୁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ସେହିପରି ଯେଉଁମାନଙ୍କ ନିକଟରେ ପ୍ରମାଣପତ୍ର ଓ ଯନ୍ତ୍ର ଆଦି ଅଛି, ସେଗୁଡ଼ିକୁ କିପରି ବ୍ୟବହାର କରାଯିବ ଏବଂ କିପରି ରଖାଯିବ ସେ ନେଇ ବୁଝାଇ ଦିଆଯାଇଥିଲା। କେତେକ ପ୍ରତିଷ୍ଠାନ ନିୟମ ପାଳନ କରିଛନ୍ତି ଓ ଅଗ୍ନିନିର୍ବାପକ ଯନ୍ତ୍ର ରଖିଛନ୍ତି ବୋଲି ଯାଞ୍ଚ ସମୟରେ ଜଣାପଡ଼ିଛି। ତେବେ ବର୍ତ୍ତମାନ ସମସ୍ତଙ୍କୁ ସଚେତନ କରାଯାଉଛି। ନିୟମ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାଶ କହିଛନ୍ତି।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–

आमंत्रित निविदा रद्द संबंधी सूचना

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– **194/2022-23/RWD/CHATRA,** दिनांक– **21.12.2022, PR NO.- 285723** द्वारा प्रकाशित निविदा में आईडेन्टीफिकेशन संख्या– **RWD /CHATRA /08 /2022-23** एवं **RWD/CHATRA/09/2022-23** की निविदा को अपरिहार्य कारणवश रद्द किया जाता है।

नोडल पदाधिकारी
ई–प्रोक्युर्मन्ट सेल

PR 294223 (Rural Work Department)22-23*D

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–

आमंत्रित निविदा रद्द संबंधी सूचना

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– **79/RI/2022-23/RWD/DHANBAD,** दिनांक 12.01.2023, **PR NO.- 287503** द्वारा प्रकाशित निविदा में आईडेन्टीफिकेशन संख्या– **RWD/DHANBAD/10/2022-23** की निविदा को अपरिहार्य कारणवश रद्द किया जाता है।

नोडल पदाधिकारी
ई–प्रोक्युर्मन्ट सेल

PR 294234 Rural Work Department (22-23)_D

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची

पत्रांक– दिनांक–

आमंत्रित निविदा रद्द संबंधी सूचना

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– **223/2022-23/RWD/DHANBAD,** दिनांक **06.01.2023, PR NO.- 286 901** द्वारा प्रकाशित निविदा में आईडेन्टीफिकेशन संख्या– **RWD/ DHANBAD/24/2022-23** एवं **RWD/ DHANBAD /25/ 2022 -23** की निविदा को अपरिहार्य कारणवश रद्द किया जाता है।

नोडल पदाधिकारी
ई–प्रोक्युर्मन्ट सेल

PR 294238 Rural Work Department(23-24).D

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୪ (ବ୍ୟୁରୋ) - ଘରେ କେହି ନ ଥିବାବେଳେ ତାଲା ଭାଙ୍ଗି ଟଙ୍କା, ସୁନା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ମଣ୍ଟୁ ପାଇକରାୟ। ତାଙ୍କଠାରୁ ଗୋଟିଏ ଲାପଟପ, ଇମିଟେଶନ ଚେନ, ଗ୍ୟାସ ସିଲିଣ୍ଡର ଭଳି ଅନ୍ୟାନ ଜିନିଷ ଜବତ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ମଧ ଖଣ୍ଡଗିରି ଥାନାରେ ୨୧ଟି ଆପରାଧିକ ମାମଲା ରହିଥିବା ବେଳେ ଏୟାରଫୀଲ୍ଡ ଓ ଜଟଣୀ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଅଭିଯୁକ୍ତ ଜଣକ କ୍ରମାଗତ ଭାବେ ବିଭିନ୍ନ ଅପରାଧରେ ସାମିଲ ଥିବାରୁ ତାଙ୍କ ବିରୋଧରେ ସିଆରପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଛି ।

ସୂଚନା ଅନୁସାରେ, ପ୍ରେମ ନାମକ ଜଣେ ବ୍ୟକ୍ତି ଗତ ୨୫ ତାରିଖରେ ପରିବାର ସଦସ୍ୟଙ୍କ ସହ ନିଜ ଘର ଓଡଗାଁ ଯାଇଥିଲେ। ୨୮ ତାରିଖ ଦିନ ତାଙ୍କ ଘର ତାଲା ଭାଙ୍ଗି ସମସ୍ତ ଜିନିଷ ଚୋରି ହୋଇଥିବା ଘର ମାଲିକ ଫୋନ କରି ଜଣାଇଥିଲେ। ସେ ଭୁବନେଶ୍ୱର ଫେରି ଆସି ଚୋରି ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଆଲମାରି ଚାବି ଭାଙ୍ଗି ସେଥିରେ ଥିବା ନଗଦ ୪୫ ହଜାର ଟଙ୍କା,୩ ଟି ସୁନା ଚେନ, ଗୋଟିଏ ସୁନା ରୁଦ୍ରାକ୍ଷ ମାଳ, ଗୋଟିଏ ମୁଦି ଓ ଲକେଟ,ଏକ ଭିଡିଓ କ୍ୟାମେରା,ଗ୍ୟାସ ସିଲିଣ୍ଡର ସହ ଅନ୍ୟାନ ଆସବାବପତ୍ର ଚୋରି କରି ନେଇଯାଇଥିବା କହିଥିଲେ। ଏନେଇ ପ୍ରେମ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### ସ୍ତ୍ରୀକୁ ନିର୍ଯାତନା ଦେଇ ମାଡ, ସ୍ୱାମୀ ଗିରଫ

ଭୁବନେଶ୍ୱର,୧।୪ (ବ୍ୟୁରୋ) : ସ୍ତ୍ରୀକୁ ନିର୍ଯାତନା ଦେବା ସହ ମାଡ ମାରି ଜୀବନରୁ ମାରି ଦେବାକୁ ଧମକ ଦେବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ସଂପୃକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପୋଖରୀପୁଟ ଭୋଇ ସାହିର ପ୍ରଦୀପ ସାମଲ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ଗତ ୧୦ବର୍ଷ ତଳେ ଅଭିଯୁକ୍ତ ପ୍ରଦୀପଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦୁଇଟି କନ୍ୟା ସନ୍ତାନ ମଧ ଅଛନ୍ତି। ବିବାହର କିଛି ବର୍ଷ ପରେ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ କିଛିଦିନ ତଳେ ସେ ସ୍ତ୍ରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ନିଷ୍ଠୁର ମାଡ ମାରିଥିଲେ। ଏପରି କି ଜୀବନରୁ ମାରିଦେବା ଲାଗି ଧମକ ମଧ ଦେଇଥିଲେ। ଏହି ଘଟଣାରେ ମହିଳା ଜଣକ ଅତ୍ୟନ୍ତ ଭୟଭୀତ ହେବା ସହିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ପରେ ଅଭିଯୁକ୍ତ ସ୍ୱାମୀଙ୍କ ନାମରେ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ।

### ନିର୍ଭୀକ ପତ୍ରିକାର ଉତ୍କଳ ଦିବସ ସଂସ୍କରଣ ଉନ୍ମୋଚିତ

ଭୁବନେଶ୍ୱର,୧।୪(ବ୍ୟୁରୋ)-ଉତ୍କଳ ଦିବସ ଅବସରରେ ନିର୍ଭୀକ ପତ୍ରିକାର ଉତ୍କଳ ଦିବସ ସଂସ୍କରଣ ଶନିବାର ରେଡକ୍ରସ ଭବନ ସମ୍ମିଳନୀ କକ୍ଷରେ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ ଅଧକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ପ୍ରସନ୍ନ କୁମାର ଆଚାର୍ଯ୍ୟ, ସଂସ୍କୃତ କାବ୍ୟକାର ପଣ୍ଡିତ ଡ଼. ପ୍ରବୋଧ କୁମାର ମିଶ୍ର ଏବଂ ପ୍ରଫେସର ପ୍ରଭାତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଭୀକର ମୁଖ୍ୟ ସମ୍ପାଦକ ତଥା ପ୍ରକାଶକ ଅବନୀ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସହ ଅଧକ୍ଷ ସୁମନ କର ଧନ୍ୟବାଦ ଦେଇଥିଲେ ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

### ମୃତ୍ୟୁ ପୂର୍ବରୁ ହତ୍ୟା ଷଡ଼ଯନ୍ତ୍ର ନେଇ ଭିଡିଓରେ ଜଣାଇଥିଲେ



ବାଲିପାଟଣା,୧।୪(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ଭାକରସାହି ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ରଶ୍ମିରଞ୍ଜନ ବିଶ୍ୱାଳ। ହେଲେ ରଶ୍ମିରଞ୍ଜନଙ୍କ ମୃତ୍ୟୁ ପୂର୍ବରୁ ଏକ ଭିଡିଓରେ ତାଙ୍କ ପରିବାରର ସମ୍ପର୍କୀୟମାନେ ଜୀବନରେ ମାରିଦେବା ପାଇଁ ଯୋଜନା କରିଥିବା ନେଇ କହିଛନ୍ତି। ତେବେ ଏହି ଘଟଣା ଗୁରୁବାର ରାତିରେ ହୋଇଥିବା ବେଳେ ଏବେ ଉକ୍ତ ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନ୍ୟପଟେ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ ପରିବାର ପକ୍ଷରୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଏପରିକି ଗ୍ରାମରେ କାହାକୁ କିଛି ନ ଜଣାଇ ଯୁବକଙ୍କ ମୃତଦେହକୁ ଶୁକ୍ରବାର ଗାଁ ଶ୍ମଶାନରେ ପୋଡ଼ି ଦିଆଯାଇଛି। ଖବରପାଇ ପୋଲିସ ପ୍ରାଥମିକ ତଦନ୍ତ ଚଳାଇଥିବା ବେଳେ ପରିବାର ଲୋକଙ୍କୁ ମଧ ପଚରାଉଚରା ଚଳାଇଛି। ସେହିପରି ଶନିବାର ଏସିପି ଶୁଭନାରାୟଣ ମୁଦୁଲିଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍ ଗାଁ ଶ୍ମଶାନରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରିବା ସହ ମୃତ ଯୁବକଙ୍କ ପାଉଁଶ ନେଇ ଟେଷ୍ଟ ପାଇଁ ଲାବୋରେଟୋରିକୁ ପଠାଇଛି।

ପୋଲିସ ସୂଚନା ଅନୁଯାୟୀ, ଭାଇରାଲ ହେଉଥିବା ଭିଡିଓରେ ରଶ୍ମିରଞ୍ଜନ ଭୟରେ ଥିବାବେଳେ ପରିବାରର କେତେଜଣ ସମ୍ପର୍କୀୟ ଓ ଏକ କମ୍ପାନୀର ମ୍ୟାନେଜର ଥିବା ଜଣେ ମହିଳା ମିଶି ତାଙ୍କୁ ମାରିଦେବାକୁ ଷଡ଼ଯନ୍ତ୍ର କରୁଛନ୍ତି। ତେଣୁ ମୋ ମୃତ୍ୟୁର କାରଣ ସରକାର ଜାଣିବା ଦରକାର। ଏଥିସହ ପୋଲିସ ସହଯୋଗପୂର୍ବକ ସେମାନଙ୍କୁ ଦଣ୍ଡ ଦିଅନ୍ତୁ ବୋଲି କହିଛନ୍ତି। କିନ୍ତୁ ରଶ୍ମିରଞ୍ଜନଙ୍କ ପରିବାର ଲୋକ ପୁଅ ଆତ୍ମହତ୍ୟା କରିଥିବା କହିବା ସହ ଅଧିକ କିଛି କହିନାହାନ୍ତି। ଅପରପକ୍ଷେ ଗ୍ରାମର କେତେଜଣ ନିଜ ନାମ ଗୋପନ ରଖି କହିଛନ୍ତି, ଯୁବକଙ୍କର ଲକ୍ଷାଧିକ ଟଙ୍କାର ଲୋନ ଥିଲା। ତାହା ଶୁଝିବାକୁ ସେ ନିଜ ପରିବାର ଓ ଉକ୍ତ ଯୁବତୀଙ୍କ ସହାୟତା ଲୋଡିଥିଲା। ହେଲେ ସେମାନେ ସମ୍ମତି ପ୍ରଦାନ କରି ନ ଥିବାରୁ ମନାନ୍ତର ହୋଇଥିଲା। ତେଣୁ ଆତ୍ମହତ୍ୟାକୁ ବିକଳ୍ପ ଭାବେ ବାଛିଥାଇପାରେ। ଏପଟେ ବାଲିପାଟଣା ଥାନା ଅଧିକାରୀ ଓଁପ୍ରକାଶ କୁହନ୍ତି, ଯେହେତୁ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ କେବଳ ଷ୍ଟେଶନ ଡାଏରି କରି ତଦନ୍ତ କରାଯାଉଛି। ଏପରିକି ସାଇଣ୍ଟିଫିକ ଟିମ୍ ମଧ ତଦନ୍ତ ଚଳାଇଛି। ରିପୋର୍ଟ ଆସିଲେ ଅଧିକ କିଛି ଜଣାପଡ଼ିବ।



ନନ୍ଦିଘୋଷ ଟିଭିର ସ୍ୱନକ୍ଷତ୍ର ଦିବସରେ ଆୟୋଜିତ ଦ୍ୱିତୀୟ 'ଜାତି ନନ୍ଦିଘୋଷ କନ୍‌କ୍ଲେଭ'ରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସାହିତ୍ୟିକ ବିଭୂତି ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରୁଛନ୍ତି। ଉପସ୍ଥିତ ଅଛନ୍ତି ଚ୍ୟାନେଲ ମୁଖ୍ୟ ମାନସ ରଞ୍ଜନ ମଙ୍ଗରାଜ ଓ ଅନ୍ୟମାନେ।

# ଭଲ ଖବର ପାଇଁ ଦେୟ ଦେବାକୁ ପଡ଼ିବ

ଭୁବନେଶ୍ୱର,୧।୪(ବ୍ୟୁରୋ)

**'ଜାତି ନନ୍ଦିଘୋଷ କନକ୍ଲେଭ-୨୦୨୩'**
- ୩ ଜଣଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ
- ୮ ଓଡ଼ିଆଙ୍କୁ 'ଜାତି ନନ୍ଦିଘୋଷ ସମ୍ମାନ' ପ୍ରଦାନ

ମହାବାତ୍ୟାର ଓଡ଼ିଶା ଓ ବର୍ତ୍ତମାନ ରାଜ୍ୟର ସ୍ଥିତିକୁ ଦେଖିଲେ ଆମେ କେତେ ଆଗକୁ ବଢ଼ିଛେ ତାହା ସ୍ପଷ୍ଟ ଅନୁମେୟ ହେଉଛି। ତେବେ ଏହି ବିକାଶ ଧାରା ଜାରି ରହିଲେ ଆଗାମୀ ୧୩ବର୍ଷ ମଧ୍ୟରେ ଅର୍ଥାତ ୨୦୩୬ ବେଳକୁ ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ରହିଥିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ନନ୍ଦିଘୋଷ ଟିଭିର ସ୍ୱନକ୍ଷତ୍ର ଦିବସ ଅବସରରେ ଆୟୋଜିତ ଦ୍ୱିତୀୟ 'ଜାତି ନନ୍ଦିଘୋଷ କନ୍‌କ୍ଲେଭ-୨୦୨୩'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁମିତ ଅୱସ୍ତି କହିଲେ, ଚ୍ୟାନେଲ ଚ୍ୟାନେଲ ମଧ୍ୟରେ ଟିଆର୍‌ପି ଯୁଦ୍ଧ ପାଇଁ ସମାଜରେ ବିଭାଜନ ସୃଷ୍ଟି ହୋଇଛି। ବିଜ୍ଞାପନ ଟିଭି ସାମ୍ବାଦିକତାକୁ ନଷ୍ଟ କରିଦେଉଛି। ଭଲ ଖବର ଦେଖିବାକୁ ହେଲେ ଦେୟ ଦେବାକୁ ପଡ଼ିବ। ଯେପର୍ଯ୍ୟନ୍ତ ଦେୟ ଦେବେ ନାହିଁ, ସେପର୍ଯ୍ୟନ୍ତ ଆପଣ ଏମିତି ଶସ୍ତା ଚ୍ୟାନେଲ ଦେଖୁଥିବେ ବୋଲି ସୁମିତ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମିହିର ରଞ୍ଜନ ଉପସ୍ଥିତ ରହି ଜାତିର ବିକାଶକୁ ନେଇ ମତ ରଖିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସାହିତ୍ୟିକ ବିଭୂତି ପଟ୍ଟନାୟକ ଏବଂ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କୁ ୩ଜଣଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ୮ ଓଡ଼ିଆଙ୍କୁ 'ଜାତି ନନ୍ଦିଘୋଷ ସମ୍ମାନ' ପ୍ରଦାନ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ର ପାଇଁ ବାପି ହାଁସଦା, ଶିକ୍ଷାରେ ଇଫ୍ଫୁ ମଲ୍ଲିକ, ଅଙ୍ଗଦାନ ପାଇଁ ସ୍ୱର୍ଗତା ସିଦ୍ଧି ସମୃଦ୍ଧି, ମିଲେଟ୍ ପାଇଁ ସ୍ୱୟଂ ସହାୟିକା ସଂଘର ଚନ୍ଦ୍ରମା ସାହୁ, ଟିଏସ୍‌ଜି ଗୁରୁକୁଳର ଅଧକ୍ଷ ଡ. ଶାରଦା ମିଶ୍ର, ଦମନ ଫିଲ୍ମର ପ୍ରଯୋଜକ ଦୀପେନ୍ଦ୍ର ସାମଲ, ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ନନ୍ଦିଘୋଷ ଟିଭି ସିଓଓ ଜାବର ସିଂ ପନ୍‌ୱର ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ ସମ୍ପାଦକ ଶିଶିର ଭଞ୍ଜମିଶ୍ର ସମ୍ପାଦକୀୟ ପାଠ କରିଥିଲେ। ଚ୍ୟାନେଲ ମୁଖ୍ୟ ମାନସ ରଞ୍ଜନ ମଙ୍ଗରାଜ ଉପସ୍ଥିତ ରହି ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱୋଳନ କରିଥିଲେ। କଣ୍ଠଶିଳ୍ପୀ ସୁବାସ ଦାସ ଓ ତୃପ୍ତି ଦାସ ରାଜ୍ୟ ସଙ୍ଗୀତ ଗାନ କରିଥିଲେ। ମଞ୍ଚରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା: ଆଜି ବାହୁଡ଼ା

ପୁରୁଣା ଭୁବନେଶ୍ୱର,୧।୪(ଡି.ଏନ୍.ଏ.)



ରବିବାର ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା। ଭଉଣୀ ମା' ରୁକୁଣା ଦେବୀ ପ୍ରଭୁ ଦୋଳଗୋବିନ୍ଦଙ୍କ ସାଙ୍ଗରେ ଧରି ଶ୍ରୀ ଲିଙ୍ଗରାଜ ରୁକୁଣା ରଥଯାତ୍ରାରେ ମାଉସୀ ଘର ତଥା ରାମେଶ୍ୱର ମନ୍ଦିରରେ ଅବସ୍ଥାନ କରିଥିଲେ। ତେବେ ଶୁକ୍ରବାର ମା' ପାର୍ବତୀ ଅଭିମାନ କରି ଠାକୁରଙ୍କ ରଥ ଭାଙ୍ଗିଥିବା ବେଳେ ଶନିବାର ସୁଦ୍ଧା ସମସ୍ତ ପାରମ୍ପରିକ ରୀତିନୀତି ସମ୍ପନ୍ନ ହୋଇଯାଇଛି। ତେବେ ଶ୍ରୀ ଲିଙ୍ଗରାଜ ପ୍ରାୟ ୫ଦିନ ପରେ ରାମେଶ୍ୱର ମନ୍ଦିରରୁ ବାହୁଡ଼ା ଯାତ୍ରାରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ଏ ନେଇ ରାମେଶ୍ୱରଠାରେ ଶନିବାର ରୁକୁଣା ରଥରେ ଥିବା ସିଂହାସନ ସବୁ ପରିବର୍ତ୍ତନ କରାଯାଇଛି। ଭୋରରୁ ସମସ୍ତ ରୀତିନୀତି ସମାପନ ପରେ ଅପରାହ୍ନ ପ୍ରାୟ ୩ଟା ୩୦ରେ ରଥଟଣା ଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ସେବାୟତ ସଂଘ ସହ ପୋଲିସ ପ୍ରଶାସନ ପକ୍ଷରୁ ମଧ ଶାନ୍ତିଶୃଙ୍ଖଳାରେ ନୀତି ସମାପନ କରିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି।





ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ଅବସରରେ ଚାଲିଥିବା ଶ୍ରୀଲିଙ୍ଗରାଜ ମହୋତ୍ସବ ଓ ରାମେଶ୍ୱର ମହୋତ୍ସବରେ ଶନିବାର ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଏବଂ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଚଇତାଳି ଉତ୍ସବ ଉଦ୍‌ଘାଟିତ

ନିମାପଡ଼ା,୧।୪(ଡି.ଏନ୍.ଏ.)

ନିମାପଡ଼ା ପ୍ରେସ କ୍ଲବ ପକ୍ଷରୁ ପ୍ରଥମଥର ପାଇଁ ବସନ୍ତ ପର୍ବ 'ଚଇତାଳି ଉତ୍ସବ' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଶିକ୍ଷାବିତ୍ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଶହୀଦ ସ୍ମୃତି ସଂସଦ ସମ୍ପାଦକ ଡ. ବେଣୁଧର ସେନାପତି, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, କାଉନସିଲର ଅନସୂୟା ପାଣି, ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ପ୍ରେସ କ୍ଲବ ସଭାପତି ରଞ୍ଜନ ପଟ୍ଟନାୟକ ଏବଂ ସମ୍ପାଦକ ରାଜକିଶୋର ଦାଶ ପ୍ରମୁଖ ଯୋଗଦେଇ ଏହି ଉତ୍ସବର ସଫଳ କାମନା କରିଥିଲେ। ଉତ୍ସବର ପ୍ରଥମ ସନ୍ଧ୍ୟାରେ ବିଶିଷ୍ଟ ସାହିତ୍ୟିକ କାଳିକିଙ୍କର ଦାସ, ଦାଳବିମାନ ଶିଳ୍ପୀ ରତ୍ନାକର ମହାରଣା, କ୍ରୀଡ଼ାବିତ୍ ନିର୍ମଳ ମିଶ୍ର, ସାମାଜିକକର୍ମୀ ଭାନୁ କୁମାର ସେଠୀ, ଗଣମାଧ୍ୟମ ପ୍ରତିନିଧି ମିଳନ ମହାନ୍ତିଙ୍କ ସମେତ ବହୁ କୃତୀ ପ୍ରତିଭାଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିମାନେ ସମ୍ମାନିତ କରିଥିଲେ। ନିମାପଡ଼ା ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ବିଷ୍ଣୁଚରଣ ସାସମଲ, ସୁଦେଷ୍ଣା ପ୍ରଧାନ ସାସମଲ ନିର୍ଦ୍ଦେଶିତ ଓ ସଂଯୋଜିତ ଓଡ଼ିଶୀ ନୃତ୍ୟ, କୋଣାର୍କର ମା' ବୈଦେଇ କଳା ପରିଷଦ ପକ୍ଷରୁ ଘୋଡ଼ାନାଚ ଆଦି ପରିବେଷିତ ହୋଇଥିଲା।

## ମଙ୍ଗଳାଙ୍କ ପୀଠରେ ନବରାତ୍ର ଚୈତ୍ର ମହୋତ୍ସବ

କାକଟପୁର,୧।୪(ଡି.ଏନ୍.ଏ.)

ମା' ମଙ୍ଗଳାଙ୍କ ବାସନ୍ତିକ ଦଶହରା ତଥା ନବରାତ୍ର ପୂଜା ଅବସରରେ ମା'ଙ୍କ ସିଂହଦ୍ୱାରରେ ବିଧିବିଧାନ ସହ ଚୈତ୍ର ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ପରିଚାଳକ ଶଙ୍କର ଜେନା ସେବକ ଓ ମନ୍ଦିର ପରିଚାଳନା କମିଟିର ସହଯୋଗରେ ଏହି ଭବ୍ୟ ସମାରୋହ କରିଥିଲେ। ଚୈତ୍ର ଶୁକ୍ଳ ପ୍ରତିପଦା ତଥା ହିନ୍ଦୁ ନବବର୍ଷଠାରୁ ବାସନ୍ତିକ ଦଶହରା ପର୍ଯ୍ୟନ୍ତ ୧୦ ଦିନ ଧରି ମଣ୍ଡପରେ ଭଜନ ପରିବେଷଣ, ଯୋଗ ପ୍ରଶିକ୍ଷଣ, ଆଦ୍ୟାଶକ୍ତି ମା' ମଙ୍ଗଳା, ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରାଚୀନଦୀ ତଥା ପ୍ରାଚୀ ସରସ୍ୱତୀଙ୍କ ମହିମା ଶ୍ରବଣ କରାଯାଇଥିଲା। ମହାଷ୍ଟମୀ (ଅଶୋକାଷ୍ଟମୀ), ମହାନବମୀ (ଶ୍ରୀରାମ ନବମୀ), ବାସନ୍ତିକ ଦଶହରା (ନବକଳେବର ବନଯାଗ ଯାତ୍ରାର ଆଦ୍ୟ ଦିବସ) ଉପରେ ଯୋଗାଚାର୍ଯ୍ୟ ଡ. ବିଶ୍ୱରଞ୍ଜନ ରଥ, ମଙ୍ଗଳା ମନ୍ଦିର ପରିଚାଳକ କୈଳାସ ଚନ୍ଦ୍ର ଦାଶ, ସେବକ ପବିତ୍ର ଦୀକ୍ଷିତ, ସାମାଜିକ କର୍ମୀ ତଥା ପୂର୍ବତନ ବରିଷ୍ଠ ନୌସୈନିକ ବିଦ୍ୟାଧର ନାୟକ ଓ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ବାହାର ରାଜ୍ୟକୁ ଜାତୀୟକରଣ ଓଡ଼ିଆ ପାଠ୍ୟପୁସ୍ତକ ବିତରଣ ଆରମ୍ଭ

ଭୁବନେଶ୍ୱର,୧।୪(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବାହାର ରାଜ୍ୟକୁ ଜାତୀୟକରଣ ଓଡ଼ିଆ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅନୁଯାୟୀ ଗୁଜରାଟ, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମଧ୍ୟପ୍ରଦେଶକୁ ମୋଟ ୧,୧୫,୦୦୦ ଓଡ଼ିଆ ପାଠ୍ୟପୁସ୍ତକ ଯୋଗାଣ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଚଳିତ ଶିକ୍ଷା ବର୍ଷରେ ବାହାର ରାଜ୍ୟରେ ପଢ଼ୁଥିବା ସମସ୍ତ ଓଡିଆ ଛାତ୍ରୀଛାତ୍ରଙ୍କ ପାଖରେ ଓଡ଼ିଆ ପୁସ୍ତକଗୁଡିକ ପହଞ୍ଚିପାରିବ। ଏଥିସହ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ୨.୫ କୋଟି ଜାତୀୟକରଣ ପାଠ୍ୟପୁସ୍ତକ ସମସ୍ତ ବ୍ଲକ ମାଧ୍ୟମରେ ବିତରଣ କରାଯାଇଛି । ଚଳିତ ଶିକ୍ଷାବର୍ଷର ଦୈନନ୍ଦିନ କାର୍ଯ୍ୟସୂଚୀ ସମ୍ବନ୍ଧୀୟ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ 'ମୋ ଡାଏରୀ', ପ୍ରାଥମିକ ଏବଂ ମାଧ୍ୟମିକ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାବର୍ଷ ଏକାଡେମିକ କ୍ୟାଲେଣ୍ଡରକୁ ମନ୍ତ୍ରୀ ଦାଶ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା, ମୋ ସ୍କୁଲ ଅଭିଯାନର କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ୍ ଜେନା ଏବଂ ପାଠ୍ୟପୁସ୍ତକ ଉତ୍ପାଦନ ବିକ୍ରୟ ଅନୁଷ୍ଠାନର ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ଉପସ୍ଥିତ ଥିଲେ। ସୂଚନା ଥାଉ କି, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ପାଇଁ ୨୦୨୨-୨୩ ବର୍ଷର ଆର୍ଥିକ ଅନୁଦାନରୁ ଅର୍ଥ ବିନିଯୋଗ କରାଯାଇ ୩ଟି ଅର୍ଥାତ୍ କମ୍ପ୍ୟୁଟରରୁ ପ୍ଲେଟ୍ ପ୍ରସ୍ତୁତକାରୀ ମେସିନ୍, ହାଇସ୍ପିଡ୍ ୱେବ୍ ମୁଦ୍ରଣ ମେଶିନ ଏବଂ ୧୬୦ କେଭିଏ ଜେନେରେଟର୍ କ୍ରୟ କରାଯାଇଛି।

## ସୀତା ବିବାହ, ପର୍ଶୁରାମ କଳା ହରଣ


ହରଚଣ୍ଡୀ ସାହି ପକ୍ଷରୁ ପର୍ଶୁରାମ ଶ୍ରୀମନ୍ଦିରକୁ ନୀତି ସମ୍ପନ୍ନ ପାଇଁ ଯାଉଛନ୍ତି ।

ପୁରୀ ଅଫସ, ୧।୪:

### ସାହିଯାତର ତୃତୀୟ ଦିବସ

ଶ୍ରୀକ୍ଷେତ୍ରରେ ଚାଲିଥିବା ସାହିଯାତର ଶନିବାର ତୃତୀୟ ଦିବସରେ ସୀତା ବିବାହ ସହ ପର୍ଶୁରାମ ଆଗମନ ଓ କଳା ହରଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ ଏବଂ ମା' ସୀତାଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଅପରପକ୍ଷରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ପର୍ଶୁରାମ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ତାପଙ୍ଗ ଜାଗାର ମଧୁସୂଦନ ଖୁଣ୍ଟିଆ ପର୍ଶୁରାମ ଚରିତ୍ରରେ ପଟୁଆରରେ ସାହି ଏବଂ ବାଦି ସାହି ପରିକ୍ରମା କରି ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମଙ୍କ ଦ୍ୱାରା ଶିବ ଧନୁ ଭଙ୍ଗ ସହ ସୀତାଙ୍କ ବିବାହ ନୀତି ସମ୍ପାଦନ କରାଯାଇଥିଲା। ଶୀତଳ ଭୋଗ ମଣୋହି ପରେ ଶ୍ରୀମନ୍ଦିରକୁ ଠାକୁର ବାହୁଡ଼ା ବିଜେ କରିଥିଲେ। ସକାଳେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ତାପଙ୍ଗ ଯାଗାର ବିଶ୍ୱନାଥ ସୁଆର ପର୍ଶୁରାମ ବେଶ ହୋଇ ଶ୍ରୀମନ୍ଦିର ଯିବା ସହ ଆଠସାହି ପରିକ୍ରମା କରିଥିଲେ। ରାତିରେ ହରଚଣ୍ଡୀ ସାହି ପକ୍ଷରୁ ଯାତ ବାହାରି ସାଥି ସାହି ବା ବାଦି ସାହିକୁ ଯାଇଥିଲା।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 194/2022-23/RWD/CHATRA, दिनांक– 21.12.2022, PR NO.- 285723 द्वारा प्रकाशित निविदा में आईडेन्टीफिकेशन संख्या– RWD /CHATRA /08 /2022-23 एवं RWD/CHATRA/09/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मेन्ट सेल
PR 294223 (Rural Work Department)22-23*D

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 79/RI/2022-23/RWD/DHANBAD, दिनांक 12.01.2023, PR NO.- 287503 द्वारा प्रकाशित निविदा में आईडेन्टीफिकेशन संख्या– RWD/DHANBAD/10/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मेन्ट सेल
PR 294234 Rural Work Department (22-23)_D

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 223/2022-23/RWD/DHANBAD, दिनांक 06.01.2023, PR NO.- 286 901 द्वारा प्रकाशित निविदा में आईडेन्टीफिकेशन संख्या– RWD/ DHANBAD/24/2022-23 एवं RWD/ DHANBAD /25/ 2022 -23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मेन्ट सेल
PR 294238 Rural Work Department(23-24).D

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୪ (ବ୍ୟୁରୋ) - ଘରେ କେହି ନ ଥିବାବେଳେ ତାଲା ଭାଙ୍ଗି ଟଙ୍କା, ସୁନା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ମଣ୍ଟୁ ପାଇକରାୟ। ତାଙ୍କଠାରୁ ଗୋଟିଏ ଲାପଟପ, ଇମିଟେଶନ ଚେନ, ଗ୍ୟାସ ସିଲିଣ୍ଡର ଭଳି ଅନ୍ୟାନ ଜିନିଷ ଜବତ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ମଧ ଖଣ୍ଡଗିରି ଥାନାରେ ୨୧ଟି ଆପରାଧିକ ମାମଲା ରହିଥିବା ବେଳେ ଏୟାରଫୀଲ୍ଡ ଓ ଜଟଣୀ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଅଭିଯୁକ୍ତ ଜଣକ କ୍ରମାଗତ ଭାବେ ବିଭିନ୍ନ ଅପରାଧରେ ସାମିଲ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଛି ।

ସୂଚନା ଅନୁସାରେ, ପ୍ରେମ ନାମକ ଜଣେ ବ୍ୟକ୍ତି ଗତ ୨୫ ତାରିଖରେ ପରିବାର ସଦସ୍ୟଙ୍କ ସହ ନିଜ ଘର ଓଡଗାଁ ଯାଇଥିଲେ। ୨୮ ତାରିଖ ଦିନ ତାଙ୍କ ଘର ତାଲା ଭାଙ୍ଗି ସମସ୍ତ ଜିନିଷ ଚୋରି ହୋଇଥିବା ଘର ମାଲିକ ଫୋନ କରି ଜଣାଇଥିଲେ। ସେ ଭୁବନେଶ୍ୱର ଫେରି ଆସି ଚୋରି ହୋଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଆଲମାରି ଚାବି ଭାଙ୍ଗି ସେଥିରେ ଥିବା ନଗଦ ୪୫ ହଜାର ଟଙ୍କା,୩ ଟି ସୁନା ଚେନ, ଗୋଟିଏ ସୁନା ରୁଦ୍ରାକ୍ଷ ମାଳ, ଗୋଟିଏ ମୁଦି ଓ ଲକେଟ,ଏକ ଭିଡିଓ କ୍ୟାମେରା,ଗ୍ୟାସ ସିଲିଣ୍ଡର ସହ ଅନ୍ୟାନ ଆସବାବପତ୍ର ଚୋରି କରି ନେଇଯାଇଥିବା କହିଥିଲେ। ଏନେଇ ପ୍ରେମ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### ସ୍ତ୍ରୀକୁ ନିର୍ଯାତନା ଦେଇ ମାଡ, ସ୍ୱାମୀ ଗିରଫ

ଭୁବନେଶ୍ୱର,୧।୪ (ବ୍ୟୁରୋ) : ସ୍ତ୍ରୀକୁ ନିର୍ଯାତନା ଦେବା ସହ ମାଡ ମାରି ଜୀବନରୁ ମାରି ଦେବାକୁ ଧମକ ଦେବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ସଂପୃକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପୋଖରୀପୁଟ ଭୋଇ ସାହିର ପ୍ରଦୀପ ସାମଲ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ଗତ ୧୦ବର୍ଷ ତଳେ ଅଭିଯୁକ୍ତ ପ୍ରଦୀପଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦୁଇଟି କନ୍ୟା ସନ୍ତାନ ମଧ ଅଛନ୍ତି। ବିବାହର କିଛି ବର୍ଷ ପରେ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ କିଛିଦିନ ତଳେ ସେ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ଜୀବନରୁ ମାରିଦେବା ଲାଗି ଧମକ ମଧ ଦେଇଥିଲେ। ଏହି ଘଟଣାରେ ମହିଳା ଜଣକ ଅତ୍ୟନ୍ତ ଭୟଭୀତ ହେବା ସହିତ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ।

# ଲଗାଣ ବର୍ଷାରେ ରବି ଫସଲ କ୍ଷତିଗ୍ରସ୍ତ

- ଦାଉ ସାଧୁଛି ପଶ୍ଚିମା ଝଡ଼
- ଖେତରେ ପାଣି ପଶିଛି
- ଚାଷୀଙ୍କୁ ଋଣ ଶୁଝିବା ଚିନ୍ତା ଘାରିଛି

ନିଶ୍ଚିନ୍ତକୋଇଲି,୧।୪(ସ୍ୱ.ପ୍ର.)

ପଶ୍ଚିମା ଝଡ ପ୍ରଭାବରେ ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ରବି ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏନେଇ ସେମାନଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତର ବହୁ ଚାଷୀ ସ୍ଥାନୀୟ ସେବା ସମବାୟ ସମିତି, ଜାତୀୟକରଣ ବ୍ୟାଙ୍କ ଓ ହାତ ଉଧାରି କରି ରବି ଫସଲ କରିଥିଲେ। ରବି ଫସଲ ଲାଭ ଜନକ ହୋଇଥିବାରୁ ଚାଷୀମାନେ ଭଲ ରୋଜଗାର କରିବେ ବୋଲି ଆଶାବାନ୍ଧି ବସିଥିଲେ। ରବି ଫସଲ ଯଥା ମୁଗ, ବିରି କୋଳଥ ଆଦି ବେଶ ଭଲ ହୋଇଥିଲା। ଚାଷୀମାନେ ଏହି ଫସଲକୁ ଅମଳ କରିବାକୁ ଯାଉଥିଲା ବେଳେ ଆକସ୍ମିକ ଭାବେ ପଶ୍ଚିମା ଝଡ ଆସି ଚାଷୀଙ୍କ ମୁଣ୍ଡରେ ଚଡକ ପକାଇଛି। ଶୁକ୍ରବାରଠାରୁ ଅଞ୍ଚଳରେ ବିଜୁଳି ଘଡ଼ଘଡି ସହ ତୁହାକତୁହା ବର୍ଷା ଲାଗି ରହିଛି। ଫଳରେ ଚାଷୀମାନେ ଉତ୍ପାଦନ କରିବା ପୂର୍ବରୁ ରବି ଫସଲଗୁଡ଼ିକ ନଷ୍ଟ ହୋଇଯାଇଛି। ଏପରିକି କିଛି ସ୍ଥାନରେ ରବି ଫସଲ କ୍ଷେତରେ ପାଣି ଲହଡି ଖେଳୁଥିବାର ଦେଖିବାକୁ ମିଳିଛି। ଏଥିଯୋଗୁ ଅମଳକ୍ଷମ ଫସଲ ସବୁ ପଚିଯିବାକୁ ଆରମ୍ଭ କଲାଣି । କିଛି କ୍ଷେତରେ ହୋଇଥିବା ରବି ଫସଲରେ ମଧ ପୋକ ଲାଗିବା ଆରମ୍ଭ ହେଲାଣି। ଏନେଇ ଚାଷୀ ଆଣିଥିବା ଋଣ କିପରି ପରିଶୋଧ କରିବ ସେନେଇ ଚିନ୍ତାରେ ପଡ଼ିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।



କ୍ଷତିଗ୍ରସ୍ତ ହୋଇଥିବା ମୁଗ ଫସଲ ।



ତିଗିରିଆ ବ୍ଲକ ଗଦାଧରପୁରସ୍ଥିତ ଶ୍ରୀ ରଘୁନାଥଙ୍କ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶନିବାର ସୀତା ବିବାହ ଅନୁଷ୍ଠିତ ହୋଇଯାଇଛି।

## ୧୨ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା

ମାହାଙ୍ଗା,୧।୪(ସ୍ୱ.ପ୍ର.)

ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଲା। ମାହାଙ୍ଗା ବ୍ଲକ କୁଆଁପାଳସ୍ଥିତ ପ୍ରତିଭା ଭବନରେ ୧୨ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ମାହାଙ୍ଗା ସାରସ୍ୱତ ଭଣ୍ଡାରକୁ ବୁଦ୍ଧିମନ୍ତ କରିଥିବା ଏହି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନ ଥିବାରୁ ପ୍ରତିଭା ଭବନ ଖାଲି ଖାଲି ଲାଗୁଥିଲା । ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶେଷରେ ଗତ ୨ ବର୍ଷ ପୂର୍ବେ ପୂର୍ବତନ ମନ୍ତ୍ରୀ ସେକ ମତ୍‌ଲୁବ ଅଲ୍ଲିଙ୍କ ଉଦ୍ୟମରେ ମହାତ୍ମା ଗାନ୍ଧୀ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏବେ ମାହାଙ୍ଗା ବିଧାୟକଙ୍କ ଉଦ୍ୟମରେ ପ୍ରତିଭା ଭବନରେ ଗଣକବି ବୈଷ୍ଣବ ପାଣି, ଐତିହାସିକ ଆଚାର୍ଯ୍ୟ ପ୍ୟାରୀମୋହନ, ପଲ୍ଲୀକବି ନନ୍ଦକିଶୋର ବଳ, ଆଦି ନାଟ୍ୟକାର ଜଗମୋହନ ଲାଲା, ଦ୍ୱିତୀୟ ଭଞ୍ଜ କବି ଗୋଲକ ଚନ୍ଦ୍ର ପ୍ରଧାନ, ବାଗ୍ମୀ ବିଶ୍ୱନାଥ କର, ଶିଳ୍ପୀଗୁରୁ ବିମ୍ବାଧର ବର୍ମା, ସଂସ୍କାରକ ବୈରାଗୀ ମିଶ୍ର, ବିଶ୍ୱସନ୍ତରଣକାରୀ ମିହିରସେନ, ପଦ୍ମଶ୍ରୀ ପଣ୍ଡିତ ରଜନ କୁମାର କର, କର୍ମବୀର ଗୌରୀଶଙ୍କର ରାୟ, କବି ପ୍ରଜ୍ଞା ପ୍ରାଣକୃଷ୍ଣ ସାମଲଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଜେନା ଯୋଗଦେଇଥିଲେ।

# ଭଲ ଖବର ପାଇଁ ଦେୟ ଦେବାକୁ ପଡ଼ିବ

## 'ଜାତି ନନ୍ଦିଘୋଷ କନକ୍ଲେଭ-୨୦୨୩'

- ୩ଜଣଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ
- ୮ ଓଡ଼ିଆଙ୍କୁ 'ଜାତି ନନ୍ଦିଘୋଷ ସମ୍ମାନ' ପ୍ରଦାନ

ଭୁବନେଶ୍ୱର,୧।୪(ବ୍ୟୁରୋ)

ମହାବାତ୍ୟାର ଓଡ଼ିଶା ଓ ବର୍ତ୍ତମାନ ରାଜ୍ୟର ସ୍ଥିତିକୁ ଦେଖିଲେ ଆମେ କେତେ ଆଗକୁ ବଢ଼ିଛେ ତାହା ସ୍ପଷ୍ଟ ଅନୁମେୟ ହେଉଛି। ତେବେ ଏହି ବିକାଶ ଧାରା ଜାରି ରହିଲେ ଆଗାମୀ ୧୩ବର୍ଷ ମଧ୍ୟରେ ଅର୍ଥାତ ୨୦୩୬ ବେଳକୁ ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ରହିଥିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ନନ୍ଦିଘୋଷ ଟିଭିର ସ୍ୱନକ୍ଷତ୍ର ଦିବସ ଅବସରରେ ଆୟୋଜିତ ଦ୍ୱିତୀୟ 'ଜାତି ନନ୍ଦିଘୋଷ କନ୍‌କ୍ଲେଭ-୨୦୨୩'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁମିତ ଅୱସ୍ତି କହିଲେ, ଚ୍ୟାନେଲ ଚ୍ୟାନେଲ ମଧ୍ୟରେ ଟିଆର୍‌ପି ଯୁଦ୍ଧ ପାଇଁ ସମାଜରେ ବିଭାଜନ ସୃଷ୍ଟି ହୋଇଛି। ବିଜ୍ଞାପନ ଟିଭି ସାମ୍ବାଦିକତାକୁ ନଷ୍ଟ କରିଦେଉଛି। ଭଲ ଖବର ଦେଖିବାକୁ ହେଲେ ଦେୟ ଦେବାକୁ ପଡ଼ିବ। ଯେପର୍ଯ୍ୟନ୍ତ ଦେୟ ଦେବେ ନାହିଁ, ସେପର୍ଯ୍ୟନ୍ତ ଆପଣ ଏମିତି ଶସ୍ତା ଚ୍ୟାନେଲ ଦେଖୁଥିବେ ବୋଲି ସୁମିତ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମିହିର ରଞ୍ଜନ ଉପସ୍ଥିତ ରହି ଜାତିର ବିକାଶକୁ ନେଇ ମତ ରଖିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସାହିତ୍ୟକ ବିଭୂତି ପଟ୍ଟନାୟକ ଏବଂ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କୁ ୩ଜଣଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ୮ ଓଡ଼ିଆଙ୍କୁ 'ଜାତି ନନ୍ଦିଘୋଷ ସମ୍ମାନ' ପ୍ରଦାନ କରାଯାଇଥିଲା। କ୍ରୀଡ଼ା କ୍ଷେତ୍ର ପାଇଁ ବାପି ହାଁସଦା, ଶିକ୍ଷାରେ ଇପ୍ସୁ ମଲ୍ଲିକ, ଅଙ୍ଗଦାନ ପାଇଁ ସ୍ୱର୍ଗତା ସିଦ୍ଧି ସମୃଦ୍ଧି, ମିଲେଟ୍ ପାଇଁ ସ୍ୱୟଂ ସହାୟିକା ସଂଘର ଚନ୍ଦ୍ରମା ସାହୁ, ଟିଏସ୍‌ଜି ଗୁରୁକୁଳର ଅଧକ୍ଷ ଡ. ଶାରଦା ମିଶ୍ର, ଦମନ ଫିଲ୍ମର ପ୍ରଯୋଜକ ଦୀପେନ୍ଦ୍ର ସାମଲ, ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ନନ୍ଦିଘୋଷ ଟିଭି ସିଓଓ ଜାବର ସିଂ ପନ୍‌ୱର ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ ସମ୍ପାଦକ ଶିଶିର ଭଟ୍ଟମିଶ୍ର ସମ୍ପାଦକୀୟ ପାଠ କରିଥିଲେ। ଚ୍ୟାନେଲ ମୁଖ୍ୟ ମାନସ ରଞ୍ଜନ ମଙ୍ଗରାଜ ଉପସ୍ଥିତ ରହି ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କଣ୍ଠଶିଳ୍ପୀ ସୁବାସ ଦାସ ଓ ତୃପ୍ତି ଦାସ ରାଜ୍ୟ ସଙ୍ଗୀତ ଗାନ କରିଥିଲେ। ମଞ୍ଚରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ନନ୍ଦିଘୋଷ ଟିଭିର ସ୍ୱନକ୍ଷତ୍ର ଦିବସରେ ଆୟୋଜିତ ଦ୍ୱିତୀୟ 'ଜାତି ନନ୍ଦିଘୋଷ କନ୍‌କ୍ଲେଭ'ରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାସାହିତ୍ୟିକ ବିଭୂତି ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରୁଛନ୍ତି। ଉପସ୍ଥିତ ଅଛନ୍ତି ଚ୍ୟାନେଲ ମୁଖ୍ୟ ମାନସ ରଞ୍ଜନ ମଙ୍ଗରାଜ ଓ ଅନ୍ୟମାନେ।

### ସୁନାଚେନ୍ ଲୁଟ୍ ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୧।୪(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡାଳୋ ପଞ୍ଚାୟତ ମଲ୍ଲୀପୁରସ୍ଥିତ ଅସୁରେଶ୍ୱର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠରେ ଶ୍ରୀରାମନବମୀ ଉତ୍ସବରେ ଏକାଧିକ ମହିଳାଙ୍କ ବେକରୁ ସୁନା ହାର ଓ ଚେନ ଲୁଟ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତସିଂହପୁର ଜିଲା ରାହାମା ଅଞ୍ଚଳର ନିରଞ୍ଜନ ଦାସ। ଏନେଇ ଥାନାରେ ମାମଲା (ନଂ. ୬୪/୨୩) ରୁଜୁ ହୋଇଛି। ଗତ ଶ୍ରୀରାମ ନବମୀ ଦିନ ଏହି ପୀଠରେ ପ୍ରବଳ ଜନ ସମାଗମ ହୋଇଥିଲା। ଏହି ସମୟରେ ପ୍ରାୟ ୬ରୁ ୭ ଜଣ ମହିଳାଙ୍କ ବେକରୁ ସୁନା ଚେନ, ହାର, ଦାମୀ ମୋବାଇଲ, ଓ ମନିପର୍ସ ଆଦି ଚୋରି ହୋଇଯାଇଥିଲା।

### ବୁଣାକାରଙ୍କୁ ସମ୍ବର୍ଦ୍ଧନା

ତିଗିରିଆ,୧।୪(ଡି.ଏନ୍.ଏ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ କଳାପାଟ ସାହିରେ ଓଡ଼ିଶା ଦିବସ ଅବସରରେ ଶନିବାର ଉତ୍କଳୀୟ ମହିଳା ଗୋଷ୍ଠୀ କଟକ ଶାଖା ତରଫରୁ ତିଗିରିଆ ନୂଆପାଟଣା ଗ୍ରାମର ହସ୍ତତନ୍ତ ବୁଣାକାର ସୁଲଭ ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ସହ ୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁରମା ମହାନ୍ତି, ନୀତା ଦାସ, ସ୍ନିଗ୍ଧା ପାତ୍ର, ଝରଣା ପଟ୍ଟନାୟକ, ମିଲୁ ପଟ୍ଟନାୟକ, ପଦ୍ମଜା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାରମ୍ଭ ଯଜ୍ଞ ପାଇଁ ଶୋଭାଯାତ୍ରା



ନିଶ୍ଚିନ୍ତକୋଇଲି,୧।୪(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ ଏବଂ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଦ୍ୱୀପାଞ୍ଜଳୀ ମିଶ୍ରଙ୍କ ମାର୍ଗଦର୍ଶନରେ ଶନିବାର ପ୍ରାତଃ କାଳରେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଗୋପପୁର ଗ୍ରାମଦେବତୀ ସୁବର୍ଣ୍ଣେଶ୍ୱରୀ ପୀଠରେ ପହଞ୍ଚିଥିଲା। ସେଠାରେ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯାଇ ପ୍ରଭୁ ଶଙ୍କରେଶ୍ୱରଙ୍କ ପୁଷ୍କରିଣୀରୁ ଯଜ୍ଞ ଉଦ୍ଦେଶ୍ୟରେ କଳସ ବୁଡାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି କଳସୀ ଶୋଭାଯାତ୍ରା ବିଦ୍ୟାଳୟରେ ପହଞ୍ଚିଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ତପନ କୁମାର ଦାଶ, ସହ ସମ୍ପାଦିକା ବିଦ୍ୟୁଲତା ପଣ୍ଡା, କୋଷାଧ୍ୟକ୍ଷ ସୁବୋଧ କୁମାର ଷଡ଼ଙ୍ଗୀ, ତଡିତ କୁମାର ମଲିକ, ପ୍ରଦୀପ୍ତ କୁମାର ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ବିଶୋଇ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

# 'ବରପୁତ୍ରଙ୍କ ଯୋଗୁ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ହୋଇଛି'

କଟକ ଅଫିସ/ ମାହାଙ୍ଗା/ମାଣିଆବନ୍ଧ /ବଡ଼ମ୍ବା/ତିଗିରିଆ/ବାଙ୍କୀ/ ଚୌଦ୍ୱାର, ୧।୪ (ସ୍ୱ.ପ୍ର./ ଡି.ଏନ୍.ଏ.)

ଓଡ଼ିଶା ଶିଳ୍ପ ସଂଘ ଆନୁକୂଲ୍ୟରେ ଜଗତପୁର ନୂତନ ଶିଳ୍ପାଞ୍ଚଳସ୍ଥିତ ସଂଘ ସମ୍ମିଳନୀ କକ୍ଷରେ ଓଡ଼ିଶା ଦିବସ ଶନିବାର ପାଳିତ ହୋଇଯାଇଛି। ଶିଳ୍ପ ସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଓଡ଼ିଶା ବରପୁତ୍ରମାନଙ୍କ କଠୋର ସାଧନା ଏବଂ ଦୂରଦୃଷ୍ଟି ଯୋଗୁ ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟ ସହିତ ଓଡ଼ିଆ ଲିପିକୁ ମାନ୍ୟତା ମିଳିଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପ୍ରଫେସର ଧର୍ମବ୍ରତ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦାର ଡିଜିଏମ୍ ରମେଶ ମହାନ୍ତି ଯୋଗଦେଇଥିଲେ। ସଂଘ ସଭାପତି ତଥା ଶିଳ୍ପୋଦ୍ୟୋଗୀ ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସଂଘର ସାଧାରଣ ସମ୍ପାଦକ ଗୌରଗୋପାଳ ସେନ, କିଶୋର ମହାନ୍ତି, ଦେବେନ୍ଦ୍ର ଶର୍ମା, ଭବାନୀ ପଣ୍ଡିତ, ଅଜୟ ପଣ୍ଡା, ରାଜେଶ କାନୁନ୍‌ଗୋ, ରୁଦ୍ର ଆଚାର୍ଯ୍ୟ, ଅନିରୁଦ୍ଧ ପୁହାଣ, ଶୁଭ୍ରକାନ୍ତ ପଣ୍ଡା, ଦେବେନ୍ ରାୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସଂଘ ଉପସଭାପତି ପୁଷ୍ପା ସାମଲ ଧନ୍ୟବାଦ ଦେଇଥିଲେ।

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମେତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ବ୍ୟବସାୟ ପରିଚାଳନା ବିଭାଗ ପକ୍ଷରୁ ରାଣୀଦେବୀ ପ୍ରେକ୍ଷାଳୟରେ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଧ୍ୟାପିକା ପ୍ରତୀକ୍ଷା ତ୍ରିପାଠୀ 'ବନ୍ଦେ ଉତ୍କଳ ଜନନୀ...'ସଙ୍ଗୀତ ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଅଧ୍ୟକ୍ଷ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ଡ. କଲ୍ୟାଣ ସାହୁ, ପ୍ରାଧ୍ୟାପିକା ବିକଶିତା ମହାନ୍ତି, କେ.ଆର୍. ସିଂ, ଦୁର୍ଗାପ୍ରସାଦ ନାୟକ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ପ୍ରଣିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଡ. ଶ୍ୱେତପଦ୍ମା ଦାସ ଧନ୍ୟବାଦ ଦେଇଥିଲେ।

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମଧ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂଘର କର୍ମକର୍ତ୍ତାମାନେ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଓ ଗୋପବନ୍ଧୁ ବାଗସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ଚିତ୍ରକର ପ୍ରଧାନ, ଦୀନବନ୍ଧୁ ସାହୁ, ସନ୍ତୋଷ ମହାନ୍ତି, ବିପିନ ପ୍ରଧାନ ଓ ଉତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।





କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ।

### ଓଡ଼ିଶା ଦିବସ ପାଳିତ

ସେହିପରି ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ମାହାଙ୍ଗା ଆଞ୍ଚଳିକ ଟାଇଗର କ୍ଲବ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ଜିତେନ ରାଉତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଦୀପକ ମହାନ୍ତି, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ କୁମାର କର, ରାମଚନ୍ଦ୍ର ଶତପଥୀ, ବିଦ୍ୟୁଲତା ପ୍ରଧାନ, କବୟିତ୍ରୀ ଲବଙ୍ଗଲତା ରାଉତ, ଉମେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ସେହିପରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଳି ନୋଡାଲ ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରଧାନ ଶିକ୍ଷକ ସୁକାନ୍ତ ପଣ୍ଡା ଉଦ୍‌ଘାଟନ କରିଥିଲେ। ବଡ଼ମ୍ବା ପଞ୍ଚାୟତ ସମିତି କର୍ମଚାରୀଙ୍କ ତରଫରୁ ଓଡ଼ିଶା ଦିବସ ପାଳନ ଅବସରରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ସଭ୍ୟ ରବୀନ୍ଦ୍ର ସାହୁ ଓ ସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବଡମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁରସ୍ଥିତ ଆର.ପି ସ୍ନାତକ ଆବାସିକ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ କାହ୍ନୁ ନାୟକ ସଭାପତିତ୍ୱ କରିଥିଲେ। ବାଙ୍କୀ ଉପଖଣ୍ଡ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ପ୍ରେସ୍ କ୍ଲବ ସହ ସମ୍ପାଦକ ବିଭୂପ୍ରସାଦ ସାମଲଙ୍କ ତତ୍ତ୍ୱାବଧାନରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ରଞ୍ଜନ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ ଏନ୍‌ଏସି ଅଧ୍ୟକ୍ଷା ମାଣିକ ସାହୁ, ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବରପୁଟ ସରପଞ୍ଚ ପଣ୍ଡିତ ଅଶୋକ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ମହାପାତ୍ର ଯୋଗଦେଇଥିଲେ।

ଚୌଦ୍ୱାରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସୁକାନ୍ତ ମହାନ୍ତି, କାଉନ୍‌ସିଲର ଅଜୟ ବେହେରା, ଅଜୟ କୁମାର ବେହେରା(ଅଜିନୀ), ଦିଲୀପ ସାହୁ, ବିଷ୍ଣୁଚରଣ ପରିଡ଼ା, ବୈଷ୍ଣବ ଚରଣ ପ୍ରଧାନ, ବୈରାଗୀ ଚରଣ ପ୍ରଧାନ ପ୍ରମୁଖ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ ଓ ଭୂମିକା ଉପରେ ଆଲୋକପାତ କରିଥିଲେ।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 194/2022-23/RWD/CHATRA, दिनांक– 21.12.2022, PR NO.- 285723 द्वारा प्रकाशित निविदा में आईडेन्टीफिकेशन संख्या– RWD /CHATRA /08 /2022-23 एवं RWD/CHATRA/09/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294223 (Rural Work Department)22-23*D

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 79/RI/2022-23/RWD/DHANBAD, दिनांक 12.01.2023, PR NO.- 287503 द्वारा प्रकाशित निविदा में आईडेन्टीफिकेशन संख्या– RWD/DHANBAD/10/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294234 Rural Work Department (22-23)_D

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 223/2022-23/RWD/DHANBAD, दिनांक 06.01.2023, PR NO.- 286 901 द्वारा प्रकाशित निविदा में आईडेन्टीफिकेशन संख्या– RWD/ DHANBAD/24/2022-23 एवं RWD/ DHANBAD /25/ 2022 -23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294238 Rural Work Department(23-24).D

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା

ଖୋର୍ଦ୍ଧା ଅଫିସ,୧।୪: ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା ମୁକୁନ୍ଦପ୍ରସାଦ କଲେଜ ରୋଡ଼ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ମଞ୍ଚ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସୁଧାକର ପାଇକରାୟଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ରାମଶଙ୍କର ବିବରଣୀ ପାଠ କରିଥିଲେ। ବିଦ୍ୟାଧର ଲେଙ୍କା, ପ୍ରସନ୍ନ କୁମାର ପ୍ରଧାନ, ସୁଭାଷ ଚନ୍ଦ୍ର ଚମ୍ପତି, ପ୍ରମୋଦ କୁମାର ଷଡ଼ଙ୍ଗୀ, ଡା. ଯୋଗେଶ ରଥ, ଅନସୂୟା ସାମନ୍ତରାୟ ଏବଂ କିଶୋର ଚନ୍ଦ୍ର ପରମଗୁରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପରିଚୟପତ୍ର ପ୍ରଦାନ, ଆଦର୍ଶ ପରିବାର ଚୟନ, ନିଶା ନିବାରଣ, ମଞ୍ଚ କାର୍ଯ୍ୟାଳୟ ଗୃହ ସ୍ଥାନ ନିରୂପଣ ନେଇ ଆଲୋଚନା ହୋଇଥିଲା। ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଦେବ ପ୍ରସାଦ ମଜୁମଦାର, ଅଖିଳ ଚନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ମହାପାତ୍ର, ଭଗବାନ ରାମ, ଗୋବିନ୍ଦ ଚନ୍ଦ୍ର ମହାରଣା, ବସନ୍ତ କୁମାର ଦାଶ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଏବଂ ସୁରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

### ବିଦ୍ୟାରମ୍ଭ ସଂସ୍କାର ଓ ପ୍ରବେଶ ଉତ୍ସବ

ଖୋର୍ଦ୍ଧା ଅଫିସ,୧।୪: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଲ୍ଲା ପକ୍ଷରୁ ବିଦ୍ୟା ସଂସ୍କାର, ପ୍ରବେଶ ଉତ୍ସବ ଏବଂ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟକୁ ନୂତନ କରି ଆସିଥିବା ଛାତ୍ରୀଛାତ୍ରଙ୍କ ବିଦ୍ୟାରମ୍ଭ ସଂସ୍କାର କରାଯାଇଥିଲା। ପ୍ରାରମ୍ଭରେ ହୋମଯଜ୍ଞ ପୂର୍ବକ ପିଲାଙ୍କ ପ୍ରବେଶ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ପ୍ରଧାନାଚାର୍ଯ୍ୟ ବିମଳ ଚନ୍ଦ୍ର ପାଇକରାୟଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ପ୍ରଭାତ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ। ନିଜ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ପରାମର୍ଶ ଦେଇଥିଲେ। ଆଚାର୍ଯ୍ୟ ସଂଘମିତ୍ରା ନନ୍ଦ, ମାନସୀ ଦାଶ ଏବଂ ରଶ୍ମିତା ଦାସ ମଞ୍ଚ ପରିଚାଳନା କରିଥିଲେ। ପ୍ରତି ବିଭାଗର ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ, ଗୁରୁମା, ଛାତ୍ରୀଛାତ୍ର, ଅଭିଭାବକମାନେ ଉପସ୍ଥିତ ଥିଲେ।

### ଉତ୍କଳ ସେବା ଅନୁଷ୍ଠାନର ପ୍ରତିଷ୍ଠା ଦିବସ

ଯାଁଳା,୧।୪(ଡି.ଏନ୍.ଏ.): ଓଡ଼ିଶା ଦିବସ ଅବସରରେ ଉତ୍କଳ ସେବା ଅନୁଷ୍ଠାନର ୩୯ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ନଳୀନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲୀଳାବତୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧା ସୁମନ ଜଣାଇବା ସହ ଯୁବବର୍ଗ ଏହାକୁ ଅନୁକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। କାନନବାସୀ ସାମନ୍ତରାୟ ମୁଖ୍ୟବକ୍ତା ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖପତ୍ର ଉଷାର ୨୯ତମ ସଂସ୍କରଣ ବିଷୟରେ ସହକାରୀ ପ୍ରାଧାପକ ଅମ୍ବରୀଶ ମଙ୍ଗରାଜ ଆଲୋକପାତ କରିଥିଲେ। ଉତ୍କଳମଣି ଗୋପବନ୍ଧୁଙ୍କ ନାତୁଣୀ ବୋହୂ ଲୀଳାବତୀ ମିଶ୍ର, ମାନସ ରଞ୍ଜନ ଦାଶ, ଶିକ୍ଷୟିତ୍ରୀ ପ୍ରତିମା ପାଣିଗ୍ରାହୀ ଓ ସ୍ୱର୍ଗତ କମଳାକାନ୍ତ ଦାଶଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ରମାକାନ୍ତ ଦାସ ସ୍ୱାଗତ ଭାଷଣ ଓ ସମ୍ପାଦକ କାମିନୀକାନ୍ତ ଦାଶ ବିବରଣୀ ପାଠ କରିଥିଲେ | ପ୍ରଣତି ସ୍ୱାଇଁ, ନିରୋଜ ମହାନ୍ତି, ସିଦ୍ଧାନ୍ତ ଦାସ, ମୁରଲୀଧର ଜେନା, ପ୍ରେମାନନ୍ଦ ସାମନ୍ତରାୟ ଓ ବାଉରୀବନ୍ଧୁ ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିବାବେଳେ ବିକ୍ରମ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

### ଶଖାସଂଘ କ୍ରୀଡ଼ା ସଂସଦର ଉପଦେଷ୍ଟାଙ୍କ ପରଲୋକ

ନିରାକାରପୁର,୧।୪(ଡି.ଏନ୍.ଏ.) ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ତାଳପଡା ଗ୍ରାମର କ୍ରୀଡ଼ା ଶିକ୍ଷକ ରାଜକିଶୋର ଦାସ ତଥା ରାଜ ସାରଙ୍କର (୭୮) ଶନିବାର କ୍ୟାପିଟାଲ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ଧରି ନିରାକାରପୁର ପଞ୍ଚାୟତରେ ଥିବା ଶଖାସଂଘ କ୍ରୀଡାର ସଂସଦର ଉପଦେଷ୍ଟା ରହିଆସିଛନ୍ତି ଏବଂ ତାଙ୍କ କ୍ରିଡା ଶିକ୍ଷାରେ ଅନେକ ଯୁବକ ଯୁବତୀ ବିଭିନ୍ନ ସାମରିକ କ୍ଷେତ୍ରରେ ନିଜର ଜୀବିକା ଅର୍ଜନ କରିଛନ୍ତି।

# ‘ବିଶ୍ୱରେ ଓଡ଼ିଆ ଭାଷାର ସ୍ଥାନ ସ୍ୱତନ୍ତ୍ର’



ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।


ଛାତ୍ରମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୧।୪

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଶନିବାର ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନ ହଲ) ପରିସରରେ ପାଳିତ ହୋଇଯାଇଛି । ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ

**ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ**

ଉପାଧକ୍ଷ ଗୋପିନାଥ ମହାରଣା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ କୁମାର ବେଉରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଏବଂ ତହସିଲଦାର ବିଭାସ ପାଣିଗ୍ରାହୀ ଯୋଗଦେଇଥିଲେ। ଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଭାଷାକୁ ନେଇ ଜାତି ଗର୍ବ କରେ। ବିଶ୍ୱରେ ସମୃଦ୍ଧ ଭାଷା ମଧ୍ୟରେ ଓଡ଼ିଆ ଭାଷାର ସ୍ଥାନ ସ୍ୱତନ୍ତ୍ର ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପାଇକ ଆଖଡ଼ା ଆକର୍ଷଣ ସାଜିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

ପ୍ରାତଃ ସମୟରେ ପୌରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରଚାର କରାଯାଇଥିଲା। ସାଢେ ୭ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିଥିଲା। ଜିଲାପାଳଙ୍କ ସମେତ ସମସ୍ତ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଖୋର୍ଦ୍ଧା ମେଡିକାଲ ପରିସରରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।


ନିରାକାରପୁରରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୂର୍ତ୍ତି ପୂଜା ପାଉଛି।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ଉତ୍ସବ

ନିରାକାରପୁର,୧।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତ ରମାବିଲ ଗ୍ରାମରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ମାନସିକଧାରୀ ମହିଳା, ପୁରୁଷ ସ୍ଥାନୀୟ ମନ୍ଦାକିନୀ ନଦିରୁ କଳସ ବୁଡାଇ ବାଣ, ରୋଶଣି ସହ ଆଣିଥିଲେ। ଏଥିସହ ସଂକୀର୍ତ୍ତନ ମଣ୍ଡଳି ଏକ ବିରାଟ ପଟୁଆରରେ ଆସି ଗାଁ ପରିକ୍ରମା କରି ଯଜ୍ଞମଣ୍ଡପରେ ନିକଟରେ ପହଞ୍ଚ କଳସ ସ୍ଥାପନ କରିବା ପରେ ସୂର୍ଯ୍ୟପୂଜା, ଗୋ ପୂଜା, ମନ୍ଦିର ପ୍ରତିଷ୍ଠା ପରବ ସହିତ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କର ଅଭିଷେକ ପରେ ବିଗ୍ରହ ସ୍ଥାପନ ଓ ପାର୍ଶ୍ୱ ଦେବଦେବୀଙ୍କୁ ସ୍ଥାପନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବ ସହିତ ପ୍ରଭୁଙ୍କ ଆଶୀର୍ବାଦ କରିବାକୁ ଏ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିପାଟଣା,୧।୪(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ଭାକରସାହି ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ରଶ୍ମିରଞ୍ଜନ ବିଶ୍ୱାଳ। ହେଲେ ରଶ୍ମିରଞ୍ଜନଙ୍କ ମୃତ୍ୟୁ ପୂର୍ବରୁ ଏକ ଭିଡିଓରେ ତାଙ୍କ ପରିବାରର ସମ୍ପର୍କୀୟମାନେ ଜୀବନରେ ମାରିଦେବା ପାଇଁ ଯୋଜନା କରିଥିବା ନେଇ କହିଛନ୍ତି। ତେବେ ଏହି ଘଟଣା ଗୁରୁବାର ରାତିରେ ହୋଇଥିବା ବେଳେ ଏବେ ଉକ୍ତ ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନ୍ୟପଟେ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ପରିବାର ପକ୍ଷରୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଏପରିକି ଗ୍ରାମରେ କାହାକୁ କିଛି ନ ଜଣାଇ ଯୁବକଙ୍କ ମୃତଦେହକୁ ଶୁକ୍ରବାର ଗାଁ ଶ୍ମଶାନରେ ପୋଡ଼ି ଦିଆଯାଇଛି। ଖବରପାଇ ପୋଲିସ ପ୍ରାଥମିକ ତଦନ୍ତ ଚଳାଇଥିବା ବେଳେ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା ଚଳାଇଛି। ସେହିପରି ଶନିବାର ଏସିପି ଶୁଭନାରାୟଣ ମୁଦୁଲିଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍ ଗାଁ ଶ୍ମଶାନରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରିବା ସହ ମୃତ ଯୁବକଙ୍କ ପାଉଁଶ ନେଇ ଟେଷ୍ଟ ପାଇଁ ଲାବୋରେଟୋରିକୁ ପଠାଇଛି।ପୋଲିସ ସୂଚନା ଅନୁଯାୟୀ, ଭାଇରାଲ ହେଉଥିବା ଭିଡିଓରେ ରଶ୍ମିରଞ୍ଜନ ଭୟରେ ଥିବାବେଳେ ପରିବାରର କେତେଜଣ ସମ୍ପର୍କୀୟ ଓ ଏକ କମ୍ପାନୀର ମ୍ୟାନେଜର ଥିବା ଜଣେ ମହିଳା ମିଶି ତାଙ୍କୁ ମାରିଦେବାକୁ ଷଡ଼ଯନ୍ତ୍ର କରୁଛନ୍ତି। ତେଣୁ ମୋ ମୃତ୍ୟୁର କାରଣ ସରକାର ଜାଣିବା ଦରକାର। ଏଥିସହ ପୋଲିସ ସହଯୋଗପୂର୍ବକ ସେମାନଙ୍କୁ ଦଣ୍ଡ ଦିଅନ୍ତୁ ବୋଲି କହିଛନ୍ତି। କିନ୍ତୁ ରଶ୍ମିରଞ୍ଜନଙ୍କ ପରିବାର ଲୋକ ପୁଅ ଆତ୍ମହତ୍ୟା କରିଥିବା କହିବା ସହ ଅଧିକ କିଛି କହିନାହାନ୍ତି। ଅପରପକ୍ଷେ ଗ୍ରାମର କେତେଜଣ ନିଜ ନାମ ଗୋପନ ରଖି କହିଛନ୍ତି, ଯୁବକଙ୍କର ଲକ୍ଷାଧିକ ଟଙ୍କାର ଲୋନ ଥିଲା। ତାହା ଶୁଝିବାକୁ ସେ ନିଜ ପରିବାର ଓ ଉକ୍ତ ଯୁବତୀଙ୍କ ସହାୟତା ଲୋଡିଥିଲା। ହେଲେ ସେମାନେ ସମ୍ମତି ପ୍ରଦାନ କରି ନ ଥିବାରୁ ମନାନ୍ତର ହୋଇଥିଲା। ତେଣୁ ଆତ୍ମହତ୍ୟାକୁ ବିକଳ୍ପ ଭାବେ ବାଛିଥାଇପାରେ। ଏପଟେ ବାଲିପାଟଣା ଥାନା ଅଧିକାରୀ ଓଁପ୍ରକାଶ କୁହନ୍ତି, ଯେହେତୁ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ କେବଳ ଷ୍ଟେଶନ ଡାଏରି କରି ତଦନ୍ତ କରାଯାଉଛି। ଏପରିକି ସାଇଣ୍ଟିଫିକ ଟିମ୍ ମଧ୍ୟ ତଦନ୍ତ ଚଳାଇଛି। ରିପୋର୍ଟ ଆସିଲେ ଅଧିକ କିଛି ଜଣାପଡ଼ିବ।

## ଶ୍ରୀଜୀଉଙ୍କ ଗୁଣ୍ଡିଚା ମନ୍ଦିରରେ ଆଡ଼ପ ଦର୍ଶନ

ନିରାକାରପୁର,୧।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥ ଯାତ୍ରାର ଶନିବାର ୪ର୍ଥ ଦିନରେ ପହଞ୍ଚିଛି। ଐତିହ୍ୟ ଓ ପରମ୍ପରା ଅନୁଯାୟୀ, ଏକାଦଶୀରେ ଶ୍ରୀକପିଳେଶ୍ୱର ଦେବ ବଡ଼ଭାଇ ଗ୍ରାମେଶ୍ୱର ଦେବ, ଭାଉଜ ଅଶୋକାଷ୍ଟମୀ ଦିନଠାରୁ ରଥରୁ ଆସି ମାଉସୀ ମା ମନ୍ଦିରେ ରହିଆସିଛନ୍ତି। ତେଣୁ ଶନିବାର ଠାକୁରମାନଙ୍କୁ ଭକ୍ତମାନେ ଆଡ଼ପ ଦର୍ଶନ କରିଛନ୍ତି। ଏହାସହିତ ବିଜୟା ରଥର ଦିଗ ପରିବର୍ତ୍ତନ କରାଯାଇଛି। ଶ୍ରୀଜୀଉମାନଙ୍କର ବାହୁଡା ଯାତ୍ରା ଉପଲକ୍ଷେ ଠାକୁର ମାଉସୀ ମା’ ମନ୍ଦିରରୁ ବିଦାୟ ନେବେ। ପରେ ଗାଁରେ ପଟୁଆର ଶୋଭାଯାତ୍ରରେ ଭୋଗଖାଇ ସାରିବା ପରେ ଶ୍ରୀଜୀଉମାନେ ରଥାରୁଢ ହୋଇ ନିଶାର୍ଦ୍ଧରେ ବିଲ ଗହିର ମଧ୍ୟରେ ରଥକୁ ଟଣାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଠାକୁରଙ୍କ ପରିଚାଳନା କମିଟି ସଦସ୍ୟ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ସୂଚନା ଦେଇଛନ୍ତି।

## ୧୦ ଦାମୀ ମୋବାଇଲ, ବାଇକ୍ ଜବତ: ୨ ଗିରଫ

ଜଟଣୀ,୧।୪(ଡି.ଏନ୍.ଏ.)



ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହିର ସାହିଲ ଅଲି (୨୨)ଏବଂ ଶ୍ରୀହରିବିହାରର କୁନା ଦାସ(୨୪)। ସେମାନଙ୍କଠାରୁ ୧୦ଟି ବିଭିନ୍ନ ଦାମୀ ମୋବାଇଲ ଏବଂ ଗୋଟିଏ ନମ୍ବର ବିହୀନ ବାଇକ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୪/୨୩)ରୁଜୁ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଉକ୍ତ ଥାନା ଅଞ୍ଚଳର ଆଶିଷ କୁମାର ପଟ୍ଟନାୟକ ଗତ ୨୯ ତାରିଖରେ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ହେଲେ ବାଟରେ ଏକ ଫୋନ ଆସିବାରୁ ସ୍ଥାନୀୟ ମା’ଜଟିଆଣିଙ୍କ ମନ୍ଦିର ନିକଟ ରାସ୍ତାରେ ଠିଆ ହୋଇ କଥା ହେଉଥିଲେ। ସେହି ସମୟରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ଅଭିଯୋଗକାରୀଙ୍କୁ ମାଡମାରିବା ସହିତ ଜୋର ଜବରଦସ୍ତ ତାଙ୍କ ମୋବାଇଲଟିକୁ ଛଡାଇ ନେଇଯାଇଥିଲେ। ଏହି ଘଟଣା ସମ୍ପର୍କରେ ଆଶିଷ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସାହିଲ ଓ କୁନା ଚୋରି କରିଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ଜଟଣୀ ପୋଲିସ ତଦନ୍ତକାରୀ ଟିମ୍ ଶନିବାର ପେଣ୍ଠସ୍ଥଳ ରେଲୱେ ଗୋଲେଇ ମାର୍କେଟରେ ମୋବାଇଲ ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିଲା ବେଳେ ପୋଲିସ ୨ ଅଭିଯୁକ୍ତଙ୍କୁ କାବୁକରିଥିଲା। ସେମାନଙ୍କ ନିକଟରୁ ଚୋରି ମୋବାଇଲ ଜବତ କରିବା ସହ ପଚରାଉଚରା ବେଳେ ଅଧିକ ମୋବାଇଲ ସେମାନେ ରଖିଥିବା ଜାଣି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟରେ ୧୦ଟି ମୋବାଇଲ ସହ ଚୋରିରେ ସମ୍ପୃକ୍ତ ବାଇକ୍‌କୁ ମଧ୍ୟ ଜବତ କରିଥିଲା।

## ମା’ତାରିଣୀ ଦେବୀଙ୍କ ୧୩ତମ ବାର୍ଷିକୋତ୍ସବ

ବେଗୁନିଆ,୧।୪(ଡି.ଏନ୍.ଏ.)



ବାଘମାରି-କଳାପଥର ରାଜ୍ୟ ସଡ଼କପଥ ପାର୍ଶ୍ୱରେ ଥିବା କଡାମଲ୍ଲ ଗ୍ରାମର ମା’ତାରିଣୀ ଦେବୀଙ୍କ ପୀଠରେ ୧୩ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଗୁରୁବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟର ଶୁଭାରମ୍ଭ ହେବା ସହ ଶନିବାର ପୂର୍ଣ୍ଣାହୁତି ପ୍ରଦାନ ପରେ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ ବିଧି ମୁତାବକ, ଶୁଭ ଅଙ୍କୁରାରୋପଣ, ମଣ୍ଡଳ କରଣ, ୧୦୮ କଳସ ଶୋଭାଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ଚଣ୍ଡୀ ମହାଯଜ୍ଞ ସମ୍ପନ୍ନ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ନାମ ସଂକୀର୍ତ୍ତନ, ପ୍ରବଚନ ଆଦି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ଗ୍ରାମର ରାଧାମୋହନ ଦେବ, ରଘୁନାଥ ଦେବ, ଚନ୍ଦ୍ରଶେଖର ଦେବ, ନିମେଇଶୁଣୀ, ବନଦୁର୍ଗା, ମା’ ମଙ୍ଗଳାଙ୍କ ଚଳନ୍ତି ପ୍ରତିମା ଦୋଳ ବିମାନରେ ବସି ଯଜ୍ଞ ବେଦୀରେ ଅତିଥି ଭାବେ ପୂଜା ପାଉଥିଲେ। ଯଜ୍ଞ ବିଶାରଦ କୁଳମଣି ଦାଶ ଶର୍ମା ଓ ସାଥିମାନଙ୍କ ଦ୍ୱାରା ମନ୍ତ୍ର ପାଠ କରାଯାଇଥିଲା। ଶ୍ୟାମସୁନ୍ଦର କରଣ ଯଜ୍ଞ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଏହି ଅବସରରେ ୩ଦିନ ଧରି ଅଧିଷ୍ଠାତ୍ରୀ ଦେବୀ ମା’ଙ୍କ ପୀଠ ପରିସରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଉପବାସ ରହିଥିବା ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ରବିବାର ୧୦୮ କଳସ ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ପାରମ୍ପାରିକ ଦଧି ହାଣ୍ଡି ଭଙ୍ଗ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

## ନିଯୁକ୍ତିଭିତ୍ତିକ ତାଲିମ, ବୈଷୟିକ ଶିକ୍ଷା ପାଇଁ ପରାମର୍ଶ ଶିବିର

ବେଗୁନିଆ,୧।୪(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ପ୍ରଶାସନ ଖୋର୍ଦ୍ଧା ଆନୁକୂଲ୍ୟରେ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଓ ବୈଷୟିକ ଶିକ୍ଷା ଗ୍ରହଣ ନିମନ୍ତେ ବ୍ଲକସ୍ତରୀୟ ପରାମର୍ଶ ଶିବିର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଟ୍ରେନିଙ୍ଗ ଅଫିସର ରବିନାରାୟଣ ସାହୁ (ସତନ୍ତ୍ର ଦିବ୍ୟାଙ୍ଗ ପିଲାଙ୍କ ନିମନ୍ତେ ଶିକ୍ଷ ତାଲିମ କେନ୍ଦ୍ର), ଆନିମେଶ କର ( ଗ୍ରାମ ତରଙ୍ଗ ସେଞ୍ଚୁରିୟନ ୟୁନିଭର୍ସିଟି), ପ୍ରିୟେଶ ବସନ୍ତିଆ (ସରକାରୀ ଆଇ.ଟି.ଆଇ, ଭୁବନେଶର), ସ୍ମିତସୁ ଉଦର୍ଶନୀ ସାହୁ( ଲେକ୍ଚରର୍ ପଲିଟେକ୍ନିକ, ଭୁବନେଶର),ଚନ୍ଦ୍ରଧ୍ୱଜ ନାୟକ (ସେଣ୍ଟ୍ରାଲ ମ୍ୟାନେଜର, ଟୁରିଷ୍ଟ ଟେକ୍ନୋଲୋଜି,ଭୁବନେଶର), ଖୋର୍ଦ୍ଧା ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉକ୍ତ ଶିକ୍ଷା ସମ୍ପର୍କରେ ସରକାରୀ ସୁବିଧା ସୁଯୋଗ ଅବଗତ କରାଇଥିଲେ। ମାଟ୍ରିକ ପରବର୍ତ୍ତୀ ଆଇ.ଟି.ଆଇ, ପଲିଟେକନିକ, ଦିବ୍ୟାଙ୍ଗ ପାଇଁ ଆଇଟିଆଇରେ ସୁବିଧା ସୁଯୋଗ ତଥା ରୋଜଗାରର ଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ପିତାମାତାଙ୍କୁ ଆଜିକାର ପରାମର୍ଶ ତାଲିମ କଥା ଜଣାଇବା ପାଇଁ ଉପସ୍ଥିତ ବୈଷୟିକ ବିଶେଷଜ୍ଞମାନେ ଅନୁରୋଧ କରିଥିଲେ। ଏବଂ ସେମାନଙ୍କୁ ଯୋଗାଯୋଗ କରିବାକୁ ଜଣାଇଥିଲେ। ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ ଶିବିରରେ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରତିଶ ବେଉରା ଅତିଥି ପରିଚୟ ଦେଇଥିବା ବେଳେ ଅନ୍ୟତମ ଶିକ୍ଷକ ଫକୀରମୋହନ ବେହେରା ଧନ୍ୟବାଦ ଦେଇଥିଲେ।



ପରାମର୍ଶ ତାଲିମ ଶିବିରରେ ଯୋଗଦେଇଥିବା ଅତିଥି, ଓ ଛାତ୍ରୀଛାତ୍ର।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– आमंत्रित निविदा रद्द संबंधी सूचना दिनांक–
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 194/2022-23/RWD/CHATRA, दिनांक– 21.12.2022, PR NO.- 285723 द्वारा प्रकाशित निविदा में आईडेन्टीफिकेशन संख्या– RWD /CHATRA /08 /2022-23 एवं RWD/CHATRA/09/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294223 (Rural Work Department)22-23*D

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 79/RI/2022-23/RWD/DHANBAD, दिनांक 12.01.2023, PR NO.- 287503 द्वारा प्रकाशित निविदा में आईडेन्टीफिकेशन संख्या– RWD/DHANBAD/10/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294234 Rural Work Department (22-23)_D

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची
पत्रांक– आमंत्रित निविदा रद्द संबंधी सूचना दिनांक–
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 223/2022-23/RWD/DHANBAD, दिनांक 06.01.2023, PR NO.- 286 901 द्वारा प्रकाशित निविदा में आईडेन्टीफिकेशन संख्या– RWD/ DHANBAD/24/2022-23 एवं RWD/ DHANBAD /25/ 2022 -23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294238 Rural Work Department(23-24).D

ଧରିତ୍ରୀ
DHARITRI
Bhubaneswar, Sunday, April 2/2023



## ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍‌ରେ ଓଡ଼ିଶା ଦିବସ

ଭୁବନେଶ୍ୱର : ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏପରିକି ମଲ୍ ପରିସରରେ ଆୟୋଜିତ ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ମାଧ୍ୟମରେ ଓଡ଼ିଶାର ହସ୍ତତନ୍ତ ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ ଓଡ଼ିଶା ଦିବସ ପାଳନ କରୁଛି। ବିଶେଷକରି ମଲ୍‌ରେ ପରିବର୍ତ୍ତନକୁ ଦର୍ଶାଉଥିବା ଏକ ଗତି ଦେଖିବାକୁ ମିଳିଥିଲା। ସେହିଭଳି ୨ଦିନିଆ କାର୍ଯ୍ୟକ୍ରମ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଓଡ଼ିଶୀ ନୃତ୍ୟ ଅନ୍ତର୍ଭୁକ୍ତ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ହ୍ୟାଣ୍ଡଲୁମ୍ ଉପରେ ଫ୍ୟାଶନ ଶୋ ବିଶେଷ ଆକର୍ଷଣ ଥିଲା।

# ମାର୍ଚ୍ଚରେ ୧.୬ ଲକ୍ଷ କୋଟିରୁ ଅଧିକ ଜିଏସ୍‌ଟି ସଂଗ୍ରହ

- ଗତବର୍ଷ ଅପେକ୍ଷା ୧୩% ଅଧିକ ଟିକସ ଆଦାୟ
- କ୍ରମାଗତ ୧୨ ମାସ ପାଇଁ ୧.୪ ଲକ୍ଷ କୋଟିର ଟିକସ ସଂଗ୍ରହ
- ୨୦୨୨-୨୩ ଆର୍ଥିକ ବର୍ଷରେ ୨ୟ ସର୍ବାଧିକ ଜିଏସ୍‌ଟି ସଂଗ୍ରହ




ନୂଆଦିଲ୍ଲୀ,୧।୪

ଦେଶର ଅର୍ଥନୀତିକୁ ସଶକ୍ତ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି। ଏହା ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପ୍ରତିଫଳିତ ହେଉଛି। ଏପରିକି ୨୦୨୩ ମାର୍ଚ୍ଚର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ବର୍ଷ ମାର୍ଚ୍ଚରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୬ (୧,୬୦,୧୨୨) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୨ ମାର୍ଚ୍ଚରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୪୩ ଲକ୍ଷ କୋଟି ଟଙ୍କା ରହିଥିଲା। ଗତ ବର୍ଷ ମାର୍ଚ୍ଚରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ଅପେକ୍ଷା ଚଳିତ ବର୍ଷ ମାର୍ଚ୍ଚରେ ଟିକସ ସଂଗ୍ରହ ପ୍ରାୟ ୧୩% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୩ ମାର୍ଚ୍ଚରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୬୦,୧୨୨ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୯,୫୪୬ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି)୩୭,୩୧୪ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୨,୯୦୭ କୋଟି (ସାମଗ୍ରୀ ଆମଦାନୀରେ ୪୨,୫୦୩ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୦,୩୫୫ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୯୬୦ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସୂଚନାଯୋଗ୍ୟ, କ୍ରମାଗତ ୧୨ ମାସ ଲାଗି ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟି ରହିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୨ୟ ଥର ପାଇଁ ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟି ଟଙ୍କା ପାର କରିଥିବା ଜଣାପଡ଼ିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ୪ର୍ଥ ଥର ପାଇଁ ୧.୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଥିବା ସୂଚନା ମିଳିଛି। ଏପରିକି ୨୦୨୨-୨୩ ଏପ୍ରିଲରେ ସର୍ବାଧିକ ଟିକସ ପ୍ରାୟ ୧.୬୮ ଲକ୍ଷ କୋଟି ସଂଗ୍ରହ ହୋଇଥିଲା। ଓଡ଼ିଶାରୁ ଚଳିତ ବର୍ଷ ମାର୍ଚ୍ଚରେ ୪୭୪୯ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ ଆଦାୟ ଟିକସ ପରିମାଣ ୪୧୨୫ କୋଟି ଟଙ୍କା ରହିଥିଲା ଯାହା ଚଳିତ ବର୍ଷ ୧୫.୧୪% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୧୮ଟ୍ରିଲିୟନ(୧୮ଲକ୍ଷ କୋଟି ଟଙ୍କା)ର ଟିକସ ଆଦାୟ କରାଯାଇଥିବାବେଳେ ଗତ ଆର୍ଥିକ ବର୍ଷର ଟିକସ ପରିମାଣଠାରୁ ୨୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କମର୍ସିଆଲ ଗ୍ୟାସ୍ ଦର ହ୍ରାସ

ଭୁବନେଶ୍ୱର,୧।୪

ପ୍ରତି ମାସ ଆରମ୍ଭରୁ ଗ୍ୟାସ୍ ଦରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ମାସରେ କମର୍ସିଆଲ ଗ୍ୟାସ୍ (୧୯କେଜି)ରେ ମୂଲ୍ୟ ହ୍ରାସ ହୋଇଥିବାବେଳେ ଘରୋଇ ଗ୍ୟାସ୍ ଦର ସ୍ଥିର ରହିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ଶନିବାର ଏପ୍ରିଲ ମାସ ପାଇଁ ନୂତନ ଗ୍ୟାସ୍ ଦରସୂଚୀ ପ୍ରକାଶ କରିଛନ୍ତି। ଏପରିକି ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ ଉପରେ ୮୪.୫୦ ଟଙ୍କା ହ୍ରାସ କରିଥିବା ବେଳେ ଘରୋଇ ଗ୍ୟାସ୍ (୧୪.୨ କେଜି) ଉପରେ ଦର ଅପରିବର୍ତ୍ତିତ ରଖିଛନ୍ତି। ଫଳରେ ଶନିବାର ଭୁବନେଶ୍ୱର ବଜାରରେ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୨୨୫୨ ବଦଳରେ ୨୧୭୬.୫୦ ଟଙ୍କା ରହିଛି। ଅପରପକ୍ଷରେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୧୨୯ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ୧୯ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୨୨୫୧ବଦଳରେ ୨୧୬୬.୫୦ ଟଙ୍କା ରହିଛି। ଅପରପକ୍ଷରେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୧୨୯.୫୦ ଟଙ୍କାରେ ବିକ୍ରି ହେଉଛି।

## 'କଳିଙ୍ଗ ହସ୍ପିଟାଲ ସେବା ପୁରସ୍କାର ସମାରୋହ'




ଭୁବନେଶ୍ୱର,୧।୪

କଳିଙ୍ଗ ହସ୍ପିଟାଲ ପକ୍ଷରୁ ଓଡ଼ିଶା ଦିବସ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ 'କଳିଙ୍ଗ ହସ୍ପିଟାଲ ସେବା ପୁରସ୍କାର ସମାରୋହ'ର ଆୟୋଜନ କରାଯାଇଥିଲା। ବିଶେଷ କରି କଳିଙ୍ଗ ହସ୍ପିଟାଲରେ ଦୀର୍ଘ ୨୦ବର୍ଷରୁ ଅଧିକ ସମୟ ଅତିବାହିତ କରିଥିବା ସବୁ ବର୍ଗର କର୍ମଚାରୀଙ୍କୁ ଉକ୍ତ ସମାରୋହରେ ସମ୍ମାନିତ କରାଯାଇଥିଲା। ଏପରିକି ହସ୍ପିଟାଲର ୮୦ ଜଣ ବରିଷ୍ଠ କର୍ମଚାରୀ, ଯେଉଁମାନେ ଦୀର୍ଘ ବର୍ଷ ହେବ ଉଭୟ ସେବା ଓ ସହଯୋଗ ପ୍ରଦାନ କରିଆସିଛନ୍ତି, ସେହି କର୍ମଚାରୀମାନଙ୍କୁ ଏଭଳି ଏକ ଦିନରେ ହସ୍ପିଟାଲ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ଅବସରର ଅବସରପ୍ରାପ୍ତ ପ୍ରଶାସକ ତଥା ଲେଖକ ସହଦେବ ସାହୁ, ଜଷ୍ଟିସ୍ ଚୌଧୁରୀ ପ୍ରତାପ ମିଶ୍ର ଏବଂ ସ୍ୱାମୀ ମୁକୁନ୍ଦାନନ୍ଦ, ଜଗଦାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ କଳିଙ୍ଗ ହସ୍ପିଟାଲର ଅଧକ୍ଷ ବୈଜ୍ଞାନିକ ଡା. ଶୀତକଣ୍ଠ ଦାସ କହିଥିଲେ, ଆମେ ବର୍ତ୍ତମାନ କଳିଙ୍ଗ ହସ୍ପିଟାଲର ପୂର୍ବ ଗୌରବ ଫେରାଇ ଆଣିବାକୁ ବଦ୍ଧପରିକର। ସେହିଭଳି କଳିଙ୍ଗ ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶିକା ନୀଲାଞ୍ଜନା ମୁଖେର୍ଜୀ କହିଥିଲେ, ଏଠାରେ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନବରତ ସେବା ଯୋଗାଇ ଆସୁଥିବା ୮୦ରୁ ଉର୍ଦ୍ଧ୍ୱଡାକ୍ତର, ନର୍ସ ଓ କର୍ମଚାରୀମାନେ ହସ୍ପିଟାଲର ମୂଳଦୁଆ। ଉକ୍ତ କର୍ମଚାରୀଙ୍କ ଦ୍ୱାରା ନିରନ୍ତର ସେବାକୁ ପ୍ରୋତ୍ସାହନ ଦେବା ପାଇଁ ଉକ୍ତ ସମ୍ମାନ ସମାରୋହର ଆୟୋଜନ ହୋଇଥିଲା। ୨୦ବର୍ଷରୁ ଅଧିକ ସମୟ ହେବ ଅନବରତ ସେବା ପ୍ରଦାନ କରି ଆସୁଥିବା କର୍ମଚାରୀମାନଙ୍କର କଠିନ ପରିଶ୍ରମ, ପ୍ରତିବଦ୍ଧତା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶା ଦିବସ

ଭୁବନେଶ୍ୱର,୧।୪

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ଓଡ଼ିଶାର ବିକାଶ ପାଇଁ କମ୍ପାନୀ ତା'ର ପ୍ରତିଶ୍ରୁତି ଦୋହରାଉଛି। ଏପରିକି ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଇତିହାସ ପ୍ରତି କମ୍ପାନୀର ଦୃଷ୍ଟିକୋଣ ଉଚ୍ଚକୋଟୀର ରହିଛି। ଏ ସମ୍ପର୍କରେ ବେଦାନ୍ତ ଲି୍‌.ର ସିଇଓ (ଆଲୁମିନା ବ୍ୟବସାୟ) ରାହୁଲ ଶର୍ମା କହିଥିଲେ, ଓଡ଼ିଶାର ଅଗ୍ରଗତିରେ ବେଦାନ୍ତ ଆଲୁମିନିୟମ ଅଂଶୀଦାର ହୋଇଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛି। ଏପରିକି ଆମେ ଆମର ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଦୃଢ଼ ସଂକଳ୍ପବଦ୍ଧ ରହିଛୁ। ବିଶେଷକରି ଦେଶ ତଥା ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ଆମର ମୂଳ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଓଡ଼ିଶା ସରକାରଙ୍କ ୫-ଟି ଫ୍ରେମ୍‌ୱାର୍କ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବାରୁ ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇଛି। ଧୋକ୍ରା ଓ ସଉରାର ନୂଆ ଓ ସମସାମୟିକ ଡିଜାଇନ ଉପସ୍ଥାପନ କରି କାରିଗରଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି। ବିଭିନ୍ନ ପ୍ରଦର୍ଶନୀରେ ସେମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ ସହ କାରିଗର ଉତ୍ପାଦକ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେବାକୁ ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସମିତି ସହ ସହଭାଗିତା କରିଛି। ତୃଣମୂଳ ସ୍ତରରେ ସ୍ଥାନୀୟ ଯୁବକମାନଙ୍କ ଅନ୍ତର୍ନିହିତ ଦକ୍ଷତାକୁ ପ୍ରତିପୋଷଣ କରିବା ଲାଗି କମ୍ପାନୀର ଲାଞ୍ଜିଗଡ଼ ୟୁନିଟ୍‌ଠାରେ ଏକ ତୀରନ୍ଦାଜୀ ତାଲିମ କାର୍ଯ୍ୟ ପରିଚାଳନା କରୁଛି।

## ଲରେନ୍ସ ଆଣ୍ଡ ମାୟୋର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ବାଣୀବିହାର ଛକରେ ବ୍ରାଣ୍ଡ୍‌ର ୨ୟ ଷ୍ଟୋର**

ଭୁବନେଶ୍ୱର,୧।୪




ଦେଶର ପ୍ରମୁଖ ଅପ୍ଟିକାଲ ବ୍ରାଣ୍ଡ୍ 'ଲରେନ୍ସ ଆଣ୍ଡ ମାୟୋ'ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଶୁକ୍ରବାର ସ୍ଥାନୀୟ ବାଣୀବିହାର ଛକ ନିକଟସ୍ଥ ମେଟ୍ରୋ ହାଉସ୍‌ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହା ପୂର୍ବରୁ ଭୁବନେଶ୍ୱର ଆମ୍ରି ହସ୍ପିଟାଲଠାରେ ବ୍ରାଣ୍ଡ୍‌ର ପ୍ରଥମ ଷ୍ଟୋର ଗତ କିଛି ବର୍ଷ ତଳେ ଖୋଲିଥିଲା। ଏହି ଅବସରରେ ବ୍ରାଣ୍ଡ୍‌ର ନିର୍ଦ୍ଦେଶକ ଅମିତାଭ ମେଣ୍ଡୋଜା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡ୍‌ର ରିଟେଲ ହେଡ୍ ଇଣ୍ଡିଆ ଶୁବ୍ରମଣ୍ୟମ ହେଗ୍‌ଡେଙ୍କ ସମେତ ମେଟ୍ରୋ ହାଉସ୍ ଷ୍ଟୋରର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ୍ ପକ୍ଷରୁ ଉଦ୍‌ଘାଟନୀ ଅଫର ସାଙ୍ଗକୁ ସନ୍‌ଗ୍ଲାସ୍ ମେଳାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷ କରି ୧୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ନବନିର୍ମିତ ଷ୍ଟୋରରେ ଦେଶର ସମସ୍ତ ବ୍ରାଣ୍ଡ୍‌ର ଚଷମା ଉପଲବ୍ଧ। ଏପରିକି ଏଠାରେ ଉଭୟ ଚକ୍ଷୁ ପରୀକ୍ଷା ସହ ଗୁଣାତ୍ମକ ମାନର ଚଷମା ମଧ୍ୟ ନିର୍ମାଣ କରାଯାଇଥାଏ। ସେହିଭଳି ଏଠାରେ କାରେରା,ରେବେନ୍, ଟମି ହିଲ୍‌ଫିଗର, ସିଲୁଏଟ୍, ଭୋଗ୍, ଏମ୍ପୋରିଓ ଅରମାନି, ଓକଲି, ଏଲେ, ବୁର୍ବେରି, ମଣ୍ଟ ବ୍ଲାଙ୍କ୍ ଭଳି ୫୦ରୁ ଅଧିକ ବ୍ରାଣ୍ଡ୍‌ର ଅନେକ ଡିଜାଇନର ଚଷମା ଉପଲବ୍ଧ।

## ଏକଲବ୍ୟ ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର,୧।୪

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସମ୍ମାନଜନକ ଏକଲବ୍ୟ ପୁରସ୍କାର ଉତ୍ସବ ଆୟୋଜନ ପୂର୍ବରୁ ଏକଲବ୍ୟ ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ବିଶେଷକରି ଇମ୍ପା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ଏହା କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଜେତା କ୍ରୀଡ଼ାବିତ୍‌ଙ୍କୁ ନଗଦ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିଭଳି ମୁଖ୍ୟ ପୁରସ୍କାର ଛଡ଼ା ଆଉ ୨ଟି ଦୃଷ୍ଟାନ୍ତମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥାଏ, ଯାହାର ପୁରସ୍କାର ରାଶି ୫୦,୦୦୦ ଟଙ୍କା ଲେଖାଏଁ ରହିଛି। ଉଲ୍ଲେଖଯୋଗ୍ୟ, ଆଶାୟୀ ପ୍ରାର୍ଥୀଙ୍କର ବୟସ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଆଶାୟୀ ପ୍ରାର୍ଥୀମାନେ ପ୍ରାଞ୍ଜଳ ଭାବେ ନିଜର ବୟସ ପ୍ରମାଣପତ୍ର ସହ ଗତ ୨ବର୍ଷ ( ୨୦୨୧ ଏପ୍ରିଲ ୧ ରୁ ୨୦୨୩ ମାର୍ଚ୍ଚ ୩୧ ) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିର ପ୍ରମାଣପତ୍ର ସହ ଦରଖାସ୍ତ ଦାଖଲ କରିବା ଆବଶ୍ୟକତା ରହିଛି। ଏପରିକି ପ୍ରାର୍ଥିପତ୍ରଗୁଡ଼ିକ ୨୦୨୩ ମେ ୩୧ ସୁଦ୍ଧା 'ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଇମ୍ପା ବିଲ୍ଡିଂ, ଭୁବନେଶ୍ୱର- ୭୫୧୦୧୦' ଠିକଣାରେ ପହଞ୍ଚିବା ଆବଶ୍ୟକ। ଅପରପକ୍ଷରେ ପ୍ରାର୍ଥୀପତ୍ରଗୁଡ଼ିକ ekalabya@imfa.in କୁ ମଧ୍ୟ ଇ-ମେଲ୍ କରି ହେବ ଏବଂ ସହାୟକ କାଗଜପତ୍ରଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଉପରୋକ୍ତ ଠିକଣାରେ ପଠାଇବାକୁ ହେବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

**ଫୁର୍‌ସତ୍**

# ମଶା ପାଇଁ ହରାଇଲେ ଗୋଡ଼, ହାତ

ଲଣ୍ଡନ

ମଶା ଏକ ସାଧାରଣ ପତଙ୍ଗ ଅଟେ। ହେଲେ ତା' ଯୋଗୁ ଲୋକେ ଅନେକ ରୋଗର ଶିକାର ହୋଇଥାନ୍ତି। କିନ୍ତୁ ସେମାନେ ସେହି ରୋଗରୁ ଉପଶମ ମଧ୍ୟ ପାଇଥାନ୍ତି। ତେବେ ସୋସିଆଲ ମିଡିଆରେ ଏପରି ଏକ ଘଟଣା ଭାଇରାଲ ହେବାରେ ଲାଗିଛି, ଯାହା ଜାଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ। ଏହି ମଶା ପାଇଁ ଜଣେ ବ୍ୟକ୍ତିଙ୍କୁ ବହୁତ କିଛି ହରାଇବାକୁ ପଡିଛି। ଲଣ୍ଡନର କାମ୍ବେରୱେଲ୍‌ରେ ରହୁଥିବା ଜଣେ ୩୫ ବର୍ଷୀୟା ଡ୍ୟାନ୍ସର ଟାଟିୟାନା ଟିମୋନ୍ ମଶା ପାଇଁ ଭୋଗିଥିବା ଯନ୍ତ୍ରଣା ବାବଦରେ ନିକଟରେ କହିଛନ୍ତି। ଟାଟିୟାନା ନିକଟରେ ଡ୍ୟାନ୍ସ ଟ୍ରିପ୍ ପାଇଁ ବିଭିନ୍ନ ସ୍ଥାନ ମାଙ୍ଗାଲା, ଆଫ୍ରିକା ଆଦି ସ୍ଥାନ ବୁଲିଥିଲେ। ଟ୍ରିପ୍‌ରୁ ଆସିବା ପରେ ସେ ଜ୍ୱରରେ ପୀଡିତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ପ୍ରଥମେ ତାଙ୍କୁ ମ୍ୟାଲେରିଆ ଏବଂ କରୋନା ହୋଇଥିଲା। ହେଲେ ପରେ ତାଙ୍କ ଅବସ୍ଥା ବିଗିଡିଯିବାରୁ ସେ କୋମାକୁ ଚାଲିଯାଇଥିଲେ। ତାଙ୍କ ଗୋଡ଼ ଏବଂ ହାତରେ ସଂକ୍ରମଣ ବଢିବାକୁ ଲାଗିଲା। ଫଳରେ ତାଙ୍କ ଜୀବନ ବଞ୍ଚାଇବାକୁ ଡାକ୍ତରଙ୍କୁ ତାଙ୍କ ଗୋଡ଼ ଏବଂ ହାତ କାଟିବାକୁ ପଡିଲା। ସେ କୋମାରୁ ବାହାରିବା ପରେ ତାଙ୍କ ହାତ, ଗୋଡ଼ ନ ଥିବା ଜାଣି ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ। ହେଲେ ଏବେ ସେ ଖୁସି ଅଛନ୍ତି ଯେ ତାଙ୍କ ଜୀବନ ବଞ୍ଚିଯାଇଛି। ସେ ବର୍ତ୍ତମାନ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ଥିବା କହିଛନ୍ତି। ସେ ଆର୍ଟିଫିସିଆଲ ଗୋଡ଼ ବ୍ୟବହାର କରୁଛନ୍ତି।



## ସାଉଥ୍ ଇଣ୍ଡଷ୍ଟ୍ରି ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ

**ମୁମ୍ବାଇ:** ନିକଟରେ ସାଉଥ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ଏକ ସାକ୍ଷାତକାରରେ ବଲିଉଡ୍ ଇଣ୍ଡଷ୍ଟ୍ରି ପ୍ରତି ଏକ ଭିନ୍ନ ମତ ଦେଇଛନ୍ତି। ଉଭୟ ହିନ୍ଦୀ ଓ ସାଉଥ୍ ମଧ୍ୟରୁ କେଉଁ ଇଣ୍ଡଷ୍ଟ୍ରି ପସନ୍ଦ ବୋଲି କଳାକାରଙ୍କୁ ପ୍ରଶ୍ନ କରାଯାଏ, ତେବେ ସେଥିରେ କଳାକାର ଠିକ୍ ଭାବେ ଉତ୍ତର ଦେଇ ନ ଥାନ୍ତି। ସାଉଥ୍ ଅଭିନେତ୍ରୀ କାଜଲ ହିନ୍ଦୀ ସିନେମା 'ସିଂଘମ୍', 'ଡାର୍ଲିଂ', 'ମଗଧୀରା' ଓ 'ଥୁପକ୍କି'ରେ କାମ କରିଥିଲେ ମଧ୍ୟ ସେ ସାଉଥ୍ ଇଣ୍ଡଷ୍ଟ୍ରିରେ କାମ କରିବାକୁ ପସନ୍ଦ କରୁଥିବା ଏକ ସାକ୍ଷାତକାରରେ କହିଛନ୍ତି। ଏଥିସହ ସେ କହିଛନ୍ତି, ଦକ୍ଷିଣ ସିନେ ଇଣ୍ଡଷ୍ଟ୍ରି ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ। ଏହି ଇଣ୍ଡଷ୍ଟ୍ରି ସମସ୍ତଙ୍କୁ ଗ୍ରହଣ କରିନିଏ। ହିନ୍ଦୀ ଅଧିକ ମାନ୍ୟତାପ୍ରାପ୍ତ ଭାଷା ହୋଇଥିବାରୁ ଅନେକ କଳାକାର ହିନ୍ଦୀ ଫିଲ୍ମ ଜରିଆରେ ତାଙ୍କ କ୍ୟାରିୟର ଆରମ୍ଭ କରିବାକୁ ଚାହାନ୍ତି। ହେଲେ ତାଙ୍କୁ ଲାଗେ କି ସାଉଥ୍ ଇଣ୍ଡଷ୍ଟ୍ରି ବଲିଉଡ୍ ଅପେକ୍ଷା ଅଧିକ ବନ୍ଧୁତ୍ୱପୂର୍ଣ୍ଣ। ହିନ୍ଦୀ ଫିଲ୍ମ ତାଙ୍କ ପ୍ରତି ଗ୍ରହଣଶୀଳ ଓ ଦୟାଳୁ ହୋଇଥିଲେ ମଧ୍ୟ ସାଉଥ୍‌ର ନୀତି, ମୂଲ୍ୟବୋଧ ଓ ଅନୁଶାସନ ତାଙ୍କୁ ଅଧିକ ପସନ୍ଦ ଆସିଥାଏ।



କାଜଲ ଅଗ୍ରୱାଲ

## ବିଶ୍ୱର ସବୁଠୁ ଚଉଡ଼ା ୱିଗ୍

କାନବେରା

ବର୍ତ୍ତମାନ ସମୟରେ ଅନେକ ଲୋକଙ୍କ ଚୁଟି ଉପୁଡିବା ସମସ୍ୟା ଦେଖାଦେଉଛି। ସେଥିପାଇଁ ଲୋକେ ବିଭିନ୍ନ ପ୍ରକାର ଜିନିଷ ବ୍ୟବହାର କରୁଥିବାବେଳେ ଅନେକେ ୱିଗ୍ ବା କୃତ୍ରିମ କେଶ ବ୍ୟବହାର କରିଥାନ୍ତି। ଯାହାଫଳରେ ତାଙ୍କ ମୁଣ୍ଡର ଚୁଟି ନ ଥିବା ଭାଗ ଜଣାପଡ଼ିବନି। ତେବେ ନିକଟରେ ଜଣେ ବ୍ୟକ୍ତି ସବୁଠୁ ଚଉଡ଼ା ୱିଗ୍ ପ୍ରସ୍ତୁତ କରି ରେକର୍ଡ କରିଛନ୍ତି। ଅଷ୍ଟ୍ରେଲିଆର ଆର୍ଟିଷ୍ଟ ଡାନି ରେନୋଲ୍ଡ ଏହି ୱିଗ୍ ପ୍ରସ୍ତୁତ କରିଛନ୍ତି, ଯାହାର ଚଉଡ଼ା ୨.୫୮ ମିଟର। ଏହାକୁ ପ୍ରସ୍ତୁତ କରିବାକୁ ସେ ସ୍ଥାନୀୟ ଆର୍ଟିଷ୍ଟଙ୍କ ସାହାଯ୍ୟ ମଧ୍ୟ ନେଇଥିବା କହିଛନ୍ତି। ଏହି ୱିଗ୍ ତିଆରି ପାଇଁ ତାଙ୍କୁ ମୋଟ ୨ ମାସ ସମୟ ଲାଗିଥିଲା। ଏଥିପାଇଁ ତାଙ୍କୁ ମୋଟ ୪ ହଜାର ଅଷ୍ଟ୍ରେଲିଆନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୨ ଲକ୍ଷ ୧୯ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ୱିଗ୍ ପ୍ରସ୍ତୁତ ହେବା ପରେ ସେ ଏହାକୁ ଏକ ପ୍ରଦର୍ଶନୀରେ ଦର୍ଶାଇଛନ୍ତି। ଡାନିଙ୍କ ପୂର୍ବରୁ ୨.୨୩ ମିଟର ଚଉଡ଼ାର ୱିଗ୍ ପ୍ରସ୍ତୁତ କରି ଡ୍ରିୟୁ ବ୍ୟାରିମୋର୍ ଏହି ରେକର୍ଡ ତାଙ୍କ ନାମରେ କରିଥିଲେ। ଡ୍ରିୟୁଙ୍କଠାରୁ ପ୍ରଭାବିତ ହୋଇ ଡାନି ଏପରି ୱିଗ୍ ପ୍ରସ୍ତୁତ କରିଥିବା ସେ କହିଛନ୍ତି।



## ସଚେତନତା ହିଁ ନିଦାନ

ବିଭିନ୍ନ ଶାରୀରିକ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ହିଁ ପ୍ରକୃତ ନିଦାନ। ବିଶ୍ୱ ଅଟିଜିମ ସଚେତନତା ଦିବସ ପ୍ରତିବର୍ଷ ଏପ୍ରିଲ ୨ରେ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱୀକୃତିପ୍ରାପ୍ତ ଦିବସ ଭାବେ ପାଳନ କରାଯାଇଥାଏ। ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ସାରା ବିଶ୍ୱରେ ଅଟିଷ୍ଟିକ ବ୍ୟକ୍ତିବିଶେଷଙ୍କ ବିଷୟରେ ସଚେତନତା ସୃଷ୍ଟି କରିବା ନେଇ ପଦକ୍ଷେପ ନେବାକୁ ଏହି ଦିବସ ଉତ୍ସାହିତ କରିଥାଏ। ମିଳିତ ଜାତିସଂଘର ସାଧାରଣ ସଭାରେ ଉପସ୍ଥାପିତ ହୋଇଥିବା ଏକ ପ୍ରସ୍ତାବ ଆଧାରରେ ଏହା ପାଳନ କରାଯାଇଥାଏ।୧ ନଭେମ୍ବର ୨୦୦୭ରେ ପରିଷଦରେ ଏହି ପ୍ରସ୍ତାବ ପାରିତ ହୋଇଥିଲା। ୧୮ ଡିସେମ୍ବର ୨୦୦୭ରେ ଏହାକୁ ଗ୍ରହଣ କରାଯାଇଥିଲା। ଏହା ମୋଜହା ବିଣ୍ଟ ନାସିର ଅଲ-ମିସେନଡଙ୍କ ଦ୍ୱାରା ଆଗତ କରାଯାଇଥିଲା। ସେ କାତାରରୁ ମିଳିତ ଜାତିସଂଘର ପ୍ରତିନିଧି ଥିଲେ। ଏହାକୁ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ସମର୍ଥନ କରାଯାଇଥିଲା। ଜାତିସଂଘ ସାଧାରଣ ସଭାରେ ବିନା ଭୋଟରେ ଏହି ପ୍ରସ୍ତାବ ପାରିତ ହୋଇଥିଲା ଏବଂ ମୁଖ୍ୟତଃ ମାନବ ଅଧିକାରର ଉନ୍ନତି ପାଇଁ ଜାତିସଂଘର ପୂର୍ବ ପଦକ୍ଷେପଗୁଡ଼ିକର ସପ୍ଲିମେଣ୍ଟ ଭାବରେ ଏହାକୁ ଗ୍ରହଣ କରାଯାଇଥିଲା। ଅଟିଜମ ସମସ୍ୟାକୁ ଭୋଗୁଥିବା ବ୍ୟକ୍ତି ବିଶେଷ ଏବଂ ଶିଶୁଙ୍କ ପ୍ରତି ଯତ୍ନବାନ ହେବାକୁ ଏହି ଦିବସ ଅବସରରେ ସଚେତନା ସୃଷ୍ଟି କରାଯାଇଥାଏ।



**ବିଶ୍ୱ ଅଟିଜମ୍ ସଚେତନତା ଦିବସ**

## ପୁସ୍ତକ ପ୍ରିୟ ବନ୍ଧୁ

**ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ**



ପୁସ୍ତକ ସମସ୍ତଙ୍କ ପାଇଁ ଏକ ଅନ୍ତରଙ୍ଗ ବନ୍ଧୁର ଭୂମିକା ଗ୍ରହଣ କରିଥାଏ। ପୁସ୍ତକର ଗୁରୁତ୍ୱକୁ ଉପଲବ୍ଧି କରିବା ଲାଗି ପ୍ରତିବର୍ଷ ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ (ଆଇସିବିଡି) ପାଳନ କରାଯାଇଥାଏ। ଏକ ଅନ୍ତର୍ଜାତୀୟ ଅଣ-ଲାଭ ସଂଗଠନ ଇଣ୍ଟରନ୍ୟାଶନାଲ ବୋର୍ଡ ଅଫ୍ ବୁକ୍ ଫର୍ ୟଙ୍ଗ ପିପୁଲ (ଆଇବିବିଏ) ଦ୍ୱାରା ଏହା ପାଳନ କରାଯାଇଥାଏ। ୧୮୬୭ରେ ପ୍ରତିଷ୍ଠିତ ଏହି ଦିନ, ହାନ୍ସ କ୍ରିଷ୍ଟିଆନ୍ ଆଣ୍ଡର୍ସେନଙ୍କ ଜନ୍ମଦିନ ଏପ୍ରିଲ ୨ରେ ପାଳନ କରାଯାଇଥାଏ।

ଏହି ଅବସରରେ ଲେଖା ପ୍ରତିଯୋଗିତା, ପୁସ୍ତକ ପୁରସ୍କାର ଘୋଷଣା ଏବଂ ଶିଶୁ ସାହିତ୍ୟର ଲେଖକମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ଏହି ଅବସରରେ ପିଲାମାନଙ୍କ ପାଇଁ ଏକ ବାର୍ତ୍ତା ଲେଖିବା, ପୋଷ୍ଟର ଡିଜାଇନ କରାଯିବା ସହିତ ଅନ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ସର୍ବସାଧାରଣ ଲାଇବ୍ରେରିରେ ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ ନେଇ ଭିନ୍ନ ଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨ ଏପ୍ରିଲ୍, ୨୦୨୩



## କାଳବୈଶାଖୀ ଯୋଗୁ ଗଛମୂଳରେ ରାତି ବିତେଇଲେ



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତରେ ଚାଉଳ ଆଣିବା ପାଇଁ ହଳଦୀସିଲ୍ ଓ ଅଙ୍ଗାରଗୁଡ଼ା ଗ୍ରାମବାସୀ ଶୁକ୍ରବାର ଭୋରରୁ ଡଙ୍ଗାରେ ମୁରାନ ଜଳଭଣ୍ଡାର ପାରି ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେମାନେ ଚାଉଳ ଧରି ଗ୍ରାମକୁ ଆସିବାକୁ ମୁରାନ ଜଳଭଣ୍ଡାର ନିକଟକୁ ଯାଇଥିଲେ। ଝଡ଼ ତୋଫାନ ଯୋଗୁ ଡ଼ଙ୍ଗା ଚାଳକ ପାର କରାଇବାକୁ ମନା କରିଦେଇଥିଲେ। ଫଳରେ ସେମାନେ ଫେରି ନ ପାରି ଭୋକ ଉପାସରେ ଗଛ ମୂଳେ ରାତି ବିତାଇଥିବା ମୁନି ଖରା, ଫୁଲମତୀ ମୁଦୁଲି ଓ ନବୀନ ମୁଦୁଲି କହିଛନ୍ତି। ସରକାର ହଳଦୀସିଲ୍ ଓ ଅଙ୍ଗାରଗୁଡ଼ାକୁ ଯାତାୟାତ ସୁବିଧା କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

### ସଂକ୍ଷେପରେ

## ଡାକ୍ତରଙ୍କ ଅଧ୍ୟୟନ ଛୁଟି ୩ରୁ ୬ ବର୍ଷକୁ ବୃଦ୍ଧି

**ଭୁବନେଶ୍ୱର, ୧।୪(ବ୍ୟୁରୋ):** ବିଶେଷଜ୍ଞ ଡାକ୍ତରଙ୍କ ଉଚ୍ଚଶିକ୍ଷା କ୍ଷେତ୍ରକୁ ଆହୁରି ସୁଗମ କରିବା ପାଇଁ ରାଜ୍ୟ ସରକାର ବଡ ପଦକ୍ଷେପ ନେଇଛନ୍ତି। ସରକାରୀ ହସ୍ପିଟାଲ ଏବଂ ମେଡିକାଲ କଲେଜରେ ନିୟୋଜିତ ଡାକ୍ତରଙ୍କ ଷ୍ଟଡି ଲିଭ୍ ବା ଅଧ୍ୟୟନ ଛୁଟିକୁ ୩ରୁ ୬ ବର୍ଷକୁ ବୃଦ୍ଧି କରିଛନ୍ତି। ସେହିପରି ଚାକିରିର ପ୍ରଥମ ୫ବର୍ଷ ମଧ୍ୟରେ ଏହି ଷ୍ଟଡି ଲିଭ୍ ପ୍ରଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁମୋଦନ କରାଯାଇଛି। ଏହାବାଦ୍ ଯେଉଁମାନେ ଉଚ୍ଚଶିକ୍ଷା ପାଇଁ ଅତିରିକ୍ତ ଛୁଟି ବା ଇଓଏଲ୍ ନେବାକୁ ଚାହିଁବେ, ସେମାନଙ୍କୁ ଡାଇନାମିକ୍ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେଶନ୍ (ଡିଏସିପି) ଆଧାରରେ ଛୁଟି ପ୍ରଦାନ କରାଯିବା ନେଇ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି।

## ଯୁବକଙ୍କୁ ଛୁରି ଭୁସି ହତ୍ୟା ପରେ ଆତ୍ମସମର୍ପଣ

**ଶେରଗଡ଼, ୧।୪(ଡି.ଏନ୍.ଏ.):** ଶେରଗଡ ବ୍ଲକ ପଟାପାବୁଲି ଗ୍ରାମରେ ଶନିବାର ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ପରେ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତ ଯୁବକ ହେଲେ ସୁଶାନ୍ତ ଗୌଡ଼ ଓ ଆତ୍ମସମର୍ପଣ କରିଥିବା ଯୁବକ ହେଲେ ଭାଗୀରଥି ପ୍ରଧାନ। ସନ୍ଧ୍ୟାରେ ପଟାପାବୁଲିର ସୁଶାନ୍ତ ଗୌଡ (୩୦) ପୋଖରୀରୁ ଗାଧୋଇ ଫେରୁଥିବାବେଳେ ଭାଗରଥି ପ୍ରଧାନ (୨୫) ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୁଶାନ୍ତଙ୍କ ପଛପଟୁ ଛୁରି ଭୁସି ଦେଇଥିଲେ। ଫଳରେ ସୁଶାନ୍ତଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସୁଶାନ୍ତଙ୍କ ବାପା ପୀତାମ୍ବର ପହଞ୍ଚି ଛୁରି ବାହାର କରି ଶେରଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେରଗଡ଼ ପୋଲିସ ମୃତଦେହ ଜବତ କରି ମାମଲା ରୁଜୁ କରିଛି। ଅପରପକ୍ଷରେ ଅଭିଯୁକ୍ତ ଭାଗୀରଥି ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

## ସଂରକ୍ଷିତ ଜଙ୍ଗଲରୁ ନରକଙ୍କାଳ ଜବତ

### ସାଇଣ୍ଟିଫିକ୍ ଟିମ୍‌ର ତନାଘନା

**କଣ୍ଟାବାଞ୍ଜି, ୧।୪(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଥାନା ମହନିଲହ ବେଲବାଞ୍ଜି ସଂରକ୍ଷିତ ଜଙ୍ଗଲରୁ ଶନିବାର ସକାଳେ ସ୍ଥାନୀୟ ପୋଲିସ ଏକ ନରକଙ୍କାଳ ଜବତ କରିଛି । ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ସହ ତୁରେକେଲା ପୋଲିସ ପହଞ୍ଚି ଅନୁସନ୍ଧାନ କରିଥିଲେ। ମୃତକଙ୍କ ପରିଚୟ ମିଳି ପାରିନାହିଁ। ତୁରେକେଲା ରେଳଷ୍ଟେଶନର ଅନତି ଦୂରରେ ଥିବା ମହନିଲହ ବେଲବାଞ୍ଜି ଜଙ୍ଗଲରେ ଏକ ମଣିଷର କଙ୍କାଳ ପଡ଼ିଥିବା ନେଇ ଛେଳି ଚରାଇବାକୁ ଯାଇଥିବା ଦୁଇଜଣ ଯୁବକ ଦେଖି ପୋଲିସକୁ ଖବର କରିଥିଲେ। ଏ ନେଇ ତୁରେକେଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ୨ମାସ ତଳେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ ବୁଲାବୁଲି କରୁଥିଲେ। ଯୁବତୀଙ୍କ କେତେକ ଜିନିଷପତ୍ର ରାଉତମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଗଛମୂଳେ ପଡ଼ିରହିଛି। ଜଙ୍ଗଲରୁ ମିଳିଥିବା କଙ୍କାଳ ତଙ୍କର ବୋଲି ଆଲୋଚନା ହେଉଛି ।

# ଓଡ଼ିଶା ଦିବସକୁ କୋଶଳ ସେନାର ବିରୋଧ

- କଳାଦିବସ ଭାବେ ପାଳିଲେ କୋଶଳପ୍ରେମୀ
- ବନ୍ଦେ ଉତ୍କଳ ଜନନୀ ଗାନ ବେଳେ ବିକ୍ଷୋଭ
- ବିକ୍ଷୋଭକାରୀଙ୍କୁ ଉଠାଇନେଲା ପୋଲିସ

**ବରଗଡ଼ ଅଫିସ୍, ୧।୪**

ସାରା ରାଜ୍ୟରେ ଏପ୍ରିଲ ୧ ତାରିଖ ଶନିବାର ଓଡ଼ିଶା ଦିବସ ପାଳନ କରାଯାଇଛି। ତେବେ ବରଗଡ଼ ଜିଲାରେ କୋଶଳ ସେନା, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, କୋଶଳ କ୍ରାନ୍ତିସେନା, କୋଶଳ ଯୁବଶକ୍ତି ସମେତ ବିଭିନ୍ନ କୋଶଳପ୍ରେମୀ ଅନୁଷ୍ଠାନ ଏହି ଦିବସକୁ କଳା ଦିବସ ଭାବେ ପାଳନ କରିଛନ୍ତି। ଏହି କ୍ରମରେ ସକାଳୁ ଉକ୍ତ ଅନୁଷ୍ଠାନର କର୍ମୀମାନେ ଏପ୍ରିଲ ୧ କଳା ଦିବସ ଲେଖାଥିବା ବ୍ୟାନର ଧରି ଶୋଭାଯାତ୍ରାରେ ଗାଁ, ସହର ପରିକ୍ରମା କରିଥିଲେ। ବରଗଡ଼ ସହରରେ କୋଶଳ ସେନା, ପଶ୍ଚିମ ଓଡ଼ିଶା ଯୁବାମଞ୍ଚର କର୍ମୀମାନେ ବାଇକ୍ ରାଲିରେ ବିକ୍ଷୋଭ ଶୋଭାଯାତ୍ରା କରିଥିବାବେଳେ ଗାଇସିଲେଟ୍‌ରେ କୋଶଳ ଯୁବଶକ୍ତିର କର୍ମୀମାନେ ପଦଯାତ୍ରା କରିଥିଲେ।

ତେବେ ସନ୍ଧ୍ୟାରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯାଉଥିବାବେଳେ ବିରୋଧ ତୀବ୍ର ହୋଇଥିଲା। କାର୍ଯ୍ୟକ୍ରମରେ ସନ୍ଧ୍ୟା ପ୍ରାୟ ୭ଟାରେ ବନ୍ଦେ ଉତ୍କଳ ଜନନୀ ଗାନ କରିବା କ୍ଷଣି ଟାଉନ ହଲ୍ ବାହାରେ ଏବଂ ଭିତରେ ଉପସ୍ଥିତ କୋଶଳ ସେନା ଏବଂ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର କର୍ମୀମାନେ ତାକୁ ତୀବ୍ର ବିରୋଧ କରିଥିଲେ। ସେମାନେ ଉତ୍କଳ ବିରୋଧରେ ନାରାବାଜି କରିବା ସହ ମଞ୍ଚ ଉପରକୁ ଚଢ଼ି ପ୍ରତିବାଦ କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହେବା ଦେଖିବାକୁ ମିଳିଥିଲା। ଫଳରେ କିଛି ସମୟ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ପୋଲିସ ବିକ୍ଷୋଭକାରୀଙ୍କୁ ଉଠାଇ ଟାଉନ ଥାନାକୁ ନେଇଯିବା ପରେ କାର୍ଯ୍ୟକ୍ରମ ପୁଣି ସ୍ୱାଭାବିକ ଭାବେ ଚାଲିଥିଲା।

ଏହି ବିରୋଧ ନେଇ କୋଶଳ ସେନାର ସମ୍ପାଦକ ବିରବଲ ମହାକୁଡ଼ଙ୍କୁ ପଚାରିବାରୁ ସେ କହିଲେ, ୧୯୩୬ରେ କୋଶଳ, ଉତ୍କଳ ଏବଂ କଳିଙ୍ଗ ଅଞ୍ଚଳକୁ ନେଇ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା। କୋଶଳାଞ୍ଚଳରୁ ସର୍ବାଧିକ ରାଜସ୍ୱ ରାଜକୋଷକୁ ଯାଉଥିଲେ ସୁଦ୍ଧା ରାଜ୍ୟ ସରକାର ଏପର୍ଯ୍ୟନ୍ତ କୋଶଳାଞ୍ଚଳକୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଅର୍ଥନୈତିକ, ସାମାଜିକ ଆଦି କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣଦେଖା କରିଚାଲିଛନ୍ତି। ଅନ୍ୟପଟେ ଏପ୍ରିଲ ୧ରେ କୋଶଳାଞ୍ଚଳରେ ଉତ୍କଳ ଶବ୍ଦ ରହିଥିବା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଉଛି। ଏଥିପାଇଁ ଉତ୍କଳ ଦିବସ ଏବଂ ବନ୍ଦେ ଉତ୍କଳ ଜନନୀକୁ ବିରୋଧ କରାଯାଉଛି ବୋଲି ମହାକୁଡ଼ କହିଥିଲେ।

ସେହିପରି ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ସଭାପତି ଅଜିତ ପତି କହିଛନ୍ତି, ଓଡ଼ିଶା ପ୍ରଦେଶ ଗଠନ ହେବା ଦିନଠାରୁ କୋଶଳାଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଲୋକଙ୍କୁ ସମ୍ମାନ ମିଳୁନାହିଁ। କୋଶଳାଞ୍ଚଳର ଇତିହାସ ମଧ୍ୟ ତଳିତଳାନ୍ତ ହୋଇପଡ଼ିଛି। ଫଳରେ ଉତ୍କଳ ଦିବସରେ ସେଭଳି ବିରୋଧ କରାଯାଉଛି ବୋଲି ସେ କହିଛନ୍ତି। କୋଶଳ, ଉତ୍କଳ ଓ କଳିଙ୍ଗ ଭୂଖଣ୍ଡକୁ ନେଇ ଗଢ଼ି ଉଠିଥିବା ଓଡ଼ିଶା ରାଜ୍ୟରେ କାହିଁକି କେବଳ ବନ୍ଦେ ଉତ୍କଳ ଜନନୀ ଗାନକୁ ରାଜ୍ୟ ସରକାର ପ୍ରଚାର ପ୍ରସାର କରୁଛି ବୋଲି କୋଶଳ ଯୁବଶକ୍ତି ସଭାପତି ସାକେତ ଶ୍ରୀଭୂଷଣ ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ କୋଶଳାଞ୍ଚଳ ପ୍ରତି ଭେଦଭାବ ସୃଷ୍ଟି କରାଯାଉଛି। ଫଳରେ ଉତ୍କଳ ଦିବସ ଏବଂ ବନ୍ଦେ ଉତ୍କଳ ଜନନୀକୁ ବିରୋଧ କରାଯାଉଛି ବୋଲି ସାହୁ କହିଛନ୍ତି।



ଓଡ଼ିଶା ଦିବସ ପାଳନ ବେଳେ ବିଜୁ ପଟ୍ଟନାୟକ ଟାଉନ ହଲ୍ ବାହାରେ କୋଶଳ ସେନା ପକ୍ଷରୁ ବିକ୍ଷୋଭ କରାଯାଉଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳା ମୃତ

**ଯୋଡ଼ା, ୧।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୮ ନଂ. ୱାର୍ଡ ଯୋଡ଼ା ବସ୍ତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ବିଦ୍ୟୁତ୍ ବିଭାଗର ଅବହେଳାରୁ ଗୌରୀ ନାଏକ(୩୦)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗକରି ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଧରଣୀଧର ଛକ ନିକଟରେ ରାସ୍ତା ଅବରୋଧ କରିଛନ୍ତି। ଏନେଇ ଯୋଡ଼ା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ସୂଚନା ଦେଇଛନ୍ତି। ଗୌରୀ ଶନିବାର ସକାଳ ପ୍ରାୟ ୯.୩୦ ମିନିଟ୍ ସମୟରେ ସଜନାଛୁଇଁ ତୋଳୁଥିଲେ। ଅସାବଧାନତାବଶତଃ ଗଛ ଉପର ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବିଦ୍ୟୁତ୍ ବିଭାଗର ଅଣଦେଖା କାରଣରୁ ହାଇ ଭୋଲ୍ଟ ତାର ଦୀର୍ଘଦିନ ହେବ ଓହଳି ରହିଛି। ଲୋକେ ଯିବାଆସିବା ସମୟରେ ଅସୁରକ୍ଷିତ ମଣୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି।

# ଯାତ୍ରୀବାହୀ ବସ୍ ପୋଡ଼ିଲେ ମାଓବାଦୀ


ମାଓବାଦୀମାନେ ପୋଡ଼ିଦେଇଥିବା ବସ୍।

**ମାଲକାନଗିରି, ୧।୪(ଡି.ଏନ.ଏ.)**

ମାଓବାଦୀ କ୍ରମାଗତ ଭାବେ ଛତିଶଗଡ଼ ରାଜ୍ୟରେ ହିଂସା ଘଟାଇ ଚାଲିଛନ୍ତି। ନିକଟରେ ସେମାନେ ରାସ୍ତା କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ୧୦ଟି ଗାଡି ପୋଡ଼ିଦେଇଥିଲେ। ଶୁକ୍ରବାର ଏକ ଗ୍ରାମରେ ଥିବା ମୋବାଇଲ ଟାୱାର ପୋଡ଼ିଥିବା ବେଳେ ଶନିବାର ସେମାନେ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲଗାଇ ପୋଡିଦେଇଛନ୍ତି। ଭୋର ସମୟରେ ନାରାୟଣପୁରରୁ ଦାନ୍ତେୱାଡାକୁ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ମାଲେବାହି–ବାଦଲି ସିଆରପିଏଫ କ୍ୟାମ୍ପଠାରୁ ଅଳ୍ପ ଦୂରରେ ଅଟକାଇ ବସ୍‌ରେ ନିଆଁ ଲଗାଇ ଦେଇଥିଲେ। ବସ୍‌ଟି ଦାନ୍ତେୱାଡା ଜିଲାର ବସ୍ତରସ୍ଥିତ ଏକ ଟ୍ରାଭେଲର୍ସ ସଂସ୍ଥାର ବୋଲି ଜଣାପଡିଛି। ଏହି ସମୟରେ ମାଓବାଦୀମାନେ ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ମାଡ଼ ମାରିଛନ୍ତି। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି।

# ୧୨ ଘଣ୍ଟିଆ ତାଳଚେର ବନ୍ଦ ସଫଳ

**ତାଳଚେର, ୧।୪(ନି.ପ୍ର.)**


ସହରରେ ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଛି।

ତାଳଚେର ମେଡିକାଲ କଲେଜକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯିବା ଏବଂ ରାଜ୍ୟ ସରକାର ଏହାକୁ ଚଲାଇବା ଦାବି ନେଇ ଶନିବାର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରୁ ଏହି ବନ୍ଦ ପାଳନ ଆରମ୍ଭ ହୋଇ ସନ୍ଧ୍ୟା ୬ ଯାଏ ଚାଲିଥିଲା। ଏହି ସମୟରେ ସହରର ବିଭିନ୍ନ ସ୍ଥାନରେ ଦୋକାନ ବଜାର, ଗାଡ଼ି ଚଳାଚଳ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କୋଇଲା ଖଣିରୁ ଉତ୍ପାଦନ ଓ ପରିବହନ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। କ୍ରିୟାନୁଷ୍ଠାନ କମିଟିର ପଦ୍ମ ଚରଣ ସାମଲ, ଭୂପେନ ଥମ୍ବ, ଚୈତନ୍ୟ ପ୍ରଧାନ, ସଂଗ୍ରାମ କେଶରୀ କୁଅଁର, ରଞ୍ଜିତ ମହାପାତ୍ର, ରଙ୍ଗାଧର ନାହାକ, ବିନୋଦ ଲାଲ, ଅଭୟ ପାଣି, ବଳରାମ କୁଣ୍ଡଙ୍କ ସମେତ ଶତାଧିକ ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନ ବୁଲି ବନ୍ଦ ସଫଳ କରାଇଥିଲେ।

# ଯଯାତି କେଶରୀ ନାୟକଙ୍କୁ 'ଆଉଟ୍‌ଷ୍ଟାଣ୍ଡିଂ ରିଭିଓ୍ୱର' ସମ୍ମାନ

**ଭୁବନେଶ୍ୱର, ୧।୪ (ବ୍ୟୁରୋ)**

କୋଲକାତାସ୍ଥିତ ଭାରିଏବ୍‌ଲ ଏନର୍ଜି ସାଇକ୍ଲୋଟ୍ରନ୍ ସେଣ୍ଟର (ଭିଇସିସି)ଠାରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଡ. ଯଯାତି କେଶରୀ ନାୟକଙ୍କୁ ଚଳିତ ବର୍ଷ 'ଆଉଟ୍‌ଷ୍ଟାଣ୍ଡିଂ ରିଭିଓ୍ୱର' ସମ୍ମାନ ମିଳିଛି। ୟୁକେ ବ୍ରିଷ୍ଟଲସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ (ଆଇଓପି) ସାଇନ୍ସ ପକ୍ଷରୁ ଡ. ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆମେରିକା, ସ୍ପେନ୍, ଫ୍ରାନ୍ସ, ଜାପାନ୍, ଇଟାଲୀ, ଗ୍ରୀସ୍ ଏବଂ ଜର୍ମାନୀ ସମେତ ବିଶ୍ୱସ୍ତରରେ ୧୦ଜଣଙ୍କୁ ମନୋନୀତ କରାଯାଇଥିବାବେଳେ ଭାରତରୁ ଡ. ନାୟକ ଏହି ଅନ୍ତର୍ଜାତୀୟ ସମ୍ମାନ ପାଇବାର ଗୌରବଲାଭ କରିଛନ୍ତି। ନ୍ୟୁକ୍ଲିୟର ଆଣ୍ଡ ପାର୍ଟିକିଲ୍ ଫିଜିକ୍ସ ଉପରେ ପ୍ରକାଶ ପାଉଥିବା ଗବେଷଣାତ୍ମକ ପତ୍ରିକା 'ଜର୍ନାଲ ଅଫ୍ ଫିଜିକ୍ସ ଜି'ରେ ସମୀକ୍ଷା କ୍ଷେତ୍ରରେ ଡ. ନାୟକଙ୍କ ଶ୍ରେଷ୍ଠ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦୁଝର ଜିଲା ଶାଳଣିଆ ପଞ୍ଚାୟତର ମନୋହରପୁର ନିବାସୀ ଗଣେଶ୍ୱର ନାୟକ ଓ ନିରୁପମା ନାୟକଙ୍କ ଜ୍ୟେଷ୍ଠପୁତ୍ର ହେଉଛନ୍ତି ଡ. ନାୟକ। ସେ ଉଅଁର ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ଭଦ୍ରକ ମହାବିଦ୍ୟାଳୟରେ ସ୍ନାତକ ଏବଂ ରେଭେନ୍‌ଶା ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଭାବା ପାରମାଣବିକ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବେ ଗବେଷଣା ଜୀବନ ଆରମ୍ଭ କରିଥିଲେ।


ଡ. ଯଯାତି କେଶରୀ ନାୟକ

# ଅଡୁଆ କଳା ଜାଲ୍ ସାର୍ଟିଫିକେଟ

**ଅନିଲ ଦାସ**

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ଜାଲ୍ ସାର୍ଟିଫିକେଟ କାରବାର କେବଳ ରାଜ୍ୟ ଭିତରେ ନୁହେଁ, ବାହାର ରାଜ୍ୟକୁ ମଧ୍ୟ ଏହାର ଚେର ଲମ୍ବିଛି। ବଲାଙ୍ଗୀର ଜିଲା ଜାଲ୍ ସାର୍ଟିଫିକେଟ କାରବାରର ମାଷ୍ଟରମାଇଣ୍ଡ କୁହାଯାଉଥିବା ବଣିକ୍ କୋଚିଂ ସେଣ୍ଟର ସହ ଶାସକ ଦଳର ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ଅଭିଯୋଗ ସରକାରଙ୍କୁ ଅଡୁଆରେ ପକାଇଥିଲା। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଗତ ବିଧାନସଭାରେ ତୁମ୍ବିତୋଫାନ କରିଥିଲେ। ଶାସକ ଦଳର ମନ୍ତ୍ରୀ, ନେତାଙ୍କ ସମ୍ପୃକ୍ତି ଥିବାରୁ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଥିଲେ। ଏହି ପ୍ରସଙ୍ଗରେ ବିରୋଧୀ–ଶାସକ ମୁହାଁମୁହିଁ ହୋଇଥିଲେ। ଅନ୍ୟପକ୍ଷରେ ସରକାର ଗୃହରେ ମହାନଦୀ ଜଳ ବିବାଦ ଆଲୋଚନାକୁ ଚତୁରତାର ସହ ଏଡ଼େଇଗଲେ। ଗତ ୫ ବର୍ଷ ଧରି ଏହି ବିବାଦ ଅସମାହିତ ହୋଇ ରହିଛି। ଟ୍ରିବ୍ୟୁନାଲଙ୍କ ସମୟ ଗଡ଼ିଚାଲିଛି। ମହାନଦୀର ଧାର ଶୁଖିଯାଉଛି। ମହାନଦୀ ପ୍ରସଙ୍ଗକୁ ନେଇ ବିରୋଧୀ–ଶାସକ ମୁହାଁମୁହିଁ ହୋଇଥିଲେ। ସବୁ ଦଳ ଚାହିଁଥିଲେ ମହାନଦୀର ବର୍ତ୍ତମାନ ସ୍ଥିତିକୁ ନେଇ ଗୃହରେ ଆଲୋଚନା ହେଉ। ଏଥିପାଇଁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ ହେଲା। ମୋଶନ ଜରିଆରେ ଆଲୋଚନା ହେବ ବୋଲି ବାଚସ୍ପତି ଗୃହରେ ସଙ୍କେତ ଦେଲେ। ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବା ପରେ ଏହା ଉପରେ ଆଲୋଚନା ହେବ ବୋଲି ବିରୋଧୀ ଆଶା ବାନ୍ଧିଥିଲେ। ଶେଷରେ ବିରୋଧୀଙ୍କୁ ନିରାଶ ହେବାକୁ ପଡ଼ିଲା। ମାର୍ଚ୍ଚ ୩୧ ତାରିଖରେ ଜଳସମ୍ପଦ ମନ୍ତ୍ରୀ ଗତାନୁଗତିକ ଢଙ୍ଗରେ ଉତ୍ତର ପଢ଼ିଦେଲେ। ମହାନଦୀର ଏ ଅବସ୍ଥା ପାଇଁ ଛତିଶଗଡ଼କୁ ଦାୟୀ କରି ଦାୟିତ୍ୱ ସାରିଦେଲେ। ବିରୋଧୀଙ୍କ ଆଶା ଆଶାରେ ରହିଗଲା। ମହାନଦୀ ବିବାଦ ଆଲୋଚନା ନ ହେଲେ ମଧ୍ୟ ଗୃହରେ ବହୁଚର୍ଚ୍ଚିତ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିରୋଧୀ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଥିଲେ। ପ୍ରତିବାଦରେ ଲଗାତର ଗୃହ ୪ ଦିନ ଧରି ଅଚଳ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିବୃତି ପରେ ଗୃହ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲେ ମଧ୍ୟ ହତ୍ୟା ଘଟଣାର ତଦନ୍ତକୁ ନେଇ ବିରୋଧୀ ସରକାରଙ୍କୁ ବାରମ୍ବାର ଘେରିଥିଲେ। କୋଇଡ଼ା ବିଡିଓ ବଦଳି ପ୍ରସଙ୍ଗ, ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମୁଣ୍ଡପିଛା ୫ କେଜି ଚାଉଳ କାଟିବା, ଜାଲ୍ ସାର୍ଟିଫିକେଟ, ଡ୍ରାଇଭରଙ୍କ ଆନ୍ଦୋଳନ ଗୃହକୁ ସରଗରମ କରିଥିଲା। ତେଲଙ୍ଗାନାରେ କଣ୍ଟାବାଞ୍ଜି ଦାଦନ ଶ୍ରମିକ ମୃତ୍ୟୁ, ବିଦ୍ୟୁତ୍ ଘରୋଇକରଣ, ଆଇନଶୃଙ୍ଖଳା, ଶିକ୍ଷା, ସ୍ୱାସ୍ଥ୍ୟ, ବେକାରି, ଧାନ ଭଳି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ହରଡ଼ଘଣାରେ ପକାଇଥିଲେ। ଖାଲି ସେତିକି ନୁହେଁ, କୋଟିଆ ପ୍ରସଙ୍ଗରେ ମଧ୍ୟ ବିରୋଧୀ ସରକାରଙ୍କଠାରୁ କୈଫିୟତ ତଲବ କରିଥିଲେ। ବିଭିନ୍ନ ସରକାରୀ ବିଭାଗରେ ଅବସର ନେଇଥିବା ଆଇଏଏସ୍, ଆଇପିଏସ୍, ଓଏଏସ୍ ଅଫିସରଙ୍କୁ ପୁନଃ ନିଯୁକ୍ତି ଦେବା ପ୍ରସଙ୍ଗରେ ବିରୋଧୀ ଦଳ ସରକାରଙ୍କୁ ହଲାପଟା କରିଥିଲେ। ବୁକ୍ ସର୍କୁଲାରକୁ ଉଲ୍ଲଂଘନ କରୁଥିବା ଅଫିସରମାନେ ଜନପ୍ରତିନିଧିଙ୍କୁ ଖାତିର କରୁ ନ ଥିବା ନେଇ ବିରୋଧୀ ସରକାରଙ୍କ ଉପରେ ଖପ୍ପା ହୋଇଥିଲେ। କୋଇଡ଼ା ବିଡିଓ ମୟୂରଭଞ୍ଜ ଜିଲାକୁ ବଦଳି ପ୍ରସଙ୍ଗରେ ସରକାରଙ୍କୁ ବାଧ କରିବା ଉଦ୍ୟମ ପଣ୍ଡ ହୋଇଯାଇଥିଲା। ବିଧାନସଭା ଶେଷ ହୋଇଗଲା, ହେଲେ ବିରୋଧୀଙ୍କ ଦାବି ଆଗରେ ସରକାର ନଇଁଲେ ନାହିଁ ।

ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ ନେଇ କଂଗ୍ରେସ ସଭ୍ୟମାନେ କଳା ପୋଷାକ ପିନ୍ଧି ଗୃହକୁ ଅଚଳ କଲେ। ୫–ଟି, ମୋ ସରକାରକୁ ନେଇ ବିରୋଧୀ–ଶାସକ ମୁହାଁମୁହିଁ ହୋଇଥିଲେ। ଭାଜପାକୁ କାଉଣ୍ଟର କରିବାକୁ ଯାଇ ବିଜେଡି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୫ କେଜି ଚାଉଳ କାଟିବା, ଏମ୍‌ଏସ୍‌ପି ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ବର୍ଷିଥିଲା।

ସବୁଠାରୁ ବଡ଼ କଥା ହେଲା ବିଧାନସଭାରେ କେବଳ ବ୍ୟୟମଞ୍ଜୁରୀ ବିଲ୍‌କୁ ଛାଡ଼ିଦେଲେ ଅନ୍ୟ କୌଣସି ବିଲ୍ ଗୃହର ଅନୁମୋଦନ ଲାଭ କରିପାରିଲା ନାହିଁ। ବହୁ ପ୍ରତୀକ୍ଷିତ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍–୨୦୨୩ ଗୃହରେ ଉପସ୍ଥାପନ ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାହାକୁ ଉଠାଇ ନିଆଯାଇଥିଲା। ଦୀର୍ଘଦିନ ଧରି ଆପାର୍ଟମେଣ୍ଟ ସ୍ୱତ୍ୱ ପାଇବା ପାଇଁ ଚାଲିଥିବା ଅଭିଯାନକୁ ଝଟକା ଲାଗିଛି। ଉକ୍ତ ବିଲ୍ ସହିତ ପଛୁଆବର୍ଗ ଆୟୋଗ (ସଂଶୋଧନ) ବିଲ୍–୨୦୨୩, ଭୂଅର୍ଜନ, ପୁନର୍ବାସ ଓ ଥଇଥାନ ବିଲ୍–୨୦୨୩ ବିଲ୍‌କୁ ପାରିତ କରିବା ବଦଳରେ ସରକାର ଉଠାଇ ନେଇଛନ୍ତି।

### ବିଧାନସଭା ସମୀକ୍ଷା



# ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ୧୦ ଆକାଂକ୍ଷା ଜିଲା ଦାୟିତ୍ୱ

- ନିୟମିତ ସମୀକ୍ଷା କରି କେନ୍ଦ୍ର, ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବେ

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ରାଜ୍ୟ ସରକାର ୧୦ ଆକାଂକ୍ଷା ଜିଲାର ଇନ୍‌ଚାର୍ଜ ଭାବେ ୧୦ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହି ଅଧିକାରୀ ଉକ୍ତ ଆକାଂକ୍ଷା ଜିଲାରେ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ, ଶିକ୍ଷା, କୃଷି ଓ ଜଳସମ୍ପଦ, ବିତ୍ତୀୟ ସମାବେଶ ଓ ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଭଳି ୫ଟି କ୍ଷେତ୍ରର ୪୯ଟି ମାନଦଣ୍ଡର ପ୍ରଦର୍ଶନକୁ ତଦାରଖ କରିବେ । ଜିଲାରେ ଅଫିସରମାନେ ମାସିକ, ତ୍ରୈମାସିକ ଓ ବାର୍ଷିକ ଭିତ୍ତିରେ ତଦାରଖ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ପଞ୍ଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀଙ୍କୁ ବଲାଙ୍ଗୀର, ଶ୍ରମ ସଚିବ ଆର.ସନ୍ତଗୋପାଳନଙ୍କୁ ଢେଙ୍କାନାଳ, ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମଙ୍କୁ ଗଜପତି, ପଞ୍ଚାୟତିରାଜ ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆଙ୍କୁ କଳାହାଣ୍ଡି, ମତ୍ସ୍ୟ ଓ ପଶୁସମ୍ପଦ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ କନ୍ଧମାଳ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ କୋରାପୁଟ, ସମବାୟ ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଢ଼ାଙ୍କୁ ମାଲକାନଗିରି, ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କୁ ନବରଙ୍ଗପୁର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କୁ ନୂଆପଡ଼ା ଓ କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କୁ ରାୟଗଡ଼ା ଜିଲାର ଇନ୍‌ଚାର୍ଜ ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସମ୍ପୃକ୍ତ ଅଫିସରମାନେ ନିୟମିତ ଜିଲା ଗସ୍ତ କରି ବିଭିନ୍ନ ମାନଦଣ୍ଡର ସମୀକ୍ଷା କରିବେ । ଜିଲାଗୁଡ଼ିକରେ ସବୁଦିନିଆ ରାସ୍ତା, ସବୁ ଘରକୁ ଶୌଚାଳୟ, ପିଇବା ପାଣି, ବିଦ୍ୟୁତ୍ ସଂଯୋଗ, ଛାତଘର, ପଞ୍ଚାୟତକୁ ଇଣ୍ଟରନେଟ୍ ସୁବିଧା ସହ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା, ବିଭିନ୍ନ ସରକାରୀ ଯୋଜନାରେ ସାଧାରଣ ଲୋକଙ୍କୁ ସାମିଲ କରାଇବା ଉପରେ ମଧ୍ୟ ଅଫିସରମାନେ ନିୟମିତ ଭାବେ ତଦାରଖ କରିବେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ପ୍ରସଙ୍ଗକୁ ନେଇ ଲକ୍ଷ୍ନୌଠାରେ ଶନିବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ଗୁଜରାଟରେ ୩୦୦ ପ୍ରତିବାଦ ସଭା କରିବ କଂଗ୍ରେସ

## ଯୋଗଦେବା ଲାଗି ରାହୁଲଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ,୧।୪

ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ଗୁଜରାଟ କଂଗ୍ରେସ ଚଳିତ ମାସ ସାରା ରାଜ୍ୟରେ ୩୦୦ ପ୍ରତିବାଦ ସଭାର ଆୟୋଜନ କରିବ। ଏ ନେଇ ଦଳ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ଜଗଦୀଶ ଠାକୁର ଖବରଦାତାଙ୍କୁ କହିଛନ୍ତି, ଚଳିତ ଏପ୍ରିଲ ମାସ ୬ ରୁ ୧୨ ଏବଂ ୧୫ ରୁ ୨୫ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ୨୫୧ ତାଲୁକ, ୩୩ ଜିଲା, ୮ମେଟ୍ରୋ କେନ୍ଦ୍ରରେ ସଭା ଆୟୋଜନ ଲାଗି ଯୋଜନା କରାଯାଇଛି। ରାହୁଲ ଗାନ୍ଧୀଙ୍କୁ ଏପ୍ରିଲ ୨୦ରୁ ୨୫ ପର୍ଯ୍ୟନ୍ତ ସଭାରେ ଯୋଗଦେବା ଲାଗି ଗୁଜରାଟକୁ ନିମନ୍ତ୍ରଣ କରାଯାଇଛି। ରାହୁଲ ମାର୍ଚ୍ଚ ୨୩ରେ ସୁରଟର ଏକ କୋର୍ଟରେ ହାଜର ହୋଇଥିଲେ। ମାନହାନୀ ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅବଶୋଷ ଯେ, ରାଜ୍ୟରେ ଶାନ୍ତିପୂର୍ଣ୍ଣ ବିରୋଧକୁ ଅନୁମତି ନ ଦେବା ଏକ ଆଇନ ପାଲଟିଛି। ଗଣତନ୍ତ୍ରରେ ଆବେଦନ କଲେ ବିରୋଧ କରିବାକୁ ଅନୁମତି ଦେବା କର୍ତ୍ତୃପକ୍ଷଙ୍କ ପାଇଁ ବାଧ୍ୟତାମୂଳକ ଅଟେ। ସ୍ଥାନୀୟ ପୋଲିସ ଷ୍ଟେଶନରେ ଅନୁମତି ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଅନୁମତି ମିଳୁ କି ନ ମିଳୁ ତାହା ଉପରେ ନିର୍ଭର ନ କରି କଂଗ୍ରେସ ଏହାର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଠାକୁର ଦୃଢୋକ୍ତି ବ୍ୟକ୍ତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ତାଲୁକ କେନ୍ଦ୍ରରେ ମୋଦି ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସହ ଆଇନ ଶୃଙ୍ଖଳା ରକ୍ଷା ସମେତ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ତଥା ମେଟ୍ରୋ କେନ୍ଦ୍ରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଶାସକ ଦଳକୁ କଡ଼ା ସମାଲୋଚନା କରି ଠାକୁର କହିଛନ୍ତି, ଭାଜପା ସାମାଜିକ ବିରୋଧୀ ଉପାଦାନ ବ୍ୟବହାର କରେ ଯେଉଁମାନେ କି ଆଇନ ଶୃଙ୍ଖଳା ପ୍ରତି ଧ୍ୟାନ ଦିଅନ୍ତି ନାହିଁ ବୋଲି ସେ କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF
For Booking Contact
0674-2580385

## ନିବେଦନ

୧୯୯୯ ମହାବାତ୍ୟାରେ ବହୁ ମଣିଷଙ୍କର ଜୀବନ ରକ୍ଷା କରିଥିବା ଜଣେ ବିଶିଷ୍ଟ ସମାଜସେବୀ ଓ ପରୋପକାରୀ ମଣିଷଙ୍କର ଜୀବନ ରକ୍ଷା ପ୍ରୟାସରେ ସହଭାଗୀ ହୋଇ ସ୍ୱେଚ୍ଛାକୃତ ଭାବରେ ତାଙ୍କ Liver Transplant ରେ Donner ହେବା ପାଇଁ O+ve Blood Group ବ୍ୟକ୍ତିମାନଙ୍କୁ ଆକୁଳ ନିବେଦନ କରାଯାଉଛି। ସହୃଦୟ ବ୍ୟକ୍ତିମାନଙ୍କୁ ନିମ୍ନଲିଖିତ ମୋବାଇଲ୍ ନମ୍ବର ରେ ଯୋଗାଯୋଗ କରିବାକୁ ବିନିତ ଅନୁରୋଧ ୯୮୬୨୩୧୧୫୮ । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି ଯେ ଯକୃତ(Liver) ମଣିଷର ଏଭଳି ଏକ ଅଙ୍ଗ (Organ) ଯାହା ବାଳ (Hair), ନଖ(Nail) ଭଳି, କାଟିଲା ପରେ ତିନି ସପ୍ତାହ ମଧ୍ୟରେ ସ୍ୱତଃ ବୃଦ୍ଧିପାଇ ତାର ପୂର୍ବ ଅବସ୍ଥାକୁ ଫେରିଆସେ ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଗୁଆ ବିଧାନସଭା ବନ୍ଦ ନେଇ ବର୍ଷିଲେ ବିରୋଧୀ

- ଇଏ ପଳାୟନପନ୍ଥୀ ସରକାର: ଜୟନାରାୟଣ
- ଆଗୁଆ ବିଧାନସଭା ବନ୍ଦ ନେଇ ବିରୋଧୀ ସହମତ ନ ଥିଲେ: ନରସିଂହ
- ସାଧାରଣ ଲୋକଙ୍କ କଥାରେ ନୁହେଁ ରାଜନୀତିରେ ବ୍ୟସ୍ତ ଥିଲେ ବିରୋଧୀ: ପ୍ରଶାନ୍ତ



ଭୁବନେଶ୍ୱର, ୧।୪(ବ୍ୟୁରୋ)

ଷୋଡ଼ଶ ବିଧାନସଭାର ଦ୍ୱାଦଶ ଅଧିବେଶନ ୨୧ ଫେବୃୟାରୀରୁ ଆସନ୍ତା ଏପ୍ରିଲ ୬ ପର୍ଯ୍ୟନ୍ତ ଚାଲିବା ପାଇଁ କାର୍ଯ୍ୟଦିବସ ନିର୍ଘଣ୍ଟ ହୋଇଥିଲା । କିନ୍ତୁ ହଠାତ୍ ଅଗଣତାନ୍ତ୍ରିକ ଉପାୟରେ ଶୁକ୍ରବାର ଅଧିବେଶନ ବନ୍ଦ କରାଯାଇଛି । ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ସହ ଆଲୋଚନା ନ କରି ରାଜ୍ୟ ସରକାର କାହିଁକି ହଠାତ୍ ସ୍ୱେଚ୍ଛାଚାରୀଭାବେ ବିଧାନସଭା ଅଧିବେଶନ ବନ୍ଦ କରିଦେଲେ ଏହାର ଉତ୍ତର ରଖନ୍ତୁ । ଇଏ ପଳାୟନପନ୍ଥୀ ସରକାର ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟ ବିଧାୟକମାନଙ୍କ ସହ ଯୋଗଦେଇ ଜୟନାରାୟଣ କହିଛନ୍ତି, ବିଧାନସଭାରେ ୭ଟି ବିଲ୍ ପାରିତ ହେବାର ଥିଲା। କିନ୍ତୁ ରାଜ୍ୟ ସରକାର ବିଧାନସଭା ଛାଡ଼ି ପଳାଇଲେ। ଓବିସି କମିଶନ ସଂଶୋଧନ ବିଲ୍ ୨୦୨୩, ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ୍, ଜମି ଅଧିଗ୍ରହଣ ପୁନର୍ବାସ ଓ ଥଇଥାନ ସଂଶୋଧନ ବିଲ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ କାର୍ଯ୍ୟ ପରାମର୍ଶଦାତା କମିଟିରେ ସ୍ଥିରୀକୃତ ହୋଇଥିଲେ ମଧ୍ୟ ସରକାର ତାହାକୁ ପ୍ରତ୍ୟାହାରକରି ବିଧାନସଭାକୁ ବନ୍ଦ କରିଦେଲେ। ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ହତ୍ୟାହେବାର ୬୦ ଦିନ ବିତିଯାଇଥିଲେ ମଧ୍ୟ ହତ୍ୟାର କାରଣ ଓ ଷଡ଼ଯନ୍ତ୍ରକାରୀ କିଏ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ସେହିପରି ଝାରସୁଗୁଡ଼ାରେ ଜଣେ ଛୋଟ ପିଲାକୁ ଅପହରଣ କରାଯାଇ ହତ୍ୟା କରାଯାଇଛି। ଓଡ଼ିଶାରେ ଏକ ନକଲି ସରକାର ଚାଲିଛି। ରତ୍ନଭଣ୍ଡାର ଚାବି, ସାର୍ଟିଫିକେଟ୍, ଔଷଧ, ୫-ଟି ବିଭାଗ ସବୁ ନକଲି ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଯେତେବେଳେ ମୁଖ୍ୟମନ୍ତ୍ରୀ ଆସନ୍ତା ୩ ତାରିଖରେ ଜାପାନ ଯିବେ ବୋଲି ଘୋଷଣା କଲେ ତାହାର ଅର୍ଥ ହେଲା ମହାନଦୀ ଜଳ ବିବାଦ ଆଲୋଚନା ବେଳକୁ ସେ ଅନୁପସ୍ଥିତ ରହିବେ। ଏଇଟା ମଧ୍ୟ ତାଙ୍କୁ ଅଡୁଆରେ ପକାଇ ଥାଆନ୍ତା। ତେଣୁ ବାଧହୋଇ ସେମାନେ ଗୃହକୁ ଏକତରଫା ଭାବେ ନିଷ୍ପତ୍ତି ନେଇ ବନ୍ଦ କରିଦେଲେ। କୌଣସି ବିରୋଧୀ ଦଳ ସେଥିରେ ସହମତି ପ୍ରକାଶ କରିନାହାନ୍ତି।

ଏହାର ଜବାବରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ବିଧାନସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ଥିଲା। ହେଲେ ସେମାନେ ବିଭିନ୍ନ ସମୟରେ ଗୃହକୁ ବନ୍ଦ କରାଇଦେଇଛନ୍ତି। ସାଧାରଣ ଲୋକମାନଙ୍କ କଥା ଆଲୋଚନା ହେଉ ଏବଂ ତାହାର ସମାଧାନ ହେଉ ବୋଲି ସେମାନଙ୍କର ଆନ୍ତରିକତା ନ ଥିବା କଥା ଜଣାପଡୁଛି। ସେମାନେ କେବଳ ରାଜନୀତିରେ ବ୍ୟସ୍ତ ରହୁଛନ୍ତି ବୋଲି ପ୍ରଶାନ୍ତ କହିଛନ୍ତି ।

# ଏପ୍ରିଲ ଫୁଲ୍ ହେବନି ତ: ଜୟନାରାୟଣ

## ମେଟ୍ରୋ ଟ୍ରେନ୍ ଘୋଷଣା ପ୍ରସଙ୍ଗ

ଭୁବନେଶ୍ୱର, ୧।୪(ବ୍ୟୁରୋ)

ରାଜ୍ୟ ସରକାର ଓଡ଼ିଶାରେ ମେଟ୍ରୋ ରେଳସେବା ପାଇଁ ଅନୁମୋଦନ ଦେଇଥିବା ଘୋଷଣା କରିଛନ୍ତି । ଏହା ସ୍ୱାଗତଯୋଗ୍ୟ କିନ୍ତୁ ଏହାର ବାସ୍ତବତାକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ଏହି ମେଟ୍ରୋ ରେଳ ପ୍ରକଳ୍ପର ଡିପିଆର୍ ଆର୍ଥିକ ବ୍ୟୟବରାଦ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତା ପ୍ରସ୍ତୁତ ହୋଇଛି କି ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଏହି ପ୍ରକଳ୍ପ ନିର୍ମାଣର ସମ୍ପୂର୍ଣ୍ଣ ଖର୍ଚ୍ଚ କେବଳ ରାଜ୍ୟ ସରକାର ବହନ କରିବେ ନା କେନ୍ଦ୍ର ସରକାରଙ୍କ ଅଂଶ ରହିବ। ଏହାର କୌଣସି ସ୍ପଷ୍ଟଚିତ୍ର ନ ଥିବା ଯୋଗୁ ଓଡ଼ିଶାରେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପକୁ ଅନୁମୋଦନ ରାଜ୍ୟବାସୀଙ୍କ ପାଇଁ ଏପ୍ରିଲ ଫୁଲ୍ ନୁହେଁ ତ ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି । ଭୁବନେଶ୍ୱରରୁ କଟକ ଭିତରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ୨୦୧୮ ଜାନୁୟାରୀରେ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ । ଏପରିକି ଭୋଟ ହାତେଇବା ଉଦ୍ଦେଶ୍ୟରେ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୯ ଏପ୍ରିଲରେ ମେଟ୍ରୋ ରେଳ ସେବା ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ ଜରିଆରେ ଘୋଷଣା କରିଥିଲେ । ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ମେଟ୍ରୋ ଟ୍ରେନ୍‌ର ଆବଶ୍ୟକତା ନ ଥିବା ୨୦୨୧ ମାର୍ଚ୍ଚ ୩୦ରେ ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ବିବୃତି ଦେଇଥିଲେ। ତେଣୁ ଆଜିର ଘୋଷଣା ସନ୍ଦେହ ସୃଷ୍ଟି କରୁଥିବା ଜୟନାରାୟଣ କହିଛନ୍ତି।

# ସୀମାରାଣୀ-ଅଞ୍ଜଳି ମୁହାଁମୁହିଁ

## ଦିନକ ପରେ ହିନ୍ଦୋଳ ଏନ୍ଏସି ନିର୍ବାଚନ

ଢେଙ୍କାନାଳ ଅଫିସ, ୧।୪

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସି ନିର୍ବାଚନ ଲାଗି ଭୋଟ ଗ୍ରହଣ ଆସନ୍ତା ୩ ତାରିଖରେ ହେବ। ଏଥିପୂର୍ବରୁ ଶନିବାର ଅପରାହ୍ନ ୫ଟାରେ ପ୍ରଚାର ଶେଷ ହୋଇଛି। ଅନ୍ତିମ ଦିନରେ ପ୍ରମୁଖ ରାଜନୈତିକ ଦଳର ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଅନ୍ୟପଟେ ଶେଷ ମୁହୂର୍ତ୍ତରେ ପ୍ରଚାର ମଇଦାନରେ ବିଧାୟିକା ସୀମାରାଣୀ ନାୟକ ଏବଂ ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତ୍ରୀ ଅଞ୍ଜଳି ବେହେରା ମୁହାଁମୁହିଁ ହୋଇଥିଲେ, ଯାହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଅପରାହ୍ନରେ ଏନ୍ଏସିର ୯ନଂ. ୱାର୍ଡ ଅଧୀନ ରୁପାଲି ଗ୍ରାମରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି ବିଧାୟିକା ସୀମାରାଣୀ ନାୟକ ଦଳୀୟ କର୍ମୀଙ୍କ ସହ ସେହି ଗ୍ରାମକୁ ପ୍ରଚାର କରିବାକୁ ଯାଉଥିବାବେଳେ ଭାଜପା ନେତ୍ରୀ ଅଞ୍ଜଳି ବେହେରା ସମର୍ଥକଙ୍କୁ ନେଇ ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ, ତହସିଲଦାର ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଅପରାହ୍ନ ୫ଟା ଯାଏ ସ୍ଥିତି ନିୟନ୍ତ୍ରଣ ହୋଇ ନ ଥିଲା। ଇତିମଧ୍ୟରେ ନିର୍ବାଚନ ପ୍ରଚାର ସମୟ ଶେଷ ହୋଇଯାଇଥିବାରୁ ଉଭୟ ଦଳର ନେତୃବୃନ୍ଦ ଏବଂ କର୍ମୀ ନିଜ ନିଜ ବାଟରେ ଫେରିଯାଇଥିଲେ।

ଘଟଣା ସମ୍ପର୍କରେ ପ୍ରତିକ୍ରିୟା ଦେଇ ଅଞ୍ଜଳି କୁହନ୍ତି, ନିର୍ବାଚନ ସମୟରେ ଏଭଳି ଛୋଟ ବଡ଼ ଘଟଣା ହୁଏ। ବିଧାୟିକା ତାଙ୍କ ଗ୍ରାମକୁ ଆସି ପ୍ରଚାର କରିବା କଥା କି କହି ସେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଏ ନେଇ ବିଧାୟିକା ସୀମାରାଣୀ କୁହନ୍ତି, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ଏବଂ କର୍ମୀମାନେ ପ୍ରଚାରରେ ଯାଇଥିବାବେଳେ ସେମାନଙ୍କୁ ଭାଜପା ନେତା ଅଟକାଇଥିଲେ। ଏହାପରେ ଆମେ ଯାଇ ପହଞ୍ଚିଥିଲୁ। ନିଜେ ଅଞ୍ଜଳି ମହିଳାଙ୍କୁ ନେଇ ରାସ୍ତାରେ ବସିଥିଲେ। ସମ୍ପୃକ୍ତ ମହିଳାମାନେ ଆମେ କିଛି କାମ କରିନାହୁଁ ବୋଲି ଅଭିଯୋଗ କରିଥିଲେ। ହେଲେ ଅଞ୍ଜଳିଏବଂ ତାଙ୍କ ବାପା ୩୦ବର୍ଷ ଶାସନରେ ଥିଲେ। ମନ୍ତ୍ରୀ ପଦ ମଧ୍ୟ ପାଇଥିଲେ। ସେମାନେ କ'ଣ କରିଛନ୍ତି ବୋଲି ପାଲଟା ପ୍ରଶ୍ନ ପଚାରିଥିଲୁ। ବରଂ ବିଜେଡି ସରକାର ସମୟରେ ରାସ୍ତାଘାଟ ସବୁ କରାଯାଇଥିବା କଥା କହିଥିଲୁ ବୋଲି ସେ ସୂଚନା ଦେଇଛନ୍ତି।

Classified Everyday
0674-2580101, 2549949


MATRIMONIAL

BRIDE WANTED

Karan Boy established businessman settled Bhubaneswar required (34-38). 8658173938, 7008967858. D-71051

ଚାକିରି କରି ଏକାକୀ ରହୁଥିବା 48 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30- 40 yrs. ଝିଅ ଆବଶ୍ୟକ। Candidate: 8984180242. D-0009

GROOM WANTED

43 aged Khandayat Govt. Veterinary Doctor ବାପା ମାଁ ନ ଥିବା ଝିଅଙ୍କୁ ବିବାହିତ/ ଅବିବାହିତ ପୁଅ ଦରକାର। 7749076723. D-3164

45 ବୟସ୍କା Central Govt. ଚାକିରିଆ unmarried ଥିବା ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର married/ unmarried ବରପାତ୍ର ଆବଶ୍ୟକ। 9040735429. D-0007

32 ବୟସ୍କା LIC Officeରେ କର୍ମଚାରୀ ଶିଶୁକନ୍ୟା ଥିବା ସୁନ୍ଦର ରାଜପୁତ ଝିଅଙ୍କୁ anycaste ଚାକିରିଆ/ ବ୍ୟବସାୟ କରୁଥିବା ପୁଅ ଦରକାର। 6371586968. D-0006


REAL ESTATE

SALE

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662

Duplex At: Pokharipur near D.A.V. School. Land Area=2400 sqft., const. Area= 3700sqft. Contact. 9776996478. D-3030

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph- 9040172828. D-3161

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରିଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। 9438299931. D-3128

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Luxurious 3BHK Flats available for booking at Sahid Nagar, Bhubaneswar (Near Empires Hotel & post office) price-1.42 cr. to 1.46 cr. Contact: 6372944453, 9040172040. D-74836

Litigation free 2400sqft. plot at Maruti Nagar, Nuagaon for sale. Contact- 9938329821 No broker please. D-3137

2400 sqft. Gharabari Land 50' wide road facing near Pokharipur DAV School. Contact: 9090030067, 9090030068. D-3027


CONSTRUCTION

Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74826

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999

Construct your Dream home @460/- 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856. D-2931



14,000sqft. Commercial land near Pitapalli for Rent/ Lease, Khurdha, Chandaka Highway side. Contact: 8917576258. D-0001



Full body massage in homely atmosphere all therapy. Mob: 8114881641. D-73425

Relax, Refresh your Body, Mind at Saikrupa Spa with best therapies, 8984068077. D-3063

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74668

All types of professional body massage by professional therapy. Contact: 9556924059, 7077933109. D-3163

LOST

ମୁଁ ଗଙ୍ଗାଧର ମହାନ୍ତି, ପିତା- ସ୍ୱର୍ଗତ ଲୋକନାଥ ମହାନ୍ତି, ଗ୍ରାମ- ଶାସନିପଡ଼ା, ମାଣିକପୁର, ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା, ଘୋଷଣା କରେ କି ମୋର ଓରିଜିନାଲ୍ ଦଲିଲ୍ 976/ ତା 02.02.1991 ଓ ଓରିଜିନାଲ୍ ପଟ୍ଟା ଖାତା ନଂ.-257/96, BJB College Campus ଯିବା ରାସ୍ତାରେ ହଜିଯାଇଛି। (ହଜିଯାଇଥିବା ଦଲିଲ୍ ଓ ପଟ୍ଟା କେଉଁ ବ୍ୟାଙ୍କରେ ଦେଇ ମୁଁ ଋଣ ନେଇନାହିଁ। ହଜିଥିବା ତାରିଖ- 24.03.2023, 9938069067, 9777107268. D-0005

I Vivekmani Bara, aged about 40, S/o. Late Valentine Bara, R/o. Anguliapara, Ainthapali, PS- Ainthapali, Dist. Sambalpur has purchased a land from Passkel Tirki, aged about 34, bearing M.S Khata No.108/1148, who has lost somewhere the original Sale Deed vide No.11622103445 while he was traveling from Ainthapali chowk to Budharaja fatak. Inspite of thorough search he could not traced it out. D-0008

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମନେ ପଡ଼ନ୍ତି

୧୯ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଶରତ ମଞ୍ଜରୀ ରଥ
ଚାହୁଁଚାହୁଁ ଉଣେଇଶି ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ଉଣେଇଶି ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ଟୁଟୁ, ଝିଅ, ଗୁଡ଼ଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ
ଧ-୭୧୭୭୫

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ

✓ସ୍ନେହଲତା ଷଡ଼ଙ୍ଗୀ
୧୦୪, ରତ୍ନାକରବାଗ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ା ଯାତ୍ରା)
ଚାହୁଁ ଚାହୁଁ ତେର ବର୍ଷ ବିତିଗଲା। ଲାଗୁଛି ତୁମେ ଯେପରି ଆମ ନିକଟରେ ଅଛ। ତୁମର ଅନୁପସ୍ଥିତି ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମର ସେ ହସ ଆମ ପାଇଁ ଅଭୁଲା। ଶେଷରେ, ଯେଉଁଠି ଥାଅ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମର ଅମର ଆତ୍ମା ଚିରଶାନ୍ତି ଲାଭକରୁ।
ଶୋକସନ୍ତପ୍ତ: ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ।
ଧ-୦୦୦୩

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨ ଏପ୍ରିଲ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ଏଫ୍ଏଟିଏଫ୍‌ର ଫୁଲ୍‌ଫର୍ମ .......... ?
୨– ଓଜେମ୍ପିକ୍ ମେଡିସିନ୍ ............. ଚିକିତ୍ସା ପାଇଁ ବ୍ୟବହାର କରାଯାଏ ?
୩– ଗୁରୁଡୋଙ୍ଗମାର ହ୍ରଦ ......... ରାଜ୍ୟରେ ଅବସ୍ଥିତ ?
୪– କେଟାଞ୍ଜି ବ୍ରାଉନ୍ ଜ୍ୟାକ୍‌ସନ୍ .......... ସୁପ୍ରିମକୋର୍ଟର ପ୍ରଥମ କୃଷ୍ଣକାୟ ମହିଳା ବିଚାରପତି ?
୫– ପ୍ରଥମ ମଣିଷ ପ୍ରସ୍ତୁତ ପ୍ଲାଷ୍ଟିକ୍‌ର ନାମ .......... ?

## ଗତ ଥରର ଉତ୍ତର

୧ ଜମ୍ମୁ କଶ୍ମୀର
୨ ନାଇଜେରିଆ
୩ ରିଓ ଡି ଜେନେରିଓ
୪ କ୍ଲସ୍ ମାର୍ଟିନ୍ ସ୍ୱାବ
୫ ଏ ସଙ୍ଗ୍ ଅଫ୍ ଆଇସ୍ ଆଣ୍ଡ ଫାୟାର୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ଓମ୍ ପ୍ରକାଶ ଦାସ, ବାଲେଶ୍ୱର

## ଟପ୍ ୧୦

### ପୃଥିବୀର ଐତିହାସିକ ପର୍ଯ୍ୟଟନସ୍ଥଳୀ



୧– ମାଚୁପିଚୁ .......... ପେରୁ
୨– ଅଙ୍ଗକୋର ୱାଟ୍ .......... କାମ୍ବୋଡ଼ିଆ
୩– ପେଟ୍ରା .......... ଜୋର୍ଡାନ୍
୪– ଷ୍ଟୋନ୍‌ହେଞ୍ଜ୍ .......... ୟୁନାଇଟେଡ୍ କିଙ୍ଗଡମ୍
୫– ଦି ପାର୍ଥେନନ୍ .......... ଗ୍ରୀସ୍
୬– ଦି ଗ୍ରେଟ ୱାଲ୍ ଅଫ୍ ଚାଇନା .......... ଚାଇନା
୭– ତାଜ୍‌ମହଲ .......... ଭାରତ
୮– ଇଷ୍ଟର ଆଇସ୍‌ଲାଣ୍ଡ .......... ଚିଲୀ
୯– ଦି ପିରାମିଡ୍‌ସ ଆଟ୍ ଗିଜା .......... ଇଜିପ୍ଟ
୧୦– ଚିଚେନ୍ ଇଜା .......... ମେକ୍ସିକୋ

## ଜାଣନ୍ତୁ ଦୁନିଆ

# ଆରିଜୋନା

**ଆମେରିକାର ଦକ୍ଷିଣ-ପଶ୍ଚିମରେ ଥିବା ଏହି ରାଜ୍ୟଟି ଏଠାରେ ଥିବା ଗ୍ରାଣ୍ଡ କ୍ୟାନିଅନ୍ ପାଇଁ ସାରା ବିଶ୍ୱରେ ପରିଚିତ। ଜାଣିବା ଏ ସମ୍ପର୍କରେ ଅନେକ ରୋଚକ ତଥ୍ୟ...**

❖ଆରିଜୋନା ପ୍ରଥମେ ମେକ୍ସିକୋରେ ଥିଲା। ମେକ୍ସିକାନ୍-ଆମେରିକାନ୍ ୱାର୍ ବା ଯୁଦ୍ଧ ପରେ ଆମେରିକା ମେକ୍ସିକୋର ପ୍ରାୟ ଅଧା ଭାଗ ଦଖଲ କରିନେଲା। ପରେ ୧୯୬୨ରେ ଏହାକୁ ଆମେରିକାର ୪୮ତମ ରାଜ୍ୟର ମାନ୍ୟତା ମିଳିଲା। ଆଶ୍ଚର୍ଯ୍ୟର କଥା ହେଉଛି ମେକ୍ସିକୋ ପୂର୍ବରୁ ଏହା ସ୍ପେନ୍ ଅଧୀନରେ ରହିଥିଲା।

❖ଶୀତଦିନେ ଏଠାକାର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରାୟ ୫ ଇଞ୍ଚ ପର୍ଯ୍ୟନ୍ତ ତୁଷାରପାତ ବା ସ୍ନୋ ଫଲ୍ ହୋଇଥାଏ, ଯାହାକି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ।

❖ଏହି ରାଜ୍ୟରେ ଜଙ୍ଗଲ, ବୃକ୍ଷସଂଖ୍ୟା କମ୍ ଏବଂ ଅଧିକାଂଶ ସ୍ଥାନ ମରୁଭୂମି। ଫଳରେ ସେଠାରେ ଅନେକ ସମୟରେ ଜଳ ସଂକଟ ଦେଖାଦେଇଥାଏ। ଏଠାକାର ସମସ୍ତ ଜଳ ଯୋଗାଣର ପାୟ ୩୬% କଲରାଡୋ ନଦୀରୁ ଆସିଥାଏ।

❖ଏହାର ରାଜଧାନୀ ଫୋଏନିକ୍ସ ହେଉଛି ଆମେରିକାର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ରାଜଧାନୀ। ଏଠାକାର ଜନସଂଖ୍ୟା ହେଉଛି ୧.୭୬ ମିଲିଅନ୍। ତେବେ ଏଠାରେ ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ତାପମାତ୍ରା ହାରାହାରି ୩୭.୭° ସେଲ୍‌ସିୟସ୍ କିମ୍ବା ଅଧିକ ରହିଥାଏ, ଯେଉଁଥିପାଇଁ ଏହାକୁ ଆମେରିକାର ସବୁଠୁ ଉତ୍ତପ୍ତ ସହରର ମାନ୍ୟତା ମିଳିଛି।

❖ଆରିଜୋନା ରାଜ୍ୟରେ ୩୫ଟି ନ୍ୟାଶନାଲ୍ ପାର୍କ ରହିଥିବା ବେଳେ ସେଥିମଧ୍ୟରୁ ଗ୍ରାଣ୍ଡ କାନିୟନ୍ ନ୍ୟାଶନାଲ୍ ପାର୍କ ହେଉଛି ଆମେରିକାର ୪ର୍ଥ ବୃହତ୍ତମ ପର୍ଯ୍ୟଟନ ସ୍ଥଳୀ। ଏଠାକୁ ପ୍ରତିବର୍ଷ ପ୍ରାୟ ୫.୯ ମିଲିଅନ ପର୍ଯ୍ୟଟକ ଆସିଥା'ନ୍ତି।

❖ଏହି ରାଜ୍ୟରେ ଅଧିକାଂଶ ବାସିନ୍ଦା ସଙ୍ଗୀତପ୍ରେମୀ। ତେଣୁ ସେଠାରେ ମ୍ୟୁଜିକ୍‌କୁ ଏକ ବଡ଼ ବିଜ୍‌ନେସ୍ ଭାବେ ଗ୍ରହଣ କରାଯାଏ। ଫୋଏନିକ୍ସଠାରେ ବିଶ୍ୱର ଏକ ବୃହତ୍ତମ ସିମ୍ଫୋନୀ ହାଉସ୍ ରହିଥିବା ବେଳେ ଶହ ଶହ ସଂଖ୍ୟାରେ ମ୍ୟୁଜିକ୍ ହାଉସ୍ ରହିଛି। ତା'ଛଡ଼ା ସଙ୍ଗୀତପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ସେଠାରେ ଥିବା ଫୋଏନିକ୍ସ ମ୍ୟୁଜିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟ ମ୍ୟୁଜିଅମ୍ ଏକ ବିଶେଷ ଆକର୍ଷଣ।



# ସୁରକ୍ଷା ମନ୍ତ୍ର...



**କେତେବେଳେ ପ୍ରବଳ ଗରମ ତ କେତେବେଳେ ଲାଗି ରହୁଛି ପ୍ରବଳ ବର୍ଷା। ଆଉ ପୁଣି କେତେବେଳେ ହଠାତ୍ ଝଡ଼ ତୋଫାନ ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ଓ କୁଆପଥର ବର୍ଷା। ତେବେ ପାଣିପାଗର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ କେବେ ସୃଷ୍ଟି କରୁଛି ସ୍ୱାସ୍ଥ୍ୟ ସମସ୍ୟା ତ କେବେ ସାଜୁଛି ଅନେକ ଧନଜୀବନ ହାନିର କାରଣ। ତା'ଛଡ଼ା ପୁଣିଥରେ ବଢୁଥିବା କରୋନା ରୋଗୀଙ୍କ ସଂଖ୍ୟା ଖେଳାଇଦେଉଛି ଭୟର ବାତାବରଣ। ଏମିତିରେ ସତର୍କତା ଓ ସଚେତନତା ହିଁ ସଭିଙ୍କ ପାଇଁ ସୁରକ୍ଷା ମନ୍ତ୍ର ...**



କିଛିଦିନ ହେବ ଅତ୍ୟଧିକ ଗରମ ସାଙ୍ଗକୁ ହଠାତ୍ ଅଦିନିଆ ବର୍ଷା ଲାଗିରହୁଛି। ପାଣିପାଗର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଅଧିକାଂଶଙ୍କଠାରେ ଝାଡ଼ା, ଥଣ୍ଡା, କାଶ, ଜ୍ୱର ଆଦି ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ଆହୁରି ବଢ଼ାଇ ଦେଉଛି। କେବଳ ଏତିକି ନୁହେଁ, ବେଳେବେଳେ ପ୍ରବଳ ଝଡ଼ ତୋଫାନ ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ଓ କୁଆପଥର ବର୍ଷା ଯୋଗୁ ମଧ୍ୟ ଅନେକ ଧନ ଜୀବନ ହାନି ହେଉଛି। ଏଭଳି ବିଷମ ପରିସ୍ଥିତିରେ ଯଦିଓ ଏହି ପ୍ରାକୃତିକ ବିପତ୍ତିକୁ ରୋକିବା ମଣିଷପକ୍ଷେ ସହଜ ନୁହେଁ, ହେଲେ ଏକ୍ଷେତ୍ରରେ ଶରୀରକୁ ସୁସ୍ଥ ରଖିବା ଲାଗି ବିଭିନ୍ନ ସଚେତନ ରହିବା ସହ ସତର୍କ ରହିବା ବୁଦ୍ଧିମତ୍ତାର କାମ...



**ବାହାରକୁ ନ ଯିବା ଭଲ:** ହଠାତ୍ ପ୍ରବଳ ବର୍ଷା ହେଲେ ବାହାରକୁ ନ ଯିବା ଭଲ। ନିହାତି ଆବଶ୍ୟକ ଥିଲେ ଯଦି ବାହାରକୁ ଯାଉଛନ୍ତି ସାଙ୍ଗରେ ଛତା, ରେନିକୋଟ୍ ଆଦି ରଖନ୍ତୁ। ଗାଡ଼ି ଚଲାଇବା ବେଳେ ବର୍ଷା, ଘଡ଼ଘଡ଼ି କିମ୍ବା ବିଜୁଳି ମାରିଲେ ବାହାରେ ଆଦୌ ନ ରହି ତତ୍‌କ୍ଷଣାତ୍ ନିକଟରେ ଥିବା କୌଣସି ଘର, ହୋଟେଲ୍ ଆଦିକୁ ଚାଲି ଯାଆନ୍ତୁ। ବର୍ତ୍ତମାନ କାଶ, ଥଣ୍ଡା ଭଳି ଭାଇରାଲ୍ ଫ୍ଲୁ ବ୍ୟାପୁଥିବାରୁ ଠିଆ ହେବା ବେଳେ ଉପସ୍ଥିତ ଅନ୍ୟମାନଙ୍କଠାରୁ ଯଥାସମ୍ଭବ ସାମାଜିକ ଦୂରତା ରକ୍ଷା କରନ୍ତୁ।

**ପାଣିପାଗ ସୂଚନା ଦେଖନ୍ତୁ:** ମନେରଖନ୍ତୁ ବର୍ତ୍ତମାନର ସମ୍ବେଦନ ସମୟରେ ସର୍ବଦା ବାହାରକୁ ଯିବା ପୂର୍ବରୁ ରେଡିଓ, ଟିଭି, ଇଣ୍ଟରନେଟ୍ ଆଦିରୁ ପାଣିପାଗ ସୂଚନା ଦେଖିନେବା ଭଲ। ଏହାଦ୍ୱାରା ଆପଣ ଆରମ୍ଭରୁ ସତର୍କ ହୋଇପାରିବେ।

**ପାଖରେ ରଖନ୍ତୁ ଏକ୍ସଟ୍ରା ଡ୍ରେସ୍:** ଏଦିନେ ଥଣ୍ଡା, ଜ୍ୱର ନୁହେଁ ବରଂ ଭାଇରସ୍ ସଂକ୍ରମଣ ଏବଂ ଫଙ୍ଗାଲ୍ ଇନ୍‌ଫେକ୍‌ଶନର ଭୟ ବେଶିଥିବାରୁ ଓଦା ପୋଷାକରେ ଅଧିକ ସମୟ ରହିବା ଠିକ୍ ନୁହେଁ। ତେଣୁ ବର୍ଷା ପାଗରେ ବାହାରକୁ ଯାଉଥିଲେ ପାଖରେ ଏକ ସେଟ୍ ଡ୍ରେସ୍, ଟାୱେଲ୍, ମାସ୍କ ଆଦି ରଖନ୍ତୁ। ଯଦି କୌଣସି କାରଣରୁ ଓଦା ହୋଇଯା'ନ୍ତି, ତେବେ ତୁରନ୍ତ ଭଲ ଭାବେ ପୋଛି ହୋଇ ଶୁଖିଲା ପୋଷାକ ପିନ୍ଧି ଦିଅନ୍ତୁ।

**ବିଜୁଳି, ଘଡ଼ଘଡ଼ିରେ ରୁହନ୍ତୁ ସତର୍କ:** ଯଦି ବାହାରେ ଥିବାବେଳେ ବର୍ଷା ସହ ହଠାତ୍ ବିଜୁଳି ମାରେ, ତେବେ ପାଣି ସ୍ଥାନରେ ଆଦୌ ରୁହନ୍ତୁ ନାହିଁ। କାରଣ ପାଣି ବିଦ୍ୟୁତ୍ ସୁପରିବାହୀ ହୋଇଥିବାରୁ କରେଣ୍ଟ ଲାଗିବାର ଆଶଙ୍କାଥାଏ। ସେହିପରି ବିଜୁଳି, ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ୍‌ରେ ଆଦୌ କଥା ହୁଅନ୍ତୁ ନାହିଁ। ନଚେତ୍ ଏହା ବ୍ଲାଷ୍ଟ ହେବା ଯୋଗୁ କାନ ନଷ୍ଟ ହେବା କିମ୍ବା ଜୀବନଯିବାର ବି ଆଶଙ୍କା ରହିଛି।

**ସ୍ୱାସ୍ଥ୍ୟ ପ୍ରତି ରୁହନ୍ତୁ ସଜାଗ:** ହଠାତ୍ ପାଣିପାଗ ପରିବର୍ତ୍ତନ ଯୋଗୁ ଅନେକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ବା ସିଜନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ଦେଖାଦିଏ। ତା'ଛଡ଼ା ପୁଣି ବଢୁଥିବା କରୋନା ସମସ୍ୟା ଖେଳାଇଛି ଆତଙ୍କ। ଏମିତିରେ ନୀରୋଗ ରହିବା ଲାଗି ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଥଣ୍ଡା, କାଶ ହେଲେ ଅଦାରସ, ମହୁ କିମ୍ବା ତୁଳସୀ ରସ, ମହୁ ମିଶାଇ ଖାଆନ୍ତୁ। ରସୁଣ ମଧ୍ୟ ଖାଇବା ଏଦିନେ ବେଶ୍ ଉପକାରୀ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ପ୍ରଚୁର ପରିମାଣରେ ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଏଦିନେ ଶରୀର ପାଇଁ ବେଶ୍ ଜରୁରୀ। ଏଥିପାଇଁ ମାଛ ଖାଆନ୍ତୁ। ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏବଂ ରାସ୍ତାକଡ଼ରେ ମିଳୁଥିବା ଅସ୍ୱାସ୍ଥ୍ୟକର ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ।



## ଏମାନେ କ'ଣ କୁହନ୍ତି



**ଚିରସ୍ମିତା ନାୟକ** (ଛାତ୍ରୀ, ଛତିଆ)- କିଛିଦିନ ହେବ ଘରେ ଘରେ ଥଣ୍ଡା, କାଶ, ଜ୍ୱର ଭଳି ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ କିଛିଦିନ ହେବ ବର୍ଷା ହେଉଥିବାରୁ ଏଭଳି ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ବର୍ଷା ବେଳେ ଓଦା ନ ହେବା ଲାଗି ଯଥାସମ୍ଭବ ଘରେ ରହୁଛି। ଆଇସ୍‌କ୍ରିମ୍ କିମ୍ବା ଅନ୍ୟ ଥଣ୍ଡାଜାତୀୟ ଖାଦ୍ୟ ଏବଂ ବଜାରରେ ମିଳୁଥିବା ଖାଦ୍ୟଠୁ ଦୂରେଇ ରହୁଛି। ଏହା ବ୍ୟତୀତ ବର୍ଷାରେ ବିଜୁଳି କିମ୍ବା ଘଡ଼ଘଡ଼ି ହେବା ମାତ୍ରେ ମୋବାଇଲ୍ ବ୍ୟବହାର ନ କରି ସ୍ୱିଚ୍‌ଅଫ୍ କରି ରଖୁଛି।



**ରାଜେଶ ପଟ୍ଟନାୟକ** (କର୍ମଜୀବୀ, ଭୁବନେଶ୍ୱର)- ବର୍ତ୍ତମାନ ପାଣିପାଗର ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କୌଣସି କାମରେ ବାହାରକୁ ଯିବାକୁ ଥିଲେ ବର୍ଷା ପାଇଁ ଖୁବ୍ ହଇରାଣ ହେବାକୁ ପଡୁଛି। ତା'ଛଡା ହଠାତ୍ ଓଦା ହୋଇଗଲେ ଥଣ୍ଡା, କାଶ ଆଦି ଫ୍ଲୁ ସମସ୍ୟା ଟେନ୍‌ଶନ୍ ବଢ଼ାଉଛି। ଏସବୁରୁ ଦୂରେଇ ରହିବା ଲାଗି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ସନ୍ତୁଳିତ ଖାଦ୍ୟ ଖାଇବା ପ୍ରତି ଗୁରୁତ୍ୱ ଦେଉଛି। ସେହିପରି ବାହାରକୁ ଯିବା ପୂର୍ବରୁ ପାଣିପାଗ ବିଷୟରେ ନ୍ୟୁଜ୍ ଦେଖିବା ସହ ସୁରକ୍ଷା ଦୃଷ୍ଟିରୁ ରେନ୍‌କୋଟ୍ ପାଖରେ ରଖୁଛି।

## ଯୁବ ପ୍ରତିଭା

# ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ହେବାର ଲକ୍ଷ୍ୟ

ମାଣବସା ଗୁରୁବାର ଆସିଲେ ଯେବେ ମା' ଘରେ ଏବଂ ଦୁଆରେ ଝୋଟି ଆଙ୍କୁଥିଲେ, ସେ ତାକୁ ଖୁବ୍ ଆଗ୍ରହରେ ଚାହିଁ ରହୁଥିଲେ। ନିଜେ ବି ଝୋଟି ଆଙ୍କିବାକୁ ଅଳି କରି ବସୁଥିଲେ। ଆଉ ତାଙ୍କ କୁନି କୁନି ହାତରେ ଆଙ୍କି ଦେଉଥିଲେ ଖୁବ୍ ସୁନ୍ଦର ଝୋଟି; ଯାହାକୁ ଦେଖି ଘରଲୋକଙ୍କଠାରୁ ପଡ଼ୋଶୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ମିଳୁଥିଲା ଭୂରି ଭୂରି ପ୍ରଶଂସା। ଧୀରେ ଧୀରେ ବୟସ ବଢ଼ିବା ସହ ସେ ଏ ଦିଗରେ ନିଜ ହାତ ସଳଖି ପାଲଟିଲେ ଓଡ଼ିଶାର ଜଣେ ସଫଳ ଉଦୀୟମାନ ଯୁବଶିଳ୍ପୀ। ସେ ହେଉଛନ୍ତି ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ମାଆ ଇଲାରାଣୀ ଏବଂ ବାପା ଅଶୋକ କୁମାର ବିଶ୍ୱାଳଙ୍କ ପୁଅ ଶୁଭମୟ। ପିଲାବେଳୁ ତାଙ୍କର ଚିତ୍ରାଙ୍କନ ପ୍ରତି ରୁଚି ରହିଥିବାରୁ ମା'ବାପା ତାଙ୍କୁ ଏ ଦିଗରେ ଆଗକୁ ବଢ଼ିବା ଲାଗି ଚିତ୍ରାଙ୍କନ ଶିଖିବା ଲାଗି ଉତ୍ସାହିତ କରିଥିଲେ। ସ୍କୁଲ୍ ପଢ଼ିବା ବେଳେ ସେ ଅଳ୍ପଦିନ ଶିକ୍ଷା ନେବାର ସୁଯୋଗ ପାଇଥିଲେ। ହେଲେ ଗ୍ରାଜୁଏଶନ୍ ପରେ ସେ ଭୁବନେଶ୍ୱର ବି.କେ. ଆର୍ଟ କଲେଜରେ ବ୍ୟାଚେଲର ଇନ୍ ଫାଇନ୍‌ଆର୍ଟ ପଢ଼ା ସମାପ୍ତ କଲେ। ବର୍ତ୍ତମାନ ସେ ଅଏଲ୍ ପେଣ୍ଟିଂ, ଚାର୍କୋଲ


ଶୁଭମୟ ବିଶ୍ୱାଳ

ପେଣ୍ଟିଂ ଭଳି ବିଭିନ୍ନ ଆର୍ଟ ଫର୍ମରେ ସିଦ୍ଧହସ୍ତ। ତାଙ୍କ ହାତର ଯାଦୁଗରୀ ସ୍ପର୍ଶରେ ଯେମିତି ଜୀବନ୍ତ ହୋଇଉଠେ ସବୁ ଚିତ୍ର, ଯାହାକି ପ୍ରଦର୍ଶନୀରେ ପାଲଟେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରସିଦ୍ଧ ଚିତ୍ରକର ଏମ୍‌ଏଫ୍ ହୁସେନଙ୍କୁ ନିଜର ଆଦର୍ଶ ମାନୁଥିବା ଶୁଭମୟ ଅନେକ ସମୟରେ ଇଣ୍ଟରନେଟ୍‌ରୁ ତାଙ୍କ ଚିତ୍ରକଳା ଦେଖି ସେହିପରି ଆଙ୍କିବାର ପ୍ରୟାସ ମଧ୍ୟ କରନ୍ତି। ଏହା ତାଙ୍କ ସୃଜନଶୀଳତାକୁ ଆହୁରି ବୃଦ୍ଧି କରିଥାଏ ବୋଲି ସେ ପ୍ରକାଶ କରନ୍ତି। ବର୍ତ୍ତମାନ ସୁଦ୍ଧା ସେ ୨୦୧୮ରେ ମୋକ୍ଷମ୍ ନ୍ୟାଶନାଲ ଆର୍ଟ ଏକ୍ସଲେନ୍ସି ଆୱାର୍ଡ ପାଇବା ସହିତ ଇ-ଟିଭି ଦ୍ୱାରା ଆୟୋଜିତ ଜଗନ୍ନାଥ ଆନୁଆଲ୍ ଆର୍ଟ ପ୍ରଦର୍ଶନୀ, ଟାଟା ଷ୍ଟିଲ୍ ନ୍ୟାଶନାଲ୍ ଆର୍ଟ କ୍ୟାମ୍ପ, ଧଉଳି ଚିତ୍ରକଳା ମହୋତ୍ସବରେ ଆୟୋଜିତ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ, ଲିଭିଂ କଲର ଏକ୍ସପ୍ରୋଜେକ୍ସନ, ଓଡ଼ିଶା ଲଳିତ କଳା ଏକାଡେମୀ କ୍ୟାମ୍ପ ଏବଂ ନ୍ୟାଶନାଲ୍ ଆର୍ଟ କ୍ୟାମ୍ପ, ତୂଳୀରେ ଜଗନ୍ନାଥ ଆଦିରେ ନିଜର ନିଖୁଣ ଚିତ୍ରକଳା ପ୍ରଦର୍ଶନ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି।

ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରିବା ଲକ୍ଷ୍ୟରେ ସେ ନାରୀ ସଶକ୍ତୀକରଣ ଥିମ୍ ରଖି ଅନେକ ପେଣ୍ଟିଂ କରି ଗତବର୍ଷ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଏକ ୪ଦିନିଆ ଏକକ ପ୍ରଦର୍ଶନୀ ଆୟୋଜନ କରିଥିଲେ, ଯାହାକି ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହା ପୂର୍ବରୁ ମଧ୍ୟ ସେ ଭିନ୍ନ ଭିନ୍ନ ଥିମ୍ ନେଇ ଦୁଇ ଥର ସୋଲୋ ବା ଏକକ ଚିତ୍ରକଳା ପ୍ରଦର୍ଶନୀ ଏବଂ ବହୁବାର ଗ୍ରୁପ୍ ଚିତ୍ରକଳା ପ୍ରଦର୍ଶନୀ କରିସାରିଛନ୍ତି।

ସେ କୁହନ୍ତି, "ଯେକୌଣସି ବିଷୟବସ୍ତୁ ଉପରେ ଚିତ୍ର ଆଙ୍କିବା ଶିଳ୍ପୀ ମନର ଏକ ସୃଜନାତ୍ମକ ସ୍ରୋତ। ଏଣୁ ଶିଳ୍ପୀମାନଙ୍କୁ ଯଦି କୌଣସି ବିଷୟବସ୍ତୁ ସାମୂହିକ ସ୍ତରରେ ଆନ୍ଦୋଳିତ କରେ, ସେ ତାକୁ କାନ୍‌ଭାସରେ ପରିପ୍ରକାଶ କରିଯାଇଥାଏ। ଏହାକୁ ଇଂଲିଶ୍‌ରେ ସିରିଜ୍ କୁହାଯାଏ। ସେମିତି ମୋ ମନକୁ ବାସ୍ତୁ କିଛି ସମୟ ପାଇଁ ଆନ୍ଦୋଳିତ କରିଥିଲା ଏବଂ ଏହାକୁ ନେଇ କାନ୍‌ଭାସରେ ବିଭିନ୍ନ ପେଣ୍ଟିଂ କରିଛି, ଯାହାକୁ ନେଇ ଖୁବ୍‌ଶୀଘ୍ର ଆଉ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରିବାକୁ ଯାଉଛି। ଓଡ଼ିଶାର ଚିତ୍ରପ୍ରେମୀମାନଙ୍କୁ ଏହା ଉତ୍ସାହିତ କରିବ ବୋଲି ଆଶା ରହିଛି।" ପେଣ୍ଟିଂ ବ୍ୟତୀତ ଗଳ୍ପ, କବିତା ଲେଖିବାରେ ମଧ୍ୟ ସେ ବିଶେଷ ରୁଚି ରଖନ୍ତି। ତାଙ୍କର କେତେକ ଲେଖା ଷ୍ଟେଟ୍ ମାଗାଜିନ ସମେତ ଅନେକ ଖବରକାଗଜରେ ପ୍ରକାଶ ପାଇଛି। ତେବେ ନିଜ ସଫଳତା ପଛରେ ମାତାପିତାଙ୍କ ପ୍ରେରଣା ଏବଂ ପ୍ରୋତ୍ସାହନ ରହିଛି ବୋଲି କହୁଥିବା ଶୁଭମୟ ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ହେବାର ଲକ୍ଷ୍ୟ ରଖିଛନ୍ତି।



# ଡକ୍‌ୱର୍ଥ ଲୁଇସ୍‌ରେ ଜିତିଲା ପଞ୍ଜାବ କିଙ୍ଗ୍ସ



**ମୋହାଲି, ୧।୪**

ଆଇପିଏଲ୍‌ର ୧୬ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇଛି ପଞ୍ଜାବ କିଙ୍ଗ୍ସ। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଅର୍ଶଦୀପ ସିଂଙ୍କ ଘାତକ ବୋଲିଂ ବଳରେ ଦଳ କୋଲକାତା ନାଇଟ୍ ରାଇଡର୍ସ(କେକେଆର୍)କୁ ୭ ରନରେ ହରାଇ ବିଜୟ ସହିତ ସିଜନ ଆରମ୍ଭ କରିଛି ପଞ୍ଜାବ କିଙ୍ଗ୍ସ। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୦ ଓଭରରେ ୫ ଉଇକେଟ ହରାଇ ୧୯୧ ରନ୍ କରିଥିବା ବେଳେ କେକେଆର୍ ୧୬ ଓଭରରେ ୭ ଉଇକେଟରେ ୧୪୬ ରନ୍ କରିଥିବା ବେଳେ ବର୍ଷା ହୋଇଥିଲା। ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ କେକେଆର୍ ୭ ରନ୍ ପଛରେ ରହିଯାଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଭାନୁକା ରାଜପାକ୍‌ସେ ୫୦ ରନ୍‌ର ଇନିଂସ ଖେଳିଥିବା ବେଳେ ଶିଖର ଧାୱନ ୪୦ ଓ ସାମ୍ କୁରାନ୍ ୨୬ ରନ୍ କରିଥିଲେ। ଓପନିଂ ଯୋଡିରେ ଧାୱନ୍ ଓ ପ୍ରଭସିମ୍‌ରନ ସିଂ(୨୩) ଯୋଡିଥିଲେ ୨୩ ରନ୍। ପ୍ରଭସମରନ୍ ୧୨ ବଲ୍‌ରୁ ୨ଟି ଲେଖାଏ ଛକା ଓ ଚୌକା ସହିତ ୨୩ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଭାନୁକା ରାଜପାକ୍‌ସେ(୫୦) ଓ ଶିଖର ଧାୱନ(୪୦) ଦ୍ୱିତୀୟ ଉଇକେଟରେ ଯୋଡିଥିଲେ ୮୬ ରନ୍। ଦ୍ରୁତ ବ୍ୟାଟିଂ କରିଥିବା ଭାନୁକା ୩୨ ବଲରେ ୫ ଚୌକା ଓ ୨ ଛକା ମାରିଥିଲେ। ଉଇକେଟ କିପର ଜିତେଶ ଶର୍ମା ୨୧ ମଧ୍ୟ ଭଲ ଆରମ୍ଭ କରିଥିଲେ। ୧୦ ଓଭରରେ ୧୦୦ ରନ୍ ପୂରଣ କରିଥିବା ପଞ୍ଜାବ କିଙ୍ଗ୍ସ ୨୦୦ ରନ୍ ଆଡକୁ ଅଗ୍ରସର ହେଉଥିଲା। ମାତ୍ର ୬ ବଲ୍ ବ୍ୟବଧାନରେ ଧାୱନ ଓ ଜିତେଶ ଶର୍ମା ଆଉଟ ହେବାରୁ ରନ୍‌ଗତି ଧୀମେଇ ଯାଇଥିଲା। ତେବେ ଶେଷ ଆଡକୁ ସିକନ୍ଦର ରାଜା ୧୬, ସାମ୍ କୁରାନ୍ ୨୬* ଓ ଶାହରୁଖ୍ ଖାନ୍ ୧୧* ଉପଯୋଗୀ ବ୍ୟାଟିଂ କରି ଦଳୀୟ ସ୍କୋର ୧୯୧ରେ ପହଞ୍ଚାଇ ଥିଲେ। କେକେଆର ପକ୍ଷରୁ ଟିମ୍ ସାଉଦି ସର୍ବାଧିକ ଦୁଇ ଉଇକେଟ, ଉମେଶ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ଭେଙ୍କଟେଶ ଆୟର ଓ ପଞ୍ଜାବ ଭାନୁକା ରାଜପାକ୍‌ସେଙ୍କ ସ୍ଥାନରେ ରିଷି ଧାୱନଙ୍କୁ ଇମ୍ପାକ୍ଟ ପ୍ଲେୟର ଘୋଷଣା କରାଯାଇଥିଲା। ୧୯୨ ରନ୍ ଲକ୍ଷ୍ୟର ପିଛା କରୁଥିବା କେକେଆରକୁ ମ୍ୟାଚର ଦ୍ୱିତୀୟ ଓଭରରେ ଡବଲ୍ ଝଟକା ଦେଇଥିଲେ ଅର୍ଶଦୀପ ସିଂ। ମନ୍‌ଦୀପ ସିଂ(୨) ଓ ଅନୁକୂଳ ରୟ(୪)ଙ୍କୁ ସେ ଆଉଟ୍ କରିଥିଲେ। ୨୯ ରନ୍‌ରେ ଦଳ ୩ ଉଇକେଟ ହରାଇଥିବା ବେଳେ ଇମ୍ପାକ୍ଟ ପ୍ଲେୟର ଭାବରେ ଆସିଥିଲେ ଭେଙ୍କଟେଶ ଆୟର। ସେ ଚତୁର୍ଥ ଉଇକେଟରେ ନୀତିଶ ରାଣା(୨୪)ଙ୍କ ସହ ୪୬ ରନ୍ ଯୋଡିଥିଲେ। ୮୦ ରନ୍‌ରେ ୫ ଉଇକେଟ ହରାଇଥିବା ବେଳେ ଭେଙ୍କଟେଶ ୩୪ ଓ ଆନ୍ଦ୍ରେ ରସେଲ୍ ୩୫ ଷଷ୍ଠ ଉଇକେଟରେ ୨୮ ବଲ୍‌ରେ ୫୦ ରନ୍ ଯୋଡିଥିଲେ। ୧୫ ତମ ଓଭରରେ ରସେଲ୍ ଓ ୧୬ ତମ ଓଭରରେ ଆୟର ଆଉଟ ହେବା ସହିତ କେକେଆରର ପରାଜୟ ନିଶ୍ଚିତ ହୋଇ ଯାଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୧୯ ରନ୍‌ରେ ୩ ଉଇକେଟ ନେଇଥିବା ବେଳେ ସାମ୍ କୁରାନ, ନାଥାନ ଏଲିସ୍, ସିକନ୍ଦର ରାଜା ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଅର୍ଶଦୀପ ସିଂ

**ସଂକ୍ଷିପ୍ତ ସ୍କୋର**

**ପଞ୍ଜାବ କିଙ୍ଗ୍ସ** ୨୦ ଓଭରରେ ୧୯୧/୫(ଭାନୁକା ରାଜପାକ୍‌ସେ ୫୦, ଶିଖର ଧାୱନ-୪୦, ସାମ୍ କୁରାନ୍-୨୬*, ଟିମ୍ ସାଉଦି-୨/୫୪, ବରୁଣ ଚକ୍ରବର୍ତ୍ତୀ-୧/୨୬, ଉମେଶ ଯାଦବ-୧/୨୭)।

**କୋଲକାତା ନାଇଟ୍ ରାଇଡର୍ସ** ୧୬ ଓଭରରେ ୧୪୬/୭ (ଆନ୍ଦ୍ରେ ରସେଲ୍-୩୫,ଭେଙ୍କଟେଶ୍ ଆୟର-୩୪, ନୀତିଶ ରାଣା-୨୪, ଅର୍ଶଦୀପ ସିଂ-୩/୧୯, ରାହୁଲ ଚହର-୧/୧୨, ସିକନ୍ଦର ରାଜା-୧/୨୫)।



ଭାନୁକା ରାଜପାକ୍‌ସେ

# ମୁମ୍ବାଇ ବିପକ୍ଷରେ ଆରସିବି ଫେଭରିଟ୍

**ବେଙ୍ଗାଲୁରୁ, ୧।୪(ପି.ଟି)**

ଆଇପିଏଲ୍‌ର ୧୬ତମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)। ୫ ଥର ଚାମ୍ପିୟନ୍ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏହି ମ୍ୟାଚ୍‌ରେ ଆରସିବି ଫେଭରିଟ୍ ରହିଛି। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ଶେଷ ୫ ମ୍ୟାଚରେ ଆରସିବି ୩ ଥର ବିଜୟୀ ହୋଇଥିବା ବେଳେ ୩ ବର୍ଷ ପରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବ। ତେବେ ଆହତ ହୋଇଥିବା କାରଣରୁ ପ୍ରମୁଖ ଖେଳାଳି ରଜତ ପଟିଦାର ଓ ଜୋଶ ହେଜେଲଉଡ୍‌ଙ୍କ ଅଭାବ ଅନୁଭବ କରିବ ଆର୍‌ସିବି। ଏହା ସହିତ ଗ୍ଲେନ୍ ମ୍ୟାକ୍ସୱେଲ ରବିବାରର ମ୍ୟାଚ୍‌ରେ ଖେଳିବା ନେଇ ମଧ୍ୟ ଆଶଙ୍କା ଲାଗି ରହିଛି। ଅନ୍ୟପକ୍ଷରେ ସ୍ପିନର ୱାନିନ୍ଦୁ ହସରଙ୍ଗା ନ୍ୟୁଜିଲାଣ୍ଡରେ ଜାତୀୟ ଦଳ ପାଇଁ ଖେଳୁଥିବାରୁ ପ୍ରଥମ ଦୁଇ ମ୍ୟାଚ୍ ପାଇଁ ଉପଲବ୍ଧ ହୋଇନାହିଁ। ଟପ୍ ଅର୍ଡରରେ ଅଧିନାୟକ ଫାଫ୍ ଡୁ ପ୍ଲେସି ଓ ବିରାଟ କୋହଲିଙ୍କ ଉପରେ ଅଧିକ ଚାପ ରହିବ। ଉଭୟ ଖେଳାଳି ଓପନ୍ କରିବେ। ତେବେ ମଧ୍ୟକ୍ରମରେ ମାଇକେଲ ବ୍ରେସ୍‌ୱେଲ, ମହିପାଲ ଲୋମରର, ସୁୟଶ ପ୍ରଭୁଦେଶାଇ ଓ ନିମ୍ନକ୍ରମରେ ଦୀନେଶ କାର୍ତ୍ତିକଙ୍କ ଉପସ୍ଥିତି ଦଳକୁ ବେଶ ଶକ୍ତିଶାଳୀ କରୁଛି। ମହମ୍ମଦ ସିରାଜ ଓ ହର୍ଷଲ ପଟେଲ ଦଳର ଷ୍ଟ୍ରାଇକ୍ ବୋଲର ରହିବେ। ହସରଙ୍ଗାଙ୍କ ଅନୁପସ୍ଥିତିରେ ଶାହବାଜ ଅହମଦ ଓ ବ୍ରେସୱେଲ ସ୍ପିନ୍ ବିଭାଗ ସମ୍ଭାଳିବେ। ଗତ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବଲର ସବୁଠୁ ତଳେ ରହିଥିଲା। ତେବେ ଚଳିତ ବର୍ଷର ସିଜନ ଓପନରରେ ମୁମ୍ବାଇ ଭଲ ପ୍ରଦର୍ଶନ ସହିତ ଆରମ୍ଭ କରିବାକୁ ଚାହିଁବ। ଷ୍ଟ୍ରାଇକ୍ ବୋଲର ଜସପ୍ରୀତ୍ ବୁମ୍‌ରା ଆହତ ହୋଇ ବାଦ ପଡିଥିବା ବେଳେ ଚଳିତ ସିଜନରେ ଜୋଫ୍ରା ଆର୍ଚର ଓ କାମେରୁନ୍ ଗ୍ରୀନ୍‌ଙ୍କ ପରି ଖେଳାଳି ଦଳରେ ସାମିଲ ହୋଇଛନ୍ତି। ଉଭୟ ନିଜ ଅଲରାଉଣ୍ଡ ଦକ୍ଷତା ପାଇଁ ପ୍ରସିଦ୍ଧ। ବ୍ୟାଟିଂରେ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବଙ୍କ ପରି ଅନୁଭବୀ ଖେଳାଳି ଟପ୍ ଅର୍ଡରରେ ଥିବା ବେଳେ ମିଡିଲ ଅର୍ଡରରେ ତିଳକ ବର୍ମା, ଡେୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ୍ ଷ୍ଟବ୍ସ ଓ ଟିମ୍ ଡେଭିଡ୍‌ଙ୍କ ପରି ଖେଳାଳି ରହିଛନ୍ତି। ଇଶାନ କିଶନ ଦଳର ଅନ୍ୟତମ ଓପନର ରହିଥିବା ବେଳେ ସେ ଉଇକେଟ୍ କିପିଂ ଭାର ସମ୍ଭାଳିବେ। ଜସପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଜୋଫ୍ରା ଆର୍ଚର ଓ ଜାସନ୍ ବେହେଣ୍ଡ୍ରଫ୍‌ଙ୍କ ଉପରେ ପେସ୍ ବୋଲିଂ ଭାର ରହିବ। ପୂର୍ବତନ ଭାରତୀୟ ସ୍ପିନର ପୀୟୁଷ ଚାୱଲା ଓ କୁମାର କାର୍ତ୍ତିକେୟଙ୍କ ଉପରେ ସ୍ପିନ୍ ବୋଲିଂ ଭାର ରହିବ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ଫାଫ୍ ଡୁ ପ୍ଲେସି(ଅଧିନାୟକ), ବିରାଟ କୋହଲି, ମହମ୍ମଦ ସିରାଜ, ହର୍ଷଲ ପଟେଲ, ଦୀନେଶ କାର୍ତ୍ତିକ୍, ଶାହବାଜ ଅହମଦ୍, ଅନୁଜ ରାୱତ, ଆକାଶ ଦୀପ୍, ମହିପାଲ ଲୋମରୋର, ଫିନ୍ ଆଲେନ୍, ସୁୟସ ପ୍ରଭୁଦେଶାଇ, କର୍ନ ଶର୍ମା,ସିଦ୍ଧାର୍ଥ କୌଲ୍, ଡେଭିଡ୍ ୱିଲି, ରିସ ଟପ୍‌ଲେ, ହିମାଂଶୁ ଶର୍ମା, ମନୋଜ ଭଣ୍ଡାଗେ, ରାଜନଖ କୁମାର, ଅବିନାଶ ସିଂ, ସୋନୁ ଯାଦବ, ମାଇକେଲ ବ୍ରେସୱେଲ।

**ମୁମ୍ବାଇ ଇଣ୍ଡିଆନ୍ସ:** ରୋହିତ ଶର୍ମା(ଅଧିନାୟକ), ସୂର୍ଯ୍ୟକୁମାର ଯାଦବ, ଟିମ୍ ଡେଭିଡ୍, ଡେୱାଲ୍ଡ ବ୍ରେଭିସ୍, ତିଲକ ବର୍ମା, ଇଶାନ କିଶନ୍, ଟ୍ରିଷ୍ଟାନ ଷ୍ଟବ୍ସ, ବିଷ୍ଣୁ ବିନୋଦ, କାମେରୁନ୍ ଗ୍ରୀନ୍, ଅର୍ଜୁନ୍ ତେନ୍ଦୁଲକର, ରମଣଦୀପ୍ ସିଂ, ସାମ୍ସ ମୁଲାନୀ, ନେହାଲ ୱଧେରା, ହ୍ରିଥିକ୍ ଶୋକିନ୍, ଅର୍ଶଦ୍ ଖାନ୍, ଡୁଆନ୍ ଜାନ୍‌ସେନ୍, ପୀୟୁଷ ଚାୱଲା, କୁମାର କାର୍ତ୍ତିକେୟ, ରାଘବ ଗୋୟଲ, ଜୋଫ୍ରା ଆର୍ଚର, ଜାସନ ବେହେଣ୍ଡ୍ରଫ୍, ଆକାଶ ମଧୱାଲ।

# ‘ଋତୁରାଜଙ୍କ ଫର୍ମ ଭାରତ ପାଇଁ ଶୁଭଙ୍କର’

**ଅହମଦାବାଦ, ୧।୪(ପି.ଟି.)**

ଆଇପିଏଲ୍‌ର ୧୬ତମ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ଓପନର ଋତୁରାଜ ଗାଏକ୍ୱାଡଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟା। ଋତୁରାଜଙ୍କ ଏଭଳି ଫର୍ମ ଭାରତୀୟ କ୍ରିକେଟ ପାଇଁ ଶୁଭଙ୍କର। ଯଦି ଋତୁରାଜ ସମାନ ଫର୍ମ ବଜାୟ ରଖନ୍ତି ସେ ଭାରତୀୟ ଦଳ ପାଇଁ ଚମତ୍କାର କରିବାରେ ସମର୍ଥ ହେବେ ବୋଲି କହିଛନ୍ତି ହାର୍ଦ୍ଦିକ୍। ସିଏସ୍‌କେ ପରାଜିତ ହୋଇଥିଲେ ହେଁ ଗାଏକ୍ୱାଡ ଚମତ୍କାର ବ୍ୟାଟିଂ କରି ୯୨ ରନ୍‌ର ଇନିଂସ ଖେଳିଥିଲେ। ୫୦ ବଲ୍‌ର ଇନିଂସରେ ସେ ୪ ଚୌକା ଓ ୯ ଛକା ମାରିଥିଲେ। ଏହି ଇନିଂସରେ ସେ କିଛି ଚମତ୍କାର ଶଟ୍ ଖେଳିଥିଲେ। ଯଦି ସେ ଆଗାମୀ ଦିନରେ ସମାନ ଫର୍ମ ବଜାୟ ରଖିଲେ ଏହା ଭାରତୀୟ ଦଳକୁ ଚମତ୍କାର ଫଳାଫଳ ପ୍ରଦାନ କରିବ। ୨୬ ବର୍ଷୀୟ ଗାଏକ୍ୱାଡ ଭାରତ ପାଇଁ ୯ ଟି୨୦ ଓ ଗୋଟିଏ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଋତୁରାଜ ଜଣେ ଅଲରାଉଣ୍ଡ କ୍ରିକେଟର। ଖରାପ ବଲ୍‌ରେ ସେ ସ୍କୋର କରୁଥିବା ବେଳେ ଭଲ ବଲ୍‌ରେ ମଧ୍ୟ ସ୍କୋର କରୁଥିଲେ। ବୋଲିଂ ୟୁନିଟର ଅଧିନାୟକ ଭାବରେ ତାଙ୍କ ପାଇଁ ଫିଲ୍ଡ ସେଟ୍ କରିବା ସବୁଠୁ କଷ୍ଟକର କାମ ରହିଥିଲା ବୋଲି ମଧ୍ୟ ହାର୍ଦ୍ଦିକ କହିଛନ୍ତି। ଶେଷ କିଛି ଓଭରରେ ରାହୁଲ ଟେୱଟିଆ ଓ ରଶିଦ୍ ଖାନ୍ ଯେଉଁଭଳି ଧୈର୍ଯ୍ୟର ସହିତ ବ୍ୟାଟିଂ କଲେ ତାହା ପ୍ରଶଂସନୀୟ। ଶେଷ ୫ ଓଭରରୁ ୪୦ ରନ୍ ଆବଶ୍ୟକ ଥିବାବେଳେ ମୁଁ ଓ ଶୁବମାନ ଆଉଟ ହେବା ଦଳ ଉପରେ ଚାପ ପକାଇଥିଲା। ମ୍ୟାଚ୍ ଶେଷ ଓଭର ଯାଏ ଯାଇଥିବା ବେଳେ ଏଥିରୁ ଆମକୁ ଅନେକ ଜିନିଷ ଶିଖିବାକୁ ମିଳିଥିଲା ବୋଲି କହିଛନ୍ତି ହାର୍ଦ୍ଦିକ୍। ସେ ଗୁଜରାଟର ବୋଲିଂ ୟୁନିଟ୍‌କୁ ବେଶ୍ ପ୍ରଶଂସା କରିଥିଲେ। ଏକଦା ସିଏସ୍‌କେ ୨୨୦-୨୩୦ ରନ୍ କରିବା ସ୍ଥିତିରେ ଥିଲା। ବୋଲରମାନେ ଚମତ୍କାର ପ୍ରଦର୍ଶନ କରିବା ସହିତ ତାଙ୍କୁ ୧୭୧ରେ ସୀମିତ ରଖିଥିଲେ। ଅଧିନାୟକ ଭାବରେ ଏପରି ଦକ୍ଷ ବୋଲିଂ ୟୁନିଟ୍‌କୁ ପରିଚାଳନା କରିବା ବେଶ୍ ସହଜ ବୋଲି ସେ ମତ ଦେଇଥିଲେ।




## ଫ୍ଲଡ୍‌ଲାଇଟ୍ ପାଇଁ ୩୦ ମିନିଟ୍ ଖେଳ ବନ୍ଦ

**ମୋହାଲି, ୧।୪(ପି.ଟି.):** ଫ୍ଲଡ୍ ଲାଇଟ୍‌ରେ ତ୍ରୁଟି କାରଣରୁ ମୋହଲିର ଆଇଏସ ବିନ୍ଦ୍ରା ଷ୍ଟାଡିୟମରେ ମ୍ୟାଚ୍ ୩୦ ମିନିଟ ବାଧାପ୍ରାପ୍ତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୧୯୧ ରନ୍ ସଂଗ୍ରହ କରିଥିବା ବେଳେ କୋଲକାତା ଇନିଂସ ଆରମ୍ଭ ହେବା ପୂର୍ବରୁ ଫ୍ଲଡ୍ ଲାଇଟରେ ତ୍ରୁଟି ଦେଖା ଦେଇଥିଲା। ଏହି ଷ୍ଟାଡିୟମରେ ପ୍ରାୟ ୬ଟି ଫ୍ଲଡ୍ ଲାଇଟ୍ ରହିଥିବା ବେଳେ କିଛି ଫ୍ଲଡ ଲାଇଟରେ ବଲ୍ବ ଜଳି ନଥିଲା। ଉଭୟ ଦଳର ଖେଳାଳି ଆଉଥରେ ଡ୍ରେସିଂରୁମ୍‌କୁ ଫେରିଥିବା ବେଳେ ପ୍ରାୟ ୩୦ ମିନିଟ ପରେ ପଡିଆକୁ ଫେରିଥିଲେ। ଫ୍ଲଡ୍ ଲାଇଟ୍ ବନ୍ଦ ହେବାର କାରଣ ଜଣା ପଡି ନାହିଁ। ତେବେ ଏପରି ପରିସ୍ଥିତି ପ୍ରସାରଣକାରୀ ସଂସ୍ଥା ପାଇଁ ସମସ୍ୟା ସୃଷ୍ଟି କରିବ। ସନ୍ଧ୍ୟା ୭.୩୦ ରେ ଦ୍ୱିତୀୟ ମ୍ୟାଚ୍ ପ୍ରସାରିତ ହେବ।

# ଆଇପିଏଲ୍‌ରୁ ବାଦ୍ ପଡ଼ିପାରନ୍ତି ୱିଲିୟମସନ

**ଅହମଦାବାଦ, ୧।୪(ପି.ଟି.)**

ଆଇପିଏଲ୍‌ର ୧୬ତମ ସଂସ୍କରଣରୁ ବାଦ୍ ପଡିପାରନ୍ତି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ। ଚେନ୍ନାଇ ସୁପର କିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ କ୍ଷେତ୍ରରକ୍ଷଣ ସମୟରେ ତାଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଥିଲା। ଟାଇଟନ୍ସ ପାଇଁ ପଦାର୍ପଣ ମ୍ୟାଚ୍ ଖେଳୁଥିବା କେନ୍ ୱିଲିୟମସନ୍ ବାଉଣ୍ଡରିରେ ଫିଲ୍ଡିଂ କରୁଥିବା ସମୟରେ ଏକ ଛକାକୁ ଅଟକାଇ ଥିଲେ। ୩୨ ବର୍ଷୀୟ ୱିଲିୟମସନ ଚମତ୍କାର ପ୍ରୟାସ କରି ଛକା ରୋକିଥିଲେ ମଧ୍ୟ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ପଡିବା ସମୟରେ ଆଣ୍ଠୁରେ ଆଘାତ ଲାଗିଥିବା ବେଳେ ପଡିଆରେ ଫିଜିଓ ତୁରନ୍ତ ଚିକିତ୍ସା କରିଥିଲେ। ୱିଲିୟମସନ ଆଉ ପଡିଆକୁ ଫେରି ନ ଥିବା ବେଳେ ଆଘାତ ସମସ୍ୟା ମଧ୍ୟ ବେଶ୍ ଗମ୍ଭୀର ମନେହେଉଛି। ସ୍କାନ ପରେ ଆଘାତର ଗମ୍ଭୀରତା ଓ ୱିଲିୟମସନଙ୍କ ଅଂଶଗ୍ରହଣ ସ୍ପଷ୍ଟ ହେବ। ତେବେ ଆଇପିଏଲ୍ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଏହା ଏକ ଏସିଏଲ୍ (ଆଣ୍ଟେରିଅର କ୍ରୁସିଏଟ୍ ଲିଗାମେଣ୍ଟ) ଟିଅର। ଏହାର ସର୍ଜରୀ ହେଲେ ସେ ଅନିର୍ଦ୍ଦିଷ୍ଟ ସମୟ ପାଇଁ କ୍ରିକେଟରୁ ଦୂରେଇ ରହିବେ। ଏପରି ହେଲେ ସେ ଆଇପିଏଲ୍‌ରୁ ମଧ୍ୟ ବାଦ୍ ପଡିପାରନ୍ତି। ଅନ୍ୟପକ୍ଷରେ ଗୁଜରାଟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ସମାନ ମତ ଦେଇଛନ୍ତି। ଆଣ୍ଠୁରେ ଆଘାତ ଲାଗିଥିବା ନେଇ ପାଣ୍ଡ୍ୟା ସ୍ପଷ୍ଟ କରିଥିବା ବେଳେ ସ୍କାନ ରିପୋର୍ଟ ଆସିଲେ ହିଁ ଏହାର ଗମ୍ଭୀରତା ଜଣାପଡିବ ବୋଲି କହିଥିଲେ। ଏହା ସହିତ ନ୍ୟୁଜିଲାଣ୍ଡ ଜାତୀୟ ଦଳର କୋଚ୍ ଗ୍ୟାରୀ ଷ୍ଟିଡ୍ ମଧ୍ୟ ଚିନ୍ତାବ୍ୟକ୍ତ କରିଛନ୍ତି। ଏକ ସାକ୍ଷାତକାରରେ ୱିଲିୟମସନଙ୍କ ଆଘାତ ସମସ୍ୟାକୁ ନେଇ ଷ୍ଟିଡ ନିରାଶା ବ୍ୟକ୍ତ କରିଛନ୍ତି। ୱିଲିୟମସନ ବର୍ତ୍ତମାନ ସୀମିତ ଓଭର ଦଳର ଅଧିନାୟକ ରହିଛନ୍ତି। ଦିନିକିଆ ବିଶ୍ୱକପକୁ ଆଉ କିଛି ମାସ ବାକି ଥିବା ବେଳେ ଏପରି ଆଘାତ ସମସ୍ୟା ଦଳ ପାଇଁ କ୍ଷତିକାରକ ବୋଲି କହିଛନ୍ତି ଷ୍ଟିଡ୍। ଯଦି ୱିଲିୟମସନ ବାଦ୍ ପଡନ୍ତି ତେବେ ଷ୍ଟିଭ୍ ସ୍ମିଥ୍ କିମ୍ବା ଦାସୁନ୍ ସନକାଙ୍କ ମଧ୍ୟରୁ ଜଣଙ୍କୁ ବିକଳ୍ପ ଖେଳାଳି ଭାବରେ ସାମିଲ କରିପାରେ ଗୁଜରାଟ ଟାଇଟନ୍ସ।

# ମୁମ୍ବାଇ ଓପନର ପାଇଁ ରୋହିତ, ଆର୍ଚର ଫିଟ୍

**ବେଙ୍ଗାଲୁରୁ, ୧।୪ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଓପନିଂ ମ୍ୟାଚ ରବିବାର ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳିବ। ଏଥିରେ ଖେଳିବାପାଇଁ ଉଭୟ ଅଧିନାୟକ ରୋହିତ ଶର୍ମା ଏବଂ ପେସ୍ ବୋଲର ଜୋଫ୍ରା ଆର୍ଚର ଫିଟ୍ ଥିବା ଦଳର ମୁଖ୍ୟ କୋଚ୍ ମାର୍କ ବାଉଚର ପ୍ରକାଶ କରିଛନ୍ତି। ଅହମଦାବାଦରେ ଅଧିନାୟକମାନଙ୍କ ଫଟୋ ଶୁଟ୍ ବେଳେ ଅନୁପସ୍ଥିତ ରହିଥିବାରୁ ରୋହିତ ଦଳର ଓପନିଂ ମ୍ୟାଚ ପାଇଁ ଉପଲବ୍ଧ ହୋଇ ନ ପାରନ୍ତି ବୋଲି ଶୁଣିବାକୁ ମିଳିଥିଲା। ମାତ୍ର ବାଉଚର ସମସ୍ତ ପ୍ରକାର ଗୁଜବର ପରିସମାପ୍ତି ଘଟାଇଛନ୍ତି। ରୋହିତ ଫିଟ୍ ଅଛନ୍ତି। ଗତ ଦୁଇ ଦିନ ସେ ଟ୍ରେନିଂ ନେଇଛନ୍ତି। ଖେଳିବା ପାଇଁ ସେ ଶତପ୍ରତିଶତ ଫିଟ୍ ଅଛନ୍ତି। ଫଟୋ ଶୁଟ୍ ଦିନ ସକାଳେ ଭଲ ଅନୁଭବ ନ କରିବାରୁ ସେ ଏଥିରେ ସାମିଲ ହୋଇପାରି ନ ଥିଲେ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସେ ଅନୁପସ୍ଥିତ ଥିଲେ। ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଜୋଫ୍ରା ଆର୍ଚର ମୁମ୍ବାଇ ଇଣ୍ଡିଆନ୍ସ ପେସ୍ ଆକ୍ରମଣର ନେତୃତ୍ୱ ନେବେ। ଦୀର୍ଘଦିନ ଇଞ୍ଜୁରି ରହିବା ପରେ ଆର୍ଚର ସେଥିରୁ ମୁକ୍ତି ଲାଭ କରିଛନ୍ତି। ସେ ମଧ୍ୟ ଶତପ୍ରତିଶତ ଫିଟ୍ ଅଛନ୍ତି। ଶନିବାର ସେ ଟ୍ରେନିଂ ସେସନରେ ଭାଗ ନେଇ ନ ଥିଲେ। ଏହା ଏକ ଇଚ୍ଛାଧୀନ ଟ୍ରେନିଂ ସେସନ ଥିଲା। ଗତ ସିଜନରେ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଦଳ ୧୦ମ ସ୍ଥାନରେ ରହିଥିଲା। ସେତେବେଳେ ସେ ଦଳର ଦାୟିତ୍ୱରେ ନ ଥିବାରୁ ପଛକଥାକୁ ମନେ ପକାଇବାକୁ ଚାହୁଁ ନାହାନ୍ତି।

# ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୧।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଲନ୍‌ବଲ୍ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅଲ୍ ଓଡ଼ିଶା ଆନ୍ତଃ ଜିଲା ଲନ୍‌ବଲ୍ ପ୍ରତିଯୋଗିତା ଆରମ୍ଭ ହେବ। ଏହି ପ୍ରତିଯୋଗିତା ୩ ତାରିଖରେ ଶେଷ ହେବ। ଏଥିରେ ୧୭ ଜିଲାରୁ ପାଖାପାଖି ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ୍ସ, ପେୟାର୍ସ, ଟ୍ରିପଲ୍, ଫୋର୍‌ସ ଆଦି ୪ଟି ଇଭେଣ୍ଟରେ ପ୍ରତିଯୋଗିତା ହେଉଛି। ପଦକ ହାସଲକାରୀ ପ୍ରତିଯୋଗୀମାନେ ଆସନ୍ତା ଜାତୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଲନ୍‌ବଲ୍ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଏବଂ ବୋଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ମହାସଚିବ ଲୋକେନ୍ଦ୍ର ସିଂ, କୋଷାଧ୍ୟକ୍ଷ କ୍ରିଷ୍ଣନ ସିଂ ରାଠି, ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ, ଜାତୀୟ ଖେଳାଳି ଶ୍ୱେତଲନା ବକ୍ସି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।




କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଦଳର ପ୍ରତିଯୋଗୀ।

ADVERTORIAL

# କ୍ରିକେଟ୍ ସହିତ ଭାରତର ସଂପୃକ୍ତି

## କ୍ରିକେଟ୍ ଏବଂ ଏହାର ବିକାଶ ସହିତ ଗୋଟିଏ ଦେଶର ପ୍ରେମ କାହାଣୀ।

କ୍ରିକେଟକୁ ନେଇ ଭାରତର ଉତ୍ସାହ ବ୍ରିଟିଶ୍ ଯୁଗରୁ ଆରମ୍ଭ ହୋଇଥିଲା। ସେବେଠାରୁ କ୍ରୀଡ଼ା ପାଇଁ ପାଣ୍ଠି ବହୁଗୁଣିତ ହୋଇଛି ଓ ଲୋକପ୍ରିୟତା ମଧ୍ୟ ବଢ଼ିଛି। ଆଜି କ୍ରିକେଟ୍ ଦୁନିଆର ସର୍ବାଧିକ ପାଞ୍ଚଟି ଦେଖା ଯାଇଥିବା ତଥା ସବୁଠାରୁ ପ୍ରିୟ ଖେଳ ମଧ୍ୟରେ ଅଛି ଏବଂ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଖେଳର ଲୋକପ୍ରିୟତା ବୃଦ୍ଧିରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତରେ ଏହି ଖେଳକୁ ଏକ ସଂସ୍କୃତି ଭାବରେ ମାନ୍ୟତା ଦିଆଯାଏ ଏବଂ ଖେଳାଳିମାନଙ୍କୁ ଭଗବାନଙ୍କ ପରି ପୂଜା କରାଯାଇଥାଏ। ସଚିନ ତେନ୍ଦୁଲକର ଜଣେ କ୍ରିକେଟର ଯିଏ ଦୀର୍ଘ ଦିନରୁ ଅବସର ନେଇଛନ୍ତି। ସେ ସାରା ଦେଶରେ କ୍ରିକେଟ୍ ପ୍ରେମୀଙ୍କ ହୃଦୟରେ ଏକ ସମ୍ମାନର ଅଧିକାରୀ ହୋଇଅଛନ୍ତି। ଭାରତରେ କ୍ରିକେଟ୍ ବୋର୍ଡ଼ ଅଫ୍ କଣ୍ଟ୍ରୋଲ୍ ଅର୍ଥାତ୍ ବିସିସିଆଇ ହେଉଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ତଥା ଧନୀ କ୍ରିକେଟ୍ ବୋର୍ଡ଼, ଯାହାର ମୂଲ୍ୟ 2022 ସୁଦ୍ଧା ଆନୁମାନିକ 2.25 ବିଲିୟନ ଆମେରିକିୟ ଡଲାର ଅଟେ। ଭାରତରେ କ୍ରିକେଟ୍ ପ୍ରତି ପ୍ରେମ ଛୋଟ ଛୋଟ ଗଳି କନ୍ଦିରୁ ଆରମ୍ଭ ବଡ଼ ବଡ଼ କ୍ରିକେଟ୍ ଗ୍ରାଉଣ୍ଡରେ ବହୁ ସଂଖ୍ୟକ ଲୋକଙ୍କ ଦ୍ୱାରା ଉପଭୋଗ କରାଯାଇଥାଏ। ବାସ୍ତବରେ, ସମଗ୍ର ବିଶ୍ୱ କ୍ରିକେଟ୍ ଖେଳ ପରିମାଣର ପ୍ରାୟ 75% ଭାରତରେ ପ୍ରସାରିତ। 2020 ରେ ଯେତେବେଳେ କୋଭିଡ ତରଙ୍ଗ ଦେଶକୁ ପ୍ରଭାବିତ କଲା ଏବଂ ମାନବିକତାକୁ ଅସ୍ଥିର କଲା, ସେତେବେଳେ ଅବଶ୍ୟ କ୍ରୀଡ଼ା ଶିଳ୍ପ ଉପରେ ମଧ୍ୟ ଖରାପ ପ୍ରଭାବ ପଡ଼ିଥିଲା। ସାରା ବିଶ୍ୱ ଯେତେବେଳେ ଏହି ଭୂତାଣୁ ଠାରୁ ମୁକ୍ତ ରହିବା ଲାଗି ପ୍ରୟାସ କଲା ସେତେବେଳେ କ୍ରିକେଟର ସ୍ପୃହାକୁ ଜାଗ୍ରତ କରିବାକୁ କିଛି ସଂସ୍ଥା ଆଗକୁ ଆସିଲେ। ଫେୟାରପ୍ଲେ ଏପରି ଏକ ଡ୍ରାଇଭିଂ ଫୋର୍ସ ଅଟେ ଯାହା କ୍ରିକେଟ୍ ଭ୍ରାତୃତ୍ୱକୁ ଉତ୍ସାହିତ ଏବଂ ପୁନଃନିର୍ମାଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା - ଗୋଟିଏ ଥରରେ ଗୋଟିଏ ଲିଗ୍। ଅନେକ ଲିଗ୍ ଯଥା ଆଇଏଲଟି 20, ଆବୁଧାବି ଟି10 ଲିଗ୍, ସିପିଏଲ୍, ଭାରତରେ ଦ୍ୱିପାକ୍ଷିକ ସିରିଜ୍, 2022 ମସିହାରେ ଏସିଆ କପ୍ ଜିତିବାକୁ ଯାଇଥିବା ଶ୍ରୀଲଙ୍କା ଦଳ ଭଳି ଜାତୀୟ ଦଳକୁ ମଧ୍ୟ ଫେୟାରପ୍ଲେ ନିଜର ସମର୍ଥନ ବୃଦ୍ଧି ପାଇଁ ଉତ୍ସାହ ଦେଇଥିଲା। ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ମଧ୍ୟ ଫେୟାରପ୍ଲେ ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏକ ରାଷ୍ଟ୍ର ଭାବରେ ଭାରତ କ୍ରୀଡ଼ାର ଭାବନା ଦ୍ୱାରା ସମସ୍ତଙ୍କୁ ଏକତ୍ର ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଛି। ସବୁ ପ୍ରତିବନ୍ଧକକୁ ଭାଙ୍ଗି ଏହା କ୍ରିକେଟ୍ ପ୍ରତି ସେମାନଙ୍କର ଅଦମ୍ୟ ପ୍ରେମକୁ ପାଳନ କରିବା ପାଇଁ ଦେଶକୁ ଏକତ୍ର କରିବା ଲାଗି ପ୍ରୟାସ କରି ଆସିଛି। ଏହା ଭାବନା ଆମକୁ ପ୍ରେରିତ କରିଥାଏ। ସବୁଠାରୁ ଲୋକପ୍ରିୟ ଟି-20 କ୍ରିକେଟ୍ ଲିଗ୍ ଅର୍ଥାତ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍ କେବଳ ଦେଶରେ ନୁହେଁ ବରଂ ବିଶ୍ୱରେ ଚହଳ ସୃଷ୍ଟି କରିଛି। ଏହା ସର୍ବାଧିକ ଦେଖା ଯାଉଥିବା କ୍ରିକେଟ୍ ଇଭେଣ୍ଟ ଏବଂ ଲୋକମାନଙ୍କର ବହୁ ପ୍ରତୀକ୍ଷିତ ଖେଳ। ଭାରତରେ କ୍ରିକେଟ ପ୍ରଶଂସକଙ୍କ ପାଇଁ ଏହା ଏକ ଉତ୍ସବ ବା ପର୍ବ ଠାରୁ କମ ନୁହେଁ। ଏହି ଖେଳରେ ଅପୂର୍ବ ରୋମାଞ୍ଚ, ଉତ୍ତେଜନା ଏବଂ ଉତ୍ସାହ ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ, ଆଇପିଏଲ୍ ସମସ୍ତେ ଦେଖିଥାନ୍ତି ଏବଂ ଆଗ୍ରହର ସହିତ ଉପଭୋଗ କରିଥାନ୍ତି। ମଜାଳିଆ ଏବଂ ଦାୟୀତ୍ୱସମ୍ପର୍ଣ ଖେଳର ସମ୍ପୂର୍ଣ ମିଶ୍ରଣ ସହିତ, ଫେୟାରପ୍ଲେ ହେଉଛି ଏହି ଦୁଇ ମାସର ଉତ୍ସବ ଋତୁକୁ ଉପଭୋଗ କରିବା ପାଇଁ ସର୍ବୋତ୍ତମ ପ୍ଲାଟଫର୍ମ! ଫେୟାରପ୍ଲେ କ୍ଲବ୍ ସଦସ୍ୟମାନଙ୍କୁ ଅନେକ ବିକଳ୍ପ ଅପେକ୍ଷା କରିଛି ଯାହା ଫେୟାରପ୍ଲେ ରେ ଆଇପିଏଲ୍ ଉପଭୋଗ କରିବାର କେତେ ଉପାୟ ଅଛି ତାହା ନିଶ୍ଚୟ ଭାବରେ ଆଶ୍ଚର୍ଯ୍ୟ କରିବ। ଲାଇଭଷ୍ଟ୍ରିମିଂ ମ୍ୟାଚ୍ ଦେଖିବା ଠାରୁ ଆରମ୍ଭ କରି ନିଜ ଘରେ ଦଳ ସହିତ ଖେଳିବା ଏବଂ ଜିତିବାର ସୁଯୋଗ ପାଇବା ପର୍ଯ୍ୟନ୍ତ ସମ୍ପୂର୍ଣ ମାଗଣାରେ ଏହାକୁ ଉପଭୋଗ କରାଯାଇପାରିବ।

ସର୍ବଶେଷରେ, ଆପଣଙ୍କ ଘରୋଇ ଦଳର ବିଜୟ ଆପଣଙ୍କ ପାଇଁ ଗୌରବପୂର୍ଣ ହୋଇପାରେ ଯାହାର ବିଜୟ ହେଉଛି ଆପଣଙ୍କର ବିଜୟ।

### ଫେୟାରପ୍ଲେ ବିକାଶର ପରିସଂଖ୍ୟାନ ବିଶ୍ଳେଷଣ

### ଆର୍ଥିକ ବର୍ଷ 19-22 ଠାରୁ ସାରା ଭାରତରେ

| ଶୀର୍ଷ 4ଟି ରାଜ୍ୟ | ବୃଦ୍ଧି % ରେ (2019-2022) |
|---|---|
| ମହାରାଷ୍ଟ୍ର | 94 |
| ତାମିଲନାଡୁ | 79 |
| ଗୁଜରାଟ | 63 |
| ପଶ୍ଚିମବଙ୍ଗ | 57 |

### ଅନଲାଇନ ଗେମିଂ ମାର୍କେଟରେ ଲିଡର୍ସ




"ପ୍ରତିବର୍ଷ ଉଲ୍ଲେଖନୀୟ ବୃଦ୍ଧି ସହିତ ଆମେ ଅନଲାଇନ ଗେମିଂ ବଜାରରେ ବେଞ୍ଚମାର୍କ ପ୍ରତିଷ୍ଠା କରିଛୁ ଏବଂ ୟୁଜରଙ୍କ ଅନୁଭବର ନୂଆ ସ୍ତରକୁ ନେଇଯିବାକୁ ଏବେ ଆମକୁ ବହୁତ କିଛି କରିବାକୁ ବାକି ଅଛି।"

– ଫେୟାରପ୍ଲେର ମୁଖପାତ୍ର

# ଫେୟାରପ୍ଲେ କ୍ରୀଡ଼ା ପ୍ରେମୀଙ୍କ ପାଇଁ ଆକର୍ଷଣୀୟ ପ୍ଲାଟଫର୍ମ

## ଖେଳର ରୋମାଞ୍ଚ ଅନୁଭବ କରନ୍ତୁ ଯାହାକୁ ପୂର୍ବରୁ ପାଇ ନଥିଲେ!

ଫେୟାରପ୍ଲେ ତାର କ୍ରୀଡ଼ାପ୍ରେମୀଙ୍କୁ ଅଧିକୁ ଅଧିକ ବାନ୍ଧି ରଖିବା ପାଇଁ କ୍ରାନ୍ତି ଆଣିଛି। ଆମର ପ୍ଲାଟଫର୍ମ ଏକ ମନ୍ତ୍ରମୁଗ୍ଧ ପ୍ରଦାନ କରିବ ଯାହା ଖେଳ ସହିତ ଇଣ୍ଟରଆକ୍ଟିଭ ଅନୁଭବ ପ୍ରଦାନ କରିବା ସହିତ ଖେଳର ରୋମାଞ୍ଚକୁ ଜୀବନ୍ତ କରିବ।

ଆପଣ ଜଣେ ଦୃଢ଼ କ୍ରିକେଟ୍ ପ୍ରେମୀ ହୁଅନ୍ତୁ ବା ଜଣେ ଦର୍ଶକ ହୁଅନ୍ତୁ ନା କାହିଁକି ଫେୟାରପ୍ଲେ ପ୍ରତ୍ୟେକଙ୍କ ପାଇଁ ମଜା ଆଣିବାର ସୁଯୋଗ ସୃଷ୍ଟି କରିବ ଓ ଏହାର ଲାଇଭଷ୍ଟ୍ରିମ୍, ଗଭୀର ବିଶ୍ଳେଷଣ ତଥା ରିୟଲ୍ ଟାଇମ୍ ଅପଡେଟ୍ ଆପଣଙ୍କୁ ସବୁବେଳେ ସ୍ମରଣୀୟ କରି ରଖିବ।

କିନ୍ତୁ ଫେୟାରପ୍ଲେ ଏକ କ୍ରୀଡ଼ା ପ୍ଲାଟଫର୍ମ ଠାରୁ ଆପଣଙ୍କୁ ଅନେକ କିଛି ଜାଣିବାର ସୁଯୋଗ ଦେବ। ଖେଳ ସମ୍ପର୍କରେ ଆମର ଅଭିନବ ଅନୁମାନ ଏବଂ ଇଣ୍ଟରାକ୍ଟିଭ୍ ଆହ୍ୱାନ ସହିତ ଆପଣ ଏହି ଟେଷ୍ଟ ସମ୍ପର୍କରେ ବହୁତ କିଛି ଅଭିଜ୍ଞତା ଅର୍ଜନ କରିପାରିବେ ଏବଂ ଆକର୍ଷଣୀୟ ପୁରସ୍କାର ପାଇଁ ପ୍ରତିଯୋଗୀତା କରିପାରିବେ।

ଆମର ଉପଯୋଗୀ ଇଣ୍ଟରଫେସ୍ ଓ ଚମତ୍କାରୀ ଡିଜାଇନ୍ ଏହାକୁ ନାଭିଗେଟ୍ କରିବାରେ ସହଜ କରିବ ଏବଂ ସଦ୍ୟତମ କ୍ରୀଡ଼ା ସମ୍ବାଦ ଓ ଅଭିରୁଚି ଉପରେ ଆପଣଙ୍କୁ ତାଜା ସୂଚନା ପ୍ରଦାନ କରିବ। ଆମର ବ୍ୟକ୍ତିଗତ ସୁପାରିଶକୃତ ଚିନ୍ତାଧାରା ଏବଂ କ୍ୟୁରେଟେଡ୍ କଣ୍ଟେଣ୍ଟ ସହିତ ଆପଣ ସର୍ବଦା କିଛି ନୂଆ କରିବାର ସୁଯୋଗ ପାଇବେ।

ଆଜି ଫେୟାରପ୍ଲେ କମ୍ୟୁନିଟି ସହିତ ଯୋଗ ଦିଅନ୍ତୁ ଏବଂ କ୍ରୀଡ଼ା ଅନୁଭୂତି ଅର୍ଜନ କରନ୍ତୁ ଯାହାକୁ ପୂର୍ବରୁ କେବେ ପାଇନଥିଲେ।




ଯଦିଓ ଆପଣ ଜଣେ ଋତୁକାଳୀନ ଦର୍ଶକ କିମ୍ବା ନୂଆ ଦର୍ଶକ ହୋଇଥାନ୍ତୁ ନା କାହିଁକି ଆପଣଙ୍କ ମନରେ ପରବର୍ତ୍ତୀ ସ୍ତର ପାଇଁ କ୍ରୀଡ଼ା ଆଗ୍ରହ ସୃଷ୍ଟି କରିବାରେ ଆମେ ସକ୍ଷମ ହେବୁ। ଫେୟାରପ୍ଲେ କ୍ରୀଡ଼ା ମନୋରଞ୍ଜନର ବିଶ୍ୱରେ ଆଜି କ୍ରାନ୍ତି ସୃଷ୍ଟି କରିବାକୁ ଯାଉଛି। ଆମର ୟୁଜରମାନଙ୍କ ପାଇଁ ଆମେ ଅନେକ ଗୁଡ଼ିଏ ସୁଯୋଗ ଏଥିରେ ରଖିଛୁ ଓ ଆମ ସହିତ ମିଶି ଯଥା ସମ୍ଭବ ଖେଳର ମଜା ଉପଭୋଗ କରିପାରିବେ। ଅତ୍ୟାଧୁନିକ ବୈଶିଷ୍ଟ୍ୟ ଓ କାର୍ଯ୍ୟକଳାପ ଆପଣଙ୍କ ମନରେ ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବାରେ ସହାୟକ ହେବ।

ଆମେ ବୁଝିଛୁ ଯେ ପ୍ରତି କ୍ରୀଡ଼ା ପ୍ରେମିଙ୍କର ସ୍ୱତନ୍ତ୍ର ପସନ୍ଦ ଓ ରୁଚି ରହିଥାଏ ଯେଉଁ କାରଣରୁ ଆମେ ବ୍ୟାପକ ବିଷୟବସ୍ତୁକୁ ସ୍ଥାନିତ କରିଥାଉ ଓ କ୍ରୀଡ଼ା ସହିତ ଜଡ଼ିତ ରହିବା ପାଇଁ ସବୁ ପ୍ରକାର କ୍ରୀଡ଼ା ପ୍ରେମୀଙ୍କ ମନକୁ ବୁଝିବା ଭଳି ତଥ୍ୟ ଦେଇଥାଉ। ଫୁଟବଲ୍ ଓ ବାସ୍କେଟବଲ ଠାରୁ ଆରମ୍ଭ କରି କ୍ରିକେଟ୍ ଓ ରଗବୀ ପର୍ଯ୍ୟନ୍ତ ଫେୟାର ପ୍ଲେ ରେ ସଭିଙ୍କ ପାଇଁ କିଛି ନା କିଛି ରହିଛି।




କେବଳ 18+ । ଏହି ଖେଳରେ ଆର୍ଥିକ ବିପଦ ରହିଛି ଏବଂ ଏହା ଏକ ନିଶା ପରି। ଦୟାକରି ଏହି ଖେଳକୁ ନିଜର ଦାୟୀତ୍ୱର ସହିତ ଓ ନିଜର ଆପଦରେ ଖେଳନ୍ତୁ।
ପାଠକମାନଙ୍କୁ ଏହା ପରାମର୍ଶ ଦିଆ ଯାଉଛି କି ପ୍ରକାଶିତ ଏହି ବିଜ୍ଞାପନ ସମ୍ପର୍କିତ କୌଣସି ମୂଲ୍ୟ ପ୍ରଦାନ କରିବା ପୂର୍ବରୁ ବା କୌଣସି ପ୍ରତିଶ୍ରୁତିମୂଳକ ଦାବୀର କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ପ୍ରଦାନ କରିବା ପୂର୍ବରୁ ଏ ସମ୍ପର୍କରେ ଉପଯୁକ୍ତ ଅନୁସନ୍ଧାନ କରନ୍ତୁ ଓ ସଠିକ୍ ପରାମର୍ଶ ଗ୍ରହଣ କରନ୍ତୁ।
Navajat Printers & Media Pvt. Ltd. ଏବଂ ବିଜ୍ଞାପନ ଏଜେନ୍ସି ବିଜ୍ଞାପନଦାତାଙ୍କର ଉତ୍ପାଦ ଓ ସେବା ସମ୍ବନ୍ଧରେ କରିଥିବା ଦାବୀ ପାଇଁ କୌଣସି ଦାୟୀତ୍ୱ ଗ୍ରହଣ କରିବ ନାହିଁ। DB Corp Ltd. ର ମୁଦ୍ରକ, ପ୍ରକାଶକ, ସମ୍ପାଦକ ଏବଂ ମାଲିକ
ଯଦି ବିଜ୍ଞାପନଦାତା ଏ ପ୍ରକାର ଦାବୀକୁ ସମ୍ମାନ ନକରନ୍ତି ତେବେ ଏହାର ପରିଣାମ ପାଇଁ Dharitri Publication Group କଦାପି ଦାୟୀ ରହିବ ନାହିଁ।






ଧରିତ୍ରୀ
DHARITRI



# ଲକ୍ଷ୍ନୌକୁ ବିଜୟୀ କଲେ ମେୟର୍ସ, ଉଡ୍

ଲକ୍ଷ୍ନୌ, ୧।୪

କାଏଲ ମେୟର୍ସଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ମାର୍କ ଉଡ୍‌ଙ୍କ ୫ ଉଇକେଟ ସଫଳତା ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶନିବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲକୁ ୫୦ ରନରେ ପରାସ୍ତ କରିଛି। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଦିଲ୍ଲୀ ଦଳ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୪୩ ରନରେ ସୀମିତ ରହିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଲକ୍ଷ୍ନୌ। ସ୍କୋର ୧୯ ଥିବାବେଳେ ଦଳ ଯଦିଓ ଅଧିନାୟକ ଲୋକେଶ ରାହୁଲ(୯ରନ)ଙ୍କ ଉଇକେଟ ହରାଇଥିଲା ତେବେ କାଏଲ ମେୟର୍ସଙ୍କ ଦୃଢ଼ ବ୍ୟାଟିଂ ବଳରେ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଥିଲା। ମିଡିଲ ଅର୍ଡରରେ ଦୀପକ ହୁଡା (୧୭), ମାର୍କୁସ ଷ୍ଟୋଇନିସ (୧୨) ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୩୮ଟି ବଲ୍ ଖେଳିଥିବା ମେୟର୍ସ ୨ ଚୌକା ଓ ୭ ଛକା ସହାୟତାରେ ସର୍ବାଧିକ ୭୩ ରନକରି ଦଳର ସମ୍ମାନ ରଖିଥିଲେ। ଲୋୟର ଅର୍ଡରରେ ନିକୋଲାସ ପୁରନ ୨୧ ବଲ୍‌ରୁ ୩୬ (୨ ଚୌକା, ୩ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ଆୟୁଷ ବଦୋନୀ ୭ ବଲ୍‌ରୁ ୧୮ ରନକରି ଆଉଟ ହୋଇଥିଲେ। କୃନାଲ ପାଣ୍ଡ୍ୟା ୧୫ ଓ କ୍ରିଷ୍ଣାପ୍ପା ଗୋଥାମ ୬ ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ଖଲିଲ ଅହମଦ ଓ ଚେତନ ସାକାରିୟା ୨ଟି ଲେଖାଏ ଏବଂ ଅକ୍ଷର ପଟେଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚରେ ଲକ୍ଷ୍ନୌ ଦଳରେ ବଦୋନିଙ୍କ ସ୍ଥାନରେ ଗୋଥାମ ଏବଂ ଦିଲ୍ଲୀ ଦଳରେ ଖଲିଲ ଅହମ୍ମଦଙ୍କ ସ୍ଥାନରେ ଅମନ ହାକିମ ଖାଁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ସ୍ଥାନ ପାଇଥିଲେ।



ଶଟ୍ ଖେଳିବା ଅବସରରେ କାଏଲ ମେୟର୍ସ।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ହାଇଦ୍ରାବାଦ ବନାମ ରାଜସ୍ଥାନ**
ସ୍ଥାନ:ହାଇଦ୍ରାବାଦ,
ସମୟ: ଅପରାହ୍ନ ୩.୩୦

**ବାଙ୍ଗାଲୋର ବନାମ ମୁମ୍ବାଇ**
ସ୍ଥାନ: ବେଙ୍ଗାଲୁରୁ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଇମ୍ପାକ୍ଟ ପକାଇଲେ ଗୋଥାମ

ଦିଲ୍ଲୀ ପୃଥ୍ୱୀ ଶ’ ଓ ଅଧିନାୟକ ଡେଭିଡ ୱାର୍ନରଙ୍କ ମାଧ୍ୟମରେ ବିସ୍ଫୋରକ ଆରମ୍ଭ କରିଥିଲା। ଓଭର ପିଛା ୧୦ ରନ ହାରରେ ଦୁହେଁ ୪ ଓଭର ବେଳକୁ ଦଳର ରନ୍ ସଂଖ୍ୟା ପାଖାପାଖି ୪୦ରେ ପହଞ୍ଚାଇ ଦେଇଥିଲେ। ତେବେ ୫ମ ଓଭରରେ ମାର୍କ ଉଡ୍ ବୋଲିଂ କରିବାକୁ ଆସିବାପରେ ମ୍ୟାଚର ମୋଡ଼ ବୁଲିଥିଲା। ଉଡ୍ ଘାତକ ବୋଲିଂ କରି ନିଜର ପ୍ରଥମ ଓଭରରେ ପୃଥ୍ୱୀ (୧୨ ରନ) ଓ ମିଚେଲ ମାର୍ଶ (୦)ଙ୍କୁ କ୍ରମାଗତ ବଲ୍‌ରେ କ୍ଲିନ୍ ବୋଲ୍ଡ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଏହି ଦୁଇ ଝଟ୍‌କା ଦିଲ୍ଲୀକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ୱାର୍ନର ଏକାକୀ ଲଢ଼େଇ ଜାରି ରଖିଥିଲେ ହେଁ ଅନ୍ୟ ପଟରେ ସର୍ଫରାଜ ଖାଁଙ୍କୁ ଉଡ୍ ନିଜ ତୃତୀୟ ଶିକାର ବନାଇ ମ୍ୟାଚକୁ ଲକ୍ଷ୍ନୌ ନିୟନ୍ତ୍ରଣକୁ ନେଇ ଆସିଥିଲେ। ମଧ୍ୟଭାଗରେ ରିଲି ରୋସୋ ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଯଦିଓ ଆଶା ଉଜ୍ଜୀବିତ କରିଥିଲେ ତେବେ ତାଙ୍କ ଇନିଂସ ୨୦ ବଲ୍‌ରୁ ୩୦ (୩ ଚୌକା, ୧ ଛକା)ରେ ସୀମିତ ରହିଥିଲା। ୱାର୍ନର ସର୍ବାଧିକ ୫୬ (୪୮ ବଲ, ୭ ଚୌକା) ରନ୍ କରି ଆଉଟ ହେବାସହ ଦିଲ୍ଲୀ ଦଳର ଆଶା ଶେଷ ହୋଇ ଯାଇଥିଲା। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଆସିଥିବା କ୍ରିଷ୍ଣାପ୍ପା ଗୋଥାମ ପ୍ରକୃତରେ ଇମ୍ପାକ୍ଟ ପକାଇଥିଲେ। ସେ ଲକ୍ଷ୍ନୌର ବ୍ୟାଟିଂ ବେଳେ ଗୋଟିଏ ବଲ୍‌ର ସମ୍ମୁଖୀନ ହୋଇ ଛକା ମାରିଥିବାବେଳେ ବୋଲିଂରେ ୪ ଓଭରରେ ମାତ୍ର ୨୩ ରନ୍ ବ୍ୟୟ କରିଥିଲେ। ଚଳିତ ସିଜନରେ ଉଡ୍ ପ୍ରଥମ ବୋଲରଭାବେ ୫ ଉଇକେଟ ସଫଳତା ପାଇଥିବାବେଳେ ଆଭେସ ଖାଁ ଓ ରବି ବିଷ୍ଣୋଇ ୨ଟି ଲେଖାଏ ଉଇକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୯୩/୬ (କାଏଲ ମେୟର୍ସ-୭୩, ନିକୋଲାସ ପୁରନ-୩୬, ଆୟୁଷ ବଦୋନୀ-୧୮, ଖଲିଲ ଅହମଦ-୨/୩୦, ଚେତନ ସାକାରିୟା-୨/୫୩, ଅକ୍ଷର ପଟେଲ-୧/୩୮, କୁଲଦୀପ ଯାଦବ-୧/୩୫)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୩/୯ (ଡେଭିଡ ୱାର୍ନର-୫୬, ରିଲି ରୋସୋ-୩୦, ମାର୍କ ଉଡ୍-୫/୧୪, ରବି ବିଷ୍ଣୋଇ-୨/୩୧, ଆଭେସ ଖାଁ-୨/୨୯)।

### ସୁପର ଜାଏଣ୍ଟ୍ସ ବୋଲରଙ୍କ ଶ୍ରେଷ୍ଠ ଫିଗର

- ମାର୍କ ଉଡ୍ -୫/୧୪: ବନାମ ଦିଲ୍ଲୀ କ୍ୟାପିଟାଲ୍ସ,ଏକାନା ଷ୍ଟାଡିୟମ।
- ମୋହସିନ୍ ଖାନ -୪/୧୬: ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ୱାଙ୍ଖେଡେ ଷ୍ଟାଡିୟମ।
- ଆଭେଶ୍ ଖାନ-୪/୨୪: ବନାମ ସନରାଇଜର୍ସ ହାଇଦ୍ରାବାଦ, ଡି ୱାଇ ପାଟିଲ ଷ୍ଟାଡିୟମ।

# ଆହାନଙ୍କୁ ବିରଳ ସଫଳତା

ଭୁବନେଶ୍ୱର, ୧।୪ (କ୍ରୀଡ଼ା ପ୍ରତିନିଧି)

**ଓଡ଼ିଶାର ପ୍ରଥମ ଖେଳାଳିଭାବେ ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ନ୍ୟାଶନାଲ ସିରିଜ ଟେନିସ ଟାଇଟଲ ଜିତିଲେ**

ଏସ୍ ବେସ୍ ଟେନିସ ଏକାଡେମୀର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଆହାନ ଏକ ବିରଳ ସଫଳତା ଲାଭ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶାର ପ୍ରଥମ ଖେଳାଳିଭାବେ ସେ ନ୍ୟାଶନାଲ ସିରିଜ ଟେନିସ ଟାଇଟଲ ହାସଲ କରିଛନ୍ତି। ହାଇଦ୍ରାବାଦସ୍ଥିତ ସାନିଆ ମିର୍ଜା ଟେନିସ ଏକାଡେମୀରେ ଶନିବାର ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ସେ ତାମିଲନାଡୁର ସବିତା ଭୁବନେଶ୍ୱରନଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ଏହି ଗୌରବ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ୧୬ ବର୍ଷରୁ କମ୍ ଡବଲ୍ସ ଇଭେଣ୍ଟରେ ମଧ୍ୟ ଆହାନ ରନରଅପ୍ ହୋଇଛନ୍ତି। ସେଠାରେ ତାଙ୍କର ଡବଲ୍ସ ପାର୍ଟନର ଥିଲେ ମହାରାଷ୍ଟ୍ରର ହ୍ରିତିକା କାପ୍‌ଲେ। ଫାଇନାଲରେ ଆହାନ-ହ୍ରିତିକା ଯୋଡ଼ି ତାମିଲନାଡୁର ସବିତା ଓ ଲୁକ୍‌ସିତା ଗୋପୀନାଥଙ୍କଠାରୁ ୬-୭ (୪) ଓ ୬-୭ (୪) ସେଟ୍‌ରେ ହାରି ଯାଇଥିଲେ। ସେ ଓଡ଼ିଶାର ପ୍ରତିଷ୍ଠିତ ଟେନିସ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।




# ସିନ୍ଧୁ ଫାଇନାଲରେ

ମାଡ୍ରିଡ, ୧।୪ (ପି.ଟି.)

ଡବଲ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ମାଡ୍ରିଡ୍ ସ୍ପେନ୍ ମାଷ୍ଟର୍ସ ସୁପର ୩୦୦ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ସିନ୍ଧୁ ବିଶ୍ୱର ୩୩ ନମ୍ବର ମାନ୍ୟତାପ୍ରାପ୍ତ ସିଙ୍ଗାପୁରର ୟେଓ ଜିଆ ମିନ୍‌ଙ୍କୁ ୨୪-୨୨, ୨୨-୨୦ରେ ହରାଇ ଦେଇଛନ୍ତି। ଗତବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବା ପରେ ସିନ୍ଧୁଙ୍କର ଏହା ପ୍ରଥମ ଫାଇନାଲ। ଟାଇଟଲ ମୁକାବିଲାରେ ସେ ସ୍ଥାନୀୟ ଫେଭରାଇଟ୍ ତଥା ଟପ୍ ସିଡ୍ କାରୋଲିନ୍ ମାରିନ୍ ଓ ଇଣ୍ଡୋନେସିଆର ଗ୍ରେଗୋରିଆ ଟନ୍‌ଜଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁଥିବା ଦ୍ୱିତୀୟ ସେମିଫାଇନାଲର ବିଜେତାଙ୍କୁ ଭେଟିବେ। ଶନିବାର ଏହି ବିଜୟ ଦ୍ୱାରା ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଥିବା ସିନ୍ଧୁଙ୍କ ନୈତିକ ମନୋବଳ ବୃଦ୍ଧି ପାଇଛି।

# ଆହନ-ରୁହନ ରନରଅପ୍

ଭୁବନେଶ୍ୱର, ୧।୪ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ବାଳକ ଟେନିସ ପ୍ରତିଭା ଆହନ ମିଶ୍ରଙ୍କ ଭଲ ଫର୍ମ ଅବ୍ୟାହତ ରହିଛି। ହାଇଦ୍ରାବାଦ୍‌ର ସମିରପେଟ୍‌ରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ ଟୁର୍ନାମେଣ୍ଟରେ ସେ ବାଳକ ଡବଲ୍ସରେ ରନରଅପ୍ ହୋଇଛନ୍ତି। କର୍ନାଟକର ରୁହନ କୁମନ୍ଦିଲୁରଙ୍କୁ ସେ ପାର୍ଟନର କରିଥିଲେ। ଫାଇନାଲରେ ଆହନ-ରୁହନ ଯୋଡ଼ି ଟପ୍ ସିଡ୍ ତେଲଙ୍ଗାନାର ଅଥର୍ବ ଶ୍ରୀରାମୋଜୁ ଓ ସି.ଡି. ପ୍ରଣୀଥ ରେଣ୍ଡ୍ଡୀଙ୍କଠାରୁ ୫-୭, ୫-୭ ସେଟ୍‌ରେ ହାରି ଯାଇଥିଲେ। ବାଳକ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ତେଲଙ୍ଗାନାର ଅଭିରାମ ଦେବରକୋଣ୍ଡାଙ୍କଠାରୁ ୭-୬(୭/୫), ୬-୭ (୩/୭), ୧-୬ ସେଟ୍‌ରେ ହାରି ଯାଇଥିଲେ। ଆହନ ମିଶ୍ର ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କୋଚ୍ ସନ୍ତୋଷ ମଲିକଙ୍କଠାରୁ କୋଚିଂ ନେଉଛନ୍ତି।



ଟ୍ରଫି ସହ ଆହନ ମିଶ୍ର ଓ ରୁହନ କୁମନ୍ଦିଲୁର।

# କଳିକେଶ ଜାତୀୟ ରାଇଫଲ ସଂଘର ଅନ୍ତରୀଣ ସଭାପତି

ଭୁବନେଶ୍ୱର, ୧।୪ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ରାଇଫଲ ସଂଘର ସଭାପତି ରନିନ୍ଦର ସିଂ ନିଜ ପଦବୀରୁ ଅବ୍ୟାହତି ନେଇଥିବାରୁ ତାଙ୍କ ସ୍ଥାନରେ ଓଡ଼ିଶା ରାଇଫଲ ସଂଘର ପୃଷ୍ଠପୋଷକ, ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂ ବୋର୍ଡର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଅନ୍ତରୀଣ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। କଳିକେଶ ତାଙ୍କ ଖେଳାଳି କ୍ୟାରିୟରରେ ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗ ନେଇ ଅନେକ ପଦକ ହାସଲ କରିଛନ୍ତି। ଓଡ଼ିଶା ରାଇଫଲ ସଂଘରୁ ପ୍ରତିନିଧିତ୍ୱ କରି ସେ ଜାତୀୟ ରାଇଫଲ ସଂଘର ସିନିୟର ଉପସଭାପତି ଭାବେ ମନୋନୀତ ହୋଇ କାର୍ଯ୍ୟ କରିଆସିଛନ୍ତି। ତାଙ୍କର ଏହି ନୂତନ ନିଯୁକ୍ତି ପାଇଁ ଓଡ଼ିଶା ରାଇଫଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ, ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଏବଂ ଅନ୍ୟ କର୍ମକର୍ତ୍ତାମାନେ ସିଂଦେଓଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


କଳିକେଶ ନାରାୟଣ ସିଂଦେଓ

# ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

ମେଲବୋର୍ନ, ୧।୪

ମର୍ସିଡିଜ୍‌ର ଜର୍ଜ ରସେଲ ଓ ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ଅଷ୍ଟ୍ରେଲିଆନ ଓପନ ଫର୍ମୁଲା ୱାନ୍ ଗ୍ରାଁ.ପ୍ରି. ପାଇଁ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଆଲବର୍ଟ ପାର୍କ ସର୍କିଟରେ ରବିବାର ଫର୍ମୁଲା ୱାନ ସିଜନର ତୃତୀୟ ରେସ୍ ଅନୁଷ୍ଠିତ ହେବ। ଏଥିରେ ଭର୍ଷ୍ଟାପେନ୍‌ଙ୍କ ପାଇଁ ଟାଇଟଲ ସୁଯୋଗ ରହିଛି। ୭ଥର ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେବେ। ଶନିବାର ଅନୁଷ୍ଠିତ କ୍ୱାଲିଫାଇଂରେ ଭର୍ଷ୍ଟାପେନ୍ ୦.୨୩୬ ସେକେଣ୍ଡରେ ରସେଲ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ହାମିଲଟନ ଆହୁରି ୦.୧୩୬ ସେକେଣ୍ଡ ପଛରେ ତୃତୀୟ ହୋଇଛନ୍ତି। ସିଜନରେ ମର୍ସିଡିଜର ଏହା ଶ୍ରେଷ୍ଠ କ୍ୱାଲିଫାଇଙ୍ଗ। ଫେରାରିର କାର୍ଲୋସ ସେଞ୍ଜଙ୍କ ଆଗରେ ଆଷ୍ଟନ ମାର୍ଟିନ ଚତୁର୍ଥ ସ୍ଥାନରେ ଅଛନ୍ତି।

# ଜାତୀୟ ଜୁଜିତ୍ସୁରେ ଓଡ଼ିଶାକୁ ୧୪ ପଦକ

ଭୁବନେଶ୍ୱର,୧।୪(ସ୍ପୋର୍ଟ୍ସ ବ୍ୟୁରୋ)

ମଧ୍ୟପ୍ରଦେଶର ଦେୱାସରେ ଅନୁଷ୍ଠିତ ଜାତୀୟ ଜୁଜିତ୍ସୁ ପ୍ରତିଯୋଗିତାରେ ଓଡ଼ିଶା ଦଳ ୧୪ ପଦକ ହାସଲ କରିଛି। ମାର୍ଚ୍ଚ ୨୭ରୁ ୩୧ ମଧ୍ୟରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ଓଡ଼ିଶା ଖେଳାଳି ୭ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଓଡ଼ିଶା ପକ୍ଷରୁ ଅନୁପମା ସ୍ୱାଇଁ ୩ ସ୍ୱର୍ଣ୍ଣ ହାସଲ କରିଥିଲେ। ଅମ୍ଳାନ ରାଉତ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ, ଅଂଶୁମାନ

### ଅନୁପମା ଜିତିଲେ ୩ ସ୍ୱର୍ଣ୍ଣ

ସେଠୀ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ, ସିଦ୍ଧାର୍ଥ ଶଙ୍କର ମହନ୍ତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ, ଦେବାଶିଷ ସାମନ୍ତରାୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ, ଡି. ଉଦୟ କିରଣ ଓ କ୍ରିନସୁକା ବେହେରା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୫୨ କିଗ୍ରା ଓଜନ ବର୍ଗରେ ଅଂଶଗ୍ରହଣ କରିଥିବା ଅନୁପମା ସ୍ୱାଇଁ ଫାଇଟିଙ୍ଗ ସିଷ୍ଟମ, କଣ୍ଟାକ୍ଟ ଜୁଜିତ୍ସୁ ଓ ନେ ୱାଜା ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୪୦୦ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ ଖେଳାଳିଙ୍କ ଖର୍ଚ୍ଚ ବହନ କରାଯାଇଥିବାରୁ ଜୁଜିତ୍ସୁ ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।


ମଧ୍ୟପ୍ରଦେଶରେ ଅନୁଷ୍ଠିତ ଜାତୀୟ ଜୁଜିତ୍ସୁ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

# ଭାରତରେ ହେବ ୨ ବଡ଼ ଭଲିବଲ ଟୁର୍ନାମେଣ୍ଟ

## ସିନିୟର ମହିଳା ନ୍ୟାଶନାଲ ଲିଗ୍ ଓ ଏସିଆନ ୟୁନିଭର୍ସିଟି ଭଲିବଲ କିଟ୍ ପରିସରରେ ଅନୁଷ୍ଠିତ ହେବ

ଭୁବନେଶ୍ୱର, ୧।୪ (କ୍ରୀଡ଼ା ପ୍ରତିନିଧି)

ସୁଇଜରଲାଣ୍ଡର ଲାଉସାନେସ୍ଥିତ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ୧୯ ଓ ୨୧ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଡ୍ର’ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ। ଏହାପରେ ଅଚ୍ୟୁତ କହିଥିଲେ ଯେ, ଏହି ୨ଟି ଯାକ ପ୍ରତିଯୋଗିତାରେ ଭାରତ ଭାଗନେବ। ଏହା ବ୍ୟତୀତ ଚଳିତ ବର୍ଷ ୨ଟି ବଡ଼ ଅନ୍ତର୍ଜାତୀୟ ଭଲିବଲ ଚାମ୍ପିୟନଶିପ୍ ଭାରତ ଆୟୋଜନ କରିବ। ୨ଟି ଯାକ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ (ସିଏଭିଏ)ର ସାଧାରଣ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଭାରତ ସିନିୟର ମହିଳା ନ୍ୟାଶନାଲ ଲିଗ୍ ଆୟୋଜନ ଅଧିକାର ପାଇଛି। ଏଥିରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଏସିଆନ ୟୁନିଭର୍ସିଟି ଭଲିବଲ ଚାମ୍ପିୟନଶିପ୍ ମଧ୍ୟ ଭାରତ ଆୟୋଜନ କରିବ। ଏହି ୨ଟି ଯାକ ଟୁର୍ନାମେଣ୍ଟ କିଟ୍ ପରିସରରେ ହେବ। ସମସ୍ତ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ଚୟନ ଟ୍ରାଏଲ୍ସ ଏବଂ କୋଚିଂ କ୍ୟାମ୍ପ ଖୁବ୍‌ଶୀଘ୍ର କିଟ୍‌ର ବହୁମୁଖୀ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହେବ ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି।

ଭାରତ ଚଳିତ ବର୍ଷ ସର୍ବାଧିକ ସଂଖ୍ୟକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଏହା ମଧ୍ୟରେ ଏସିଆନ ଗେମ୍ସ, ଏସିଆନ ଚାମ୍ପିୟନଶିପ୍ (ସିନିୟର ଏବଂ ୧୬ ବର୍ଷରୁ କମ୍) ସାମିଲ। ଏସିଆନ ଭଲିବଲ କନ୍‌ଫେଡେରେଶନ ପକ୍ଷରୁ ୬ଟି ଅନ୍ତର୍ଜାତୀୟ ଟୁର୍ ଇତିମଧ୍ୟରେ ସ୍ପଷ୍ଟ କରାଯାଇଛି ଏବଂ କାର୍ଯ୍ୟସୂଚୀ ପ୍ରକାଶ ପାଇ ସାରିଛି। ଭାରତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଏଫ୍‌ଆଇଭିବିର ସମସ୍ତ ସଦସ୍ୟ ଅଚ୍ୟୁତଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାହାରିନର ମାନାମାଠାରେ ଜୁଲାଇ ୭ରୁ ୧୧ ପର୍ଯ୍ୟନ୍ତ ହେବାକୁଥିବା ୨୧ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ପୁଲ୍ ‘ଏ’ରେ ବାହାରିନ, ଇରାନ, ଥାଇଲାଣ୍ଡ, ଟ୍ୟୁନିସିଆ, ପୁଲ୍ ‘ବି’ରେ ଇଟାଲି, ବ୍ରାଜିଲ, ଇଜିପ୍ଟ, ମେକ୍ସିକୋ, ପୁଲ୍ ‘ସି’ରେ ପୋଲାଣ୍ଡ, ବୁଲଗେରିଆ, କାନାଡ଼ା, ଭାରତ ଏବଂ ପୁଲ୍ ‘ଡି’ରେ ଆର୍ଜେଣ୍ଟିନା, ବେଲଜିୟମ, ଚେକ୍ ରିପବ୍ଲିକ ଓ ଆମେରିକା ସ୍ଥାନ ପାଇଛି। ସେହିପରି ଆର୍ଜେଣ୍ଟିନାର ସାନ୍ ଜୁଆଲଠାରେ ଅଗଷ୍ଟ ୨ରୁ ୧୧ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୨୦ଟି ଦଳ ଭାଗନେବେ। ପୁଲ୍ ‘ଏ’ରେ ଆର୍ଜେଣ୍ଟିନା, ଇଜିପ୍ଟ, ଆମେରିକା, ସର୍ବିୟା, କୋଷ୍ଟାରିକା, ପୁଲ୍ ‘ବି’ରେ ବୁଲ୍‌ଗେରିଆ, ଭାରତ, ଜାପାନ, ଫ୍ରାନ୍ସ, ସ୍ଲୋଭେନିଆ, ପୁଲ୍ ‘ସି’ରେ ଇରାନ, ନାଇଜେରିଆ, କଲମ୍ବିଆ, ପୁଏର୍ତ୍ତୋରିକୋ, କୋରିଆ ଏବଂ ପୁଲ୍ ‘ଡି’ରେ ଇଟାଲି, ବ୍ରାଜିଲ, ବେଲ୍‌ଜିୟମ, ମେକ୍ସିକୋ ଓ ଚିଲି ସ୍ଥାନ ପାଇଛି।


ଲାଉସାନେଠାରେ ଏଫ୍‌ଆଇଭିବି ସଭାପତି ଆରି ଗ୍ରାସାଙ୍କ ସହ ଅଚ୍ୟୁତ ସାମନ୍ତ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ